# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୨୪/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, April 24/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୧୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 149 | ମୂଲ୍ୟ ₹୭/-



DSPL - 39



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଜାତୀୟ ପଞ୍ଚାୟତିରାଜ ଦିବସ - ୨୦୨୫

ମୁଖ୍ୟମନ୍ତ୍ରୀ

## ଶ୍ରୀ ମୋହନ ଚରଣ ମାଝୀଙ୍କ

ସଦୟ ଉପସ୍ଥିତିରେ

## ରାଜ୍ୟସ୍ତରୀୟ ସମାରୋହ

**୨୪ ଏପ୍ରିଲ୍ ୨୦୨୫ | ତାଳବଣିଆ, ପୁରୀ**

## ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ

ପଞ୍ଚାୟତ ସମିତିର ସାଧାରଣ ବୈଠକକୁ ଅନଲାଇନ୍ ମାଧ୍ୟମରେ ପରିଚାଳନା କରିବା ନିମନ୍ତେ
**ଇ-ପଞ୍ଚାୟତ ସଭା (ପଞ୍ଚାୟତ ସମିତି) ପୋର୍ଟାଲର ଉନ୍ମୋଚନ**

ରାଜ୍ୟର ଅନୁମୋଦିତ ବିଭିନ୍ନ ପ୍ରକଳ୍ପ ପାଇଁ ରେକର୍ଡ ପ୍ରସ୍ତୁତି, ବୈଷୟିକ ମଞ୍ଜୁରୀ, ପ୍ରଶାସନିକ ଅନୁମୋଦନ ଭଳି ପ୍ରକ୍ରିୟା ଗୁଡ଼ିକୁ ସୁଗମ ରୂପେ ପରିଚାଳନା କରିବା ନିମନ୍ତେ
**ପି.ପି.ଏମ୍.ଏସ୍ ପୋର୍ଟାଲର ଉନ୍ମୋଚନ**

ଗ୍ରାମ ପଞ୍ଚାୟତ ଭିତ୍ତିଭୂମିର ଦୃଶ୍ୟକରଣ ଏବଂ ନିର୍ବାଚିତ ପ୍ରତିନିଧିଙ୍କ ତଥ୍ୟକୁ ପ୍ରାପ୍ତ କରିବା ପାଇଁ
**ପଞ୍ଚାୟତ ମନିଟରିଂ ସିଷ୍ଟମର ଶୁଭାରମ୍ଭ**
(ପୋର୍ଟାଲ ଓ ମୋବାଇଲ ଆପ୍)

ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ଅନୁଦାନରେ ୬୧୩ ଗୋଟି ଗ୍ରାମ ପଞ୍ଚାୟତକୁ କାର୍ଯ୍ୟଦକ୍ଷତାରେ ଶ୍ରେଷ୍ଠତା ପ୍ରତିପାଦନ, ନିଜସ୍ୱ ଆୟ ବୃଦ୍ଧି ତଥା ପଞ୍ଚାୟତର ସର୍ବାଙ୍ଗୀନ ବିକାଶରେ ନିରନ୍ତର ପ୍ରୟାସ ନିମନ୍ତେ
**୩୨ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ବଣ୍ଟନ**

**୬ ଲକ୍ଷ** ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ପ୍ରଦାନ
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର


**ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା**ରେ ୩ କିଲୋୱାଟ ପର୍ଯ୍ୟନ୍ତ ସୋଲାର ପ୍ୟାନେଲ ପାଇଁ **୧,୩୮,୦୦୦ ଟଙ୍କା** ପର୍ଯ୍ୟନ୍ତ ସବସିଡି ପ୍ରଦାନ
ଶକ୍ତି ବିଭାଗ, ଓଡ଼ିଶା ସରକାର

**୪,୧୨୪ କୋଟି ଟଙ୍କା** ମୂଲ୍ୟର **୩୧୪** ଟି ବ୍ଲକସ୍ତରୀୟ ଷ୍ଟାଡିୟମ୍ ଭିତ୍ତିପ୍ରସ୍ତର ସ୍ଥାପନ
କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାର

**୨ ଲକ୍ଷରୁ ଉର୍ଦ୍ଧ୍ୱ ନୂତନ ସୁଭଦ୍ରା ହିତାଧିକାରୀଙ୍କୁ ୨୦୦ କୋଟି** ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ରାଶି ପ୍ରଦାନ
ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର

**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର**

OIPR-19001/13/0016/2526



# ଜାତୀୟ ପଞ୍ଚାୟତିରାଜ ଦିବସ ଏବଂ ଓଡ଼ିଶା




**ରବିନାରାୟଣ ନାଏକ**
ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ


ପଞ୍ଚାୟତ ବ୍ୟବସ୍ଥା ଆଜିର ନୁହେଁ, କେଉଁ ଆବହମାନ କାଳରୁ ଆମ ସମାଜରେ ଏହା ପ୍ରଚଳିତ ହୋଇଆସୁଛି। ସେଥିପାଇଁ ଆମ ଗାଁ ଗହଳିରେ କଥା କଥାରେ କହନ୍ତି, ପାଞ୍ଚଜଣ ଲୋକଙ୍କୁ ଯାହା ସୁନ୍ଦର ଲାଗିବ ତାହା ହିଁ କରିବା। ପାଞ୍ଚଜଣ ଭଦ୍ରଲୋକ ଯାହା ନିର୍ଣ୍ଣୟ କରିବେ, ତାହାକୁ ମାନିବା। ମହାଭାରତ କାଳର ପଞ୍ଚପାଣ୍ଡବଙ୍କୁ ଯଦି ଭିନ୍ନ ଦୃଷ୍ଟିରେ ବିଚାର କରିବା, ସେମାନେ ମଧ୍ୟ ଭିନ୍ନ ଭିନ୍ନ ଶାରୀରିକ ଓ ମାନସିକ ବ୍ୟକ୍ତିତ୍ୱ ବହନ କରୁଥିବା ପାଞ୍ଚଜଣ ଗାଁ ମୁଖିଆ, ଯେଉଁମାନେ ତାଙ୍କ ନେତୃତ୍ୱ ନେଉଥିବା ବରିଷ୍ଠ ଯୁଧିଷ୍ଠିରଙ୍କ ସମସ୍ତ ନିଷ୍ପତ୍ତିକୁ ମୁଣ୍ଡପାତି ଗ୍ରହଣ କରିଛନ୍ତି ଓ ଶେଷ ପର୍ଯ୍ୟନ୍ତ ଅନ୍ୟାୟ ବିରୋଧରେ ସଂଗ୍ରାମ କରିଛନ୍ତି। ତାହା ମଧ୍ୟ ଏକ ପଞ୍ଚାୟତ। ଏଣୁ ପଞ୍ଚାୟତ ବ୍ୟବସ୍ଥା ଆମ ସମାଜରେ କେଉଁ କାଳରୁ ପ୍ରଚଳିତ ଏବଂ ପଞ୍ଚାୟତର ନିଷ୍ପତ୍ତିକୁ ଆମେ ସର୍ବମାନ୍ୟ ଭାବେ ଗ୍ରହଣ କରିଆସିଅଛୁ।

ସ୍ୱାଧୀନ ଭାରତର ପ୍ରଥମ ରାଜ୍ୟ ଭାବେ ରାଜସ୍ଥାନ ସରକାର ୧୯୫୩ ମସିହାରେ ପଞ୍ଚାୟତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଥିଲେ। ତେବେ ୧୯୫୭ରେ ତତ୍କାଳୀନ ସାଂସଦ ବଳବନ୍ତରାଓ ମେହେଟ୍ଟାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ସୁପାରିସ ଆଧାରରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳିତ ହେଲା। ଏହି ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥା ୧୯୫୯ ଅକ୍ଟୋବର ୨ରେ ରାଜସ୍ଥାନର ନାଗୌରଠାରେ ଉଦ୍‌ଘାଟିତ ହୋଇଥିଲା।

ସମୟ ସ୍ରୋତରେ ଅନେକ ସଂଶୋଧନ, ପରିବର୍ତ୍ତନ ଓ ପରୀକ୍ଷା ନିରୀକ୍ଷା ପରେ ୧୯୯୨ ଏପ୍ରିଲ ୨୪ରେ ସମ୍ବିଧାନର ୭୩ତମ ସଂଶୋଧନ ବଳରେ ଏହି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ କାର୍ଯ୍ୟକାରୀ ହେଲା। ଏହି ଆଇନ ପଞ୍ଚାୟତିରାଜ ବ୍ୟବସ୍ଥାରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଲା। ସେଇଥିପାଇଁ ଏପ୍ରଲ ୨୪ ତାରିଖକୁ 'ଜାତୀୟ ପଞ୍ଚାୟତିରାଜ ଦିବସ' ରୂପେ ପାଳନ କରାଯାଇଆସୁଛି। ଏହି ସଂଶୋଧନ ଅନୁସାରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଅଧୀନରେ ଥିବା ୨୯ଟି ବିଷୟ ପଞ୍ଚାୟତିରାଜ ବିଭାଗ ଅଧୀନକୁ ଆସିବା ପରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଗ୍ରାମାଞ୍ଚଳରେ ସକ୍ରିୟଭାବେ କାର୍ଯ୍ୟ ଆରମ୍ଭକଲେ।

ପଞ୍ଚାୟତିରାଜ ବ୍ୟବସ୍ଥା ଏକ ନିରବଚ୍ଛିନ୍ନ ନୀରବ ଆନ୍ଦୋଳନ। ଲୋକଙ୍କ ଭିତରେ ଶୋଇପଡ଼ିଥିବା ଶକ୍ତି ଓ ସାମର୍ଥ୍ୟକୁ ଜାଗ୍ରତକରିବା ପାଇଁ ଯେଉଁ ସାର୍ଥକ ନେତୃତ୍ୱର ଆବଶ୍ୟକତା ଅଛି, ତାହା ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ହିଁ ସମ୍ଭବ। ଏଣୁ ଏହି ବ୍ୟବସ୍ଥା ନେତୃତ୍ୱ ନିର୍ମାଣର ଏକ ପ୍ରୟୋଗଶାଳା କହିଲେ ଅତ୍ୟୁକ୍ତି ହେବନାହିଁ। ହେଲେ ଗତ ସରକାର ସମୟରେ ସାମନ୍ତବାଦୀ ସ୍ତବପାଠ ଓ ଦରବାରୀ କୋଳାହଳ ମଧ୍ୟରେ ପଞ୍ଚାୟତ ପ୍ରତିନିଧିମାନଙ୍କର ସ୍ୱର କ୍ଷୀଣ ଓ ଉପେକ୍ଷିତ ଥିଲା।

ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସରକାର ଗଠନ ହେବା ପରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଏକ ନୂଆ ଯୁଗର ଆରମ୍ଭ ହେଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ଓଡ଼ିଶାର ବିକାଶଧାରା ଆହୁରି ତ୍ୱରାନ୍ୱିତ ହେଲା। ଡବଲ ଇଞ୍ଜିନ ସରକାରଙ୍କ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ଦ୍ୱାରା ଗ୍ରାମାଞ୍ଚଳର ଦୀର୍ଘସ୍ଥାୟୀ ବହୁମୁଖୀ ପ୍ରକଳ୍ପ ମାଧ୍ୟମରେ ଭିତ୍ତିଭୂମିର ବିକାଶ ସହ ଗ୍ରାମାଞ୍ଚଳର ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଅଭିବୃଦ୍ଧିକୁ ଆଧାରକରି ଗ୍ରାମ୍ୟ ସଂସ୍କୃତି, ପରମ୍ପରା ଓ ଚଳଣିର ସଂରକ୍ଷଣ ସହ ଏକ ସମୃଦ୍ଧ ଗାଁ ଗଠନର ମୂଳଦୁଆ ପଡ଼ିଲା।

ଏହି ଯୋଜନାରେ ସ୍ଥାୟୀ ଭିତ୍ତିଭୂମି, ଉନ୍ନତ ଯୋଗାଯୋଗ ବ୍ୟବସ୍ଥା, ଗ୍ରାମ୍ୟ ପରିବେଶର ସୁରକ୍ଷା, ସାଧାରଣ ସମ୍ପତ୍ତିର ସୁବିନିଯୋଗ, ଗ୍ରାମବାସୀଙ୍କ ଆବଶ୍ୟକତା ଅନୁଯାୟୀ ଗୋଷ୍ଠୀକେନ୍ଦ୍ର ପ୍ରତିଷ୍ଠା, ଧାର୍ମିକପୀଠଗୁଡ଼ିକର ଉନ୍ନତୀକରଣ, ପର୍ଯ୍ୟଟନ କ୍ଷେତ୍ରର ବିକାଶ, ଶିକ୍ଷା ଭିତ୍ତିଭୂମିର ଉନ୍ନତୀକରଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଇଣ୍ଟରନେଟ୍ ସେବା, ଛାତ୍ରୀଛାତ୍ରଙ୍କ ପାଇଁ ପଠନଗୃହ, କ୍ରୀଡ଼ା ଭିତ୍ତିଭୂମିର ବିକାଶ, ପାନୀୟଜଳ ଯୋଗାଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଇତ୍ୟାଦି ଅନ୍ତର୍ଭୁକ୍ତ। ଏହି ଯୋଜନାଗୁଡ଼ିକ ଗ୍ରାମସଭା ମାଧ୍ୟମରେ ସମସ୍ତଙ୍କ ସହଭାଗିତାରେ ସର୍ବସାଧାରଣଙ୍କ ଆବଶ୍ୟକତାକୁ ଆଖିରେ ରଖି ଅଗ୍ରାଧିକାର ଭିତ୍ତିରେ ଚୟନକରି ପର୍ଯ୍ୟାୟକ୍ରମେ ବିଭିନ୍ନ ବୈଷୟିକ କମିଟି ଦ୍ୱାରା ଯାଞ୍ଚକରିବା ପରେ ସମ୍ପୃକ୍ତ ଜିଲାପାଳଙ୍କ ଅନୁମୋଦନ ନିମନ୍ତେ ବିଭାଗକୁ ସୁପାରିସ କରିବେ। ପୂର୍ବରୁ ପଞ୍ଚାୟତିରାଜ ବ୍ୟବସ୍ଥା ଥିଲା ଉପର ସ୍ତରରେ ବସିଥିବା କେତେଜଣ ଧୋବଧାଉଳିଆ ବାବୁମାନଙ୍କର ବିଳାସର ବ୍ୟାପାର। ଏଥିରେ ଗାଁରେ ଥିବା ମଳିମୁଣ୍ଡିଆ ଲୋକଙ୍କର କିଛି ଭୂମିକା ନ ଥିଲା। ହେଲେ ଏହି ଯୋଜନା ମାଧ୍ୟମରେ ଗାଁର ବିକାଶ ଖସଡ଼ା ଗାଁରେ ପ୍ରସ୍ତୁତ ହେବ ଏବଂ ପଞ୍ଚାୟତ ସମିତି ଆକାଉଣ୍ଟିଂ ପ୍ରକ୍ରିୟା ନିୟମାବଳୀ-୨୦୦୨ ଅନୁସାରେ ପ୍ରଶାସନିକ ଓ ବୈଷୟିକ ମଞ୍ଜୁରୀ ପ୍ରଦାନ କରାଯିବ। ଏହି ପାରଦର୍ଶୀ ବ୍ୟବସ୍ଥା ଫଳରେ କାହାର ମନମାନି କିମ୍ବା ଏକଚାଟିଆ କାରବାର ଚାଲିପାରିବ ନାହିଁ ଏବଂ ଗ୍ରାମାଞ୍ଚଳର ପ୍ରକୃତ ବିକାଶ ହୋଇପାରିବ। କେବଳ ପ୍ରକଳ୍ପ ନିର୍ମାଣ ନୁହେଁ, ତା'ର ତଦାରଖ ଓ ପର୍ଯ୍ୟବେକ୍ଷଣ ମଧ୍ୟ ସୁନିଶ୍ଚିତ କରାଯିବ। ଏଥିପାଇଁ ଆଧୁନିକ ଯୋଗାଯୋଗ ବ୍ୟବସ୍ଥା ସହ ଏଗୁଡ଼ିକୁ ସଂଯୋଗ କରାଯିବ। ଏମ୍‌ଆଇଏସ୍(MIS) ଓ ମୋବାଇଲ ଆପ୍ (Mobile App) ମାଧ୍ୟମରେ କାର୍ଯ୍ୟାରମ୍ଭ ପୂର୍ବର, କାର୍ଯ୍ୟକାରିତା ସମୟର ଏବଂ ପ୍ରକଳ୍ପ ସମାପ୍ତ ପରେ ତାକୁ ଜିଓ ଟ୍ୟାଗ୍‌କରି ୱେବ୍ ପୋର୍ଟାଲରେ ଅପ୍‌ଲୋଡ୍ କରାଯିବ।

ଗତ ସରକାରଙ୍କ କାଳକ୍ଷେପଣ ନୀତି ଯୋଗୁ ଆଦିବାସୀ ଭାଇଭଉଣୀଙ୍କ ଜୀବନଜୀବିକା ସହ ଜଡ଼ିତ ପେସା ଆଇନ ଠିକଣା ଭାବେ କାର୍ଯ୍ୟକାରୀ ହୋଇପାରି ନ ଥିଲା। ଆମ ସରକାର ଏହାକୁ ଏକ ଆହ୍ୱାନ ଭାବେ ଗ୍ରହଣକରି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଲାଗୁକରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ସେହି ଅନୁସାରେ ଆମ ରାଜ୍ୟର ୧୩ ଜିଲାର ୧୧୯ ବ୍ଲକ୍‌ର ୨,୦୬୮ ଗ୍ରାମପଞ୍ଚାୟତର ୧୯,୪୯୮ଟି ଗ୍ରାମରେ ଗ୍ରାମସଭା ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇ ତଥା ୧୧ଟି ଭିନ୍ନ ଭିନ୍ନ କମିଟି ଗଠନ କରାଯାଇ ଆଦିବାସୀ ଅଞ୍ଚଳର ବିକାଶ ନିମନ୍ତେ ଯୋଜନା ପ୍ରଣୟନ ଏବଂ ତା'ର ତଦାରଖ କରିବାର ଖସଡ଼ା ପ୍ରସ୍ତୁତି କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଆଇନ କାର୍ଯ୍ୟକାରୀ ହେବାପରେ ଆଦିବାସୀ ଅଞ୍ଚଳର ଗ୍ରାମସଭାଗୁଡ଼ିକ ସଶକ୍ତ ହେବ। ସେମାନଙ୍କର ସ୍ଥାବର ସମ୍ପତ୍ତିର ସୁରକ୍ଷା, ବୃହତ୍ ଏବଂ ଲଘୁ ଖଣିଜ ଉତ୍ସଗୁଡ଼ିକର ଲାଇସେନ୍ସ ପ୍ରଦାନରେ ସ୍ୱଚ୍ଛତା, ଆର୍ଥିକ ନେଣଦେଣ ଉପରେ ନିୟନ୍ତ୍ରଣ, ମାଦକଦ୍ରବ୍ୟ ବ୍ୟବହାରକୁ ନିଷିଦ୍ଧ ଓ ନିୟନ୍ତ୍ରଣ କରିବା, ଲଘୁ ବନଜାତ ଦ୍ରବ୍ୟଗୁଡ଼ିକର ସଂଗ୍ରହ, ବ୍ୟବହାର ଓ ବିକ୍ରି କରିବାର ଅଧିକାର ପ୍ରଦାନ କରିବା, ସାମାଜିକ ସମସ୍ୟାଗୁଡ଼ିକର ସମାଧାନ। ଶାନ୍ତି ଓ ସୌହାର୍ଦ୍ଦ୍ୟ ତଥା ସାଂସ୍କୃତିକ ବାତାବରଣକୁ ସୁରକ୍ଷିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଫଳରେ ପୁରୁଷ ପୁରୁଷ ଧରି ବଣ ଜଙ୍ଗଲରେ ବସବାସ କରୁଥିବା ଆଦିବାସୀମାନଙ୍କୁ ଶୋଷଣର ଶିକାର ହେବାରୁ ସୁରକ୍ଷା ଦେଇ ବିକାଶର ମୁଖ୍ୟସ୍ରୋତରେ ସାମିଲ କରାଯାଇପାରିବ।

ଅନ୍ତ୍ୟୋଦୟ ଗୃହ ଯୋଜନା ଆମ ସରକାରର ଏକ ବଡ଼ ଉପଲବ୍ଧି। ସମାଜରେ ବସବାସ କରୁଥିବା ବିଧବା, ଭିନ୍ନକ୍ଷମ, ନିଃସହାୟ, ଏଡ୍‌ସ ରୋଗାକ୍ରାନ୍ତ, ବନ୍ୟା-ବାତ୍ୟା-ଭୂମିକମ୍ପ ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ ପ୍ରପୀଡ଼ିତ, ବନ୍ୟଜନ୍ତୁ ଦ୍ୱାରା କ୍ଷତିଗ୍ରସ୍ତ, ସରକାରୀ ଯୋଜନା ପାଇଁ ବିସ୍ଥାପିତ ଅଧିବାସୀଙ୍କୁ ଅଗ୍ରାଧିକାର ଭିତ୍ତିରେ ପକ୍କାଘର ଯୋଗାଇ ଦେବାପାଇଁ 'ଅନ୍ତ୍ୟୋଦୟ ଗୃହ ଯୋଜନା' ଆରମ୍ଭ ହୋଇଛି। ଏହି ଯୋଜନା ମାଧ୍ୟମରେ ହିତାଧିକାରୀଙ୍କୁ ପକ୍କାଘର ପାଇଁ ଆଉ ବେଶିଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ।

ଗତ ସରକାର ସମୟରେ ପଞ୍ଚାୟତିରାଜ ବ୍ୟବସ୍ଥା କେବଳ ଯୋଜନା ପ୍ରଣୟନରେ ସୀମିତ ଥିଲା। ସେଗୁଡ଼ିକୁ କାର୍ଯ୍ୟକାରୀ କରିବାରେ କାହାର ତିଳେ ବି ଆନ୍ତରିକତା ନ ଥିଲା। ଫଳରେ ପଞ୍ଚାୟତଗୁଡ଼ିକ କେବଳ ଭିତ୍ତିଭୂମି ବିକାଶ କୈନ୍ଦ୍ରିକ ହୋଇ ରହିଗଲା। ଗ୍ରାମାଞ୍ଚଳର ସାମଗ୍ରିକ ବିକାଶ ଓ ଆଧୁନିକ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେବା ପାଇଁ ଉଦ୍ଦିଷ୍ଟ ବହୁ ମହତ୍ତ୍ୱାକାଂକ୍ଷୀ ଯୋଜନା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଆଦର୍ଶ ପଞ୍ଚାୟତ ଗଠନ ପାଇଁ ପଞ୍ଚାୟତ ପ୍ରତିନିଧିମାନେ କୌଣସି ଆଗ୍ରହ ପ୍ରକାଶ କଲେ ନାହିଁ। ଫଳରେ ଦାରିଦ୍ର୍ୟମୁକ୍ତ ଓ ଉନ୍ନତ ଜୀବିକାଯୁକ୍ତ ଗ୍ରାମପଞ୍ଚାୟତ, ସୁସ୍ଥ ଗ୍ରାମପଞ୍ଚାୟତ, ଶିଶୁ ଅନୁକୂଳ ଗ୍ରାମପଞ୍ଚାୟତ, ସ୍ୱଚ୍ଛ ଓ ସବୁଜ ଗ୍ରାମପଞ୍ଚାୟତ, ପର୍ଯ୍ୟାପ୍ତ ଜଳ ଉପଲବ୍ଧ ଗ୍ରାମପଞ୍ଚାୟତ, ଭିତ୍ତିଭୂମି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଗ୍ରାମପଞ୍ଚାୟତ, ସାମାଜିକ ଭାବେ ସୁରକ୍ଷିତ ଗ୍ରାମପଞ୍ଚାୟତ, ସୁଶାସନ ଥିବା ଗ୍ରାମପଞ୍ଚାୟତ ଏବଂ ମହିଳା ଅନୁକୂଳ ଗ୍ରାମପଞ୍ଚାୟତ ଗଠନର ସ୍ୱପ୍ନ ଆଜି ବିଡ଼ମ୍ବିତ। ଆମ ସରକାର ଏଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବାକୁ ଉତ୍ସାହିତ କରିଆସୁଛନ୍ତି। ସେଥିପାଇଁ ଗ୍ରାମପଞ୍ଚାୟତ ବିକାଶ ଯୋଜନାକୁ ଗୋଟିଏ ମିଶନ ବା ଅଭିଯାନ ଭାବରେ ଗ୍ରହଣକରି ଏହାର ବ୍ୟାପକ ପ୍ରଚାରପ୍ରସାର, ସଚେତନତା, ଲୋକ ପ୍ରତିନିଧିମାନଙ୍କୁ ବାରମ୍ବାର ପ୍ରଶିକ୍ଷଣ, ସ୍ଥାନୀୟ କମିଟିଗୁଡ଼ିକୁ ସକ୍ରିୟ କରିବାର ପ୍ରୟାସ ଜାରି ରହିଛି।

ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସମସ୍ତ ସ୍ତରକୁ ସକ୍ରିୟକରି ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ କ୍ରିୟାଶୀଳ କରିବା ପାଇଁ କେନ୍ଦ୍ର ସରକାର ସମସ୍ତ ସହଯୋଗ ପ୍ରଦାନ କରୁଛନ୍ତି। ଗୋଟିଏ ମହାଭାରତୀୟ ସ୍ରୋତରେ ସାମିଲ ହେବାର ଏହି ମହାର୍ଘ ମୁହୂର୍ତ୍ତକୁ ସ୍ମରଣୀୟ କରିବାପାଇଁ ଯେଉଁ ସଂକଳ୍ପ, ସାଧନା ଓ ସାମର୍ଥ୍ୟର ଆବଶ୍ୟକତା ଅଛି, ତାକୁ ଆଧାରକରି ଏକ ବିକଶିତ ଓଡ଼ିଶା ଗଠନ କରିବା ପାଇଁ ଆମକୁ ଏକାଠିହୋଇ କାମ କରିବାକୁ ପଡ଼ିବ।

'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ଅପାର ସମ୍ଭାବନାର ଅସରନ୍ତି ପସରା ନେଇ ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଅଭୟହସ୍ତ ପ୍ରଦାନକାରୀ ଅଭିଭାବକ ଭଳି ଆମ ପଛରେ ଦୃଢ଼ଭାବରେ ଠିଆ ହୋଇଛନ୍ତି। ଶିକ୍ଷା, ସଚେତନତା, ପ୍ରଶିକ୍ଷଣ, ଦୂରଦୃଷ୍ଟି ଓ ଆତ୍ମବିଶ୍ୱାସ ବଳରେ ଗାନ୍ଧିଜୀଙ୍କ ପରିକଳ୍ପିତ ଗ୍ରାମସ୍ୱରାଜର ସ୍ୱପ୍ନକୁ ସାକାର କରିବାକୁ ସମସ୍ତେ ସହଯୋଗର ହାତ ବଢ଼ାଇବେ ବୋଲି ଆମେ ଆଶାବାଦୀ।



# ୧୯୯୩ରୁ ପାଳନ

୧୯୯୨ ଏପ୍ରିଲ ୨୪ରେ ସମ୍ବିଧାନର ୭୩ତମ ସଂଶୋଧନ କ୍ରମେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ କାର୍ଯ୍ୟକାରୀ ହେଲା। ୧୯୯୩ ମସିହାରୁ ଏପ୍ରିଲ ୨୪କୁ 'ଜାତୀୟ ପଞ୍ଚାୟତିରାଜ ଦିବସ' ରୂପେ ପାଳନ କରାଯାଇଆସୁଛି। ସୂଚନାଯୋଗ୍ୟ, ଆମ ଦେଶରେ ପ୍ରଥମ ରାଜ୍ୟ ଭାବେ ରାଜସ୍ଥାନ ସରକାର ୧୯୫୩ରେ ପଞ୍ଚାୟତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଥିଲେ। ୧୯୫୭ରେ ଏମ୍‌ପି ବଳବନ୍ତରାଓ ମେହେଟ୍ଟାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ସୁପାରିସ ଆଧାରରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳିତ ହେଲା। ଏହି ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥା ୧୯୫୯ ଅକ୍ଟୋବର ୨ରେ ରାଜସ୍ଥାନର ନାଗୌରଠାରେ ଉଦ୍‌ଘାଟିତ ହୋଇଥିଲା।

## ବ୍ୟବସ୍ଥା ସମ୍ପର୍କରେ...

ରାଜ୍ୟରେ ଚାଲିଥିବା ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ସମ୍ପର୍କରେ ଏମାନେ ଯାହା କୁହନ୍ତି...

### ସ୍ୱଚ୍ଛତା ରହିଲେ ସୁଫଳ ମିଳିବ



ପଞ୍ଚାୟତିରାଜ ଦିବସର ଲକ୍ଷ୍ୟ କିଛିକାଂଶରେ ଓଡ଼ିଶାରେ ସଫଳ ହୋଇଛି। ଯେଉଁ ଲକ୍ଷ୍ୟ ନେଇ ଏହି ଦିବସର ସୃଷ୍ଟି ସେଥିରେ ସ୍ୱଚ୍ଛତା ରହିଲେ ଲୋକେ ଏହାର ସୁଫଳ ପାଇବେ ବୋଲି ମୋର ଆଶା।

**– ନଳୀନ କୁମାର ପଟ୍ଟନାୟକ, ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ବ୍ରହ୍ମପୁର ଉପଖଣ୍ଡ**

### ଲକ୍ଷ୍ୟ ହାସଲ ସେଭଳି ହୋଇପାରିନାହିଁ



ପଞ୍ଚାୟତିରାଜ ଦିବସ ଯେଉଁ ଲକ୍ଷ୍ୟ ନେଇ ହୋଇଛି ତାହା ବର୍ତ୍ତମାନ ସୁଦ୍ଧା ସେଭଳି ସଫଳ ହୋଇପାରିନାହିଁ। ପ୍ରତ୍ୟେକ ସରକାରୀ କାର୍ଯ୍ୟରେ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟମାନଙ୍କୁ ସଂଶ୍ଳିଷ୍ଟ କରାଗଲେ ଏହା ପୂର୍ଣ୍ଣମାତ୍ରାରେ ସଫଳ ହେବ।

**– ରାଜେନ୍ଦ୍ର କୁମାର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ, ବ୍ରହ୍ମପୁର**




ରାୟଗଡ଼ା ପଞ୍ଚାୟତ ସମିତି ବୈଠକରେ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ ଏବଂ ଅନ୍ୟମାନେ।

# ଏପ୍ରିଲ ୨୪ ଓଡ଼ିଶାରେ ପଞ୍ଚାୟତିରାଜ ଦିବସ

**ଆମ ରାଜ୍ୟରେ ପଞ୍ଚାୟତିରାଜ ଦିବସ ୧୯୯୩ ମସିହାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ ମାର୍ଚ୍ଚ ୫ରେ ପାଳିତ ହୋଇଆସୁଥିଲା। ମାତ୍ର ଚଳିତବର୍ଷ ରାଜ୍ୟ ସରକାର ଏହି ଦିବସକୁ ମାର୍ଚ୍ଚ ୫ ବଦଳରେ ଏପ୍ରିଲ ୨୪ ଜାତୀୟ ପଞ୍ଚାୟତିରାଜ ଦିବସ ସହ ପାଳନ ଲାଗି ନିଷ୍ପତ୍ତି ନେଇଛନ୍ତି। ଫଳରେ ପ୍ରଥମଥର ଲାଗି ଓଡ଼ିଶାରେ ପଞ୍ଚାୟତିରାଜ ଦିବସ ଏପ୍ରିଲ ୨୪ରେ ପାଳନ ହେବା ଏ ସମ୍ପର୍କରେ ରାଜ୍ୟର ବିଭିନ୍ନ ବର୍ଗର ବ୍ୟକ୍ତିଙ୍କ ମତାମତକୁ ନେଇ ଉପସ୍ଥାପନ..**

### ରାଜ୍ୟ ସରକାର ନିଜ ଦାୟିତ୍ୱ ତୁଲାଇଛନ୍ତି



ରାଷ୍ଟ୍ରୀୟସ୍ତରରେ ପଞ୍ଚାୟତିରାଜ ଦିବସ ପାଳନ ନେଇ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଓଡ଼ିଶା ସରକାର ନିଜର ଦାୟିତ୍ୱ ତୁଲାଇଛନ୍ତି। ଏପ୍ରିଲ ୨୪ରେ ରାଜ୍ୟ ସରକାର ପଞ୍ଚାୟତିରାଜ ଦିବସ ପାଳନ କରିବେ। ଏହାକୁ ମାର୍ଚ୍ଚ ୫ରେ ପାଳନ କରି ବିଜେଡି ନିଜର ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ କରୁଥିଲା। ସମ୍ବିଧାନର ପାଳନ ନ କରି ଆମେ କଣ ସ୍ୱାଧୀନତା ଦିବସ କିମ୍ବା ଗଣତନ୍ତ୍ର ଦିବସ ପାଳନର ତାରିଖ ପରିବର୍ତ୍ତନ କରିଦେଇପାରିବା। ଏହା ଗତ ବିଜେଡି ସରକାରର ଉଦ୍ଭଟ ଚିନ୍ତାଧାରା ଥିଲା। ଓଡ଼ିଶା ସରକାର ମଧ୍ୟ ଏବେ ଭାରତ ସରକାରଙ୍କ ନିଷ୍ପତ୍ତି ସହିତ ଚାଲିବ। ଏହା ରାଜ୍ୟ ସରକାରଙ୍କ କୌଣସି ଉଦ୍ଦେଶ୍ୟ ପ୍ରଣୋଦିତ କାର୍ଯ୍ୟକ୍ରମ ନୁହେଁ ବରଂ ବିଜେଡି ସରକାର ସମୟରେ କରାଯାଇଥିବା ଭୁଲ୍‌ର ସଂଶୋଧନ।

**–ଯତୀନ ମହାନ୍ତି, ଭାଜପା ରାଜ୍ୟ ସାଧାରଣ ସମ୍ପାଦକ**

### ବରପୁତ୍ରଙ୍କୁ ସରକାର ଅସମ୍ମାନିତ କରୁଛନ୍ତି



ରାଜ୍ୟ ସରକାର 'ଜାତୀୟ ପଞ୍ଚାୟତିରାଜ ଦିବସ ଏପ୍ରିଲ-୨୪'କୁ ରାଜ୍ୟସ୍ତରରେ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିବାକୁ ଯାଉଛନ୍ତି। ଏଥିରୁ ଭାଜପା ସରକାର ବରପୁତ୍ରମାନଙ୍କୁ କିଭଳି ଅସମ୍ମାନ କରୁଛନ୍ତି ତାହା ସ୍ପଷ୍ଟ ହେଉଛି। ମାର୍ଚ୍ଚ ୫ରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ସହ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଥିଲା। ଉକ୍ତ ଦିନ ସରକାରୀ ଛୁଟି ହେଉଥିଲା। ଚଳିତ ବର୍ଷ କ୍ୟାଲେଣ୍ଡରରେ ରାଜ୍ୟ ସରକାର ଏହାକୁ ମଧ୍ୟ ଦର୍ଶାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଏହାକୁ ଏପ୍ରିଲ ୨୪କୁ ଘୁଞ୍ଚାଇ ବିଜୁବାବୁଙ୍କୁ ଅସମ୍ମାନିତ କରାଯାଇଛି। ରାଜ୍ୟର ଭାଜପା ସରକାର କେବଳ ବିଜୁଙ୍କୁ ଅସମ୍ମାନିତ କରିଛି ତାହା ନୁହେଁ, ପଣ୍ଡିତ ଜବାହରଲାଲ୍ ନେହେରୁ, ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଭଳି ବହୁ ବରପୁତ୍ରଙ୍କୁ ମଧ୍ୟ ଅସମ୍ମାନିତ କରୁଛି।

**– ସନ୍ତୋଷ ସିଂ ସାଲୁଜା, ପୂର୍ବତନ କଂଗ୍ରେସ ବିଧାୟକ**

### ନିଷ୍ପତ୍ତି ଦୁର୍ଭାଗ୍ୟଜନକ



ଓଡ଼ିଶାରେ ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଥିଲା। ଯେତେବେଳେ ଏହା ପାଳନ ହେଉଥିଲା ସେତେବେଳେ ରାଜ୍ୟରେ ବିଜେଡି ସହିତ ଭାଜପାର ଭାଗିଦାରୀ ସରକାର ଥିଲା। ଓଡ଼ିଶାରେ ପଞ୍ଚାୟତିରାଜ ଦିବସ ପାଳନ ୧୯୯୩ରୁ ଆରମ୍ଭ ହୋଇଛି। ତେବେ ଏମାନେ ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳନ ନ କରିବା ଲାଗି ନେଇଥିବା ନିଷ୍ପତ୍ତି ଦୁର୍ଭାଗ୍ୟଜନକ। ଚଳିତ ଥର କ୍ୟାଲେଣ୍ଡର ମଧ୍ୟ ଛପା ସରିଥିଲା। ଶେଷ ସମୟରେ ଏମାନେ ଯେପରି ଏହାକୁ ବନ୍ଦ କଲେ ଏଥିରୁ ସ୍ପଷ୍ଟ ବୁଝାପଡୁଛି ଏହା ଉଦ୍ଦେଶ୍ୟ ପ୍ରଣୋଦିତ।

**– ପ୍ରସନ୍ନ ଆଚାର୍ଯ୍ୟ, ବିଜେଡି ନେତା ତଥା ବିରୋଧୀ ଦଳ ଉପନେତା**

### ଲୋକଙ୍କ ମଧ୍ୟରେ ଜାତୀୟତା ଭାବ ଦେଖିବାକୁ ମିଳିବ



ଦେଶରେ ଏପ୍ରିଲ ୨୪ରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ହେଉଥିବାବେଳେ ଓଡ଼ିଶାରେ କିନ୍ତୁ ମାର୍ଚ୍ଚ ୫ରେ ଏହି ଦିବସ ପାଳନ ହେଉଥିଲା, ଯାହାକି ଟିକେ ଅଲଗା ଲାଗୁଥିଲା। କାରଣ ରାଜ୍ୟ ଓ ଦେଶର ପାଳନ ତାରିଖ ସମାନ ନ ଥିଲା। ହେଲେ ଏଥର ରାଜ୍ୟରେ ଭାଜପା ସରକାର ଆସିବା ପରେ ଜାତୀୟ ପଞ୍ଚାୟତିରାଜ ଦିବସ ଦିନ ହିଁ ଓଡ଼ିଶାରେ ପଞ୍ଚାୟତିରାଜ ଦିବସ ପାଳନ କରାଯିବ। ଏହା ଦ୍ୱାରା ଲୋକଙ୍କ ମଧ୍ୟରେ ଜାତୀୟତା ତଥା ଏକତ୍ୱ ଭାବ ଦେଖିବାକୁ ମିଳିବ। ଏହା ଏକ ଉତ୍ତମ ପଦକ୍ଷେପ, ଆମେ ଏହାକୁ ସ୍ୱାଗତ କରୁଛୁ। ଏହି ଦିବସକୁ ମହାସମାରୋହରେ ପାଳନ କରିବୁ।

**– ବିନ୍ଦୁ ମହାନନ୍ଦ, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ, କଳାହାଣ୍ଡି**

### କୌଣସି ଅସୁବିଧା ହେବନାହିଁ



ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସ ପାଳନ ପାଇଁ ୭୩ତମ ସମ୍ବିଧାନ ସଂଶୋଧନ ଆଇନ ୧୯୯୩ରେ ପାରିତ ହୋଇଛି । ୧୭ଟି ରାଜ୍ୟ ବିଧାନସଭାରେ ଏହା ମଧ୍ୟ ଗୃହୀତ ହୋଇଛି। ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସରକାର ଏପ୍ରିଲ ୨୪କୁ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରିବାକୁ ଘୋଷଣା କରିଥିଲେ । ତେବେ ରାଜ୍ୟରେ ବିଜେଡି ସରକାର ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ ମାର୍ଚ୍ଚ ୫କୁ ରାଜ୍ୟ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରୁଥିଲେ। ସରକାର ବଦଳିବା ପରେ ଭାଜପା ସରକାର ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ ନୁହେଁ, ଏପ୍ରିଲ ୨୪କୁ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରିବାକୁ ଯାଉଛନ୍ତି । ଏଥିରେ କିଛି ଅସୁବିଧା ହେବ ନାହିଁ ବୋଲି ମୁଁ ଅନୁଭବ କରୁଛି ।

**–କୈଳାସ ବାଣ୍ଟ, ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ, ନୟାଗଡ଼**

### ୟୁନିଟି ଓ ଇନ୍‌ଫରମିଟି ବଜାୟ ରହିବ



ପଞ୍ଚାୟତରାଜ ଦିବସ ସାରା ଭାରତ ବର୍ଷରେ ପାଳନ ହେଉଛି । ରାଜ୍ୟରେ ପୂର୍ବ ସରକାରଙ୍କ ଅମଳରେ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସରେ ଏହା ପାଳନ ହେଉଥିଲା। ଏହା ଏକ ସ୍ୱୟଂଶାସିତ, ଆଇନଗତ ଓ ସାମ୍ବିଧାନିକ ବ୍ୟବସ୍ଥା ଭିତରେ ରହିଛି । ଏହି ଦିବସ ସ୍ୱତନ୍ତ୍ର ଭାବେ ଏବଂ ମିଳିତ ଭାବେ କେନ୍ଦ୍ର ଓ ରାଜ୍ୟ ଗୋଟିଏ ଦିନରେ ପାଳନ କରୁଥିବାରୁ ଏଥିରେ ୟୁନିଟି ଓ ଇନ୍‌ଫରମିଟି ବଜାୟ ରହିବ ।

**–ଶ୍ରୀକାନ୍ତ ବେହେରା, ସାମାଜିକକର୍ମୀ, ଢେଙ୍କାନାଳ**

### ଆଉ ଭିନ୍ନତା ରହିବ ନାହିଁ



ଜାତୀୟ ପଞ୍ଚାୟତିରାଜ ଦିବସ ଏପ୍ରିଲ ୨୪ରେ ଆମ ରାଜ୍ୟରେ ପଞ୍ଚାୟତିରାଜ ଦିବସ ପାଳନ କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ପୂର୍ବରୁ ଓଡ଼ିଶାରେ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ ମାର୍ଚ୍ଚ ୫ରେ ଏହି ଦିବସ ପାଳନ କରାଯାଉଥିଲା। ଯାହା ଦ୍ୱାରା ଜାତୀୟ ଏକତା ଭିତରେ ଓଡ଼ିଶାରେ ଏକ ଭିନ୍ନତା ପରିଲକ୍ଷିତ ହେଉଥିଲା। ଚଳିତ ବର୍ଷ ସମଗ୍ର ଭାରତ ବର୍ଷରେ ଏହି ଦିବସ ପାଳନ ହେଉଥିବାରୁ ଆଉ ଭିନ୍ନତା ରହିବ ନାହିଁ।

**–ପ୍ରବୋଧ କୁମାର ଭୂୟାଁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବେଲପାଳ, ବଡ଼ସାହି, ମୟୂରଭଞ୍ଜ।**

### ବରପୁତ୍ରଙ୍କ ସମ୍ମାନ କ୍ଷୁର୍ଣ୍ଣ କରିଛି



ବର୍ତ୍ତମାନ ରାଜ୍ୟରେ ଭାଜପା ସରକାର ଗଠନ ପରେ ସରକାରର ଅହଂ ମନୋଭାବ ଜାତ ହୋଇଛି । ଯାହାଫଳରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ଅବସରରେ ହେଉଥିବା ପଞ୍ଚାୟତିରାଜ ଦିବସର ତାରିଖ ପରିବର୍ତ୍ତନ କରାଯାଇଛି । ଏହା ଓଡିଆ ବରପୁତ୍ର ଭାବେ ପରିଚିତ ବିଜୁ ପଟ୍ଟନାୟକଙ୍କ ସମ୍ମାନ କ୍ଷୁର୍ଣ୍ଣ କରିଛି। ତତ୍‌ସହିତ ଓଡିଆ ଓ ବିଜୁପ୍ରେମୀଙ୍କ ପ୍ରତି ଭାଜପା ସରକାରର ଏହା ଏକ ଛଳନା ।

**–ହରପ୍ରସାଦ ହେପୃକା, ରାୟଗଡ଼ା ବ୍ଲକ ଉପାଧ୍ୟକ୍ଷ**

### ଜାତୀୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନର ଗୁରୁତ୍ୱ ରହିଛି



ଚଳିତ ବର୍ଷ ନୂତନ ସରକାର ମାର୍ଚ୍ଚ ୫ତାରିଖ ପରିବର୍ତ୍ତେ ଏପ୍ରିଲ ୨୪ତାରିଖକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିଜୁ ପଟ୍ଟନାୟକଙ୍କ ଓଡ଼ିଶା ପ୍ରତି ଅବଦାନ ରହିଥିଲେ ମଧ୍ୟ ଜାତୀୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ଗୁରୁତ୍ୱ ରହିଛି। ଏକ ସଂଘୀୟ ରାଷ୍ଟ୍ରରେ ଦେଶର ଏକତା, ଅଖଣ୍ଡତା, ସଂହତି ବିଶେଷ ମହତ୍ୱ ରହିଛି। ପୂର୍ବ ସରକାର ଏକ ସଂକୀର୍ଣ୍ଣ ମନୋଭାବ ନେଇ ଏହାର ମହତ ଉଦ୍ଦେଶ୍ୟକୁ ଚାପି ରଖିଥିଲେ।

**–ଦେବବ୍ରତ ଆଚାର୍ଯ୍ୟ, ସାମାଜିକ କର୍ମୀ, ଖୋର୍ଦ୍ଧା**

### ରାଜ୍ୟ ସରକାରଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ



ଚଳିତବର୍ଷ ନୂତନ ରାଜ୍ୟ ସରକାର ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ ୨୪କୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କେନ୍ଦ୍ର ଓ ରାଜ୍ୟ ସ୍ତରରେ ଗୋଟିଏ ଦିନରେ ଏହା ପାଳନ କରାଯିବ। ଏହାଦ୍ୱାରା ସଂଘୀୟ ବ୍ୟବସ୍ଥାରେ ପଞ୍ଚାୟତିରାଜ ଯୋଜନା କାର୍ଯ୍ୟକାରିତାର ସଫଳ ରୂପାୟନ ହୋଇପାରିବ ବୋଲି ଆଶା କରାଯାଉଛି।

**– ଡ. ବଦ୍ରି ମିଶ୍ର, ରାଜ୍ୟ ସଭାପତି, ଓଡ଼ିଶା ଯୁବ ଚେତନା ସଙ୍ଗଠନ, ପୁରୀ**

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୨୪/୨୦୨୫ | Bhubaneswar, Thursday, April 24/2025 | ପୃଷ୍ଠା-୧



**ହମ୍ପିଙ୍କୁ ସ୍ୱର୍ଣ୍ଣ ପଦକ**

ପୁଣେରେ ଅନୁଷ୍ଠିତ ଫିଡେ ମହିଳା ଗ୍ରାଁ ପ୍ରି ଚେସ୍ ଟୁର୍ନାମେଣ୍ଟର ୫ମ ଚରଣରେ ଭାରତୀୟ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପି ଚାମ୍ପିୟନ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୨

୦୮

**ଶାହାବାନୋଙ୍କ ଭୂମିକାରେ ୟାମୀ**

ଖୁବ୍‌ଶୀଘ୍ର ସୁପର୍ନ ଏସ୍ ବର୍ମାଙ୍କ ନିର୍ଦ୍ଦେଶିତ ଏକ ଫିଲ୍ମରେ ଅଭିନେତ୍ରୀ ୟାମୀ ଗୌତମ ଧର୍‌ଙ୍କୁ ଶାହାବାନୋଙ୍କ ଭୂମିକାରେ ଦେଖିବାକୁ ମିଳିବ।



# ପାକ୍ ସହ କୂଟନୈତିକ ସମ୍ପର୍କ ଛିନ୍ନ

**ଜମ୍ମୁ-କଶ୍ମୀରର ପହଲଗାମ୍ ଆକ୍ରମଣ ପରେ ପାକିସ୍ତାନ ସହ କୂଟନୈତିକ ସମ୍ପର୍କ ଛିନ୍ନ କରିଛି ଭାରତ। ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ରାତିରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଭାରତ- ପାକିସ୍ତାନର ଅଟ୍ଟାରୀ-ୱାଘା ସୀମାକୁ ଭାରତ ବନ୍ଦ କରିଦେଇଛି। ଭାରତରେ ଥିବା ସମସ୍ତ ପାକିସ୍ତାନୀଙ୍କୁ ୪୮ ଘଣ୍ଟା ମଧ୍ୟରେ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସମସ୍ତ ପାକିସ୍ତାନୀଙ୍କ ଭିଜାକୁ ରଦ୍ଦ କରିଦିଆଯାଇଛି। ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ଦୂତାବାସରେ କର୍ମଚାରୀଙ୍କ ସଂଖ୍ୟା ୩୦କୁ ହ୍ରାସ କରାଯାଇଛି। କେବଳ ଏତିକି ନୁହେଁ, ବିଶ୍ୱବ୍ୟାଙ୍କ ମଧ୍ୟସ୍ଥତାରେ ୧୯୬୦ ସେପ୍ଟେମ୍ବର ୧୯ରେ ପାକିସ୍ତାନ ସହ ସ୍ୱାକ୍ଷରିତ ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି)କୁ ମଧ୍ୟ ଭାରତ ସରକାର ବାତିଲ କରିଦେଇଛନ୍ତି।**

**ନୂଆଦିଲ୍ଲୀ,୨୩।୪**

ପହଲଗାମ୍ ଆକ୍ରମଣ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ୍) ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୈଠକ ପରେ ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ସୂଚନା ଦେଇ କହିଛନ୍ତି, ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ଗମ୍ଭୀରତାକୁ ହୃଦୟଙ୍ଗମ କରି ଭାରତ ପାକିସ୍ତାନ ସହ ସ୍ୱାକ୍ଷରିତ ସିନ୍ଧୁ ଜଳ ଚୁକ୍ତିକୁ ତତ୍କାଳ ବାତିଲ କରିଦେଇଛି। ପାକିସ୍ତାନ ସୀମାପାର ଆତଙ୍କବାଦକୁ ସମର୍ଥନ ଦେବା ବନ୍ଦ କରିବା ନେଇ ବିଶ୍ୱସନୀୟ ପଦକ୍ଷେପ ନ ନେବା ପର୍ଯ୍ୟନ୍ତ ଏହି ଚୁକ୍ତି ପୁନଃ କାର୍ଯ୍ୟକାରୀ ହେବନାହିଁ। ସେହିପରି ଅଟ୍ଟାରୀ-ୱାଘା ସୀମାସ୍ଥିତ ଇଣ୍ଟିଗ୍ରେଟେଡ୍ ଚେକ୍‌ପୋଷ୍ଟକୁ ତତ୍କାଳ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି। ବୈଧ ଦସ୍ତାବିଜ ବଳରେ ଯେଉଁ ପାକିସ୍ତାନୀମାନେ ଏହି ସୀମା ଦେଇ ଭାରତକୁ ଆସିଛନ୍ତି, ସେମାନେ ୨୦୨୫ ମେ' ୧ ପର୍ଯ୍ୟନ୍ତ ଫେରିଯାଇପାରିବେ। ସାର୍କ ଭିଜା ଏକ୍ସେମ୍ପସନ୍ ସ୍କିମ୍ (ଏସ୍‌ଭିଇଏସ୍) ଭିଜା ବଳରେ କୌଣସି ପାକିସ୍ତାନୀ ନାଗରିକଙ୍କୁ

- ଭିଜା ରଦ୍ଦ, ଅଟ୍ଟାରୀ-ୱାଘା ସୀମା ବନ୍ଦ
- ଭାରତ ଛାଡ଼ିବାକୁ ପାକିସ୍ତାନୀଙ୍କୁ ନିର୍ଦ୍ଦେଶ
- ସିନ୍ଧୁ ଜଳ ଚୁକ୍ତି ବାତିଲକଲା ଭାରତ

ଭାରତକୁ ଯାତ୍ରା କରିବାକୁ ଅନୁମତି ଦିଆଯିବ ନାହିଁ। ଅତୀତରେ ପାକିସ୍ତାନୀଙ୍କୁ ଜାରି କରାଯାଇଥିବା ସମସ୍ତ ଏସ୍‌ଭିଇଏସ୍ ଭିଜାକୁ ରଦ୍ଦ କରାଯାଇଛି। ଏଭଳି ଭିଜାଧାରୀ ସମସ୍ତ ପାକିସ୍ତାନୀଙ୍କୁ ୪୮ ଘଣ୍ଟା ଭିତରେ ଭାରତ ଛାଡ଼ି ଚାଲିଯିବାକୁ ପଡ଼ିବ।

ସେହିପରି ନୂଆଦିଲ୍ଲୀସ୍ଥିତ ପାକିସ୍ତାନୀ ଉଚ୍ଚାୟୁକ୍ତରେ ଥିବା ପ୍ରତିରକ୍ଷା/ସାମରିକ, ନୌସେନା, ବାୟୁସେନା ପରାମର୍ଶଦାତାଙ୍କୁ ଅବାଞ୍ଛିତ ବ୍ୟକ୍ତି ରୂପେ ଘୋଷଣା କରାଯାଇଛି। ସେମାନଙ୍କୁ ସପ୍ତାହେ ଭିତରେ ଭାରତ ଛାଡ଼ିବାକୁ ପଡ଼ିବ। ଭାରତ ଇସ୍‌ଲାମାବାଦସ୍ଥିତ ଭାରତୀୟ ଉଚ୍ଚାୟୁକ୍ତରେ ଅବସ୍ଥାପିତ ନିଜ ପ୍ରତିରକ୍ଷା/ସାମରିକ, ନୌସେନା, ବାୟୁସେନା ପରାମର୍ଶଦାତାଙ୍କୁ ମଧ୍ୟ ପ୍ରତ୍ୟାହାର କରିନେବ। ଏହି ପଦବୀଗୁଡ଼ିକୁ ଉଚ୍ଛେଦ କରାଗଲା ବୋଲି ଧରାଯିବ। ସର୍ଭିସ୍ ଆଡ୍‌ଭାଇଜରଙ୍କ ୫ ସହାୟକ କର୍ମଚାରୀଙ୍କୁ ମଧ୍ୟ ପ୍ରତ୍ୟାହାର କରାଯିବ। ବର୍ତ୍ତମାନ ଉଚ୍ଚାୟୁକ୍ତରେ ୫୫ କର୍ମଚାରୀ ଥିବାବେଳେ ଏହାକୁ ୩୦କୁ ଖସାଇ ଦିଆଯାଇଛି, ଯାହାକି ଆସନ୍ତା ୧ ତାରିଖରୁ ଲାଗୁ ହେବ। ସିସିଏସ୍‌ରେ ସୁରକ୍ଷା ସ୍ଥିତି ସମ୍ପର୍କରେ ବିଶଦ ଆଲୋଚନା କରାଯାଇଛି। ତଦନୁସାରେ ଦେଶର ସମସ୍ତ ସୁରକ୍ଷା ବଳଙ୍କୁ ସର୍ବାଧିକ ସତର୍କତା ବଜାୟ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ଏନ୍‌ଏସ୍‌ଏ ଅଜିତ୍ ଡୋଭାଲଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ସୁରକ୍ଷା ବିଫଳତାର ପରିଣାମ

**କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରର ପହଲଗାମ୍ ଜିଲା ଅନ୍ତର୍ଗତ ପ୍ରମୁଖ ପର୍ଯ୍ୟଟନସ୍ଥଳ ବୈସରନ୍‌ରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ଘଟିବା ଅନେକ ଭାରତୀୟଙ୍କୁ ବିଚଳିତ କରିଛି। ଦେଶର ବିଭିନ୍ନ ସ୍ଥାନରେ ଶୋକ ଓ କ୍ରୋଧ ପ୍ରକାଶ ପାଇବା ସହ ପାକିସ୍ତାନୀ ଆତଙ୍କବାଦୀଙ୍କ ଉପରେ ପ୍ରତିଶୋଧ ନେବାକୁ ଦାବି ଉଠିଛି। ଜାତୀୟ ଗଣମାଧ୍ୟମଗୁଡ଼ିକରୁ ମିଳିଥିବା ସୂଚନା ଅନୁଯାୟୀ, ଆକ୍ରମଣ ସଂକ୍ରାନ୍ତରେ ପୂର୍ବରୁ ଗୋଇନ୍ଦା ସୂଚନା ଥିବା ସତ୍ତ୍ୱେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିଲା। ବୈସରନ୍‌ରେ ମଙ୍ଗଳବାର ୨ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଥିଲେ ମଧ୍ୟ ସୁରକ୍ଷା କର୍ମଚାରୀ ମୁତୟନ ନ ହେବା କେନ୍ଦ୍ର ସରକାରଙ୍କ ବିଫଳତାକୁ ଦର୍ଶାଉଛି ବୋଲି ମତ ପ୍ରକାଶ ପାଇଛି। ଏଥିଯୋଗୁ ଏତେ ବଡ଼ ଆକ୍ରମଣ ଘଟାଇବାରେ ଆତଙ୍କବାଦୀ ସଫଳ ହେଲେ ବୋଲି ବିରୋଧୀ କହିବା ସହ ଏଥିପାଇଁ ସୁରକ୍ଷା ବିଫଳତାକୁ ଦାୟୀ କରିଛନ୍ତି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏବଂ ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ ଓ୍ୱାଇସିଙ୍କ ଭଳି କେତେଜଣ ନେତା କେନ୍ଦ୍ରର ଗୋଇନ୍ଦା ବିଫଳତାକୁ ଦାୟୀ କରିବା ସହ ଆଗକୁ ଯେପରି ଏଭଳି ଆକ୍ରମଣର ପୁନରାବୃତ୍ତି ନ ଘଟିବ, ସେଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷେ ଏହି ଆକ୍ରମଣ କେବଳ ପର୍ଯ୍ୟଟକଙ୍କ ଉପରେ ହୋଇନାହିଁ, ବରଂ କଶ୍ମୀରବାସୀଙ୍କ ଉପରେ ଏକ ବୃହତ୍ ଆର୍ଥିକ ମାଡ଼ ବୋଲି ବିବେଚନା କରାଯାଉଛି। କାରଣ ଉପତ୍ୟକାରେ ଦୀର୍ଘ ସମୟ ଧରି ଆତଙ୍କବାଦୀଙ୍କ ହିଂସା ଓ ବର୍ବରତା ଦେଖି ଆସିଥିବା କଶ୍ମୀରବାସୀ କିଛିବର୍ଷ ହେଲା ମୁଖ୍ୟତଃ ପର୍ଯ୍ୟଟନକୁ ଭିତ୍ତିକରି ରୋଜଗାର ପାଉଥିଲେ। ସ୍ଥିତିରେ କ୍ରମଶଃ ସୁଧାର ଆସୁଥିବାବେଳେ ଉପତ୍ୟକାବାସୀ ଅଣ୍ଟା ସଳଖି ପର୍ଯ୍ୟଟନଭିତ୍ତିକ ବ୍ୟବସାୟରେ ନିୟୋଜିତ ହୋଇଛନ୍ତି। ଏଭଳି ସମୟରେ ଆତଙ୍କବାଦୀ ୨୬ ପର୍ଯ୍ୟଟକଙ୍କୁ ହତ୍ୟାକରି ଜମ୍ମୁ-କଶ୍ମୀରର ସ୍ଥାନୀୟ ଲୋକଙ୍କ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଥିବା ଅନେକେ କହିଲେଣି। ଏଥିପାଇଁ କଶ୍ମୀରବାସୀ ଆତଙ୍କବାଦ ବିରୋଧରେ ସ୍ୱର ଉତ୍ତୋଳନ କରି ବୁଧବାର ସ୍ୱତଃପ୍ରବୃତ୍ତ ବନ୍ଦ ପାଳନ କରିଛନ୍ତି।**

**ନୂଆଦିଲ୍ଲୀ/ପହଲଗାମ୍,୨୩।୪**

ସୂତ୍ରରୁ ଜଣାପଡ଼ିଛି ଯେ, ଜମ୍ମୁ-କଶ୍ମୀରର ପହଲଗାମ୍ ଜିଲା ବୈସରନ୍ ଅଞ୍ଚଳରେ ଆତଙ୍କବାଦୀ ଆକ୍ରମଣ ହୋଇପାରେ ବୋଲି ପୂର୍ବରୁ ଗୋଇନ୍ଦା ସୂଚନା ମିଳିଥିଲା। ପାକିସ୍ତାନ-ଅଧିକୃତ କଶ୍ମୀର (ପିଓକେ)ର ଏକ ଜଣେ ଆତଙ୍କବାଦୀ ଏହି ଆକ୍ରମଣର ସଙ୍କେତ ଦେଇଥିଲେ। କିନ୍ତୁ ସୁରକ୍ଷା ସଂସ୍ଥାଗୁଡ଼ିକ ଏହା ଉପରେ ତତ୍ପରତା ପ୍ରକାଶ ନ କରିବାରୁ ଏତେବଡ଼ ଆକ୍ରମଣ ଘଟିଗଲା, ଯହିଁରେ ୨୬ ନିରୀହ ପର୍ଯ୍ୟଟକଙ୍କ ଜୀବନ ଚାଲିଗଲା ବୋଲି କୁହାଯାଉଛି।

ପିଓକେ ଏବଂ ପାକିସ୍ତାନରେ ଥିବା ଅନ୍ତର୍ଜାତୀୟ ହ୍ୟାଣ୍ଡଲରମାନେ କିଛିଦିନ ତଳେ ଏହି ଆକ୍ରମଣ ପାଇଁ ଷଡ଼ଯନ୍ତ୍ର ରଚିଥିଲେ। ସେମାନେ ହିଁ ଆତଙ୍କବାଦୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏହି କାଣ୍ଡ ଘଟାଇବାକୁ। ଏହି ଆକ୍ରମଣରେ ନିୟୋଜିତ ଆତଙ୍କବାଦୀମାନଙ୍କୁ ବନ୍ଧୁକ ଚଳାଇବା ତାଲିମ ପ୍ରଦାନ ସହ କେଉଁ ପଥ ଦେଇ ଅନୁପ୍ରବେଶ କଲେ ନିୟନ୍ତ୍ରଣରେଖା (ଏଲ୍‌ଓସି) ଅତିକ୍ରମ କରିହେବ ସେନେଇ ସମ୍ପୂର୍ଣ୍ଣ ବିବରଣୀ ଦିଆଯାଇଥିଲା। ଏପରି କି କେଉଁ ସମୟରେ ପହଲଗାମ୍‌ରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହେ ଏବଂ ଅଧିକରୁ ଅଧିକ ଲୋକଙ୍କ ହତ୍ୟା କରାଯାଇପାରି ତାହା ମଧ୍ୟ ଆତଙ୍କବାଦୀଙ୍କୁ ଜଣାଇ ଦିଆଯାଇଥିଲା। ତଦନୁସାରେ ଆତଙ୍କବାଦୀମାନେ ଭାରତୀୟ ସୈନ୍ୟଙ୍କ ଭଳି ପୋଷାକ ପିନ୍ଧିଥିଲେ। ସେମାନେ କ୍ୟାମେରା ସଂଲଗ୍ନ ହେଲ୍‌ମେଟ୍ ପିନ୍ଧିଥିଲେ। ଉକ୍ତ କ୍ୟାମେରାରେ ଗୁଳିକରି ଗଣହତ୍ୟା କରାଯିବାର ସମ୍ପୂର୍ଣ୍ଣ ଦୃଶ୍ୟ କଏଦ୍ ହୋଇଥିଲା, ଯାହାର ସିଧା ପ୍ରସାରଣ ଆତଙ୍କବାଦୀଙ୍କ ହ୍ୟାଣ୍ଡଲରମାନଙ୍କ ନିକଟକୁ ଯାଇଥିଲା ବୋଲି କୁହାଯାଉଛି। ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି) କମାଣ୍ଡର ସଇଫୁଲ୍ଲା କସୁରି ଓରଫ୍ ଖାଲିଦ୍‌ଙ୍କୁ ଏହି ଗଣହତ୍ୟାର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି। ପାକିସ୍ତାନର ଗୁଜରନ୍‌ୱାଲାରେ ରହୁଥିବା ଖାଲିଦ୍ ହେଉଛନ୍ତି ଆତଙ୍କବାଦୀ ହାଫିଜ୍ ସଇଦଙ୍କ ସମ୍ପର୍କୀୟ।





ପହଲଗାମ୍‌ରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ପ୍ରତିବାଦରେ କଶ୍ମୀରର ଶ୍ରୀନଗରରେ ବୁଧବାର ସ୍ୱତଃପ୍ରବୃତ୍ତ ଭାବେ ଦୋକାନ ବଜାର ବନ୍ଦ କରାଯାଇଛି।

## କଶ୍ମୀରୀଙ୍କ ଉପରେ ଆର୍ଥିକ ମାଡ଼

ଜମ୍ମୁ-କଶ୍ମୀରର ମୋଟ ଘରୋଇ ଉତ୍ପାଦ (ଜିଡିପି) ପ୍ରତି ଏହି କେନ୍ଦ୍ରଶାସିତ ଅଞ୍ଚଳ ପର୍ଯ୍ୟଟନ ଶିଳ୍ପର ଅବଦାନ ହେଉଛି ୭ରୁ ୮%। ୨୦୧୯-୨୦ରେ ଏହା -୦.୯୯% ଥିବାବେଳେ ୨୦୨୦-୨୧ ଆର୍ଥିକ ବର୍ଷ ପରଠୁ କ୍ରମଶଃ ସ୍ଥିତିରେ ସୁଧାର ଆସି ଏସ୍‌ଜିଡିପି ବୃଦ୍ଧିପାଇବାରେ ଲାଗିଛି। ୨୦୨୪-୨୫ ଆର୍ଥିକବର୍ଷରେ ଏସ୍‌ଜିଡିପି ୭.୦୬% ଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ୨୦୨୫-୨୬ରେ ଏହା ୯.୫%ରେ ପହଞ୍ଚିବା ନେଇ ଆକଳନ କରାଯାଇଛି। ଏଥିପାଇଁ ୨୦୧୯ରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରଠୁ ନିଆଯାଉଥିବା ଭିତ୍ତିଭୂମି ବିକାଶ ଓ ଅନ୍ୟ ପଦକ୍ଷେପଗୁଡ଼ିକୁ ଶ୍ରେୟ ଦିଆଯାଉଛି। ପ୍ରାକୃତିକ ଶୋଭାରାଜି ଓ ସାଂସ୍କୃତିକ ଐତିହ୍ୟରେ ପରିପୂର୍ଣ୍ଣ କଶ୍ମୀରରେ ଅନେକ ପର୍ଯ୍ୟଟନସ୍ଥଳ ରହିଛି। ସେହି ଟୁରିଷ୍ଟ ସ୍ପଟ୍‌ଗୁଡ଼ିକରେ ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ସ୍ଥାନୀୟ ଲୋକେ ଗାଇଡ୍ ହେବାଠାରୁ ନେଇ ବିଭିନ୍ନ ସାମଗ୍ରୀ ବିକ୍ରି କରିଥାଆନ୍ତି। ପର୍ଯ୍ୟଟନଭିତ୍ତିକ ରୋଜଗାରର



ସୟଦ୍ ଆଦିଲ ହୁସେନ୍ ଶାହା

ମୂଲ୍ୟବୋଧକୁ ବୁଝି ପହଲଗାମ୍‌ର ମୁସଲିମ୍ ଯୁବକ ସୟଦ୍ ଆଦିଲ ହୁସେନ୍ ଶାହା ପର୍ଯ୍ୟଟକଙ୍କୁ ସାହାଯ୍ୟ କରୁଥିଲେ। ସେ ଘୋଡ଼ାରେ ବସାଇ ଲୋକଙ୍କୁ ନେବାଆଣିବା କରୁଥିଲେ। ମଙ୍ଗଳବାର ଆଦିଲ୍ ପର୍ଯ୍ୟଟକମାନଙ୍କୁ ବଞ୍ଚାଇବାକୁ ଉଦ୍ୟମ କରୁଥିବାବେଳେ ଆତଙ୍କବାଦୀମାନେ ତାଙ୍କୁ ମଧ୍ୟ ଗୁଳିକରି ହତ୍ୟା କରିଛନ୍ତି। ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ଆଦିଲ୍‌ଙ୍କୁ ପ୍ରଶଂସା କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏଥିସହ ପରିବାର ଲୋକଙ୍କୁ ସବୁ ପ୍ରକାର ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।



ପରଲୋକଗତ ପୋପ୍ ଫ୍ରାନ୍ସିସ୍‌ଙ୍କ ସମ୍ମାନାର୍ଥେ ୩ ଦିନିଆ ରାଷ୍ଟ୍ରୀୟ ଶୋକ ପାଳନ ଅବସରରେ ଭୁବନେଶ୍ୱର ବିଧାନସୌଧ ନିକଟରେ ଥିବା ଜାତୀୟ ପତାକାକୁ ଅର୍ଦ୍ଧନମିତ କରାଯାଇଛି। (ଫଟୋ-ବିକାଶ ନାୟକ)

## ଅଙ୍ଗନୱାଡ଼ି କର୍ମୀଙ୍କ ପାଇଁ ସ୍ନାତକ ଜରୁରୀ

**ଭୁବନେଶ୍ୱର,୨୩।୪ (ରବିନାରାୟଣ ଜେନା)**

### ୬ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ଅନୁମୋଦନ

ଓଡ଼ିଶାକୁ ୨୦୩୬ ସୁଦ୍ଧା ସମ୍ପୂର୍ଣ୍ଣ ବିକଶିତ କରିବା ଲକ୍ଷ୍ୟ ନେଇ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୫ ବିଭାଗର ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି। କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଖବରଦାତା ସମ୍ମିଳନୀରେ କହିଛନ୍ତି, ଓଡ଼ିଶା ଶିଶୁ ଏବଂ ମହିଳା କଲ୍ୟାଣ ସେବା(ସଂଶୋଧନ) ନିୟମରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର ମାରିଛି। ଏହାଦ୍ୱାରା କନିଷ୍ଠ ବର୍ଗ ସେବା ପଦବୀରେ ଚୟନଭିତ୍ତିକ ନିଯୁକ୍ତି ପ୍ରଦାନ ଲାଗି ଏଣିକି ଜଣେ ଅଙ୍ଗନୱାଡ଼ି କର୍ମୀ ନିଶ୍ଚିତ ଭାବେ ଯେକୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ କିମ୍ବା ସମାନ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ। ସରକାରଙ୍କ ନିୟମ ଅନୁଯାୟୀ, ଯେତେବେଳେ ସୁପରଭାଇଜର ପାଇଁ ଅଙ୍ଗନୱାଡ଼ି କର୍ମୀଙ୍କ ମଧ୍ୟରୁ ୫୦% ଚୟନଭିତ୍ତିକ ନିଯୁକ୍ତ ହେବେ ସେତେବେଳେ ସେମାନଙ୍କ ଯୋଗ୍ୟତା ଅଧିକ ଆବଶ୍ୟକ ହେଉଥିବାରୁ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି। ମାତ୍ର ବର୍ତ୍ତମାନ କାର୍ଯ୍ୟରତ ଅଙ୍ଗନୱାଡ଼ି କର୍ମଚାରୀମାନେ ନୂତନ ମାନଦଣ୍ଡରୁ ମୁକ୍ତ ଅଛନ୍ତି। ସେମାନଙ୍କୁ ପଦୋନ୍ନତି ବେଳେ କୌଣସି ଅସୁବିଧା ହେବନାହିଁ। ସରକାରଙ୍କ ସଂଶୋଧିତ ନିଷ୍ପତ୍ତି ଦ୍ୱାରା ଶିଶୁ ଓ ମହିଳାଙ୍କ କଲ୍ୟାଣ ସାଧିତ ହୋଇପାରିବ। ଅଙ୍ଗନୱାଡ଼ି କର୍ମୀଙ୍କ ଶିକ୍ଷାଗତ ଯୋଗ୍ୟତା ବୃଦ୍ଧି ହେବା ଯୋଗୁ ସେମାନେ ସୂଚନା ପ୍ରଯୁକ୍ତି ଓ ବିଜ୍ଞାନ ଉପରେ ଅଧିକ ପାରଙ୍ଗମ ହୋଇପାରିବେ। ଫଳରେ ଶିଶୁ ଓ ଗର୍ଭବତୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସୁପରିଚାଳନା କରିପାରିବେ। ସେ କହିଛନ୍ତି, ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗଙ୍କ ବିକାଶ ଲାଗି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଓଡ଼ିଶା ମଙ୍ଗଳ ସେବା ଏବଂ ଓଡ଼ିଶା ଅଧସ୍ତନ ମଙ୍ଗଳ ସେବାର ପୁନର୍ଗଠନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ଦେଇଛି। ଏଥିରେ ଉପରୋକ୍ତ ସମସ୍ତ ବର୍ଗଙ୍କ ପାଇଁ ବିଭିନ୍ନ ସ୍ତରରେ ୨୪ଟି ନୂତନ ପଦବୀ ସୃଷ୍ଟି କରାଯିବାକୁ ରହିଛି। କ୍ୟାଡର ପୁନର୍ଗଠନରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ପାହ୍ୟାରେ ୨ଟି ପଦ ରହିବାକୁ ଥିବାବେଳେ ଉପନିର୍ଦ୍ଦେଶକ ପାହ୍ୟାରେ ୧୧, ଯୁଗ୍ମ ନିର୍ଦ୍ଦେଶକ ପାହ୍ୟାରେ ୮ ଏବଂ ଅତିରିକ୍ତ ନିର୍ଦ୍ଦେଶକ ପାହ୍ୟାରେ ୩ଟି ଅତିରିକ୍ତ ପଦବୀ ସୃଷ୍ଟିହେବ, ଯାହାଦ୍ୱାରା ଏହି ସମସ୍ତ ବର୍ଗ ବିଶେଷ ଭାବେ ଲାଭାନ୍ୱିତ ହୋଇପାରିବେ।

## ରାଜ୍ୟରେ ହେବ ନୂଆ ୨୦ ଏନ୍‌ଏସି: ମନ୍ତ୍ରୀ

**ଭୁବନେଶ୍ୱର, ୨୩।୪(ସୁନିତ୍ ମିଶ୍ର)**

ରାଜ୍ୟରେ ଅଧିକ ୨୦ଟି ନୂଆ ଏନ୍‌ଏସି ଗଠନ ହେବ। ଏନେଇ ପ୍ରକ୍ରିୟାକୁ ତ୍ୱରିତ କରାଯାଇଛି। ଜିଲାପାଳମାନେ ଦେଇଥିବା ରିପୋର୍ଟକୁ ଏବେ ପଞ୍ଚାୟତିରାଜ ବିଭାଗକୁ ପଠେଇ ଦିଆଯାଇଛି। ସେମାନେ ତର୍ଜମା କରି ଚୂଡାନ୍ତ ରିପୋର୍ଟ ପ୍ରସ୍ତୁତ କରିବା ପରେ ତାହା ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯିବ। ମୁଖ୍ୟମନ୍ତ୍ରୀ ଅନୁମୋଦନ କରିବା ପରେ ରାଜ୍ୟରେ ୨୦ଟି ନୂଆ ଏନ୍‌ଏସି ଗଠନ ହେବ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ମହାପାତ୍ର କହିଛନ୍ତି, ବିଭିନ୍ନ ଅଞ୍ଚଳର ଦାବିକୁ ଦୃଷ୍ଟିରେ ରଖି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଜିଲାପାଳମାନଙ୍କୁ ଫିଜିବିଲିଟି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲା। ଜିଲାପାଳମାନେ ରିପୋର୍ଟ ପ୍ରଦାନ କରିବା ପରେ ତାହା ପଞ୍ଚାୟତିରାଜ ବିଭାଗକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପଠାଇ ଦିଆଯାଇଛି। ରାଜ୍ୟରେ ବର୍ତ୍ତମାନ ଯେଉଁ ୧୭ ପ୍ରତିଶତ ସହରାଞ୍ଚଳ ରହିଛି ଆସନ୍ତା ୫ ବର୍ଷ ଭିତରେ ତାହା ୩୦ ପ୍ରତିଶତରେ ପହଞ୍ଚାଇବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ସେହିପରି ମ୍ୟୁନିସିପାଲଟି ମଧ୍ୟ ବୃଦ୍ଧି କରିବାକୁ ଯୋଜନା ଥିବା ମନ୍ତ୍ରୀ ମହାପାତ୍ର କହିଛନ୍ତି।

## ଆର୍‌ଆଇ, ଅମିନ ପ୍ରିଲିମ୍ ପରୀକ୍ଷାରେ ଶତପ୍ରତିଶତ ଉତ୍ତୀର୍ଣ୍ଣ

**ଭୁବନେଶ୍ୱର,୨୩।୪(ସୁଚିସ୍ମିତା ସାହୁ)**

ଗତବର୍ଷ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ), ସହକାରୀ ନିରୀକ୍ଷକ(ଏଆର୍‌ଆଇ), ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ସୁପରଭାଇଜର ଓ ଅମିନ ପଦ ପାଇଁ ପ୍ରାଥମିକ (ପ୍ରିଲିମ୍) ପରୀକ୍ଷା ଦେଇଥିବା ସମସ୍ତ ଚାକିରି ଆଶାୟୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏନେଇ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ତେବେ ପ୍ରିଲିମ୍ ପରୀକ୍ଷାରେ କପିକରି ଧରାପଡ଼ିଥିବା ୯ଜଣ ମୁଖ୍ୟ (ମେନ୍) ପରୀକ୍ଷା ଦେଇପାରିବେ ନାହିଁ। ମୁଖ୍ୟ ପରୀକ୍ଷା ତାରିଖ ସଂକ୍ରାନ୍ତରେ ପରେ ସୂଚନା ଦିଆଯିବ ବୋଲି ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନାନୁସାରେ, ବିଜ୍ଞପ୍ତି ନମ୍ବର ୯୩୮/୨୯।୧୨।୨୦୨୩ ଅନୁସାରେ ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ଉପରୋକ୍ତ ନିଯୁକ୍ତି ପାଇଁ ପ୍ରିଲିମ୍ ପରୀକ୍ଷା ୨୦୨୪ ସେପ୍ଟେମ୍ବର ୨୦ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ତେବେ ଏଥିରେ ବିଭିନ୍ନ ପ୍ରକାର ଦୁର୍ନୀତି ଓ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆଣିଥିଲେ ପରୀକ୍ଷାର୍ଥୀ। ଏନେଇ ପରୀକ୍ଷାର୍ଥୀଙ୍କ ସହ ବିଭିନ୍ନ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଥିଲା। ଏପରିକି ମାମଲା ଥାନା ଓ କୋର୍ଟକୁ ଯାଇଥିଲା। ରାଜ୍ୟ ସରକାର କଳା ତାଲିକାଭୁକ୍ତ କମ୍ପାନୀକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେବା, ପରୀକ୍ଷା କେନ୍ଦ୍ର ଚୟନରେ କେଳେଙ୍କାରୀ ଓ ନକଲି ସେଣ୍ଟର ମାଲିକ ଗିରଫ ଆଦିକୁ ପ୍ରସଙ୍ଗ କରି ଷ୍ଟୁଡେଣ୍ଟସ ଏଗ୍‌ନେଷ୍ଟ କରପ୍ସନ ନେତୃତ୍ୱରେ ଆଶାୟୀମାନେ ଦୀର୍ଘ ମାସ ଧରି ଆନ୍ଦୋଳନ ଚଳାଇବା ସହ ପରୀକ୍ଷା ବାତିଲ ଦାବି କରିଥିଲେ। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ତଦନ୍ତ କରିଥିଲା। ନଭେମ୍ବର ୭ରେ ପରୀକ୍ଷାର୍ଥୀଙ୍କଠାରୁ ଅଭିଯୋଗ ଗ୍ରହଣ କରିବାକୁ ଏକ ପୋର୍ଟାଲ ଓଏସ୍‌ଏସ୍‌ଏସ୍‌ସି ମାଧ୍ୟମରେ ଖୋଲାଯାଇଥିଲା, ଯେଉଁଥିରେ ହଜାର ହଜାର ପରୀକ୍ଷାର୍ଥୀ ଏଭଳି ଅନେକ ଅଭିଯୋଗ ରଖିଥିଲେ। ଏସବୁ ଆଧାରରେ ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ଏବେ ସମସ୍ତ ପରୀକ୍ଷାର୍ଥୀଙ୍କୁ ପାସ୍ ଘୋଷଣା କରାଯାଇଥିବା କୁହାଯାଉଛି।

**ଆଜିର ସମ୍ପାଦକୀୟ**

**ମୁଁ ଓ ମୋର**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୧୩ତମ କଥା କାର୍ଯ୍ୟକ୍ରମ, ସ୍ଥାନ: ଜାତୀୟ ଅଭିଲେଖାଗାର, ସମୟ: ଅପରାହ୍ନ ୪ଟା ୩୦।
- ହିନ୍ଦୁସ୍ତାନୀ କ୍ଲାସିକାଲ ଭୋକାଲ ମ୍ୟୁଜିକ୍ ଇଭିନିଙ୍ଗ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ୨୩ତମ ଏକାମ୍ର ନୃତ୍ୟ ମହୋତ୍ସବ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।

## କଟକ
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ତିଗିରିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତିଗିରିଆ,
- ସମୟ: ୧୦ଟା।

## ଖୋର୍ଦ୍ଧା
- ଜାତୀୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ ସିଧା ପ୍ରସାରଣ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- ଭୂଜାଖିଆ ପୀର ବାବାଙ୍କ ଉର୍ଷ ଦ୍ୱିତୀୟ ଦିବସ, ସ୍ଥାନ: ପୀର ବାବାଙ୍କ ଆସ୍ଥାନ, ସୁନହଟ, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ବାଲିଆପାଳରେ ଜାତୀୟ ପଞ୍ଚାୟତିରାଜ ଦିବସ-୨୦୨୫ ଅନୁଷ୍ଠିତ, ସ୍ଥାନ: ବ୍ଲକ ପରିସର, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବ୍ଲକ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ଆୟୁଷ କଲ୍ୟାଣ ମଣ୍ଡପ, ଗୋପାଳଗାଁ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଞ୍ଚାୟତିରାଜ ଦିବସ, ସ୍ଥାନ: ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ସକାଳ ୮ଟା।
- ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ବିଜୟନଗର, ଚାନ୍ଦବାଲି, ସମୟ: ସକାଳ ୮ଟା।
- ସ୍ୱର୍ଗତ ମୁରଲୀଧର ସାହୁଙ୍କ ଶ୍ରାଦ୍ଧବାର୍ଷିକୀ ଓ ମୁରଲୀ ମନୋହର ସ୍ମରଣିକା ଉନ୍ମୋଚନ, ସ୍ଥାନ: ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ରାଶନ କାର୍ଡ ବଣ୍ଟନ ଓ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଚରମ୍ପା ଅଗ୍ରସେନ ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଚାନ୍ଦବାଲି ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବାସୁଦେବପୁର ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ଧୁଷୁରୀ, ଧାମନଗର, ସମୟ: ଅପରାହ୍ନ ୫ଟା।
- ପାଲା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଷୋଳମପୁର, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- ନବାହ୍ନ ପାରାୟଣ ଉଦ୍‌ଯାପନୀ, ସ୍ଥାନ: ଜଳହରି, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ହାଟଡିହୀ ବ୍ଲକ ପରିସର, ସମୟ: ସକାଳ ୯ଟା।

## କଳାହାଣ୍ଡି
- ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଭବାନୀପାଟଣା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ଜୁନାଗଡ଼ ଆର୍‌ଏମ୍‌ସି ୱାର୍ଡ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ସ୍ଥାନୀୟ ପୋଲିସ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ, ସ୍ଥାନ: ନୂଆପଡା ସଦର ବ୍ଲକ କୋଦୋମେରୀ ଗାଁ, ସମୟ: ପ୍ରାତଃ ୫ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ କରଙ୍ଗାଭଟା ଗାଁ, ସମୟ: ସକାଳ ୯ଟା ୪୦।

## ବଲାଙ୍ଗୀର
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ,ସ୍ଥାନ: ଭୀମଭୋଇ ମେଡିକାଲ କଲେଜ ଅଡ଼ିଟୋରିୟମ୍, ଗନ୍ଧରେଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନଟ।
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ,ସ୍ଥାନ: ତୁରେକେଲା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ଗଜପତି
- ଜିଲ୍ଲାସ୍ତରୀୟ ପଞ୍ଚାୟତରାଜ ଦିବସ ପାଳନ, ସ୍ଥାନ: ଗଜପତି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ଜାତୀୟ ପଞ୍ଚାୟତରାଜ ଦିବସ ପାଳନ, ସ୍ଥାନ: ପଲ୍ଲିଶ୍ରୀ ମେଳା ପଡିଆ, ମହିଷାପାଟ, ସମୟ: ପୂର୍ବାହ୍ନ ସାଢେ ୧୦ଟା।

## ଜଗତ୍‌ସିଂହପୁର
- ନୂତନ ରାଶନ କାର୍ଡ ବିତରଣ କାର୍ଯ୍ୟକ୍ରମ, ସ୍ଥାନ: ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ପରିସର, ସକାଳ: ୧୦ ଘଟିକା।

## କେନ୍ଦ୍ରାପଡ଼ା
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜାତୀୟ ପଞ୍ଚାୟତରାଜ ଦିବସ ଉଦଘାଟନ,ସ୍ଥାନ : ଯାଜପୁର ବ୍ଲକ ପରିସର,ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ମା' ରତ୍ନମାଳା ଠାକୁରାଣୀଙ୍କ ପୀଠରେ ୨ୟ ଦିବସରେ ନାମ ଯଜ୍ଞ, ଘୃତ ଯଜ୍ଞ, ସ୍ଥାନ: ଚଢ଼ୟାପଲ୍ଲୀ ଚଣ୍ଡୀମଠ ଆଶ୍ରମ, ସମୟ: ସକାଳ ୮ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ଗଣିଆ ବ୍ଲକ କଲୋନୀ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ନୂଆଗାଁ ବ୍ଲକ କାର୍ଯାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ରଣପୁର ବ୍ଲକ କଲୋନୀ, ସମୟ: ପୂର୍ବାହ୍ନ ୧୦ଟା।
- ଚନ୍ଦନ ଯାତ୍ରାର ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା
- ଜାତୀୟ ପଞ୍ଚାୟତରାଜ ଦିବସ ପାଳନ, ସ୍ଥାନ: ରାୟଗଡା ବିଜୁ ପଟ୍ଟନାୟକ ଅଡ଼ିଟୋରିୟମ, ମୁନିଗୁଡ଼ା ବ୍ଲକ୍ କାର୍ଯ୍ୟାଳୟ ପରିସର, ଗୁଡ଼ାରି ନୂତନ ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ ଜାତୀୟ ପଞ୍ଚାୟତରାଜ ଦିବସ ପାଳନ, ସ୍ଥାନ:ଗୁଣପୁର ବ୍ଲକ ଅଫିସ ପରିସର, ସମୟ: ସକାଳ ୯ଟା ୩୦ ।

## ନବରଙ୍ଗପୁର
- ଜାତୀୟ ପଞ୍ଚାୟତରାଜ ଦିବସ, ସ୍ଥାନ: ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପ, ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ମେଘମାଳା ତୋଟା, ଡାବୁଗାଁ ଶ୍ରୀନିବାସ କଲ୍ୟାଣ ମଣ୍ଡପ, ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ସୌରସାହି କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୪ଟା ୪୫।

## କୋରାପୁଟ
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବ୍ଲକ୍ ଅଫିସ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଦଶମନ୍ତପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତରାଜ ଦିବସ ପାଳିତ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବର ୮ମ ସନ୍ଧ୍ୟା, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ ନାଲକୋ ଟାଉନଶିପ, ଦାମନଯୋଡି, ସମୟ: ସନ୍ଧ୍ୟା ୭ଟା ୩୦।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- କବାଡି ଖେଳାଳିଙ୍କ ମା' ସମଲେଇଙ୍କ ଦର୍ଶନ ଓ ସହର ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ: ସମଲେଶ୍ୱରୀ ମନ୍ଦିର ସମ୍ମୁଖ ରାସ୍ତା, ସମୟ : ସକାଳ ୭ଟା ୩୦ ।
- ସମ୍ବଲପୁର କବାଡି କ୍ଲବ ଆୟୋଜନରେ ପଶ୍ଚିମ ଓଡ଼ିଶାସ୍ତରୀୟ କବାଡି ଲିଗ ଉଦ୍‌ଘାଟନ ଉତ୍ସବ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ ପଡିଆ, ସମୟ : ଅପରାହ୍ନ ୫ଟା।

## ରାଉରକେଲା
- ଏଆଇଟିୟୁସି ପକ୍ଷରୁ ଧାରଣା ପ୍ରଦର୍ଶନ, ସ୍ଥାନ ସେକ୍ଟର-୫ କେନ୍ଦ୍ରୀୟ ଆଞ୍ଚଳିକ ଶ୍ରମ ଆୟୁକ୍ତକାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ୧୧ଟା।
- ଛାତ୍ର କର୍ମଶାଳା, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ସକାଳ ୧୦ଟା।

## ସୁନ୍ଦରଗଡ଼
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: କୁଆଁରମୁଣ୍ଡା ବ୍ଲକ ପରିସର, ସମୟ: ସକାଳ ୧୦ଟା।

## ବରଗଡ଼
- ମନ୍ଦିର ପ୍ରତିଷ୍ଠା ମହୋତ୍ସବ କଳସଯାତ୍ରା, ସ୍ଥାନ: ଗୋଡଭଗା, ଅତାବିରା,ସମୟ:ସକାଳ ୭ଟା ୩୦।
- ଖାଦ୍ୟ ଆୟୋଗ ସଦସ୍ୟଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଭାକକ୍ଷ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା ୩୦ମିନିଟ।
- ଭୂତପୂର୍ବ ସୈନିକ ସଂଘର ମହମବତୀ ଶୋଭାଯାତ୍ରା,ସ୍ଥାନ: ଥାନା ଛକ, ବରଗଡ଼,ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ
- ବୌଦ୍ଧ ଜିଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଟାଉନହଲ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ଦେବଗଡ଼ କଲେଜ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ଭର୍ଚ୍ଚୁଆଲରେ ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ରିଆମାଳ ବ୍ଲକ, କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ:ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସକାଳ ୯ଟା।
- ବୀରମହାରାଜପୁରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା ।
- ପ୍ରକାଶ ଲୁହାଙ୍କୁ ନ୍ୟାୟ ଦାବି ସହ ଅଭିଯୁକ୍ତଙ୍କ ଗିରଫ ଦାବିରେ ବିକ୍ଷୋଭ ଶୋଭାଯାତ୍ରା, ସ୍ଥାନ: ବୀରମହାରାଜପୁର ମେଲଣ ପଡ଼ିଆ ଠାରୁ ବୀରମହାରାଜପୁର ଥାନା ପର୍ଯ୍ୟନ୍ତ, ସମୟ: ସକାଳ ୯ଟା ।

## ଝାରସୁଗୁଡ଼ା
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଜିଲା ଖଣିଜ ପ୍ରକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଷ୍ଣୁ ସହସ୍ର ନାମ ପାଠ, ସ୍ଥାନ: ପରାମନପୁର ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଭଜନ ଓ କୀର୍ତ୍ତନ କାର୍ଯ୍ୟକ୍ରମ, ସ୍ଥାନ: ତିଳେଇ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- ଡିଆର୍‌କେ ସହିତ ମୟୂରଭଞ୍ଜ ୟଲୋ ଟିମ୍‌ର କ୍ରିକେଟ ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ:ସକାଳ ୭ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଚିତ୍ରଡ଼ା, ମୋରଡ଼ା, ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଏକାଦଶ ଚନ୍ଦ୍ର ଯୋଗୁ ଗତକାଲିର ସ୍ଥିତି ବଦଳି ଯାଇଥିବାରୁ ମନ ହାଲୁକା ରହିବ। ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ଶ୍ରମ ସ୍ୱୀକାର କରିବାକୁ ପଡ଼ିପାରେ। ପ୍ରତ୍ୟୁଷ ଯାତ୍ରା, ବ୍ୟବସାୟ, ପରିବହନ, ସାହିତ୍ୟ, ସଙ୍ଗୀତାଦି ପ୍ରତି ରୁଚି ବଢ଼ିବ। ଆତ୍ମୀୟମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**ବୃଷ** ଲାଭାଧିପ ରାଶିସ୍ଥ ହେତୁ ଅନ୍ୟମାନଙ୍କୁ ସହଜରେ ମନେଇ କାମ ହାସଲ କରିନେବେ। ବ୍ୟବସାୟିକ ସ୍ଥିତି ଭଲ ରହିବ ଏବଂ କୌଣସି ମୂଲ୍ୟବାନ୍ ଜିନିଷ ଖରିଦ କରିପାରନ୍ତି। ଭଲ ସମ୍ପର୍କ ନ ଥିବା ଲୋକଙ୍କ ପ୍ରରୋଚନାରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିପାରେ। ଆଜି ପ୍ରଶାସନ, ଆଇନ, କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମିଥୁନ** କର୍ମସ୍ଥାନରେ ରାଜଯୋଗ କାରଣରୁ ଆପଣଙ୍କ ଚିନ୍ତାଧାରା ଅନୁଯାୟୀ କାମଗୁଡିକ ଅପରାହ୍ନ ଯାଏ ଠିକ୍ ଚାଲିବ। ବନ୍ଧୁଙ୍କ କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶଜନିତ କଳହର ସମ୍ମୁଖୀନ ହୋଇପାରନ୍ତି। କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତ କ୍ଷେତ୍ରରୁ ସମ୍ମାନ ମିଳିବ। ସଭାସମିତି, ଜମିଜମା ବିବାଦକୁ ନେଇ ମାନସିକ ସ୍ଥିତି ବିପନ୍ନ ହେବ।

**କର୍କଟ** ରାଶ୍ୟାଧିପ ଦୁଃସ୍ଥାନରେ ଥିବାରୁ ସମସ୍ୟା ଘନଉଥିବାର ଅନୁଭବ କରିବେ। ଶତ୍ରୁତା କରୁଥିବା ଲୋକ ସାହାଯ୍ୟ ନ କଲେ ମଧ୍ୟ ବିରୋଧ କରିବେ ନାହିଁ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ଯାନ୍ତ୍ରିକ ଜିନିଷ, ଜମିଜମା କ୍ରୟବିକ୍ରୟ, ଯାତ୍ରା, ବାଣିଜ୍ୟ ବ୍ୟବସା ପ୍ରଭୃତିରେ ଅସୁବିଧା ରହିବ ନାହିଁ।

**ସିଂହ** ଶୁକ୍ର ଅଷ୍ଟମସ୍ଥ ଯୋଗୁ ବନ୍ଧୁଙ୍କ ଖାପଛଡ଼ା କଥା ଓ ବିବାଦୀୟ ମନ୍ତବ୍ୟ ମାନସିକ ଦୁଶ୍ଚିନ୍ତା ସୃଷ୍ଟି କରିବ। କର୍ମକ୍ଷେତ୍ରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇପାରେ। ବାଣିଜ୍ୟ ଓ ପରିବହନରେ ବାଧା ଉପୁଜିବା କାରଣରୁ କଳହର ସମ୍ଭାବନା ମଧ୍ୟ ରହିଛି। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିଯୋଗୁ ମନରେ ସରସତା ରହିବ ନାହିଁ।

**କନ୍ୟା** ରାଶି ପ୍ରତି ପାପଗ୍ରହଙ୍କ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ନ ରହିଲେ ମଧ୍ୟ ସବୁ ସୁବିଧା ପାଇବେ ନାହିଁ। ଅଧୁରା କାମ ଓ ପାରିବାରିକ ସମସ୍ୟା ମନକୁ ଭାରାକ୍ରାନ୍ତ କରିବାର ଆଶଙ୍କା ରହିଛି। ଆବଶ୍ୟକତା ପୂରଣ କରିବା ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ପରିବହନ, ବାଣିଜ୍ୟ ଓ ଯାତ୍ରା ପାଇଁ ଅନୁକୂଳତା ପ୍ରାପ୍ତ ହେବ।

**ତୁଳା** କର୍ମାଧିପତି ଚନ୍ଦ୍ର କୋଣଭାବସ୍ଥ ହେତୁ ନୂଆ ଯୋଜନାକୁ ବାସ୍ତବ ରୂପ ଦେବେ। ଆଜିର ଯାତ୍ରା ଶୁଭପ୍ରଦ ହେବ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି। ସାହିତ୍ୟ, ସାମ୍ବାଦିକତା, ନିର୍ମାଣ ଯୋଗାଯୋଗ ଓ ଯାତ୍ରା ପ୍ରଭୃତି ପାଇଁ ଦିନଟି ଭଲ। ଆର୍ଥିକ ସ୍ଥିତି ମନ୍ଦ ହେବନି। ଜମିଜମା ସମସ୍ୟା ନିୟନ୍ତ୍ରଣାଧୀନ ରହିବ।

**ବିଛା** ଶନିଙ୍କ ସ୍ଥିତିଜନିତ ବିବାଦୀୟ ପରିସ୍ଥିତିର ମୁକାବିଲା କରି ସଫଳତା ହାସଲ କରିପାରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି। ଗ୍ରହମାନଙ୍କ ଅନୁକୂଳ ସମ୍ପର୍କରୁ ଆଇନ ଅଦାଲତର ରାୟ ସପକ୍ଷରେ ଯିବାର ବହୁ ସମ୍ଭାବନା ରହିଛି। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ମଙ୍ଗଳ ଦୃଷ୍ଟିରେ ଚନ୍ଦ୍ର ଯୋଗୁ ମନପସନ୍ଦର କାମକୁ ପ୍ରାଥମିକତା ଦେଇ ନିଜ ଲୋକଙ୍କ ବିରାଗର କାରଣ ହେବେ। ଅଶୁଣା କଥା ଓ ଅଜଣାଲୋକଙ୍କ ଉପରେ ବିଶ୍ୱାସ କରି ହଇରାଣ ହେବେ। ସନ୍ତାନଙ୍କ ବୈବାହିକ କର୍ମ ସକାଶେ ବନ୍ଧୁ ପ୍ରସ୍ତାବରେ ଅଗ୍ରଗତି ଘଟିପାରେ। ନିର୍ମାଣ ତଥା ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ ।

**ମକର** ବଳହୀନ ଚତୁର୍ଥୋ ସପ୍ତମସ୍ଥ ଯୋଗୁ ଅଯଥା ଖର୍ଚ୍ଚ, ବୃଥା ଭ୍ରମଣ, ବିରକ୍ତିପୂର୍ଣ୍ଣ ବ୍ୟବହାର ସମ୍ବନ୍ଧିତ ସମସ୍ୟାରେ ଚିନ୍ତିତ ରହିବେ। ଶୁଣା କଥାକୁ ସତ୍ୟ ମନେକରି ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ଓ ମନରେ ସନ୍ଦେହଜନିତ ଅଶାନ୍ତଭାବନା ସୃଷ୍ଟି ହେବ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ପାଇବେ ନାହିଁ।

**କୁମ୍ଭ** ରାଶିସ୍ଥ ଚନ୍ଦ୍ରଜନିତ ଅଭାବ ନ ଥିଲେ ମଧ୍ୟ ମନ ଅଶାନ୍ତ ରହିପାରେ। ନିଜର ଅଭିସନ୍ଧିମୂଳକ କଥାରେ ମିତ୍ରମାନେ ମଧ୍ୟ ଆକସ୍ମିକ ଭାବରେ ଶତ୍ରୁ ପାଲଟି ଯିବାର ଆଶଙ୍କା ରହିଛି। ଅବଶ୍ୟ ଆନୁଷ୍ଠାନିକ କ୍ଷେତ୍ରରେ, ରାଜନୈତିକ ସ୍ତରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢିପାରେ।

**ମୀନ** ଆଜି ଦ୍ୱାଦଶସ୍ଥ ଚନ୍ଦ୍ରଙ୍କ ପ୍ରଭାବରେ ବାସ୍ତବତାକୁ ପରିହାର କରି କାଳ୍ପନିକତା ମାଧ୍ୟମରେ ଆନନ୍ଦ ଅନୁଭବ କରିପାରନ୍ତି। ସାହିତ୍ୟିକ, ସମାଲୋଚକ, ସଙ୍ଗୀତ ପ୍ରେମୀ, ଭାବୁକ ଓ ଗବେଷଣାକାରୀ ଲକ୍ଷ୍ୟସ୍ଥଳରେ ଉପନୀତ ହେବେ। ସକାଳୁ ଖୁସି ଖବରଟିଏ ପାଇବେ। ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

ଆଜି ଏପ୍ରିଲ ୨୪ ତାରିଖ, ମାନବ ଏକତା ଦିବସ, ସର୍ବସମ୍ମତ ବରୁଥିନୀ ଏକାଦଶୀ ଗୁରୁବାର। ରାଶିନକ୍ଷତ୍ର- ଦିବା ଘ.୧୦।୪୭ ପର୍ଯ୍ୟନ୍ତ ଶତଭିଷା/କୁମ୍ଭ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବ୍ରତୋପନୟନ, ବିଦ୍ୟାରମ୍ଭ, ଗୃହାରମ୍ଭ, ଗୃହପ୍ରବେଶ, ଜଳାଶୟ ଖନନ ଓ ପ୍ରତିଷ୍ଠାଦି ସକାଶେ ଶୁଭଦିନ। ଦିବା ଘ. ୦୫।୨୫ ଗତେ ଘ.୦୭।୦୭ ମଧ୍ୟେ, ଘ.୧୦।୨୯ ଗତେ ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧।୧୯ ଗତେ ଘ.୦୨।୫୪ ମଧ୍ୟେ ରାହୁ କାଳ।

## କୂଅ ସଫା ସମୟରେ ଶ୍ୱାସରୁଦ୍ଧହୋଇ ୨ଶ୍ରମିକଙ୍କ ମୃତ୍ୟୁ

ଚନ୍ଦ୍ରପୁର,୨୩।୪ (ବିଜୟ ପ୍ରସାଦ ଉଲାକା)-ପରିତ୍ୟକ୍ତ କୂଅ ସଫା କରିବା ସମୟରେ ଶ୍ୱାସରୁଦ୍ଧ ହୋଇ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ରାୟଗଡ଼ା ଜିଲା ଚନ୍ଦ୍ରପୁର ଥାନା ଅଧୀନ ବନ୍ଦିରୀ ଗ୍ରାମରେ ବୁଧବାର ସକାଳେ ଏଭଳି ଅଘଟଣ ଘଟିଛି। ମୃତକ ହେଲେ ବନ୍ଦିରୀର ପେପେ ଟାଙ୍ଗାରାଙ୍ଗା (୨୫) ଏବଂ ଚିତ୍ତରଞ୍ଜନ ଟାଙ୍ଗାରାଙ୍ଗା (୨୮)। ବନ୍ଦିରୀ ଅଙ୍ଗନୱାଡି କେନ୍ଦ୍ର ନିକଟ ସରକାରୀ କୂଅକୁ ସଫା କରିବାକୁ ଜଣେ ଶ୍ରମିକ ଭିତରକୁ ଯାଇଥିଲେ। କୌଣସି ଶବ୍ଦ ନ ହେବାରୁ ଆଉ ଜଣେ ଶ୍ରମିକ କୂଅ ଭିତରକୁ ଯାଇଥିଲେ। ତା'ପରେ ମଧ୍ୟ କୌଣସି ଶବ୍ଦ ନ ଆସିବାରୁ ଗ୍ରାମବାସୀ ଚନ୍ଦ୍ରପୁର ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଦମକଳ ବାହିନୀ ୨ ଶ୍ରମିକଙ୍କୁ ଉଦ୍ଧାରକରି ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବିଲକୁ ସଳଖେ ହଳ ଲଙ୍ଗଳ ଲୋ**
**ହିଡ଼କୁ ସଳଖେ କୋଡ଼ି**
**ଛଟିନ୍ଦ୍ରା ଫଳକୁ ଗୋଡ଼ି ସଳଖଇ**
**ଦୁଷ୍ଟକୁ ସଳଖେ ବାଡ଼ି।**

ହଳ ଲଙ୍ଗଳ ସାହାଯ୍ୟରେ ବିଲକୁ ସମତୁଲ କରାଯାଏ। କୋଡ଼ି ସାହାଯ୍ୟରେ ମାଟି ପକାଇ ହିଡ଼ ସିଧା କରାଯାଏ। ସେହିପରି ଛଟିନ୍ଦ୍ରାରେ ଗୋଡ଼ି ବାନ୍ଧି ତାକୁ ସିଧା କରାଯିବା ଭଳି ଦୁଷ୍ଟ ଲୋକଙ୍କୁ ମାଡ଼ରେ ଶାସନ କରାଯିବା ବା ବାଟକୁ ଆଣିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବ୍ରାହ୍ମଣ, ବୃଷଭ, ଅତିଥି, ଜ୍ଞାତି, ବନ୍ଧୁ**
**ପୂଜା ନୋହିଲେ ବଢାନ୍ତି କ୍ରୋଧସିନ୍ଧୁ।**

ବ୍ରାହ୍ମଣଙ୍କୁ ସତ୍କାର, ବୃଷଭକୁ ଖାଦ୍ୟ, ଅତିଥି ଦେବୋ ଭବ। ଅତିଥିଙ୍କୁ ଚର୍ଚ୍ଚା କରାଯିବା ଭଳି ଜ୍ଞାତିକୁଟୁମ୍ବ ବନ୍ଧୁଙ୍କୁ ଅଭ୍ୟର୍ଥନା ଦେଖାଇବାକୁ ପଡ଼ିଥାଏ ; ଅନ୍ୟଥା ସେମାନେ ଅସନ୍ତୁଷ୍ଟ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଇଥାନଲ ଉତ୍ପାଦନ ବୃଦ୍ଧି ପ୍ରସ୍ତାବକୁ କ୍ୟାବିନେଟ୍‌ର ମୋହର

ଭୁବନେଶ୍ୱର,୨୩।୪(ରବିନାରାୟଣ ଜେନା)

ରାଜ୍ୟରେ ଇଥାନଲ ଉତ୍ପାଦନ କିଭଳି ବୃଦ୍ଧି ପାଇବ ସେନେଇ ଅବକାରୀ ବିଭାଗର ଏକ ପ୍ରସ୍ତାବକୁ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁମୋଦନ ଦେଇଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଖବରଦାତା ସମ୍ମିଳନୀରେ କହିଛନ୍ତି, ଭାରତ ସରକାର ପେଟ୍ରୋଲରେ ୨୦ପ୍ରତିଶତ ଇଥାନଲ ମିଶାଇବାକୁ ଚାହୁଁଛନ୍ତି। ଏଥିପାଇଁ ରାଜ୍ୟରେ ଏହାର ଉତ୍ପାଦନ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାକୁ ନେଇ ଓଡ଼ିଶା ଅବକାରୀ ନିୟମ-୨୦୧୭ର ସଂଶୋଧିତ ରୁଲ୍ସ ୭୯ରେ ସଂଶୋଧନକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି, ଯାହାଦ୍ୱାରା ଡିଷ୍ଟିଲେରି, ବଟ୍‌ଲିଂ ୟୁନିଟ୍ ଏବଂ ବ୍ରୁଅରି ପାଇଁ ଅତିରିକ୍ତ ଘଣ୍ଟା କାର୍ଯ୍ୟ ଶୁଳ୍କ ଛାଡ଼ କରାଯାଇଛି। ବର୍ତ୍ତମାନ ୮ ଘଣ୍ଟା କାର୍ଯ୍ୟ ପରେ ପ୍ରତି ଘଣ୍ଟା ପିଛା ଦେୟ ଦେବାକୁ ପଡୁଥିଲା ଏବଂ ଅନୁମତି ନେବାକୁ ମଧ୍ୟ ପଡୁଥିଲା। କ୍ୟାବିନେଟ୍‌ରେ ଏହି ସଂଶୋଧନ ପରେ ଆଉ ଦେୟ ଦେବାକୁ ପଡ଼ିବନାହିଁ କି ଅନୁମତି ନେବାକୁ ପଡ଼ିବନି। ଏହି ନିଷ୍ପତ୍ତି ଓଡ଼ିଶାରେ ବ୍ୟବସାୟ କରିବାର ସହଜତାକୁ ବୃଦ୍ଧି କରିବ। ଏହାଦ୍ୱାରା ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାସହ ପୁଞ୍ଜି ନିବେଶ ଅଧିକ ହୋଇପାରିବ। ସେହିପରି ଓଡ଼ିଶା ନିମ୍ନ ଅବକାରୀ ସେବା(ଅବକାରୀ ସେବା କନ୍‌ଷ୍ଟେବଲ ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତାବଳୀ) ସଂଶୋଧନ ନିୟମ- ୨୦୨୫କୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଏହାଦ୍ୱାରା ବିଭାଗ ସେବା ପରିଚାଳନାରେ ଉନ୍ନତି ଅଣାଯିବାକୁ ଲକ୍ଷ୍ୟ ରଖାଯାଇଛି। ସରକାର ଅବକାରୀ କନ୍‌ଷ୍ଟେବଲ କ୍ୟାଡରକୁ ଡିଭିଜନାଲରୁ ଜିଲାସ୍ତର କ୍ୟାଡରରେ ପରିଣତ କରିଛନ୍ତି। ଏହା କରିବା ପାଇଁ ଓଡ଼ିଶା ଲୋୟର ଏକ୍ସାଇଜ୍ ସେବା ନିୟମରେ ସଂଶୋଧନ କରାଯାଇଛି। ଏହି ପୁନର୍ଗଠନ ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ସୁଗମ ଏବଂ ଏକ୍ସାଇଜ୍ କନ୍‌ଷ୍ଟେବଲଙ୍କ ପାଇଁ ଉତ୍ତମ ପରିଚାଳନାର ପ୍ରତିଶ୍ରୁତି ଦିଆଯାଇଛି।

## ଆନନ୍ଦପୁର ଜଳସେଚନ ପ୍ରକଳ୍ପ ପାଇଁ ୧୦୮ କୋଟି

ଭୁବନେଶ୍ୱର,୨୩।୪(ରବିନାରାୟଣ ଜେନା)

କେନ୍ଦୁଝର ଓ ବାଲେଶ୍ୱରରେ ଭୂତଳ ପାଇପ୍‌ଲାଇନ୍ ଜଳବଣ୍ଟନ ବ୍ୟବସ୍ଥା ଜରିଆରେ ଜଳସେଚନ କରିବା ଲାଗି ରାଜ୍ୟ କ୍ୟାବିନେଟ୍ ୧୦୮ କୋଟି ଟଙ୍କାର ସମନ୍ୱିତ ଆନନ୍ଦପୁର ଜଳସେଚନ ପ୍ରକଳ୍ପକୁ ଅନୁମୋଦନ ଦେଇଛି। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ, କେନ୍ଦୁଝର ଓ ବାଲେଶ୍ୱର ଜିଲାରେ ୬୦ ହଜାର ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇବା ଲାଗି ସରକାରଙ୍କ ପକ୍ଷରୁ ୧୦୮ କୋଟି ଟଙ୍କାର ଏକ ସମନ୍ୱିତ ଜଳସେଚନ ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ୍ ବୁଧବାର ଅନୁମୋଦନ ଦେଇଛି। ଏହି ପ୍ରକଳ୍ପର ଏକ ଅଂଶ କେନ୍ଦୁଝର ଜିଲାର ବୈତରଣୀ ବାମପାର୍ଶ୍ୱ କେନାଲର ଶୂନଠାରୁ ୨୮.୫୦ କିମି ମଧ୍ୟରେ ଥିବା ୨୨୨୧ ହେକ୍ଟର ଏବଂ ବୈତରଣୀ ଦକ୍ଷିଣପାର୍ଶ୍ୱ କେନାଲର ୯ କିମି ମଧ୍ୟରେ ଥିବା ୧୨୨୯ ହେକ୍ଟର ଚାଷଜମିରେ ଭୂତଳ ପାଇପ୍‌ଲାଇନ୍ ଜରିଆରେ ଜଳବଣ୍ଟନ ବ୍ୟବସ୍ଥା କରାଯିବ। ଏହାସହିତ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟ ଦ୍ୱାରା ସମୁଦାୟ ୩୪୫୦ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇହେବ। ଏହା ଇପିସି ଏବଂ ଟର୍ନକୀ ଆଧାରରେ ନିର୍ମାଣ ହେବ। ୧୮ ମାସ ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ସମାପ୍ତ କରାଯିବାକୁ ଲକ୍ଷ୍ୟ ରହିଛି।

## ଆମ୍ବୁଲାନ୍ସ ସେବା ପାଇଁ ୨୩୯୮କୋଟି ମଞ୍ଜୁର

ଭୁବନେଶ୍ୱର,୨୩।୪(ରବିନାରାୟଣ ଜେନା)

ରାଜ୍ୟରେ ଜରୁରିକାଳୀନ ମେଡିକାଲ ଆମ୍ବୁଲାନ୍ସ ସେବାକୁ ତ୍ୱରାନ୍ୱିତ କରିବା ଲାଗି ସ୍ୱାସ୍ଥ୍ୟ ବିଭାଗର ୨୩୯୮.୪୫ କୋଟି ଟଙ୍କାର ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ, ୨୦୧୩ ମାର୍ଚ୍ଚ ୫ରୁ ରାଜ୍ୟରେ ଆମ୍ବୁଲାନ୍ସ ସେବା-୧୦୮ ପ୍ରଚଳିତ ହୋଇଆସୁଛି। ରାଜ୍ୟରେ ବର୍ତ୍ତମାନ ୮୬୬ଟି ଆମ୍ବୁଲାନ୍ସ କାର୍ଯ୍ୟକ୍ଷମ ଅଛି। ସେଥିମଧ୍ୟରେ ୪୧୧ଟି ଏଏଲ୍‌ଏସ୍ ଏବଂ ୪୪୯ଟି ବିଏଲ୍‌ଏସ୍ ଆମ୍ବୁଲାନ୍ସ ରହିଛି। ଏହି ଯୋଜନା ୨୦୨୩-୨୪ରୁ ୨୦୨୭-୨୮ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ରହିଛି। ଏହା ମାଧ୍ୟମରେ ପ୍ରତିବର୍ଷ ପ୍ରାୟ ୧୧-୧୨ ଲକ୍ଷ ଜରୁରୀ ରୋଗୀ(ଗର୍ଭବତୀ, ଶିଶୁ ସମେତ)ଙ୍କୁ ୨୦ ମିନିଟ୍ ମଧ୍ୟରେ ନିର୍ଦ୍ଦିଷ୍ଟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି। ଏକ ଘରୋଇ ସଂସ୍ଥା ଦ୍ୱାରା ଏହା ପରିଚାଳିତ ହେଉଛି, ଯାହାକୁ ଖୋଲା ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଚୟନ କରାଯାଇଛି। ଏହି ଯୋଜନାର କାର୍ଯ୍ୟକାରିତା ଲାଗି ୫ ବର୍ଷ ପାଇଁ ମୋଟ ୨୩୯୮.୪୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆସିଥିବା ଏ ସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ପକ୍ଷରୁ ଅନୁମତି ମିଳିଛି।

## ପୁରୀରେ ପାଳନ ହେବ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ


ଭୁବନେଶ୍ୱର,୨୩।୪(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମଥର ପାଇଁ ଜାତୀୟ ପଞ୍ଚାୟତିରାଜ ଦିବସକୁ ଗୁରୁବାର ରାଜ୍ୟସ୍ତରରେ ମହାସମାରୋହରେ ପାଳନ କରାଯିବ। ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ। ଏଥିରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେବାର ରହିଛି। ଏହାବାଦ୍ ୯ ଜଣ ମନ୍ତ୍ରୀ ବିଭିନ୍ନ ଜିଲାରେ ପଞ୍ଚାୟତିରାଜ ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ସେମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, କୋରାପୁଟରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କଟକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବଲାଙ୍ଗୀରରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଖୋର୍ଦ୍ଧାରେ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା, ଢେଙ୍କାନାଳରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, କେନ୍ଦୁଝରରେ ଗଣେଶ ରାମ ସିଂ ଖୁଣ୍ଟିଆ, ଜଗତ୍‌ସିଂହପୁରରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓ ନୟାଗଡ଼ରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେବେ।

## ୪୦ ଡିଗ୍ରୀ ଉପରେ ୧୬ ସହର

ଭୁବନେଶ୍ୱର,୨୩।୪(ଅନୁରାଧା ମହାରଣା)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ବୁଧବାର ୧୬ ସହରରେ ତାପମାତ୍ରା ୪୦ଡିଗ୍ରୀ ସେଲସିୟସ୍ ବା ତା'ଠାରୁ ଅଧିକ ରହିଥିଲା। ଝାରସୁଗୁଡ଼ା ୪୫.୪ ଡିଗ୍ରୀ ସହ ରାଜ୍ୟର ସବୁଠୁ ଉତ୍ତପ୍ତ ସହଲ ପାଲଟିଥିଲା। ଏହା ତଳକୁ ଟିଟିଲାଗଡ଼ରେ ୪୪ଡିଗ୍ରୀ, ସମ୍ବଲପୁର ଓ ବୌଦ୍ଧରେ ୪୩.୮, ବଲାଙ୍ଗୀରରେ ୪୩.୭, ସୁନ୍ଦରଗଡ଼, ହୀରାକୁଦ ଓ ତାଳଚେରରେ ୪୩.୪, ସୋନପୁରରେ ୪୩.୨ ଏବଂ ରାଉରକେଲାରେ ୪୨.୪ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଥିଲା। ଗୁରୁବାର ମଧ୍ୟ ପ୍ରବଳ ଗ୍ରୀଷ୍ମ ଲହରି ଜାରି ରହିବ। ପଶ୍ଚିମ ଓଡ଼ିଶା ବିଶେଷକରି ଝାରସୁଗୁଡ଼ା, ବଲାଙ୍ଗୀର, ବୌଦ୍ଧ, ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର ଆଦି ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି।




# ‘ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭’ ଉପରେ ଗୁରୁତ୍ୱ

## ମନ୍ତ୍ରୀ ପରିଷଦର ସପ୍ତମ ବୈଠକ

## ୪ସ୍ଥାନରେ ହେବ ଆଞ୍ଚଳିକ କର୍ମଶାଳା


ଲୋକସେବା ଭବନରେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନ୍ତ୍ରିପରିଷଦ ବୈଠକ।

**ଭୁବନେଶ୍ୱର, ୨୩।୪(ସୁନିତ୍ ମିଶ୍ର)**

ରାଜ୍ୟ ଗଠନର ଶତବାର୍ଷିକୀ ପାଳନ ଅବସରରେ ସରକାର ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଏକ ଉଚ୍ଚାଭିଳାଷୀ ସଂକଳ୍ପ ନେଇଛନ୍ତି। ୨୦୪୭ ସୁଦ୍ଧା ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ହାସଲ ଦିଗରେ ମଧ୍ୟ ଏହା ସହାୟକ ହେବ। ସରକାର ଅଗଷ୍ଟ ୨୦୨୪ରୁ ‘ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭’ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଅନ୍ତର୍ଭୁକ୍ତି, ସମୃଦ୍ଧି ଓ ସମ୍ପନ୍ନତା ଏହି ଭିଜନ ଦସ୍ତାବିଜର ଆଧାର। ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଆମେରିକୀୟ ଡଲାର ମୂଲ୍ୟର ଜିଏସ୍‌ଡିପି ବା ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦ ଲକ୍ଷ୍ୟ ହାସଲ କରିବା ଏବଂ ଭାରତର ଜିଡିପିର ୫% ଅଂଶୀଦାର ହେବା ପାଇଁ ଓଡ଼ିଶା ଏ ପର୍ଯ୍ୟନ୍ତ ହାସଲ କରିଥିବା ଅର୍ଥନୈତିକ ଅଭିବୃଦ୍ଧି ହାରକୁ ଅତିକ୍ରମ କରିଛି। ଆସନ୍ତା ୧୫ ଦିନ ଭିତରେ ‘ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭’ ଉପରେ ରାଜ୍ୟର ୪ଟି ସ୍ଥାନରେ ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ କରାଯିବ। ଏହାସହ ବିଭିନ୍ନ ସ୍ତରରେ ଜନପ୍ରତିନିଧି, ଜନସାଧାରଣ, ନାଗରିକ ସମାଜ, ବୁଦ୍ଧିଜୀବୀଙ୍କ ସହ ବିଚାରବିମର୍ଶ କରାଯାଇ ଏହି ଭିଜନ ଦସ୍ତାବିଜକୁ ଚୂଡ଼ାନ୍ତ ରୂପରେଖ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୁଧବାର ମନ୍ତ୍ରୀ ପରିଷଦର ୭ମ ବୈଠକ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ପରିଷଦର ସମସ୍ତ ସଦସ୍ୟଗଣ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅନ୍ୟ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କମିଶନର ଓ ଶାସନ ସଚିବ ଏବଂ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଏହା ଆମ ପାଇଁ ଏକ ଆହ୍ୱାନ ଓ ସୁଯୋଗ। ସହଯୋଗୀ ପରିବେଶ, ସରକାରୀ ବେସରକାରୀ ନିବେଶ, କାର୍ଯ୍ୟାନ୍ୱୟନଜନିତ ସହାୟତା ଓ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସମନ୍ୱୟ ବ୍ୟବସ୍ଥା ସହ ଏହି ଲକ୍ଷ୍ୟ ହାସଲ ହୋଇପାରିବ। ୨୦୩୬ ସୁଦ୍ଧା ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବା ପାଇଁ ଲକ୍ଷ୍ୟ ରଖାଯାଇଥିବା ୩୬ଟି ସର୍ବୋଚ୍ଚ ପ୍ରାଥମିକ କାର୍ଯ୍ୟକ୍ରମ ଚିହ୍ନଟ ସହ ରଣନୈତିକ ପଦକ୍ଷେପ ‘୩୬ ପାଇଁ ୩୬’ ଆରମ୍ଭକରି ଓଡ଼ିଶାର ଅଭିବୃଦ୍ଧି ପରିବର୍ତ୍ତନ ଯାତ୍ରାକୁ ତ୍ୱରାନ୍ୱିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବୈଠକରେ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହାର ହାସଲ କରିବାକୁ ରପ୍ତାନୀ ଭିତ୍ତିକ ଉତ୍ପାଦନର ଆବଶ୍ୟକତା ଓ ବିଭିନ୍ନ ନିୟମାବଳୀର ଅନୁପାଳନ ଏବଂ ସରକାରୀ ନିୟନ୍ତ୍ରଣର ପ୍ରତିବନ୍ଧକ ହ୍ରାସ ସମ୍ବନ୍ଧରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସୂଚନା ପ୍ରଦାନ କରିଛନ୍ତି। ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ୬ଟି ସଚିବସ୍ତରୀୟ କ୍ଷେତ୍ରୀୟ ଗୋଷ୍ଠୀର ସଦସ୍ୟମାନେ ଭିଜନ ଦସ୍ତାବିଜର ବିଭିନ୍ନ ଦିଗ ଓ ଲକ୍ଷ୍ୟ ସହ ‘୩୬ ପାଇଁ ୩୬’ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକତାଗୁଡ଼ିକୁ ମିଳିତ ଭାବେ ଉପସ୍ଥାପନା କରିଛନ୍ତି। ଭିତ୍ତିଭୂମି କ୍ଷେତ୍ରକୁ ଅଧିକ ପ୍ରାଥମିକତା ଦେବାର ଆବଶ୍ୟକତା ସମ୍ବନ୍ଧରେ ଗୁରୁତ୍ୱାରୋପ କରିବା ସହ ରାସ୍ତା, ରେଳପଥ, ବନ୍ଦର ଓ ବିମାନ ଯୋଗାଯୋଗ ବ୍ୟବସ୍ଥାର ସମ୍ପ୍ରସାରଣ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରଣୟନ ନିମନ୍ତେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ରାଜ୍ୟରେ ୩ ନୂଆ ସିଭିଲ ଜଜ୍ କୋର୍ଟ ଗଠିତ

**ଭୁବନେଶ୍ୱର,୨୩।୪(ସୁନିତ୍ ମିଶ୍ର)**

ରାଜ୍ୟରେ ୩ଟି ନୂଆ ସିଭିଲ ଜଜ୍ କୋର୍ଟ (ଜୁନିୟର ଡିଭିଜନ) ଗଠିତ ହୋଇଛି। ଏହି କୋର୍ଟଗୁଡ଼ିକ ବାଲେଶ୍ୱର ଜିଲାର ବାଲିଆପାଳ, ସୁନ୍ଦରଗଡ଼ ଜିଲାର ଲେଫ୍ରିପଡ଼ା, ସମ୍ବଲପୁର ଜିଲାର ରେଙ୍ଗାଲିଠାରେ ସ୍ଥାପନ କରାଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପରାମର୍ଶ ଅନୁଯାୟୀ ରାଜ୍ୟ ସରକାର ଏହି କୋର୍ଟଗୁଡ଼ିକ ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ୩ଟି କୋର୍ଟ ଗଠନ ହେବା ପରେ ଏହିସବୁ ରାଜସ୍ୱ ତହସିଲ ଉପରେ କ୍ଷେତ୍ରାଧିକାର(ଜୁରିସ୍‌ଡିକ୍ସନ) ଥିବା ଅନ୍ୟ ସମସ୍ତ ଜୁନିୟର ଡିଭିଜନ ସିଭିଲ ଜଜ୍ କୋର୍ଟଗୁଡ଼ିକର ଅଧିକାର ସମାପ୍ତ ହୋଇଛି।

# ନିସ୍ତବ୍ଧ ଇଶାଣୀ ଗାଁ

- ଆଜି ପ୍ରଶାନ୍ତଙ୍କ ପରିବାରକୁ ଭେଟିବେ ମୁଖ୍ୟମନ୍ତ୍ରୀ
- ଫୋନ୍‌ରେ ସମବେଦନା ଜଣାଇଲେ ନବୀନ


ସରକାରୀ ଦଳ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ମାନସ କୁମାର ଦତ୍ତ ମୃତ ପ୍ରଶାନ୍ତଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା କରୁଛନ୍ତି।


**ବାଲେଶ୍ୱର, ୨୩।୪(ବାଞ୍ଛାନିଧି ଦେ)**

ବାଲେଶ୍ୱର ସଦର ବ୍ଲକ ସାରଗାଁ ପଞ୍ଚାୟତ ଅଧୀନ ଇଶାଣୀ ଗାଁ ଏବେ ନିସ୍ତବ୍ଧ। ସମସ୍ତେ ହତବାକ୍ ଓ ମ୍ରିୟମାଣ। ପ୍ରଶାନ୍ତଙ୍କ ମୃତ୍ୟୁକୁ କେହି ସହଜରେ ଗ୍ରହଣ କରିପାରୁନାହାନ୍ତି। ଗାଁ ସମେତ ସମଗ୍ର ଜିଲାରେ ସୃଷ୍ଟି ହୋଇଛି ଶୋକାକୁଳ ପରିବେଶ। ଜମ୍ମୁ-କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପ୍ରଶାନ୍ତ ଶତପଥୀ (୪୧)ଙ୍କ ମୃତ୍ୟୁକୁ ନେଇ ସବୁଠି ଗୋଟିଏ ଚର୍ଚ୍ଚା। ପରିବାର ଲୋକେ ଭୋକ ଉପାସରେ। କାନ୍ଦି କାନ୍ଦି ବୃଦ୍ଧା ମା’ ଏବେ ଶଯ୍ୟାଶାୟୀ। ଭାଇ, ଭାଉଜ, ଭଉଣୀ, ଭିଣୋଇ, ସାଙ୍ଗସାଥୀ, ବନ୍ଧୁବାନ୍ଧବ, ପଡ଼ୋଶୀ ଓ ଗ୍ରାମବାସୀଙ୍କ ଆଖିରେ ନିଦ ନାହିଁ। ସମସ୍ତେ କହୁଛନ୍ତି ସତରେ କ’ଣ ଆମ ପ୍ରଶାନ୍ତ ଆଉ ନାହିଁ। ଗାଁରେ ନିର୍ମାଣ ହେଉଥିବା ଏକ ଶିବ ମନ୍ଦିର ପାଇଁ କଶ୍ମୀରରୁ ଫେରିଲେ ସେ ଏକ ଶିବ ଲିଙ୍ଗ ଦେବେ ବୋଲି କହିଥିବା ପଡ଼ୋଶୀମାନେ କୋହଭରା କଣ୍ଠରେ କହିଛନ୍ତି।

ଇଶାଣୀ ଗ୍ରାମର ପ୍ରଶାନ୍ତ ଶତପଥୀ ବାଲେଶ୍ୱର ସିପେଟ୍‌ରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ଗତ ୧୯ ତାରିଖରେ ସ୍ତ୍ରୀ ପ୍ରିୟଦର୍ଶିନୀ ଓ ୮ ବର୍ଷୀୟ ପୁଅ ତନୁଜଙ୍କୁ ନେଇ ଜମ୍ମୁକଶ୍ମୀର ବୁଲିବା ପାଇଁ ଯାଇଥିଲେ। ସେଠାରେ ପହଞ୍ଚି ପହଲଗାମ୍‌ର ବୈସାରନ ଭ୍ୟାଲିରେ ରହିଥିଲେ। ମଙ୍ଗଳବାର ସେଠାରେ ପୁଅ ଓ ସ୍ତ୍ରୀଙ୍କ ସହିତ ପ୍ରଶାନ୍ତ ବୁଲୁଥିବା ବେଳେ ଆତଙ୍କବାଦୀମାନେ ଅତର୍କିତ ଗୁଳିମାଡ଼ କରିଥିଲେ। ପୁଅ ଓ ସ୍ତ୍ରୀଙ୍କ ସାମ୍ନାରେ ପ୍ରଶାନ୍ତଙ୍କ ମୁଣ୍ଡରେ ଗୁଳି ବାଜିଥିଲା। ସେହିଠାରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସରକାରୀ ଦଳ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ମାନସ କୁମାର ଦତ୍ତ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ସଦର ବ୍ଲକ ଅଧ୍ୟକ୍ଷା ସୁନିତା ବେହେରା, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ଜିଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ସିପେଟ୍ ଆଡ୍‌ମିନିଷ୍ଟ୍ରେଟିଭ୍ ହେଡ୍ ଉତ୍ତମ ବାରୁଆଚ, ଟେକ୍ନିକାଲ ମ୍ୟାନେଜର ନୀହାରିକା ପରିଡ଼ା ଓ ଆକାଉଣ୍ଟସ୍ ଅଫିସର ବିନ୍ଦୁ ବୈଷ୍ଣବୀ ପରିଡ଼ା ତାଙ୍କ ବାସଭବନରେ ପହଞ୍ଚି ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଫୋନ୍ ଯୋଗେ ମୃତକଙ୍କ ବଡ଼ଭାଇ ସୁଶାନ୍ତ ଶତପଥୀଙ୍କ ସହ କଥା ହୋଇ ସମବେଦନା ଜଣାଇଥିଲେ। ଅପରପକ୍ଷରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଶାନ୍ତଙ୍କ ପରିବାରକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଶ୍ରୀନଗର ଗସ୍ତରେ ଥିବା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସେଠାରେ ପ୍ରଶାନ୍ତଙ୍କ ସ୍ତ୍ରୀ ଓ ପୁଅକୁ ଭେଟି ସମବେଦନା ଜଣାଇଛନ୍ତି। ସିପେଟ୍ ଆଡ୍‌ମିନିଷ୍ଟ୍ରେଟିଭ୍ ହେଡ୍ ଉତ୍ତମ ବାରୁଆଚ କୁହନ୍ତି, ପ୍ରଶାନ୍ତ ଜଣେ ମେଳାପୀ, ଭଦ୍ର ଓ ଉତ୍ତମ ବ୍ୟକ୍ତିତ୍ୱ ଅଟନ୍ତି। ସେ ପରୋପକାରୀ ଏବଂ ସମୟାନୁବର୍ତ୍ତୀ। ତାଙ୍କୁ ହରାଇ ଆମେମାନେ ସମ୍ପୂର୍ଣ୍ଣ ମର୍ମାହତ। ତାଙ୍କ ଭଳି ଅଧିକାରୀ ମିଳିବା ବିରଳ ବୋଲି ବାରୁଆଚ କହିଛନ୍ତି। ପୂର୍ବତନ ପୋଲିସ ଅଫିସର ଭାଗବତ ସାହୁ କହନ୍ତି, ପିଲାଟି ଦିନରୁ ସେ ମେଧାବୀ ଛାତ୍ର ଭାବେ ଗାଁର ଗୌରବ ଆଣିଛନ୍ତି। ସେ ଧୀର, ନମ୍ର ଓ ଶାନ୍ତଶିଷ୍ଟ ସ୍ୱଭାବର। ରାଜନୀତିରେ ଅଂଶଗ୍ରହଣ କରନ୍ତି ନାହିଁ।

# ପାଠାଗାର ଆନ୍ଦୋଳନର ଆଉଜଣେ ପୁରୋଧା ବିକାଶ

## ସଂଗ୍ରହ କଲେଣି ୧୨ଶହ ବିରଳ ତାଳପତ୍ରପୋଥି


ପାଠାଗାରରେ ବିକାଶ କୁମାର ଶତପଥୀ।

**ବାସୁଦେବପୁର,୨୩।୪ (କାଳିପଦ ରାୟ)**

ଓଡ଼ିଶାର ପାଠାଗାର ଆନ୍ଦୋଳନ କହିଲେ ନୟାଗଡ଼ର ଦାଶରଥି ପଟ୍ଟନାୟକ (ଦାଶିଆ ଅଜା)ଙ୍କୁ ବୁଝାଏ। ତାଙ୍କ ପରେ ଓଡ଼ିଶାର ଆଉ ଜଣେ ଦାଶରଥି ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି ଭଦ୍ରକ ଜିଲା ବାସୁଦେବପୁର ପୌରାଞ୍ଚଳରେ ରହୁଥିବା ବିକାଶ କୁମାର ଶତପଥୀ(୫୯)। ତାଙ୍କ ପାଠାଗାର ଓ ସଂଗ୍ରହାଳୟରେ ବହୁ ପୁରୁଣା ୧୨ଶହ ତାଳପତ୍ର ପୋଥି ରହିଛି। ଏଥିସହ ୧୧ଶହରୁ ଊର୍ଦ୍ଧ୍ୱ ଦେଶ ବିଦେଶର ପୁରାତନ ମୁଦ୍ରା, ହଜିଯାଇଥିବା ବହୁ ବିରଳ ନୂଆ ପୁରୁଣା ଡାକଟିକେଟ, ୧୦୦ବର୍ଷ ତଳର ରେଡିଓ, ସାମୁଦ୍ରିକ ଜୀବ, ପ୍ରାଚୀନ ଘଣ୍ଟା, ପୁରାତନ ପାନବଟୁଆଠାରୁ ଆରମ୍ଭ କରି ଓଜନ ସାମଗ୍ରୀ, ଲଣ୍ଠନ, ଡିବିରି ଓ ହାତହତିଆର ପ୍ରଭୃତି ଅନେକ ସାମଗ୍ରୀ ସେ ସଂଗ୍ରହ କରିଛନ୍ତି।

ବିକାଶ କହନ୍ତି, ସେ ଅଷ୍ଟମରେ ପଢୁଥିବା ସମୟରେ ଦାଶିଆ ଅଜା ମୁଣ୍ଡରେ ଠେକା ଓ ହାତରେ ବଙ୍କୁଲି ବାଡ଼ି ଧରି ତାଙ୍କ ଗାଁକୁ ଆସିଥିଲେ। ଦାଶିଆ ଅଜାଙ୍କୁ ଦେଖି ସେ ତାଙ୍କ ସହ ସମ୍ପର୍କ ଯୋଡ଼ିଥିଲେ। ଏଥିସହ ପାଠାଗାର ଓ ସଂଗ୍ରହର ଅଜବ ସଉକ ଉପରେ ଅବଗତ ହୋଇଥିଲେ। ଦାଶିଆ ଅଜା ତାଙ୍କ କାନରେ ଗୁରୁମନ୍ତ୍ର ଦେଇ ଯାଇଥିଲେ, ମଣିଷ ଆପଣା ଧନ ପର, ଯେତେ ପାରୁଛ ମଣିଷ ଧର। ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ ୧୯୯୦ରେ କିଆ, ଚାକୁଣ୍ଡା ଘେରା ଉପକୂଳବର୍ତ୍ତୀ ଅଖ୍ୟାତପଲ୍ଲୀ ବାଲେଶ୍ୱର ଜିଲା ବାହାନଗା ବ୍ଲକ୍‌ର ମଦନାପୁରରେ ନିଜ ଜେଜେବାପାଙ୍କ ନାମରେ ସେ ଆରମ୍ଭ କରିଥିଲେ ‘ଲୋକନାଥ ପାଠାଗାର ଓ ସଂଗ୍ରହାଳୟ’। ପାଠପଢ଼ା ସାଙ୍ଗକୁ ସଂଗ୍ରହର ନିଶା ତାଙ୍କ ଯୌବନର ସାଥୀ ପାଲଟିଗଲା। ସେ ସମୁଦ୍ରର ବେଳାଭୂମିରୁ ସାମୁଦ୍ରିକ ଜୀବ, ଲେଖକମାନଙ୍କଠାରୁ ପତ୍ରପତ୍ରିକା, ପୁସ୍ତକ, ପଣ୍ଡିତମାନଙ୍କଠାରୁ ତାଳପତ୍ର ପୋଥି ଏବଂ ବିଦେଶରେ ରହୁଥିବା ବ୍ୟକ୍ତିଙ୍କଠାରୁ ବିରଳ ମୁଦ୍ରା ସଂଗ୍ରହରେ ଲାଗି ପଡ଼ିଥିଲେ। ଚାହୁଁ ଚାହୁଁ ୧୫ଖଣ୍ଡ ପତ୍ରପତ୍ରିକାରୁ ଆରମ୍ଭ ହୋଇଥିବା ପାଠାଗାରରେ ୩୫ ହଜାରରୁ ଅଧିକ ପୁସ୍ତକ ଓ ପତ୍ରପତ୍ରିକା ଗଚ୍ଛିତ ହୋଇଗଲା। ଓଡ଼ିଆ ଭାଷା ସାହିତ୍ୟରେ ଏମ୍‌ଏ ପାଠ ପଢ଼ି ମଧ୍ୟ ଚାକିରିକୁ ତୁଚ୍ଛକରି ସେ ପାଠାଗାର ଆନ୍ଦୋଳନରେ ଲାଗିପଡ଼ିଥିଲେ। ବହୁ ବାଧାବିଘ୍ନ, ଆର୍ଥିକ ସଙ୍କଟ, ପାରିବାରିକ ସମସ୍ୟାକୁ ଖାତିର ନ କରି ପାଠାଗାର ଓ ସଂଗ୍ରହାଳୟକୁ ଗୋଟିଏ ବିଶାଳ ଅନୁଷ୍ଠାନରେ ପରିଣତ କରିଥିଲେ। ମାଟ୍ରିକ୍ ପରୀକ୍ଷା ପରେ ନିଜର ପ୍ରଥମ ଶିଶୁ ସାହିତ୍ୟ ପୁସ୍ତକ ‘ଶୃଙ୍ଖଳା ଗଛର ଦଶଟି ପତ୍ର ଓ ଦଶଟି ଫୁଲ’ ପ୍ରକାଶିତ କରିବା ପରେ ଯୁକ୍ତ ୨ ପରୀକ୍ଷା ଦେଇ ‘କାଉ କୋଇଲି’ ନାମକ ପୁସ୍ତକ ପ୍ରକାଶ କରିଥିଲେ। ଏହାଦ୍ୱାରା ଓଡ଼ିଶାର ବହୁ ଲେଖକଙ୍କ ସହ ତାଙ୍କ ସମ୍ପର୍କ ଗଢ଼ି ଉଠିଥିଲା। ୧୯୯୬ରେ ‘ବାଇଚଢ଼େଇ’ ନାମକ ଶିଶୁ କିଶୋର ପତ୍ରିକା ପ୍ରକାଶନକରି ତାଙ୍କ ସମ୍ପାଦନାର ଆଉ ଏକ ପରିଚୟ ସୃଷ୍ଟି କରିଥିଲେ। ଉକ୍ତ ପାଠାଗାର ଓ ସଂଗ୍ରହାଳୟକୁ ୨୦୦୬ରେ ବାସୁଦେବପୁର ପୌରପାଳିକାର ୧୨ନଂ.ୱାର୍ଡକୁ ସ୍ଥାନାନ୍ତର କରି ଆଣିଛନ୍ତି। ଏଠାକୁ ବିଭିନ୍ନ ସମୟରେ ପରିଦର୍ଶକ, ଗବେଷକ, ବିଦ୍ୟାର୍ଥୀମାନେ ଆସି ସେମାନଙ୍କ ଆବଶ୍ୟକ ପୁସ୍ତକ ନେବା ସହ ବହୁ ପୁରାତନ ଜିନିଷ ଦେଖୁଛନ୍ତି। ଏସବୁକୁ ସେ ବିନା ଅର୍ଥରେ ଦର୍ଶକମାନଙ୍କୁ ଦେଖାଇଥାନ୍ତି।

୧୦ ବର୍ଷ ହେଲା ‘ମୋବାଇଲ ଛାଡ଼ ବହି ପଢ଼ ଅଭିଯାନ’ ଜାରି ରଖିଛନ୍ତି। ସେ ତାଙ୍କ ସାଥୀମାନଙ୍କୁ ଧରି ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଇ ପିଲାମାନଙ୍କୁ ମାଗଣାରେ ଭଲ ପୁସ୍ତକ ପଢ଼ିବାର ଅଭ୍ୟାସ ସୃଷ୍ଟି କରିବା ସହ ମୋବାଇଲରୁ କିପରି ପିଲାମାନେ ନିବୃତ୍ତ ରହିବେ, ସେଥିପାଇଁ ଉଦ୍ୟମ କରୁଛନ୍ତି। ଏଥିସହ ବିଭିନ୍ନ ସଭା ସମିତି ଓ ମେଳା ମହୋତ୍ସବକୁ ଯାଇ ତରୁଣ ପିଢ଼ିଙ୍କୁ ଆମ ପ୍ରାଚୀନ ସଂସ୍କୃତି ଉପରେ ଅବଗତ କରାଇବା ପାଇଁ ବିରଳ ଜିନିଷର ପ୍ରଦର୍ଶନୀ କରି ସେ ସମ୍ପର୍କରେ ଅତୀତର ସ୍ମୃତି ବଖାଣୁଛନ୍ତି। ନିଜସ୍ୱ ଉଦ୍ୟମରେ ଚଳାଇଥିବା ଏଇ ପାଠାଗାର ଓ ସଂଗ୍ରହାଳୟ ଯୁବପିଢ଼ିଙ୍କୁ ନିଜ ଗାଁ, ମାଟି ଓ ପରିବେଶର ସୁରକ୍ଷା ପାଇଁ ପ୍ରେରଣା ଯୋଗାଇବ ବୋଲି ବିକାଶ କହନ୍ତି।



ଅତିମାନସ ଉପଲବ୍ଧି ହେଲା– ଯେଉଁ ସତ୍ୟ ଊର୍ଦ୍ଧ୍ୱ ଲୋକରୁ ଆସୁଛି– ତା'ସହିତ ନିମ୍ନଲୋକ ବା ଅଧୋଲୋକରୁ ଆସୁଥିବା ସତ୍ୟ ସହିତ ସଂପୂର୍ଣ୍ଣ ମିଳନର ଉପଲବ୍ଧି । –ଶ୍ରୀମା

–ବରୁଥିନୀ ଏକାଦଶୀ,
ଶରଣ ଶେଷ, ହଳ ନିଷେଧ



# ମୁଁ ଓ ମୋର



ଦେବଦତ୍ତ ପଟ୍ଟନାୟକ

ମାନବ ସମାଜରେ ବ୍ୟକ୍ତିବାଚକ ସର୍ବନାମ 'ମୋ' ଶବ୍ଦରେ ସବୁକିଛିର ମୂଲ୍ୟ ନିହିତ ରହିଛି । ଆମେ କହିଥାଉ ଏ ଜାଗା ମୋର । ଏ ଦେହ ମୋର । ବାସ୍ତବରେ କୌଣସି ଜମି କୌଣସି ପ୍ରାଣୀ କିମ୍ବା ଉଦ୍ଭିଦର ନୁହେଁ । ସମସ୍ତେ ଅଞ୍ଚଳ ପାଇଁ ଲଢ଼େଇ କରନ୍ତି ଏବଂ ନିଜର ବୋଲି କହିଥାଆନ୍ତି । ଏହା ବ୍ୟତୀତ କୌଣସି ଶରୀର କାହାର ନିଜର ନୁହେଁ । ପ୍ରକୃତରେ କୌଣସି ପ୍ରାଣୀର ତା' ଶରୀର ଉପରେ ଅଧିକାର ନାହିଁ । ଏହା ହେଉଛି ଭୋକିଲାଙ୍କର ଖାଦ୍ୟ । ଏହା ଦିନେ ନା ଦିନେ କାହାର ଆହାର ପାଲଟିବ । କହିବାକୁ ଗଲେ ମଣିଷ ନିଜେ ନିୟମ ସୃଷ୍ଟି କରିଛି, ଯେଉଁଥିରେ ଆମେ ଜାଗା, ଗଛ, ପଶୁ ଉପରେ ଆମ ମାଲିକାନା ସାବ୍ୟସ୍ତ କରିପାରୁଛୁ । ଅନ୍ୟ ଲୋକ ଓ ବିଚାର ଉପରେ ମଧ୍ୟ ଆମ ମାଲିକାନା ଦାବି କରିପାରୁଛୁ । ଏହି ମଣିଷକୃତ ନିୟମଗୁଡ଼ିକ ଜଣେ ମହିଳାଙ୍କୁ ସ୍ତ୍ରୀ ମାନ୍ୟତା ଦେଇଥାଏ । ଏସବୁ ମଧ୍ୟ ନିଃସନ୍ତାନମାନଙ୍କୁ ପୋଷ୍ୟପୁତ୍ର ଗ୍ରହଣ କରି ନିଜ ସମ୍ପତ୍ତି ହସ୍ତାନ୍ତର କରିବାକୁ ଅନୁମତି ଦିଏ । ପଣ୍ଡୁ ଏଭଳି କରିଥିବା ମହାଭାରତରେ ବର୍ଣ୍ଣନା ରହିଛି । ଏହି ଆଇନ ବଳରେ ବିଭିନ୍ନ ସମୁଦାୟ ପବିତ୍ର ସହରଗୁଡ଼ିକ ସେମାନଙ୍କର ବୋଲି ଦାବି କରିବା ଆରମ୍ଭ କଲେଣି । ଦେଖିବାକୁ ଗଲେ ବରଫ ଯୁଗ କିମ୍ବା କୃଷି ବିପ୍ଳବ



ପୂର୍ବରୁ କୌଣସି ଜେରୁଜେଲମ କିମ୍ବା କାଶୀ ନ ଥିଲା । ତାରବାଡ଼ ଦେଇ ସୁରକ୍ଷିତ କରିବା ପରେ ଏହି ସ୍ଥାନଗୁଡ଼ିକ ସାମ୍ନାକୁ ଆସିଲା ।

ଗୁରୁ ସବୁବେଳେ ନିର୍ଲିପ୍ତ କଥା କହିଥା'ନ୍ତି । ସମ୍ପତ୍ତିଠାରୁ ଦୂରେଇ ରହିବାକୁ କହନ୍ତି । ଗୁରୁ (ମହିଳା ହୁଅନ୍ତୁ କି ପୁରୁଷ)ଙ୍କୁ କିମ୍ବା ତାଙ୍କ ଆଶ୍ରମ, ଚର୍ଚ୍ଚ କିମ୍ବା ମନ୍ଦିରକୁ ଧନସମ୍ପତ୍ତି ସବୁ ଦେଇଦେଇ ସେଥିରୁ ଲୋଭ ଛାଡ଼ିବା ପାଇଁ ତୁମକୁ ଉତ୍ସାହିତ କରିଥା'ନ୍ତି । ଅନ୍ୟର ଧନସମ୍ପତ୍ତି ହାସଲ କରିବା ପାଇଁ ଏହା ହେଉଛି ସେମାନଙ୍କର ଏକ ଚତୁର କୌଶଳ । ଗୁରୁମାନେ ରଙ୍ଗିନ୍ ପୋଷାକ ପିନ୍ଧି ତ୍ୟାଗୀ ବା ନିର୍ଲିପ୍ତ ଭାବନାର ଛଳନା କରନ୍ତି । ସେମାନେ ଏହା ସପକ୍ଷରେ ଯୁକ୍ତି କରନ୍ତି । କାରଣ ସେମାନେ ସେମାନଙ୍କ ବିଚାର ଉପରେ ଦୃଢ଼ ବିଶ୍ୱାସ ରଖିଥାନ୍ତି । ଆମେରିକାରେ 'ମୋ' ସିଦ୍ଧାନ୍ତ ପ୍ରକୃତରେ ସତ ବୋଲି ବାମପନ୍ଥୀମାନେ ଯୁକ୍ତି କରୁଛନ୍ତି । ଦାର୍ଶନିକମାନେ ବୈଜ୍ଞାନିକଙ୍କ ସହ ସମାନ ସ୍ଥିତି ପାଇଁ ଲଢ଼େଇ କରୁଛନ୍ତି । ଜୀବବିଜ୍ଞାନ ଉପରେ ମନୋବିଜ୍ଞାନ ବିଜୟ ପ୍ରାପ୍ତ କରିଛି ବୋଲି ଯୁକ୍ତି କରୁଛନ୍ତି । ଲକ୍ଷ୍ୟ ହେଉଛି ବ୍ୟବସ୍ଥାକୁ ଭାଙ୍ଗି ଅରାଜକତା ସୃଷ୍ଟି କରିବା । ଏହି ସମୟରେ ଦକ୍ଷିଣପନ୍ଥୀମାନେ ସେମାନଙ୍କ ଧର୍ମୀୟ ମୂଲ୍ୟବୋଧକୁ ସତ୍ୟ ବୋଲି ଦର୍ଶାଉଛନ୍ତି । ସେମାନେ ଧର୍ମନିରପେକ୍ଷ ବ୍ୟବସ୍ଥାଗୁଡ଼ିକର ମୂଲ୍ୟବୋଧକୁ ଚ୍ୟାଲେଞ୍ଜ କରୁଛନ୍ତି । ଦେଖିବାକୁ ଗଲେ ଲୋକମାନେ ନିଜ ଭିତରେ ଏବଂ ବିଚାରଗୁଡ଼ିକୁ ନେଇ ଲଢ଼େଇ କରୁଛନ୍ତି । ପ୍ୟାଣ୍ଟେଣ୍ଟକୁ ନେଇ ଶିଳ୍ପଗୁଡ଼ିକ ନିଜ ମଧ୍ୟରେ ଏବଂ କୁକୁରମାନେ ହାଡ଼ଖଣ୍ଡେ ପାଇଁ ନିଜ ମଧ୍ୟରେ ଲଢ଼େଇ କରୁଛନ୍ତି ।

ମହାଭାରତରେ କୃଷ୍ଣ ପାଣ୍ଡବଙ୍କୁ ଏକ ପ୍ରଶ୍ନ କରିଥିଲେ । ତାଙ୍କୁ କିମ୍ବା ତାଙ୍କ ସେନା ମଧ୍ୟରୁ କାହାକୁ ଚାହାନ୍ତି ବୋଲି ସେମାନଙ୍କୁ କୃଷ୍ଣ ପଚାରିଥିଲେ । ଏଠାରେ 'ସେ' ଓ 'ତାଙ୍କ'ର କଥା ଉଠିଛି । ସେ ହେଉଛନ୍ତି ନାରାୟଣ । ତାଙ୍କ ସେନା ହେଉଛି ନାରାୟଣୀ । କୌରବମାନେ ନାରାୟଣୀ (ତାଙ୍କର)ଙ୍କୁ ପସନ୍ଦ କରିଛନ୍ତି । ଅପରପକ୍ଷେ ପାଣ୍ଡବମାନେ ନାରାୟଣ (ସେ ଅର୍ଥାତ୍ କୃଷ୍ଣ)ଙ୍କୁ ବାଛିଛନ୍ତି । ନାରାୟଣୀ ନାରାୟଣ ନୁହେଁ ବୋଲି ଆମେ ସବୁବେଳେ ବିଚାର କରୁ । ନାରାୟଣ ହେଉଛନ୍ତି ଧନୀର ଧନ ଏବଂ କ୍ଷମତାଶାଳୀର ଶକ୍ତି ଏବଂ ଜ୍ଞାନୀର ଜ୍ଞାନ । ଆମେ ଏକ ଦେଣନେଣ ବିଶ୍ୱରେ ବାସକରୁ । ଏଠାରେ ମୋ ପାଖରେ କିମ୍ବା ତୁମ ପାଖରେ ଯାହା ଅଛି ତାହାର ବିନିମୟ କରିଥାଉ । ଏଠାରେ ମୁଁ କିଏ ଏବଂ ତୁମେ କିଏ, ତାହା ମଧ୍ୟରେ ପ୍ରକୃତରେ କୌଣସି ସମ୍ପର୍କ ନାହିଁ । ଏହି ତୁମେ ଓ ମୁଁ ହେଉଛି ଅଦୃଶ୍ୟ ବା ନିର୍ଗୁଣ । ଏହା ହେଉଛି ଆମ ଭୟ, କାମନା ଏବଂ ଭାବନାର ସମାହାର । ସଗୁଣ ବା ଦୃଶ୍ୟମାନ ଦୁନିଆ ଯଥା ସମ୍ପତ୍ତି, ଶରୀର ଏବଂ ତୁମର ଯୁକ୍ତି ଉପରେ ଧ୍ୟାନ ଦେବା ସହଜ ।

ଆଜକୁ ୨୫୦୦ ବର୍ଷ ପୂର୍ବେ ଗୌତମ ବୁଦ୍ଧ ନିର୍ବାଣ କଥା ଏବଂ ୧୭୦୦ ବର୍ଷ ପୂର୍ବେ ନାଗାର୍ଜୁନ ସଗୁଣ ବିଷୟରେ କହିଥିଲେ । ଯଦି 'ମୋ'ର ଅସ୍ତିତ୍ୱ ନ ରହେ, ତେବେ ଆଉ କ'ଣ ରହିବ ବୋଲି କହି ସେମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ । ବାସ୍ତବରେ 'ମୁଁ' ଅଛି କି? ଜୈନ ଦାର୍ଶନିକମାନେ କହିଥିଲେ, ଏହି 'ମୁଁ' ହେଉଛି ଶୁଦ୍ଧ ଜ୍ଞାନ (କୈବଲ୍ୟ) । ଏହା ହେଉଛି ଏକ ଅନୁଭବ । ମୁଁ ଆମ ଶରୀରକୁ ସୂଚିତ କରେ, ଯାହା ଅନ୍ୟମାନଙ୍କ ଖାଦ୍ୟ ଉପଯୋଗୀ । ସେଥିପାଇଁ ଆମରଣ ଉପବାସ କରିବା ସହଜ ନୁହେଁ । ଯେତେବେଳେ କେହି ତୁମ ଶରୀରକୁ ନିର୍ଯାତନା ଦେବ କିମ୍ବା ଶରୀର ଉପରେ ମଳମୂତ୍ର ଗଦା କରିବ, ସେତେବେଳେ ତୁମେ ଶାନ୍ତ ହୋଇ ରହିବା ମଧ୍ୟ ସହଜ ନୁହେଁ । ଯେଉଁମାନେ ସ୍ୱଇଚ୍ଛାରେ ସେମାନଙ୍କ 'ମୁଁ' ଭାବନା ବା ଶରୀର ତ୍ୟାଗ କରିବାକୁ ସକ୍ଷମ ହୋଇଥିଲେ, ସେମାନେ ସ୍ୱତନ୍ତ୍ର କ୍ଷମତାର ଅଧିକାରୀ ଥିଲେ । ଏହା ଥିଲା ସନ୍ନ୍ୟାସୀଙ୍କ ସମାଧି ଅବସ୍ଥା । ଏହା ଥିଲା ବାସ୍ତବରେ ନିର୍ଲିପ୍ତ ଓ କାମନାମୁକ୍ତ ଅବସ୍ଥା ।

କୃଷ୍ଣ ଗୀତାରେ ନିର୍ଲିପ୍ତ ବିଷୟରେ କହିଛନ୍ତି । ଅର୍ଜୁନ ଜଣେ ରାଜକୁମାର ଭାବେ ଜୀବନ ଜିଇ ନ ଥିଲେ ବି ମହାଭାରତ ଯୁଦ୍ଧରେ ତାଙ୍କ ବିଶେଷାଧିକାର ପ୍ରାପ୍ତ ଜୀବନର ଚରମ ମୂଲ୍ୟ ଦେବାକୁ ଥିବାବେଳେ ସେ କିଭଳି ଦୁନିଆକୁ ଛାଡ଼ିଯିବାକୁ ଭାବୁଛନ୍ତି ତାହା କୃଷ୍ଣ ତାଙ୍କୁ ସୂଚିତ କରିଛନ୍ତି । ଏହା ହେଉଛି ଧନିକର ଅସ୍ତିତ୍ୱର ସଙ୍କଟ ଭଳି କଥା, ଯେତେବେଳେ ତାଙ୍କୁ ଟିକସ ଦେବାକୁ କୁହାଯାଏ । କିନ୍ତୁ ଯେତେବେଳେ ସବ୍‌ସିଡି କିମ୍ବା ଲାଇସେନ୍ସ ନେବା କଥା କୁହାଯାଏ, ସେତେବେଳେ ସେମାନଙ୍କ କୌଣସି ସମସ୍ୟା ନ ଥାଏ । ପ୍ରଥମରୁ ଅର୍ଜୁନ ବନବାସରେ ଥିବାବେଳେ ସେ ଶିକାର ଉପରେ ସ୍ୱତନ୍ତ୍ର ଅଧିକାର ଦାବି କରିଥିଲେ, କାରଣ ଜଣେ ରାଜକୁମାର ଭାବେ ତାଙ୍କ ସାମାଜିକ ସ୍ଥିତି ଥିଲା ଉଚ୍ଚରେ । ହେଲେ ଶିବ ଜଣେ ଆଦିବାସୀ ଶିକାରୀ ରୂପରେ ଆସି ଅର୍ଜୁନଙ୍କୁ ସ୍ମରଣ କରାଇ ଦେଇଥିଲେ ଯେ, ସ୍ଥିତି ସମାଜରେ ହିଁ ରହିଛି, ବାହାର ଜଙ୍ଗଲରେ ନାହିଁ । ସାମାଜିକ ସ୍ଥିତି ବଂଶାନୁକ୍ରମିକ ବ୍ୟବସ୍ଥାରେ ବଳପୂର୍ବକ ଭାବେ ସ୍ଥାପିତ ହୋଇଛି, ଜନ୍ମରୁ ଏହା ସାମାଜିକ ପଦାନୁକ୍ରମରେ ସୃଷ୍ଟି ହୋଇନାହିଁ । କୌଣସି ସମାଜରେ ତୁମେ ପ୍ରଭୁତ୍ୱର ଉଚ୍ଚ ପଦବୀ ପାଇପାରିବ, କାରଣ ତୁମେ ଜଣେ କ୍ଷମତାଶାଳୀ ବ୍ୟକ୍ତିର ପୁଅ । ତୁମେ ହେଉଛ ତୁମର, କାରଣ ତୁମେ ହେଉଛ ଅନ୍ୟ କାହାର ସମ୍ପତ୍ତି । 'ମୋ' ପିଲା 'ମୋ' ସମ୍ପତ୍ତି ପାଏ– ଏଭଳି ଭାଗ୍ୟକୁ ଆମେ କର୍ମ ଏବଂ ଭଗବାନ୍‌ଙ୍କ ଭଲ ପାଇବା ସମ୍ପର୍କିତ କାହାଣୀଗୁଡ଼ିକ ଦ୍ୱାରା ବୁଝାଇପାରିବା, ଯେଉଁ କାହାଣୀ 'ମୋ' ବିଚାର ଉପରେ ଆଧାରିତ ନୁହେଁ ।

–devduttofficial@gmail.com

# ପଞ୍ଚାୟତିରାଜ ଦିବସର ସଂକଳ୍ପ



ମୋହନ ଚରଣ ମାଝୀ

ଆଜି ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସ । ୭୩ତମ ସମ୍ବିଧାନ ସଂଶୋଧନ ସହ ତୃଣମୂଳ ସ୍ତରର ଗଣତନ୍ତ୍ରର ବିଜୟ ଦିବସ । ଏହି ଅବସରରେ ମୁଁ ରାଜ୍ୟର ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାର ସମସ୍ତ ପ୍ରତିନିଧି ଓ ସବୁ ଗ୍ରାମାଞ୍ଚଳ ଭାଇଭଉଣୀମାନଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଉଛି ।

ଗ୍ରାମାଞ୍ଚଳର ଜନସମୁଦାୟକୁ ସଶକ୍ତ କରିବା, ସେମାନଙ୍କୁ ସେମାନଙ୍କ ସ୍ଥାନୀୟ ବିକାଶ କାମରେ ନିର୍ଣ୍ଣୟ ଓ କ୍ରିୟାନ୍ୱୟନ ପ୍ରକ୍ରିୟାରେ ସକ୍ରିୟ ଭାଗୀଦାର କରିବା ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ଦ୍ରୁତ ବିକାଶ କରିବା ପାଇଁ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାର ପରିକଳ୍ପନା ।

ସମ୍ବିଧାନରେ ପଞ୍ଚାୟତି ବ୍ୟବସ୍ଥାକୁ କ୍ଷମତା ହସ୍ତାନ୍ତର ଏବଂ ସ୍ଥାନୀୟ ନିର୍ବାଚିତ ଜନପ୍ରତିନିଧି ତଥା ସ୍ଥାନୀୟ ଲୋକମାନଙ୍କର ଭାଗୀଦାରି ଓ ନିର୍ଣ୍ଣୟ ପ୍ରକ୍ରିୟାରେ ବଡ଼ ଯୋଗଦାନ ପ୍ରକ୍ରିୟାକୁ ସମ୍ମାନ ଓ ମାନ୍ୟତା ଦେବାସହ ରାଜ୍ୟ ବିକାଶ ପ୍ରକ୍ରିୟାରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସବୁ ପ୍ରକାର ଅଧିକାର ଓ ପ୍ରୋତ୍ସାହନ ଦେବାପାଇଁ ମୋ ସରକାର ପ୍ରତିଶ୍ରୁତିବଦ୍ଧ ।

ଆଜି ମୁଁ ଅତ୍ୟନ୍ତ ଖୁସି ଆମ ରାଜ୍ୟ ଓଡ଼ିଶା ପ୍ରଥମ ଥର ପାଇଁ ସାରା ଦେଶରେ ପାଳନ କରାଯାଉଥିବା ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସରେ ସାମିଲ ହୋଇ ସମାନ ଦିନରେ ପଞ୍ଚାୟତିରାଜ ଦିବସ ପାଳନ କରୁଛି । ବିଜୁବାବୁଙ୍କ ଜନ୍ମଦିନ ମାର୍ଚ୍ଚ ୫ ବଦଳରେ ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସ ଏପ୍ରିଲ ୨୪ରେ ଆମେ ଆଜି ଏହି ଦିବସ ପାଳନ କରୁଛେ ।

ଏହି ନିର୍ଣ୍ଣୟ ପରେ କିଛି ରାଜନୈତିକ ବନ୍ଧୁ ପ୍ରତିବାଦ ଓ ବିରୋଧ କରିଥିଲେ । ମୁଁ ପୁଣିଥରେ ସ୍ପଷ୍ଟ କରିଦେବାକୁ ଚାହେଁ ରାଜ୍ୟର ସବୁ ବରପୁତ୍ର ଓ ମହାପୁରୁଷମାନଙ୍କ ପ୍ରତି ମୋ ସରକାରର ଯଥେଷ୍ଟ ସମ୍ମାନ ରହିଛି । ମାତ୍ର ସାରା ଦେଶ ଯେତେବେଳେ ଗୋଟିଏ ଦିନରେ ପଞ୍ଚାୟତିରାଜ ଦିବସ ପାଳନ କରୁଛି ସେତେବେଳେ ଆମ ରାଜ୍ୟ ସେହି ନିର୍ଦ୍ଦିଷ୍ଟଦିନ ପରିବର୍ତ୍ତେ ଅନ୍ୟ ଏକ ତାରିଖରେ ଏହି ଦିନଟିକୁ ପାଳନ କରିବା ସମୀଚୀନ ହେବ ନାହିଁ । ଓଡ଼ିଶା ନିଜସ୍ୱ ପରିଚୟକୁ ଗୁରୁତ୍ୱ ଦେବାସହ ରାଷ୍ଟ୍ରୀୟ ସ୍ରୋତରେ ସାମିଲ ହେବା ଜରୁରୀ । ତେଣୁ ଆଜିଦିନ ଏପ୍ରିଲ ୨୪ ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସ ପାଳନରେ ଓଡ଼ିଶା ବି ସାମିଲ ହୋଇଛି ।

ଓଡ଼ିଶାର ଗ୍ରାମାଞ୍ଚଳର ମୋର ପ୍ରିୟ ଭାଇଭଉଣୀମାନଙ୍କୁ ମୁଁ ଆଶ୍ୱସ୍ତ କରିବାକୁ ଚାହେଁ, ମୋ ସରକାର ରାଜ୍ୟରେ ଗ୍ରାମାଞ୍ଚଳର ବିକାଶ ମାଧ୍ୟମରେ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବଦ୍ଧପରିକର । ଗ୍ରାମାଞ୍ଚଳର ଦ୍ରୁତ ବିକାଶ ପାଇଁ ରାଜ୍ୟର ସେହି ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କର ବିକାଶ ପ୍ରକ୍ରିୟାରେ ସାମିଲ ହେବା ଜରୁରୀ । ଆମର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ସହ ଜନଭାଗୀଦାରି ଆଧାରରେ ଗ୍ରାମାଞ୍ଚଳର ଦ୍ରୁତ ବିକାଶ ସମ୍ଭବ ବୋଲି ମୋର ଦୃଢ଼ ବିଶ୍ୱାସ ।

ଗ୍ରାମାଞ୍ଚଳରେ ବସବାସ କରୁଥିବା ମୋର ପ୍ରିୟ ଭାଇଭଉଣୀମାନେ ଏବଂ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ଜନପ୍ରତିନିଧିମାନଙ୍କୁ ମୁଁ ପୁଣିଥରେ ଭାବାବେଗର ସହ ଅବଗତ କରିବାକୁ ଚାହେଁ ଯେ, ମୋର ରାଜନୈତିକ ଜୀବନ ସରପଞ୍ଚ ନିର୍ବାଚନ ଲଢ଼ି ଆରମ୍ଭ କରିଥିଲି । ୧୯୯୭ ମସିହାରେ କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ରାଇକଳା ପଞ୍ଚାୟତର ସରପଞ୍ଚ ହୋଇଥିଲି । ରାଜନୀତିର ଆଦ୍ୟ ପାହାଚରେ ଜଣେ ତୃଣମୂଳସ୍ତରର ଜନପ୍ରତିନିଧିର ଅନୁଭବ ମୋ ମନରେ ଆଜି ତାଜା ଅଛି । ପଞ୍ଚାୟତ ମୁଖ୍ୟରୁ ରାଜ୍ୟ ସରକାରରେ ମୁଖ୍ୟ, ଯାତ୍ରାର ଅଢ଼େଇ ଦଶନ୍ଧିରୁ ଅଧିକ ସମୟ ବିତିଛି । ମୁଁ ସାରା ଓଡ଼ିଶା ବୁଲିଛି । ବିଧାନସଭାର ସଦସ୍ୟ ଭାବେ ରାଜ୍ୟର ଅନୁସୂଚିତ ଜାତି–ଜନଜାତି , ପଛୁଆବର୍ଗ ଏବଂ ଏହାସହ ରାଜ୍ୟର ଅପହଞ୍ଚ ଅବହେଳିତ ଜନତାଙ୍କ ସମସ୍ୟାକୁ ଜଣେ ବିଧାୟକ ଭାବରେ ମୁଖରହୋଇ ଉଠାଇଛି ।

ସବୁ ଅନୁଭବ ଆଧାରରେ ଗୋଟିଏ ନିଷ୍କର୍ଷ ମୋ ପାଖରେ ଅଛି, ଜନଭାଗୀଦାରି ବିନା ବିକାଶକୁ ବଡ଼ ଗତି ଦେବା ଅସମ୍ଭବ । ସରକାର–ପ୍ରଶାସନ ଏକଚାଟିଆ ଭାବରେ ବିକାଶର ଠିକା ନେଇ ପାରିବେ ନାହିଁ । ପଞ୍ଚାୟତିରାଜ ବ୍ୟବସ୍ଥାର ସକ୍ରିୟ ଅଂଶଗ୍ରହଣ ବିନା ରାଜ୍ୟ ରାଜଧାନୀ ଏବଂ ଜିଲ୍ଲା ମୁଖ୍ୟାଳୟରୁ ପରିଚାଳନା କରି ଲୋକଙ୍କୁ ବିକାଶ କାମରେ ବଡ଼ ଭାଗୀଦାରି ସମ୍ଭବ ନୁହେଁ । ଆପଣମାନେ ପଞ୍ଚାୟତିରାଜ ବ୍ୟବସ୍ଥାର ସକ୍ରିୟ ଅଂଶଗ୍ରହଣକାରୀମାନେ, ଆପଣ ୱାର୍ଡମେମ୍ବରରୁ ଜିଲ୍ଲା ପରିଷଦ ସଦସ୍ୟ । ତୃଣମୂଳ ସ୍ତରର ସବୁ ରାଜନୈତିକ ଦଳ, ସାମାଜିକ ସଙ୍ଗଠନ ତଥା ଜାଗ୍ରତ ନାଗରିକ ସମୂହଙ୍କ ଇଚ୍ଛାଶକ୍ତି ହିଁ ଆମ ତୃଣମୂଳର ଜନତାଙ୍କୁ ଜାଗ୍ରତ କରିପାରିବ । ଆଜି ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସର ଶୁଭ ଅବସରରେ ଆପଣଙ୍କ ଅଞ୍ଚଳର ବିକାଶ ମାଧ୍ୟମରେ ରାଜ୍ୟ ବିକାଶର ବଡ ଯୋଗଦାନ ଦେବାକୁ ଆହ୍ୱାନ ଜଣାଉଛି ।

ମୋର ମନେଅଛି ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ନେବାର ପ୍ରାରମ୍ଭିକ ବର୍ଷମାନଙ୍କରେ ତାଙ୍କର ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସରେ ତାଙ୍କର ସରପଞ୍ଚ ଓ ଗାଁ ପ୍ରଧାନମାନଙ୍କ ସହ ଭାବବିନିମୟର କଥା । ମୋର ମନେ ଅଛି ସେହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀମାନେ ଗ୍ରାମାଞ୍ଚଳର ବିକାଶ ପାଇଁ ପଞ୍ଚାୟତିରାଜ ସଂସ୍ଥାମାନଙ୍କୁ ଆର୍ଥିକ ଅନୁଦାନର ବଡ଼ ବ୍ୟବସ୍ଥାର ସୂଚନା ଦେଇଥିଲେ । ଆଗାମୀ ବର୍ଷଗୁଡ଼ିକ ପାଇଁ କେମିତି ବଜେଟରେ ଆହୁରି ବଡ଼ ବ୍ୟୟ ବରାଦର ପ୍ରସ୍ତୁତି ଚାଲିଛି ତା'ର ହିସାବ ଦେଇଥିଲେ । ମୋଦିଙ୍କ କେନ୍ଦ୍ର ସରକାର ହେଉ ବା ଆପଣଙ୍କ ମୋହନ ସରକାର ଆମେ ଗାଁ ବିକାଶ ପାଇଁ ଆର୍ଥିକ ସହାୟତା ବଡ଼ କରିବୁ ।

ମାତ୍ର ସେ ବର୍ଷ ମୋଦି କହିଥିବା କିଛି କଥା ମୋ ମନରେ ଗଭୀର ରେଖାପାତ କରିଥିଲା । ଆଜି ଏହି ପ୍ରସଙ୍ଗରେ ଲେଖିଲାବେଳେ ସେ ଭାଷଣ ମୋର ମନେପଡୁଛି । ମୋଦିଜୀ କହିଥିଲେ, ବଜେଟ ଆସିବ ଖର୍ଚ୍ଚ ହେବ । ଏହା ରୁଟିନ କାମ । ମାତ୍ର ବିନା ବଜେଟରେ ନିଜର ନେତୃତ୍ୱରେ ନୂଆ କ'ଣ କରିହେବ ତାକୁ ଚିନ୍ତା କରନ୍ତୁ । ଗ୍ରାମ ସଡ଼କ ପ୍ରସ୍ତୁତ ହେଲା ଜଣେ ସରପଞ୍ଚ ଗାଁ ଯୁବକଙ୍କୁ ଏକାଠି କରି ଉଭୟ ପାର୍ଶ୍ୱରେ ବିନା ଖର୍ଚ୍ଚରେ ବୃକ୍ଷରୋପଣ କଲେ । ଦୁଇ ଅଢ଼େଇ କିଲୋମିଟର ରାସ୍ତା ସବୁଜ ଗଛରେ ଭରିଗଲା ।

ଜଣେ ସରପଞ୍ଚ ବିନା ବଜେଟରେ ଖାଲି ନିଜର ଇଚ୍ଛା ଶକ୍ତି ଓ ନେତୃତ୍ୱରେ ଅନେକ ପରିବର୍ତ୍ତନର ସମ୍ଭାବନା କରିପାରିବା କଥା କହିଥିଲେ ମୋଦି । ପଞ୍ଚାୟତ ବଜେଟ ବାହାରେ ଗାଁରେ ସରକାର ଅନେକ କାମରେ ଅର୍ଥ ଖର୍ଚ୍ଚ କରୁଛନ୍ତି । ଅଙ୍ଗନୱାଡ଼ି–ଆଶା–ଗାଁ ସ୍କୁଲ ତ ପଞ୍ଚାୟତର ବଜେଟରୁ ଚାଲୁନି । ମାତ୍ର ଆମ ଗାଁରୁ ଗୋଟିଏ ବି ପିଲା ସ୍କୁଲ ଡ୍ରପ୍ ଆଉଟ୍ ହେବନି ଏକଥା ତୃଣମୂଳ ସ୍ତରର ଜନପ୍ରତିନିଧି ଯଦି ପଣ କରନ୍ତି ତା'ହେଲେ ଜନ ଭାଗୀଦାରିରେ ତାହା ସମ୍ଭବ ।

ଆପଣ ଥରେ ଭାବନ୍ତୁ ଆମ ରାଜ୍ୟରେ ସ୍କୁଲ ଡ୍ରପ୍ ଆଉଟ୍ ବଡ଼ ସମସ୍ୟା । ଯଦି ଆପଣମାନେ ଆପଣଙ୍କ ଇଚ୍ଛାଶକ୍ତିରେ ସ୍କୁଲ ଡ୍ରପ୍ ଆଉଟ୍ ବନ୍ଦ କରିଦେଇପାରିବେ ତେବେ ଆପଣ ଓଡ଼ିଶାର କି ପ୍ରକାର ବିକାଶ କରିବେ କଳ୍ପନା କରିପାରିବେନି । ପରିବାର ବା ବ୍ୟକ୍ତି ନୁହେଁ ଆପଣ ପୂରା ପିଢ଼ି ଗଢ଼ି ଦେଇପାରିବେ ।

ଆମ ଗାଁମାନଙ୍କରେ ସାମାଜିକ ଜୀବନ ଆଧୁନିକତାର ପ୍ରଭାବରେ ଖରାପ ହେଉଛି । ମାତ୍ର ଗାଁରେ ଆଜି ବି ଭାଇଚାରା ବଞ୍ଚିଛି । ଗାଁର ଲୋକେ ଏବଂ ଗାଁର ପିଲାମାନେ ବଡ଼ ଚାକିରି ବ୍ୟବସାୟ କରି ରାଜ୍ୟ ଓ ଦେଶର ବିଭିନ୍ନ ସ୍ଥାନରେ ରହୁଛନ୍ତି । ବର୍ଷରେ ଗାଁରେ ଗୋଟିଏ ଦିନ ସମସ୍ତଙ୍କୁ ଏକାଠି କରି ଭୋଜିଭାତ ଓ ଭାବର ଆଦାନପ୍ରଦାନ କଲେ କେମିତି ହୁଅନ୍ତା ? ଗାଁର ପିଲା ଯିଏ ଜୀବନରେ ବଡ଼ ହୋଇଛି ସେ କ'ଣ ଅନ୍ୟମାନଙ୍କୁ ପ୍ରେରଣା ଦେଇପାରିବ ନାହିଁ ? ସ୍ୱଚ୍ଛଳ ଲୋକ ଗାଁର ଗରିବ ଓ ଅସହାୟଙ୍କ ପାଇଁ ସହଯୋଗର ହାତ ବଢ଼ାଇପାରିବ ନା ନାହିଁ ?

ଆମ ରାଜ୍ୟରେ ଅପପୁଷ୍ଟି ଏକ ବଡ଼ ସମସ୍ୟା । ସରକାର ପୁଷ୍ଟି ସାଧନ ପାଇଁ ବଡ଼ ପଦକ୍ଷେପ ଓ ଯୋଜନା କରୁଛନ୍ତି । କିନ୍ତୁ ମୋର ଅପେକ୍ଷା ଗାଁରେ ଓ ସହରର ସ୍ୱଚ୍ଛଳ ଲୋକମାନେ ନିଜ ପରିବାର ପାଖରେ ଥିବା ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ନ ଥିବା ଗର୍ଭବତୀ ମା' ଓ ନବଜାତକ ଓ ଛୋଟପିଲାମାନଙ୍କ ପାଇଁ ସ୍ୱେଚ୍ଛାକୃତ ଭାବରେ କିଛି କରିବା ଉଚିତ । ତୃଣମୂଳ ଜନପ୍ରତିନିଧି ଭାବରେ ସାମାଜିକ ଓ ରାଜନୈତିକ କର୍ମୀ ଭାବରେ ଆମେ ଆମର କାମ କରିବା । ମାତ୍ର ଯଦି ଆମେ ଚାହିଁବା ତେବେ ଆମେ ନୂଆ ପିଢ଼ି ଗଢ଼ିବାରେ ମଧ୍ୟ ଆମର ବଡ଼ ଯୋଗଦାନ ଦେଇପାରିବା ।

ପଞ୍ଚାୟତକୁ ଅନୁଦାନ, ସମ୍ବିଧାନ, ଦିଶା ନିର୍ଦ୍ଦେଶ ମୁତାବକ ଅଧିକାର ଓ ଦାୟିତ୍ୱ ପ୍ରଦାନ, ପଞ୍ଚାୟତର ବଜେଟ ଉପଯୋଗରେ ସକ୍ରିୟତା ଏହା ନିରନ୍ତର ପ୍ରକ୍ରିୟା । ମୋ ସରକାର ଲୋକ ବିକାଶର ସବୁ ଆବଶ୍ୟକତା ପୂରଣ ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ବଡ଼ କରିବା ଲାଗି କୌଣସି ଉଦ୍ୟମରେ କମ୍ କରିବ ନାହିଁ ଆଜି ମୁଁ ପ୍ରତିଶ୍ରୁତି ଦେଉଛି ।

ଆମେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ଭାବରେ ଅନ୍ତ୍ୟୋଦୟ ଆମ ପାଇଁ ନିଷ୍ଠା । ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଅନ୍ତ୍ୟୋଦୟ ଆଜି ଦିନରେ ମୋଦିଜୀଙ୍କର ଗରିବ କଲ୍ୟାଣ । ଗାନ୍ଧିଜୀଙ୍କ ଭାଷାରେ ଭାରତର ଆତ୍ମା ଗାଁରେ ବାସ କରେ । ଗରିବ କଲ୍ୟାଣ କେନ୍ଦ୍ରବିନ୍ଦୁ ପଞ୍ଚାୟତି ବ୍ୟବସ୍ଥା । ସବ୍‌କା ସାଥ, ସବ୍‌କା ବିକାଶ ମନ୍ତ୍ରର ଆତ୍ମା ବି ଆମର ଗାଁ ।

ମୋର ପ୍ରିୟ ଓଡ଼ିଶାବାସୀ ଆମ ଦେଶ ବିଶ୍ୱର ପୁରୁଣା ସଭ୍ୟତା । ଆମ ରାଜ୍ୟ ଓଡ଼ିଶା କବିବର ରାଧାନାଥ ରାୟଙ୍କ ଭାଷାରେ– ''ଭାରତ ପଙ୍କଜ ଦଳମିଦ ଉତ୍କଳ'' । ଭାରତ ପଦ୍ମ ହେଲେ ଓଡ଼ିଶା ତା'ର କେଶର । ବିକଶିତ ଭାରତର ସ୍ୱପ୍ନରେ ଓଡ଼ିଶାର ବଡ଼ ଭୂମିକା ରହୁ । ପଞ୍ଚାୟତିରାଜ ଦିବସ ଅବସରରେ ମୋର ଏହା ଇଚ୍ଛା ଓ ସଂକଳ୍ପ । ଆସନ୍ତୁ ମିଳିମିଶି ଏହାକୁ ସଫଳ କରିବା ।

ଜୟ ଜଗନ୍ନାଥ

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

## ୫୦ ବର୍ଷ ତଳର ଧରିତ୍ରୀ

୨୪ ଏପ୍ରିଲ ୧୯୭୬

- ରାଜ୍ୟ ସରକାର କୋଠାବାଡ଼ି ନିର୍ମାଣ, ରାସ୍ତାଘାଟ ମରାମତି ଓ ପଥରଭଙ୍ଗା ପ୍ରଭୃତି କାର୍ଯ୍ୟରେ ନିଯୁକ୍ତ ଥିବା ଶ୍ରମିକମାନଙ୍କର ମଜୁରୀ ହାର ବୃଦ୍ଧି କରିଛନ୍ତି ।
- କଲିକତା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡଃ ପ୍ରମଥନାଥ ବାନାର୍ଜୀଙ୍କ ୮୩ ବର୍ଷ ବୟସରେ ପରଲୋକ ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | 4 | | | | |
| | | | 3 | | 7 | | | |
| | | | | | 2 | 7 | 6 | |
| | | | | 2 | | | | 1 |
| | | 9 | | 3 | | | 7 | |
| 1 | | | | | 9 | 8 | 2 | |
| 3 | | | 8 | 5 | | 4 | | |
| | 7 | | | | | | 8 | |
| | 8 | | 7 | | | | 1 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 3 | 8 | 9 | 1 | 5 | 2 | 7 |
| 9 | 1 | 2 | 6 | 5 | 7 | 8 | 4 | 3 |
| 7 | 5 | 8 | 2 | 4 | 3 | 9 | 1 | 6 |
| 2 | 7 | 5 | 3 | 6 | 4 | 1 | 8 | 9 |
| 8 | 3 | 9 | 1 | 2 | 5 | 6 | 7 | 4 |
| 6 | 4 | 1 | 9 | 7 | 8 | 3 | 5 | 2 |
| 1 | 8 | 4 | 7 | 3 | 9 | 2 | 6 | 5 |
| 3 | 2 | 7 | 5 | 8 | 6 | 4 | 9 | 1 |
| 5 | 9 | 6 | 4 | 1 | 2 | 7 | 3 | 8 |

ଗତକାଲିର ଉତ୍ତର


# ଦୁର୍ବଳ ମଣିଷର ପ୍ରତିକ୍ରିୟା



ଦେବେନ୍ଦ୍ର କର

ଦୁନିଆ ଯେତେ ଯେତେ ଆଗକୁ ଯାଉଛି ମଣିଷ ଭିତରେ କୁଅଭ୍ୟାସ ଆଉ କୁପ୍ରକୃତିଗୁଡ଼ିକ ଦିନକୁଦିନ ତୀବ୍ରତର ହେବାକୁ ଲାଗିଛି । ପୂର୍ବକାଳରେ ଅପାଠୁଆ ଥିଲେ ବୋଲି ନ ବୁଝି ନ ବିଚାରି ଅପଶବ୍ଦ କହୁଥିଲେ ଏବେ ତ ପାଠୁଆ ବାବୁଙ୍କ ମୁହଁରେ ବେଶି ଅପଶବ୍ଦ । ଛକ ବଜାର, ହାଟ, ଦୋକାନ ଯୋଉଠି ଦେଖ ପାଞ୍ଚ ଲୋକ ରୁଣ୍ଡ ହୋଇଥିବେ ଥଟାମଜା ଚାଲିଥିବ, ସେ ପୁଣି ଅଶ୍ଳୀଳ ଶବ୍ଦରେ ପରସ୍ପରକୁ ଆକ୍ଷେପ । ଏ ସବୁ ଅପଶବ୍ଦ କେଉଁଠୁ ଆସିଲା କିଏ ଏହାର ସ୍ରଷ୍ଟା ମା' ଗଙ୍ଗେଇଙ୍କୁ ଜଣା । ସୋସିଆଲ ମିଡିଆରେ ତ ଏବେ ଅଶ୍ଳୀଳ ନାଚଗୀତ ଖୋଲାଖୋଲି ପ୍ରଦର୍ଶିତ ହେଉଛି । ଆଉ ମତାମତ ପୁଣି ଅଶ୍ଳୀଳ ଶବ୍ଦରେ ଭରପୂର । ସର୍ବସାଧାରଣ ସ୍ଥାନରେ ଅପଶବ୍ଦ କହୁଥିବା ପିଲା ହୁଅନ୍ତୁ କି ବ୍ୟକ୍ତି ପାଇଁ ଉଚିତ ଦଣ୍ଡ ବିଧାନ ଆବଶ୍ୟକ, ଯାହା ଫଳରେ ସଭିଏ ଚେତିବେ ଆଉ କଥାବାର୍ତ୍ତାରେ ଶାଳୀନତା ରକ୍ଷା କରି ଶୃଙ୍ଖଳିତ ମଣିଷଟିଏ ହେବାକୁ ଯତ୍ନବାନ ହେବେ । କଥାରେ ଅଛି ଶବ୍ଦ ଗଢ଼େ ପୁଣି ଭାଙ୍ଗେ । ମାତ୍ର ଗୋଟିଏ ଅପଶବ୍ଦ ସୁନ୍ଦର ସୁସମ୍ପର୍କକୁ ଭାଙ୍ଗି କରିଦିଏ ଚୂରମାର । ବାସ୍ତବରେ ଅପଶବ୍ଦ ଦୁର୍ବଳ ମଣିଷର ଏକ ପ୍ରତିକ୍ରିୟା । ମଣିଷ କ୍ରୋଧ ଈର୍ଷାରେ ଅପଶବ୍ଦ କହି ସନ୍ତୁଷ୍ଟି ତ ପାଏ ହେଲେ ପରବର୍ତ୍ତୀ ସମୟରେ ନିଜେ ନିଜର ମାନ ସମ୍ମାନ ହରାଇ ହୁଏ ଲୋକହସା ।

ତୁଣ୍ଡର ଶବ୍ଦ ତୀକ୍ଷ୍ଣ ଅସ୍ତ୍ରଠାରୁ ମଧ୍ୟ ଶକ୍ତିଶାଳୀ । କେବଳ ଏହି ଶବ୍ଦ ପାଇଁ ହିଁ ଅତୀତରେ ରାମାୟଣ ମହାଭାରତ ଏବଂ ବର୍ତ୍ତମାନର ଦେଶ ଦେଶ ମଧ୍ୟରେ ଯୁଦ୍ଧ, ଅରାଜକତା, ନରସଂହାରର ବିଭୀଷିକା ଦିନକୁ ଦିନ ତୀବ୍ରତର ହେବାକୁ ଲାଗିଛି । ଗତ କିଛିଦିନ ତଳେ କଟକ ସହର ଉପକଣ୍ଠରେ ଏକ ଗାଁରେ କ୍ରିକେଟ ଖେଳକୁ ନେଇ ତୁମୁଳକାଣ୍ଡ ଘଟିଥିବା ଘଟଣା ଖବରକାଗଜ ପୃଷ୍ଠା ମଣ୍ଡନ କରିଥିଲା । କ୍ରିକେଟ ବ୍ୟାଟରେ ମାରପିଟ ହୋଇ କିଛି ପିଲାଙ୍କର ମୁଣ୍ଡ ଫାଟି



ଥିଲା । ପରେ ଜଣାପଡ଼ି ଥିଲା ସାନ ପିଲାଟି ଜଣେ ବୟସ୍କ ବ୍ୟକ୍ତିଙ୍କୁ ଅଶ୍ଳୀଳ ଭାଷା କହିବାରୁ ଏତେ ବଡ଼ ଘଟଣା ଘଟିଥିଲା । ଏ ଘଟଣା ନୂଆ ନୁହେଁ, ଏମିତି ଖେଳରେ ଗାଳିଗୁଲଜର ମାରପିଟ ପର୍ଯ୍ୟନ୍ତ କଥା ଯାଏ । ଆଜିଛକବଜାରରେ ଚା' ଦୋକାନ, ହୋଟେଲ, ସଉଦା, ପରିବା ଆଦି ଦୋକାନରେ କାର୍ଯ୍ୟରତ ଶିଶୁ ପିଲାଗୁଡ଼ାକଙ୍କ ମୁହଁରେ କଥା କଥାକେ ଅପଶବ୍ଦ । ପିଲାଟି ତୁଣ୍ଡରେ ଅଶ୍ଳୀଳ ଶବ୍ଦ ଓ ଗାଳିଗୁଲଜ ଏ ସବୁ ପାଇଁ ତା' ପାରିପାର୍ଶ୍ୱିକ ବ୍ୟକ୍ତିବିଶେଷ ଯେ ଦାୟୀ ।

ଶିଶୁଟି ଜନ୍ମ ହେବା ପରେ ତା'ର ପ୍ରାରମ୍ଭିକ ସଂସ୍କାର ମିଳେ ପରିବାରରୁ । ବଡ଼ ଗୁରୁଜନ ଯେମିତି କଥାବାର୍ତ୍ତା ବ୍ୟବହାର କରନ୍ତି ସେ ବି ସେଇ ଅନୁରୂପ କରିବାକୁ ଲାଗେ । ଏଣୁ ପିଲାଟି ଅବାଟରେ ଗଲେ ସବୁ ଦୋଷ ବାପାମାଆଙ୍କ ଉପରକୁ ଯିବାଟା ନିଶ୍ଚିତ । ଏ ଦୁନିଆ ଭଲ ମନ୍ଦ ଉଭୟକୁ ନେଇ ଗଢ଼ା । ବ୍ୟକ୍ତି ପାଖରେ ସୁଗୁଣ ଆଉ ଖରାପ ଉଭୟ ଗୁଣ ଥାଏ । ଭଲ ଗୁଣ ଆପଣେଇ ଥିବା ବ୍ୟକ୍ତି ସୁନାଗରିକ ରୂପେ ଆଦର ପାଏ ଆଉ କୁଗୁଣ ଆପଣେଇ ବ୍ୟକ୍ତି ନିନ୍ଦା ଅପବାଦର ହୁଏ ହକ୍‌ଦାର ।

ଭାଗବାନ ବୁଦ୍ଧଙ୍କୁ ଦିନେ ଜଣେ ବ୍ୟକ୍ତି ଖୁବ ଗାଳି କଲେ । ବୁଦ୍ଧ ଏହାର କୌଣସି ପ୍ରତିକ୍ରିୟା ଦେଲେନି । ଲୋକଟାର ରାଗ ଶାନ୍ତ ହେବା ପରେ ବୁଦ୍ଧଙ୍କୁ ପ୍ରଶ୍ନ କଲେ ତୁମକୁ ମୁଁ ଏତେ ଗାଳି କଲି ଅଥଚ ତୁମେ କୌଣସି ପ୍ରତିକ୍ରିୟା ଦେଲ ନାହିଁ କାହିଁ । ବୁଦ୍ଧ କହିଲେ, ତୁମ ପାଟି ଯାହା କହିଲା ସେଗୁଡ଼ିକ ମୁଁ ଗ୍ରହଣ କଲିନାହିଁ । ଅର୍ଥାତ ସେସବୁ ତୁମ ପାଖରେ ହିଁ ରହିଲା । ପାଟି ତୁମର ଶବ୍ଦ ବି ତୁମର ଲୋକଟି ବୁଦ୍ଧଙ୍କ ଉତ୍ତର ଶୁଣି ଲଜ୍ଜିତ ହେଲେ । ଏକ ଶିକ୍ଷିତ ତଥା ପ୍ରଗତିଶୀଳ ସମାଜ ପାଇଁ ଅଶ୍ଳୀଳ ଶବ୍ଦ, ଗାଳି ଗୁଲଜ ଆଦୌ ଶୁଭଙ୍କର ନୁହେଁ । ଅପଶବ୍ଦ କେବଳ ଅନ୍ୟ ହୃଦୟକୁ ଆଘାତ ଦିଏନି ବରଂ ପରିପାର୍ଶ୍ୱରେ ବିରୋଧ ତଥା ହିଂସାତ୍ମକ ପରିସ୍ଥିତି ସୃଷ୍ଟି କରେ ।

ମୋ:୯୯୩୭୯୭୩୯୧୦

## ଏଇ ଭାରତରେ

ଆଚାର ତିଆରି କରି କ୍ରିଷ୍ଣା ଯାଦବ ପ୍ରାୟ ୫ କୋଟି ଟଙ୍କାର ବ୍ୟବସାୟ କରୁଛନ୍ତି । ଏବେ ଦିନକୁ ୧୦–୨୦ କୁଇଣ୍ଟାଲ ଆଚାର ପ୍ରସ୍ତୁତ କରୁଛନ୍ତି । ଏଥିପାଇଁ ସେ କୃଷି ବିଜ୍ଞାନ କେନ୍ଦ୍ରରେ ଆଚାର ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ନେଇଛନ୍ତି । ପ୍ରଥମେ ସେ କିଛି ଆଚାର କରି ତାହାକୁ ରାସ୍ତା କଡ଼ରେ ବିକ୍ରି କରିବା ଆରମ୍ଭ କରିଥିଲେ । ଏହି ଆଚରର ସ୍ୱାଦ ଲୋକଙ୍କୁ ଆକର୍ଷିତ କଲା ଓ ସେ ଅଧିକରୁ ଅଧିକ ଆଚାର କରି ବିକ୍ରି କଲେ । ଚାହିଦାକୁ ଲକ୍ଷ୍ୟ କରି ସେ ଶ୍ରୀକ୍ରିଷ୍ଣା ପିକଲ୍ସ କମ୍ପାନୀ ଖୋଲିଲେ । ଏହି କାର୍ଯ୍ୟରେ ବହୁ ମହିଳାଙ୍କୁ ନିଯୁକ୍ତ ଦେଇଛନ୍ତି । ଆଚାର ପ୍ରସ୍ତୁତି ପାଇଁ ତାଙ୍କୁ ୨୦୧୪ରେ ଏନ୍‌ଜି ରଙ୍ଗା ଫାର୍ମର ସମ୍ମାନରେ ସମ୍ମାନିତ କରାଯାଇଛି । ତାଙ୍କ ସ୍ୱାମୀ ଓ ତିନି ସନ୍ତାନଙ୍କ ସହ ଖୁସିରେ ଉତ୍ତର ପ୍ରଦେଶର ଏକ ଛୋଟ ଗାଁରେ ରହୁଥିଲେ । କିନ୍ତୁ ଯେତେବେଳେ ତାଙ୍କ ସ୍ୱାମୀଙ୍କ ଚାକିରି ଚାଲିଗଲା ସେତେବେଳେ ସେ ଦିଲ୍ଲୀ ଚାଲିଆସିଥିଲେ ରୋଜଗାର ଅନ୍ୱେଷଣରେ । ସେଠାରେ ଏହି ଦମ୍ପତି ଅନ୍ୟମାନଙ୍କ ସହ ଭାଗୀଦାରିରେ ଚାଷ ଆରମ୍ଭ କରିଥିଲେ । ହେଲେ ଚାଷରୁ ଯାହା ରୋଜଗାର ହେଲା ସେଥିରେ ପରିବାର ଚଳିବାକୁ ଯଥେଷ୍ଟ ହେଲା ନାହିଁ । ଫଳରେ କ୍ରିଷ୍ଣା ଆଚାର ତିଆରାକରି ବିକ୍ରି କରିବାକୁ ନିଷ୍ପତ୍ତି ନେଇ ସଫଳତାର ଶୀର୍ଷରେ ପହଞ୍ଚିପାରିଛନ୍ତି ।

## ଚିରନ୍ତନୀ

ଯୁଗ ଯୁଗ ଧରି ତରୁଣ ତରୁଣୀ
ଉତ୍ସାହ କେତେ ଲଭିଲେ ତହୁଁ
ମଧୁରେ ଭରିଲା କେତେ ଆଖି ଓଠ
କେତେ ଅନ୍ତରୁ ଝରିଲା ଲହୁ ।

–(ପ୍ରେମର ଅର୍ଥ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଭାରତୀୟମାନେ ଅସୁଖୀ କାହିଁକି

ମହାଶୟ,

ଅକ୍ସଫୋର୍ଡ ୟୁନିଭର୍ସିଟିର ୱେଲ୍‌ବିଂ ରିସର୍ଚ୍ଚ ସେଣ୍ଟର ଓ ଜାତିସଂଘ ସ୍ଥାୟୀ ବିକାଶ ସମାଧାନ ନେଟ୍‌ୱର୍କ ପକ୍ଷରୁ ମିଳିତ ଭାବେ ଚଳିତବର୍ଷ ପାଇଁ ପ୍ରକାଶିତ ବିଶ୍ୱ ଖୁସି ରାଷ୍ଟ୍ର ତାଲିକାରେ ଭାରତ ୧୧୮ତମ ସ୍ଥାନରେ ରହିଛି । ଗତବର୍ଷ ୧୨୬ତମ ସ୍ଥାନରେ ଥିଲା । ଗତବର୍ଷ ତୁଳନାରେ ସ୍ଥିତିରେ ସାମାନ୍ୟ ଉନ୍ନତି ହୋଇଥିବା ସତ୍ତ୍ୱେ ଏବେ ମଧ୍ୟ ୧୧୭ଟି ରାଷ୍ଟ୍ର ତଳେ ରହିଛି । ଏପରିକି ନେପାଳ, ପାକିସ୍ତାନ, ୟୁକ୍ରେନ୍ ଓ ପାଲେଷ୍ଟାଇନ୍ ପରି ଦେଶ ଭାରତ ଅପେକ୍ଷା ଭଲ ସ୍ଥିତିରେ ରହିଛନ୍ତି । ଭାରତ ସରକାର ପ୍ରତିବର୍ଷ ଏହି ରିପୋର୍ଟର ସତ୍ୟତା ସମ୍ପର୍କରେ ପ୍ରଶ୍ନ ଉଠାଇ ଚାଲିଛନ୍ତି, ଯାହାକି ଭ୍ରମାତ୍ମକ ମନେହୁଏ । ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଭାରତରେ ବିବିଧ କ୍ଷେତ୍ରରେ ଅଭୂତପୂର୍ବ ବିକାଶ ହୋଇଥିବା ବିଷୟରେ କେନ୍ଦ୍ର ସରକାର ବାରମ୍ବାର ଦାବି କରିଆସୁଥିବା ବେଳେ ଏହି ରିପୋର୍ଟ ଭିନ୍ନ ଚିତ୍ର ପ୍ରଦର୍ଶନ କରୁଛି । ଏତେ ଯଦି ବିକାଶ ହେଉଛି, ତେବେ ଦେଶବାସୀ ସର୍ବଦା ଅସୁଖୀ ରହୁଛନ୍ତି କାହିଁକି ? ଏହାର କାରଣ ଓ ନିରାକରଣ ସମ୍ପର୍କରେ ଅନୁଧ୍ୟାନ ହେବା ଜରୁରୀ ନୁହେଁ କି ?

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଖପ୍ରାଖୋଲରେ ପୋଷଣ ପକ୍ଷ ପାଳିତ**

ଖପ୍ରାଖୋଲ,(ଅଭୟ ତ୍ରିପାଠୀ) ସ୍ଥାନୀୟ ମିଶନ ଶକ୍ତି ସଭାଗୃହଠାରେ ଶିଶୁ ଓ ମହିଳା ବିକାଶ ବିଭାଗ ତରଫରୁ ପୋଷଣ ପକ୍ଷ ପାଳିତ ହୋଇଯାଇଛି। ସିଡ଼ିପିଓ ଅମିତା ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପରମେଶ୍ୱର ନାଏକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ ଯୋଗଦେଇ ପୋଷଣ ପକ୍ଷ ଉପରେ ଆଲୋକପାତ କରିବା ସହିତ ପୁଷ୍ଟିକର ଖାଦ୍ୟ ଗ୍ରହଣ ଉପରେ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ଅବସରରେ ବିଭିନ୍ନ ଖାଦ୍ୟ ଓ ପନିପରିବା ପ୍ରଦର୍ଶିତ ହୋଇଥିଲା।

# ‘ସାମ୍ବିଧାନିକ ଗଣତନ୍ତ୍ର ସୁରକ୍ଷିତ ରହିଲେ ନାଗରିକତା ରହିବ’

**ବଲାଙ୍ଗୀର, ୨୩।୪ (ବୀରେନ୍ଦ୍ର କୁମାର ଝାଙ୍କର)**

ବହୁ ଲଢ଼େଇ ଓ ସଂଘର୍ଷ ପରେ ଦେଶ ସ୍ୱାଧୀନ ହୋଇଛି। ଭାରତରେ ସାମ୍ବିଧାନିକ ଗଣତନ୍ତ୍ର ପ୍ରତିଷ୍ଠା ହୋଇଛି। ଲୋକଙ୍କୁ ନାଗରିକ ଅଧିକାର ମିଳିଛି। ଏହି ନାଗରିକ ଅଧିକାର ସୁରକ୍ଷିତ ରଖିବାକୁ ହେଲେ ଦେଶର ସାମ୍ବିଧାନିକ ଗଣତନ୍ତ୍ରକୁ ସୁରକ୍ଷିତ ରଖିବାକୁ ପଡିବ ବୋଲି ସମାଜବାଦୀ ବିଚାରକ ତଥା ଚାଷୀନେତା ଲିଙ୍ଗରାଜ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଟାଉନ ବାଳିକା ହାଇସ୍କୁଲଠାରେ ବିପ୍ଲବୀ କବି, ସାମ୍ବାଦିକ ଗୌରବ ଶିବ ପ୍ରସାଦ ପାଣ୍ଡିଆଙ୍କ ୧୭ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅନୁଷ୍ଠିତ ‘ଭାରତୀୟ ଗଣତନ୍ତ୍ର ଓ ସମ୍ବିଧାନରେ ଶୁକୁରୁ ଡୁଗୁରୁଙ୍କ ଭବିଷ୍ୟତ’ ଶୀର୍ଷକ ଆଲୋଚନାଚକ୍ରରେ ମତବ୍ୟକ୍ତ କରିଥିଲେ।

ସ୍ମୃତିବିନ୍ଦୁ ଫାଉଣ୍ଡେଶନ ପକ୍ଷରୁ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉପଦେଷ୍ଟା ପ୍ରଫେସର ମଧୁସୂଦନ ପତି ମଞ୍ଚାସୀନ ଥିଲେ। ଲିଙ୍ଗରାଜ ତାଙ୍କ ବକ୍ତବ୍ୟରେ ଆହୁରି କହିଥିଲେ, ୧୯୭୫ରେ ଜରୁରୀକାଳୀନ ପରିସ୍ଥିତି ପରଠାରୁ ଅନେକ ଥର ଦେଶର ସମ୍ବିଧାନ ଓ ଗଣତନ୍ତ୍ରକୁ ସଙ୍କଟରେ ପକାଇବାର ଉଦ୍ୟମ ହୋଇଛି। ତେବେ ଦେଶର ଅଗଣିତ ନିରକ୍ଷର, ସାକ୍ଷର



ଶିବପ୍ରସାଦ ପାଣ୍ଡିଆଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅନୁଷ୍ଠିତ ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକ।

**ଶିବପ୍ରସାଦ ପାଣ୍ଡିଆଙ୍କ ୧୭ତମ ଶ୍ରାଦ୍ଧବାର୍ଷିକୀ ସମାରୋହ**

ଲୋକେ ନିଜର ବହୁମୂଲ୍ୟ ଭୋଟ୍ ବଳରେ ସାମ୍ବିଧାନିକ ଗଣତନ୍ତ୍ରକୁ ସୁରକ୍ଷିତ ରଖିଛନ୍ତି। ଏହା ହିଁ ସାମ୍ବିଧାନିକ ଗଣତନ୍ତ୍ରର ଅସଲ ଶକ୍ତି। ଏହି ସାମ୍ବିଧାନିକ ଗଣତନ୍ତ୍ରର ସୁରକ୍ଷା ଦିଗରେ ବିପ୍ଳବୀ କବି ଓ ସାମ୍ବାଦିକ ସ୍ୱର୍ଗତ ପାଣ୍ଡିଆ ବହୁଶ୍ରମ ସ୍ୱୀକାର କରିଯାଇଛନ୍ତି ବୋଲି ସେ ଆଲୋଚନା କରିଥିଲେ। ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ ନାଗରିକ କର୍ତ୍ତବ୍ୟ, ସାଧାରଣବର୍ଗଙ୍କ ନ୍ୟାୟିକ ଅଧିକାରର ସୁରକ୍ଷା ଦିଗରେ ଆଲେଚନା କରି ସ୍ୱର୍ଗତ ପାଣ୍ଡିଆଙ୍କ ସଂଘର୍ଷମୟ ଜୀବନ ସମ୍ପର୍କରେ କହିଥିଲେ। ସଭାପତୀୟ ଅଭିଭାଷଣରେ ନାଟ୍ୟଭୂଷଣ ଛୁରିଆ ସ୍ୱର୍ଗତ ପାଣ୍ଡିଆଙ୍କ ବ୍ୟକ୍ତିଗତ ଲଢ଼େଇ, ସାମାଜିକ ଉତ୍ତରଦାୟିତ୍ୱ ଏବଂ ସାମ୍ବିଧାନିକ ଅଧିକାରର ସୁରକ୍ଷା ଦିଗରେ କରିଯାଇଥିବା କାର୍ଯ୍ୟ ଉପରେ କହିଥିଲେ। ଆଲୋଚନାଚକ୍ରକୁ ସନ୍ଦୀପ କୁମାର କୁଅଁର ସଂଯୋଜନା କରିଥିଲେ। ବୀରେନ୍ଦ୍ର କୁମାର ଝାଙ୍କର ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ଆଲୋଚକଙ୍କୁ ସୁଶୀଳ କୁମାର ପାଣ୍ଡିଆ ଓ ସଂଗ୍ରାମ ପାଣ୍ଡିଆ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ପ୍ରେମଚାନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡ଼ ପ୍ରହଲ୍ଲାଦ ଶତପଥୀ, ଡ଼ ଶ୍ରୀକର ମିଶ୍ର, ନବୀନ ନାୟକ, ସନାତନ ଠାକୁର, ପ୍ରଧାନ ଶିକ୍ଷକ ନରେନ୍ଦ୍ରନାଥ ମିଶ୍ର, ଭାଗିରଥି ମିଶ୍ର, ମଦନ ରଥ, ରଘୁନାଥ ବାବୁ, ଜୟକୁମାର ଆଚାର୍ଯ୍ୟ, ପ୍ରମୋଦ ପାଣ୍ଡିଆ, ପ୍ରଭାତ ପାଣ୍ଡିଆ, ମୋହନ ପାଣ୍ଡିଆ, ଉଦିତ ପଣ୍ଡା, ଚାଇନା ମହାନ୍ତି, କୁନୁ ପଣ୍ଡା, ଅରୁଣ ମିଶ୍ର, ତ୍ରିଲୋଚନ ନନ୍ଦ, ସନ୍ତୋଷ ପାଢ଼ୀ, ନରେନ୍ଦ୍ରନାଥ ମିଶ୍ର, ପ୍ରଶାନ୍ତ ଯୋଷୀ, ମଧୁସୂଦନ ନାୟକ, ତରଣୀ ସୁନା, ରାଜେଶ ଝାଙ୍କର, କିଶୋର ମେହେର, ବନମାଳୀ ପୋଢ, ମନୋରଞ୍ଜନ ଯୋଷୀ, ଭବାନୀ ଶଙ୍କର ପଟେଲ, ଟଙ୍କଧର ପଧାନ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ସରସ୍ୱତୀ ନନ୍ଦ, ଯୁଜେଷ୍ଟି ମେହେର, ଟିକଲ ପୁଟେଲ ଓ ସହରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଏସ୍‌ପିଙ୍କ ସହ କଳିକେଶଙ୍କ ଆଲୋଚନା

**ବଲାଙ୍ଗୀର, ୨୩।୪ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହରରେ ଗତ କିଛି ମାସ ମଧ୍ୟରେ ଦେଖାଦେଇଥିବା ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିଧାୟକ କଳିକେଶ ନାରାୟଣ ସିଂଦେଓ ମଙ୍ଗଳବାର ବଲାଙ୍ଗୀର ଏସ୍‌ପି ଅଭିଳାଷ ଜିଙ୍କ ସହ ଆଲୋଚନା କରିଥିଲେ। ସ୍ଥାନୀୟ ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ସହରରେ ଘଟିଯାଇଥିବା ବିଭିନ୍ନ ଅପରାଧିକ କାର୍ଯ୍ୟକଳାପକୁ ନେଇ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ଆଇନଶୃଙ୍ଖଳାକୁ କଡାକଡି କରିବା ସହ ଅସମାଜିକ ତତ୍ତ୍ୱଙ୍କ ବିରୋଧରେ କଡା ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ଦେଇଥିଲେ। ଆଗାମୀ ଦିନରେ ବଲାଙ୍ଗୀର ସହରରେ ନିଶା କାରବାର ସହ ଜମି ମାଫିଆଙ୍କ ପ୍ରାଦୁର୍ଭାବକୁ ବନ୍ଦ କରିବା ପାଇଁ ପୋଲିସ ପ୍ରଶାସନ ଉଚିତ୍ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ। ଏହାଛଡା ବଲାଙ୍ଗୀର ସହରର ସମସ୍ତ ୱାର୍ଡ ଓ ପଡାରେ ପୌର ପରିଷଦ ସହିତ ପୋଲିସ ପ୍ରଶାସନର ମିଳିତ ଉଦ୍ୟମରେ ନିଶା ନିବାରଣ ପାଇଁ ସହରବାସୀଙ୍କୁ ସଚେତନ କରିବା ସକାଶେ ଏକ କମିଟି ଗଠନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ସହରର ଅପରାଧିକ ଗୋଷ୍ଠୀଙ୍କ କାର୍ଯ୍ୟକଳାପ ଉପରେ ନଜର ରଖି ସମୟ ସୁଯୋଗ ଦେଖି ଉଚିତ ପଦକ୍ଷେପ ନେବାକୁ କହିଥିଲେ। ସହରର ବିଭିନ୍ନ ସାମାଜିକ ସଙ୍ଗଠନ ସହିତ ଆଲୋଚନା କରି ନିଶା କାରବାର କରୁଥିବା ଅପରାଧି ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ। ସହରରେ ଆହୁରି ସିସି ଟିଭି କ୍ୟାମେରା ଲଗାଇ ଆପରାଧିକ କାର୍ଯ୍ୟକଳାପକୁ ନିରୀକ୍ଷଣ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ବଲାଙ୍ଗୀର ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ, ପୌରାଧକ୍ଷା ଲିକା ସାହୁ, ବରିଷ୍ଠ ଓକିଲ ଅଶୋକ ମହାନ୍ତି , ଓଁଙ୍କାର ନାୟକ, ପ୍ରଭାସ ପାଣିଗ୍ରାହୀ, ଧ୍ରୁବ ଯୁଏଡ, କାଉନସିଲର ଶମ୍ଭୁ ନାଗ, ବିଧୁଭୂଷଣ ତ୍ରିପାଠୀ, ଇରସାଦ ଖାନ ଉପସ୍ଥିତ ଥିଲେ। ଏସ୍‌ପି ଅଭିଳାଷ ଆଇନଶୃଙ୍ଖଳା ଦିଗରେ କଡା ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ।


ବିଧାୟକ କଳିକେଶ ନାରାୟଣ ଏସ୍‌ପି ଅଭିଳାଷ ଜି.ଙ୍କ ସହ ଆଲୋଚନା କରୁଛନ୍ତି।

# ଆତଙ୍କବାଦୀ ଆକ୍ରମଣ: ଆଉ ଜଣେ ଓଡ଼ିଆ ମୃତ

**ଲାଠୋର, ୨୩।୪ (ଭୁବନେଶ୍ୱର ବାରିକ)**

- ବିବାହ ବାର୍ଷିକୀ ପାଳନ ପାଇଁ ପରିବାର ସହ ଯାଇଥିଲେ କଶ୍ମୀର
- ଘର ବଲାଙ୍ଗୀର ଜିଲା ଲାଠୋରରେ, ରହୁଥିଲେ ରାୟପୁରରେ


ଦିନେଶ ଅଗ୍ରୱାଲ।


ଜମ୍ମୁ-କଶ୍ମୀରରେ ପୁଣି ରକ୍ତମୁଖା ହୋଇଛନ୍ତି ଆତଙ୍କବାଦୀ। ପହଲଗାମ୍ ଜିଲାରେ ମଙ୍ଗଳବାର ଅପରାହ୍ନରେ ହୋଇଥିବା ଆତଙ୍କବାଦୀଙ୍କ ଅତର୍କିତ ଆକ୍ରମଣରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଲାଠୋର ମାଟିର ପୁଅ ଦିନେଶ ଅଗ୍ରୱାଲ(୪୫) ପ୍ରାଣ ହରାଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶ ଯେ, ଦିନେଶ ଲାଠୋର ଗ୍ରାମର ସ୍ୱର୍ଗତ ପ୍ରୟାଗଚାନ୍ଦ ଅଗ୍ରୱାଲଙ୍କ ସାନ ପୁଅ। ସେ ଗ୍ରାମର ଶ୍ରୀ ଦୁର୍ଗେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ି ସାରିବା ପରେ ବାପାଙ୍କ ବ୍ୟବସାୟ ସମ୍ଭାଳିଥିଲେ। ପ୍ରାୟ ୧୦ ବର୍ଷ ହେବ ଦିନେଶ ଛତିଶଗଡ଼ ରାଜଧାନୀ ରାୟପୁରକୁ ପରିବାର ସହ ଯାଇ ସେଠାରେ ଷ୍ଟିଲ ବ୍ୟବସାୟ କରୁଥିଲେ। ଜଣେ ଜଣାଶୁଣା ବ୍ୟବସାୟୀ ରୂପେ ସେଠାରେ ପରିଚିତ ଥିଲେ। ସେ ତାଙ୍କର ୨୦ତମ ବିବାହ ବାର୍ଷିକୀ ଉତ୍ସବ ପାଳନ ପାଇଁ ସ୍ତ୍ରୀ ନେହା ଏବଂ ଝିଅ ଓ ପୁଅଙ୍କୁ ସାଙ୍ଗରେ ନେଇ କଶ୍ମୀର ଯାଇଥିଲେ। ସେଠାରେ ସେ ପ୍ରାଣ ହରାଇବା ଖବର ଶୁଣି ଗାଁରେ ରହୁଥିବା ସମ୍ପର୍କୀୟମାନେ ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଛନ୍ତି। ଗୁରୁବାର ସକାଳେ ତାଙ୍କ ସମ୍ପର୍କୀୟମାନେ ମୃତ ଶରୀର ନେଇ ରାୟପୁର ପହଞ୍ଚିବା ପରେ ସେଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ସୂଚନା ମିଳିଛି।

# ଝରଣୀପାଲିରେ କ୍ରେତା-ବିକ୍ରେତା ସମ୍ମିଳନୀ

**ଲୋଇସିଂହା, ୨୩।୪ (ସୁଶାନ୍ତ ବାରିକ)**

ବୁଧବାର ବଲାଙ୍ଗୀର ଜିଲ୍ଲା କୃଷି ଓ କୃଷକ ସଶକ୍ତି କରଣ ବିଭାଗ ଆନୁକୂଲ୍ୟରେ ଓ ପଲ୍ଲୀ ଆଲୋକ ପାଠାଗାର ସହାୟତାରେ ଆଗଲପୁର ବ୍ଲକ ଅନ୍ତର୍ଗତ ଝରନିପାଲି ପଞ୍ଚାୟତ ସଭାଗୃହରେ କେତ୍ରା ଓ ବିକେତ୍ରା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବୃହତ୍ ଉଠା ଜଳସେଚନ ଅଞ୍ଚଳରେ ଫସଲ ବିବିଧିକରଣ ଯୋଜନା ସଭା କାର୍ଯ୍ୟକୁ ନଅଗାଁ (ଖ )ପଲ୍ଲୀ ଆଲୋକ ପାଠାଗାର ସମ୍ପାଦକ ପ୍ରଶାନ୍ତ ନାୟକ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀ, ସମ୍ମାନିତ ଅତିଥି ଭାବେ ଯୋଜନା ଅଧିକାରୀ ସୁନନ୍ଦା ସାହୁ, ସୂର୍ଯ୍ୟକୁମାର ଦାଶ, ଜ୍ୟୋସ୍ନା ଛୁରା, ସୁବମ ନାଏକ, ବ୍ଲକ କୃଷି ଅଧିକାରୀ ଆଶିଷ କୁମାର ପାଣିଗ୍ରାହୀ, ବୈକୁଣ୍ଠ ଜଗତ, ବସନ୍ତ ଛୁରିଆ ଯୋଗଦାନ କରିଥିଲେ। ଏହାଛଡା ବ୍ଲକର ନଅଗାଁ, ବୁଦଲା, ଭରସୁଜା, ଝରନିପାଲି ଆଦି ୫ ପଞ୍ଚାୟତରେ ବୃହତ ଉଠା ଜଳ ସେଚନ ଜରିଆରେ ଫସଲ ବିବିଧି କରଣ ଯୋଜନା ମାଧ୍ୟମରେ ଅଣ ଚାଷ କରୁଥିବା ଚାଷୀଙ୍କ ସହ କେତ୍ରାମାନେ ଉକ୍ତ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଚାଷୀମାନେ ବୈଜ୍ଞାନିକ ଜ୍ଞାନ କୌଶଳରେ ଚାଷ ଆପଣାଇ କମ ପରିଶ୍ରମ ଓ ଖର୍ଚ୍ଚରେ କିପରି ଅଧିକ ଅମଳ କରିହେବ ସେଥିପ୍ରତି ଦୃଷ୍ଟି ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଚାଷୀମାନେ ଉତ୍ପାଦନ ସାମଗ୍ରୀ କିପରି ବ୍ୟବସାୟୀଙ୍କୁ ଉଚିତ ମୂଲ୍ୟରେ ବିକ୍ରି କରି ଲାଭାନ୍ୱିତ ହେବେ ସେ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଞ୍ଚଳର ୪ଗୋଟି ସିବିଓ ଉପସ୍ଥିତ ରହି ଆଗାମୀ ଦିନ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ଗୋବିନ୍ଦ ଚନ୍ଦ୍ର ବିଶି, ପ୍ରହଲ୍ଲାଦ ପଧାନ, ରଞ୍ଜନ ମହାଲିଙ୍ଗ, ପିଣ୍ଟୁ ପଧାନ, ପ୍ରଶାନ୍ତ କୁଅଁର, ସୁଶାନ୍ତ ସା, ଆଶିଷ ବିଶ୍ୱାଳଙ୍କ ସମେତ କୃଷି ବିଭାଗ କର୍ମଚାରୀ ସହଯୋଗ କରିଥିଲେ ।

# ମାଛ ମରାକୁ ଗ୍ରାମବାସୀଙ୍କ ବିରୋଧ


ଜଲପାଙ୍କେଲ ଗ୍ରାମରେ ଥିବା କଙ୍ଗାଲି ପୋଖରୀ।

**ଲାଠୋର, ୨୩।୪ (ଭୁବନେଶ୍ୱର ବାରିକ)**

**ସରପଞ୍ଚଙ୍କ ନିକଟରେ ଅଭିଯୋଗ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତ ଅଧୀନ ଜଲପାଙ୍କେଲ ଗ୍ରାମରେ ଥିବା ପୋଖରୀରୁ ମାଛ ମାରିବା ଯୋଗୁ ପାଣି ଗୋଳିଆ ହେଉଛି । ଏହାକୁ ନେଇ ଗ୍ରାମବାସୀ ବିରୋଧ କରିବା ସହ ମାଛମରା ବନ୍ଦ କରିବା ପାଇଁ ବୁଧବାର ସରପଞ୍ଚଙ୍କ ନିକଟରେ ଅଭିଯୋଗ କରିଛନ୍ତି । ତିନି ୱାର୍ଡ ବିଶିଷ୍ଟ ଉକ୍ତ ଗ୍ରାମର ଲୋକ ସଂଖ୍ୟା ୧୫ ଶହ । ଗ୍ରାମବାସୀଙ୍କ ସୁବିଧା ଦୃଷ୍ଟିରୁ ଗ୍ରାମରେ ସରକାରୀ ଭାବେ କାଙ୍ଗାଳି ପୋଖରୀ, ଖଲିଆ ପୋଖରୀ ଏବଂ ମହାବନ୍ଧ ଆଦି ତିନୋଟି ପୋଖରୀ ରହିଛି। ହେଲେ ମାର୍ଚ୍ଚ ମାସରୁ ମହାବନ୍ଧ ଏବଂ ଖଲିଆ ପୋଖରୀ ପାଣି ଶୁଖି ଗଲାଣି । ଫଳରେ ଗ୍ରାମବାସୀ ତଥା ଆଖପାଖ ଗ୍ରାମର ଲୋକେ ସ୍ନାନ ଏବଂ ଶୌଚ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରାୟ ୧୨ ଏକର ବିଶିଷ୍ଟ କାଙ୍ଗାଲି ପୋଖରୀ ଉପରେ ନିର୍ଭର କରି ଚଳୁଛନ୍ତି । ଆଗକୁ ଖରା ବଢ଼ିବା ସାଙ୍ଗକୁ ପୋଖରୀ ପାଣି ଶୁଖିଆସିବ। ଏଭଳି ପରିସ୍ଥିତିରେ ଗ୍ରାମବାସୀ ସ୍ନାନ ଶୌଚ ପାଇଁ ସମସ୍ୟାର ସମ୍ମୁଖୀନ ହେବା ଆଶଙ୍କା କରାଯାଉଥିବା ବେଳେ ଠିକା ନେଇଥିବା ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବୁଧବାର ସକାଳେ ପୋଖରୀରୁ ମାଛ ମାରିଥିଲେ । ଫଳରେ ପାଣି ଗୋଳିଆ ହୋଇ ବ୍ୟବହାର ଉପଯୋଗୀ ହୋଇ ନ ପାରିବାରୁ ଗ୍ରାମବାସୀ ମାଛ ମରାକୁ ବିରୋଧ କରିଥିଲେ । ମାଛ ମାରି ପାଣି ଗୋଳିଆ ନ କରିବାକୁ ୱାର୍ଡ ମେମ୍ବର ହାଡୁ ମହାନନ୍ଦ, ତିଳୋତ୍ତମା ପଟେଲ, ନେହେରୁ ଦାସ, ଟଙ୍କ ରଣା, ଦଳ ବେମାଲ, ମୁକ ଦାସ, ଭିକ ମେହେର, ନାଥ ମେହେରଙ୍କ ସହ ଗ୍ରାମବାସୀ ସରପଞ୍ଚଙ୍କ ଘରକୁ ଯାଇ ଅଭିଯୋଗ କରିଥିଲେ । ଏନେଇ ସରପଞ୍ଚ ଗୋପାଳ ମେହେରଙ୍କୁ ପଚାରିବାରେ ଲୋକଙ୍କ ଠାରୁ ଅଭିଯୋଗ ପାଇ ସଂପୃକ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ପୋଖରୀରୁ ମାଛ ମାରିବା ପାଇଁ ମନା କରାଯାଇଛି ବୋଲି କହିଥିଲେ। ତେବେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କଙ୍ଗାଳି ପୋଖରୀରୁ ମାଛ ମାରି ପାଣି ଗୋଳିଆ କଲେ ଆନ୍ଦୋଳନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



**ନାଟକ ସୀତା ଚୋରି ମଞ୍ଚସ୍ଥ**

ବୀରମହାରାଜପୁର,(ଯୁଗଳ କିଶୋର ମିଶ୍ର): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ ନୂଆଁଗଡ ରାମଲୀଳା ମଣ୍ଡପରେ ମଙ୍ଗଳବାର ରାତିରେ ରାମଲୀଳାର ସୀତା ଚୋରି ନାଟକ ମଞ୍ଚସ୍ଥ ହୋଇଯାଇଛି। ଲୁମୁରଜେନା ଜୟ ଜଗନ୍ନାଥ ନାଟ୍ୟ ସଂସଦ ତରଫରୁ ସୀତା ଚୋରି ନାଟକ ମଞ୍ଚସ୍ଥ ହୋଇଥିଲା। ଉମେଶ ଦାସଙ୍କ ନିର୍ଦ୍ଦେଶନା ଓ ଶଙ୍କର ମେହେରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ସୀତା ଚୋରି ନାଟକ ମଞ୍ଚସ୍ଥ ହୋଇଥିଲା। ରାମ ଭୂମିକାରେ ପ୍ରକାଶ ମହାପାତ୍ର, ଲକ୍ଷ୍ମଣ ନାରାୟଣ ପ୍ରଧାନ, ସୀତା ରଞ୍ଜନ ପଣ୍ଡା, ରାବଣ ସୀତାରାମ ପଣ୍ଡା,ସୂପଣଖା ଗଣେଶ କ୍ଷେତି, ମାରିଚି ପ୍ରଶାନ୍ତ ପଣ୍ଡା ଅଭିନୟ କରିଥିଲେ।

# ୧୨ ଚାଷୀଙ୍କୁ ମିଳିନି ଧାନବିକ୍ରି ଟଙ୍କା

**ସୋନପୁର ଚାଷୀଙ୍କ ପ୍ରାପ୍ୟ ଜମା ହୋଇଛି ରାଜସ୍ଥାନ ବ୍ୟକ୍ତିଙ୍କ ଖାତାରେ**

**ସୋନପୁର,୨୩।୪(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାର ୧୨ଚାଷୀଙ୍କୁ ଖରିଫ ଧାନବିକ୍ରି ପ୍ରାପ୍ୟ ମିଳିନି। ୨୦୨୪-୨୫ ଖରିଫରେ ଏହି ଚାଷୀମାନେ ଜିଲାର ବିଭିନ୍ନ ମଣ୍ଡିରେ ଧାନ ବିକ୍ରି କରିଥିଲେ। ୪ ମାସ ପରେ ବି ସେମାନଙ୍କୁ ପ୍ରାପ୍ୟ ମିଳିନି। କେତେଜଣ ଚାଷୀଙ୍କୁ କେନ୍ଦ୍ର ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସପି) ମିଳିଥିଲା ବେଳେ ରାଜ୍ୟ ସରକାରଙ୍କ ଇନ୍‌ପୁଟ୍ ସହାୟତା ରାଶି ମିଳିନି। ଆଉ କେତେକ ଚାଷୀଙ୍କୁ ରାଜ୍ୟ ସରକାରଙ୍କ ଇନ୍‌ପୁଟ ସହାୟତା ରାଶି ମିଳିଥିଲା ବେଳେ ଏମ୍ଏସ୍‌ପି ମିଳିନି। ଧାନ କୁଇଣ୍ଟାଲ ପ୍ରତି ସରକାର ୩୧୦୦ଟଙ୍କା ପ୍ରଦାନ କରୁଛନ୍ତି। ଅଧିକାଂଶ ଚାଷୀ ପ୍ରାପ୍ୟ ପାଇ ଖୁସି ଅଛନ୍ତି। ତେବେ ଚାଷୀଙ୍କ ଆକାଉଣ୍ଟ ନମ୍ବରରେ ତ୍ରୁଟି ଓ ଅନ୍ୟ ବୈଷୟିକ କାରଣରୁ ଚାଷୀମାନେ ଧାନ ବିକ୍ରି କରି ପ୍ରାପ୍ୟ ପାଇନାହାନ୍ତି। ସୋନପୁର ବ୍ଲକ କସୁରପାଲିର ଜଣେ ଚାଷୀଙ୍କ ଧାନ ବିକ୍ରି ପ୍ରାପ୍ୟ ରାଜସ୍ଥାନର ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟରେ ଜମା ହୋଇଛି। ଚାଷୀ ଧାନ ବିକ୍ରି କରି ହଇରାଣ ହେଉଥିବା ବେଳେ ସମବାୟ ବିଭାଗର ଅଧିକାରୀମାନେ ବିଶେଷ ସହଯୋଗ କରୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି।

ବିନିକା ବ୍ଲକର ଚାଷୀ ସତ୍ୟବତୀ ରଣା, ଡୁଙ୍ଗୁରିପାଲି ବ୍ଲକର ବୈକୁଣ୍ଠ ପଧାନ, ଗୁରୁଦେବ ପାଣ୍ଡେ ଓ ସର୍ବେଶ୍ୱର କର୍ମୀ ଡିସେମ୍ବର ୩୦ ତାରିଖରେ ସରକାରୀ ମଣ୍ଡିରେ ଧାନ ବିକ୍ରି କରିଛନ୍ତି। ସତ୍ୟବତୀ ୧ଲକ୍ଷ ୮ହଜାର ୬୦୬ଟଙ୍କା, ବୈକୁଣ୍ଠ ୫୭ହଜାର ୫୦୦ଟଙ୍କା, ସର୍ବେଶ୍ୱର ୨୨ହଜାର ୧୨୬ଟଙ୍କା ଓ ଗୁରୁଦେବ ୫୪ହଜାର ୬୭୧ଟଙ୍କା ପାଇବାକୁ ଥିବା ବେଳେ ଏ ପର୍ଯ୍ୟନ୍ତ ପାଇନାହାନ୍ତି। ସେହିପରି ଡିସେମ୍ବର ୨୬ରେ ସୋନପୁର ବ୍ଲକ ଖଲିଆପାଲିର ନିନା ନାୟକ, ତରଭା ବ୍ଲକ କମସରାର ଗୀତାଞ୍ଜଳି ରଣା ଓ ମେଣ୍ଡାର ରମେଶ ପ୍ରଧାନ ଡିସେମ୍ବର ୨୭ରେ ଧାନ ବିକ୍ରି କରି ପ୍ରାପ୍ୟ ପାଇନାହାନ୍ତି। ସୂଚନା ଅନୁଯାୟୀ ନିନା ୧ଲକ୍ଷ ୭୨ ହଜାର ୫୦୦, ଗୀତାଞ୍ଜଳି ୨୩ହଜାର ୧୮୪ଟଙ୍କା ଓ ରମେଶ ୪୩ହଜାର ୭୯୨ଟଙ୍କା ପାଇନାହାନ୍ତି। ଉଲୁଣ୍ଡା ବ୍ଲକର ଚାଷୀ ଲଳିତ ହରିପାଲ, ସୋନପୁର ବ୍ଲକ ନାରାୟଣପୁର ଅଞ୍ଚଳର ଚାଷୀ ପଞ୍ଚାନନ ପ୍ରଧାନ, ଡୁଙ୍ଗୁରିପାଲି ବ୍ଲକର ଦଶରଥ ଜୁଆଡି ଓ ବିନିକା ବ୍ଲକର ଚାଷୀ ପଦ୍ମନା ଶଙ୍ଖୁଆ ଧାନ ବିକ୍ରି କରି ପ୍ରାପ୍ୟ ପାଇନାହାନ୍ତି। ସାଢେ ୩ ମାସରୁ ୪ ମାସ ଧରି ସେମାନେ ଧାନବିକ୍ରି କରି ପ୍ରାପ୍ୟ ପାଇଁ ଅପେକ୍ଷା କରି ରହିଛନ୍ତି। ସେହିପରି ସୋନପୁର ବ୍ଲକ କସୁରପାଲିର ଚାଷୀ ଦେବରଞ୍ଜନ ମହାକୁଡ ୨୧ କୁଇଣ୍ଟାଲ ଧାନ ବିଶିମୁଣ୍ଡା ପାକ୍ସରେ ବିକ୍ରି କରିଥିଲେ। ନିୟମ ଅନୁଯାୟୀ ସରକାରଙ୍କ ଏମ୍ଏସ୍‌ପି ବାବଦରେ ୫୬୦୨୮ଟଙ୍କା ଓ ରାଜ୍ୟ ସରକାରଙ୍କ ଇନ୍‌ପୁଟ ସହାୟତା ରାଶି ୧୯୪୮୮ଟଙ୍କା ପାଇବା କଥା। ତେବେ ଆକାଉଣ୍ଟ ନମ୍ବର ତ୍ରୁଟି ଥିବା କାରଣରୁ ଚାଷୀଙ୍କ ପ୍ରାପ୍ୟ ରାଜସ୍ଥାନର ଦୌଲତ ଖାଁ ନାମକ ବ୍ୟକ୍ତିଙ୍କ ଆକାଉଣ୍ଟରେ ଜମା ହୋଇଛି। ସମବାୟ ବିଭାଗର କର୍ମଚାରୀଙ୍କ ଭୁଲ କାରଣରୁ ଚାଷୀ ନିଜର ପ୍ରାପ୍ୟ ପାଇ ପାରୁନାହାନ୍ତି। ଚାଷୀ ବିଭାଗୀୟ ଅଧିକାରୀଙ୍କ ନିକଟକୁ ବାରମ୍ବାର ଆସି ନିଜର ପ୍ରାପ୍ୟ ପାଇପାରି ନାହାନ୍ତି। ଗରିବ ଚାଷୀଙ୍କ ପ୍ରାପ୍ୟ ପ୍ରଦାନ ପାଇଁ କୃଷକ ସଂଗଠନ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ସୁବର୍ଣ୍ଣପୁର ସମବାୟ ସମିତି ଉପନିବନ୍ଧକ ରଶ୍ମିଲତା ବେହେରା କୁହନ୍ତି କିଛି ଚାଷୀଙ୍କର ଆକାଉଣ୍ଟ ନମ୍ବରରେ ତ୍ରୁଟି ଥିବାରୁ ଧାନ ବିକ୍ରି ପ୍ରାପ୍ୟ ମିଳିବାରେ ବିଳମ୍ବ ହୋଇଛି। ଆମେ ସରକାରଙ୍କୁ ଲିଖିତ ଭାବେ ଜଣାଇଛୁ। ତେବେ ଚାଷୀ ଦେବରଞ୍ଜନଙ୍କ ଘଟଣାରେ ବିଭାଗୀୟ ତ୍ରୁଟି ରହିଛି। ଭୁଲରେ ଅନ୍ୟ ଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା ହୋଇଛି। ଉକ୍ତ ଆକାଉଣ୍ଟକୁ ହୋଲ୍ଡ କରାଯାଇଛି। ଚାଷୀ ଯେମିତି ଖୁବ୍‌ଶୀଘ୍ର ପ୍ରାପ୍ୟ ପାଇବେ ସେ ବ୍ୟବସ୍ଥା କରାଯାଉଥିବା ବେହେରା କହିଛନ୍ତି।

# ନ୍ୟାୟିକ ବ୍ୟବସ୍ଥା, ଆଇନ ବିଷୟରେ ଆଲୋଚନା




ତାଲିମ କାର୍ଯ୍ୟକ୍ରମରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଓ ଅଧିକାରୀମାନେ।

**ସୁବର୍ଣ୍ଣପୁରରେ ପାରାଲିଗାଲ ସ୍ୱେଚ୍ଛାସେବୀଙ୍କୁ ତାଲିମ**

**ସୋନପୁର,୨୩।୪(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସହାୟକ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ବୁଧବାର ଆୟୋଜିତ ହୋଇଥିଲା। ଜିଲା ଆଇନ ସେବା ପ୍ରାଧିକରଣ ସଚିବ କୁମୁଦିନୀ ମୁଦୁଲି ଏଥିରେ ପୌରୋହିତ୍ୟ କରି ନ୍ୟାୟିକ ବ୍ୟବସ୍ଥା, ନ୍ୟାୟ ସୁବିଧା, ପୋକ୍‌ସୋ ଆଇନ, (ଜେଭିଭି) ଜୁଭେନାଲ ଜଷ୍ଟିସ ବୋର୍ଡ ଆଦିର କାର୍ଯ୍ୟକାରିତାକୁ ପ୍ରାଞ୍ଜଳ ଭାବେ ଉପସ୍ଥାପନ କରିଥିଲେ। ସଂସାଧନ ଅଧିକାରୀ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭାଗୀୟ କଲ୍ୟାଣକାରୀ ଯୋଜନା ଓ ସେଗୁଡିକର କାର୍ଯ୍ୟକାରିତା ବିଷୟରେ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ବାର୍ଦ୍ଧକ୍ୟ ଭତ୍ତା , ଦିବ୍ୟାଙ୍ଗ ସହାୟତା ଯୋଜନା ତଥା ଅନ୍ୟ ସାମାଜିକ ସୁରକ୍ଷା ଯୋଜନା ସହ ଆବଶ୍ୟକ ଯୋଗ୍ୟତା ବିଷୟରେ ଅଲୋଚନା କରିଥିଲେ। ପ୍ରଭାଗୀୟ ଶ୍ରମ ଆଯୁକ୍ତ ଡିଲେଶ୍ୱର ଖାଖା ଶ୍ରମିକଙ୍କ ପାଇଁ ଲାଭଜନକ ଯୋଜନା, ନିମ୍ନ ଆୟ ଶ୍ରେଣୀ ପାଇଁ ଶ୍ରମ ସମ୍ବନ୍ଧୀୟ ସୁବିଧା ଓ ଶ୍ରମ ଆଇନ ଉପରେ ତାଲିମ ପ୍ରଦାନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଆଇନ ପରାମର୍ଶଦାତା କେଶବ ଚନ୍ଦ୍ର ମେହେର ପାରିବାରିକ ଘରୋଇ ହିଂସା, ମହିଳା ଓ ଶିଶୁ ସୁରକ୍ଷା ନିର୍ଯାତନା ସହ ଯୋଜନା ଓ ନ୍ୟାୟିକ ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ। ଏହି ତାଲିମ ଦ୍ୱାରା ସ୍ୱେଚ୍ଛାସେବୀମାନେ ନାଗରିକଙ୍କ ମଧ୍ୟରେ ଆଇନ ଓ ସରକାରୀ ସେବା ପ୍ରତି ସଚେତନତା ବଢ଼ାଇବା ସହ ଅଞ୍ଚଳରେ ନ୍ୟାୟ ସୁବିଧା ପହଞ୍ଚେଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣକରି ଜନସାଧାରଣଙ୍କୁ ସାମାଜିକ, ନ୍ୟାୟିକ ତଥା ବୌଦ୍ଧିକ ଦିଗ ପ୍ରତି ସଚେତନତା ପ୍ରଦାନ ପୂର୍ବକ ଏକ ସୁସ୍ଥ ସମାଜ ଗଠନରେ ସମାଜ ଓ ସରକାରୀ ବିଧି ବ୍ୟବସ୍ଥା ମଧ୍ୟରେ ସମନ୍ୱୟ ପୂର୍ବକ କାର୍ଯ୍ୟ କରିପାରିବେ ବୋଲି ମତପ୍ରକାଶ ପାଇଥିଲା।

# ଦୁଲ୍‌ଦୁଲି, ଘଣ୍ଟବାଦ୍ୟରେ କମ୍ପିଲା ସହର

**ବୌଦ୍ଧ ରାମଲୀଳା ଯାତ୍ରା ଉଦ୍‌ଯାପିତ**

**ବୌଦ୍ଧ,୨୩।୪(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାର ସର୍ବପୁରାତନ ସାଂସ୍କୃତିକ ଅନୁଷ୍ଠାନ ରାମଲୀଳା ନାଟ୍ୟସଂସଦ ପକ୍ଷରୁ ସ୍ଥାନୀୟ ମାରୁତୀମଣ୍ଡପଠାରେ ଦୀର୍ଘ ୧୮ ଦିନ ଧରି ଚାଲିଥିବା ରାମଲୀଳା ଯାତ୍ରା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିନରେ ରାବଣ ବଧ ନାଟକ ପରିବେଷଣ ହୋଇଥିଲା। ଚଳିତବର୍ଷ ରାବଣ ବଧ ଯାତ୍ରାକୁ ଖୁବ ଯାକଯମକରେ ଆୟୋଜନ କରିଛି ନାଟ୍ୟ ଅନୁଷ୍ଠାନ। ଜିଲାର ବାଉଁଶୁଣୀ, କାଶଲପୁର, ଧୂଳୁରବାହାଲ, ପୋଲାମ, ମର୍ଯ୍ୟାଦିପୁର, ସରସରା, ବାମଣ୍ଡା, ବିରିଗଡ, କେଳକଟା ଅଞ୍ଚଳରୁ ୯ଗୋଟି ସୁସଜ୍ଜିତ ରାବଣରଥ ବିରାଟ ପଟୁଆରରେ ଆସି ବୁଟୁପାଲିଠାରେ ଥିବା ହାଇସ୍କୁଲ ପଡିଆରେ ଏକତ୍ରିତ ହୋଇଥିଲେ। ସେଠାରୁ ବୌଦ୍ଧର ମୁଖ୍ୟ ରାବଣ ରଥ ସହ ସମସ୍ତ ରଥ ବିରାଟ ପଟୁଆରରେ ବାହାରି ବୁଟୁପାଲି, ହାତୀଶାଳ ଛକ ଦେଇ ଜିଲା ଷ୍ଟାଡିୟମଠାରେ ପହଞ୍ଚି ଥିଲେ। ସେହିପରି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରଥ ସହ ବାନର ସେନା ରାମେଶ୍ୱର ମନ୍ଦିରଠାରୁ ବାହାରି ପୁରୁଣାବ୍ଲକ ଛକ, ଡେଲିମାର୍କେଟ, ପୋଡାପୋଡା, ନୂଆସାହି ଦେଇ ଜିଲା ଷ୍ଟାଡିୟମ ଠାରେ ପହଞ୍ଚିଥିଲା। ସେଠାରେ ରଙ୍ଗମଞ୍ଚରେ ପ୍ରଭୁ ଶ୍ରୀରାମ ଓ ତାଙ୍କର ବାନର ସେନା ସହିତ ଦଶଗୋଟି ରାବଣ ମଧ୍ୟରେ ପ୍ରଥମ ସମର ଅନୁଷ୍ଠିତ ହୋଇଥିଲା। ପରେ ପରେ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଠାରୁ ଉଭୟ ରଥ ସହରର ଅଲଗା ରାସ୍ତାଦେଇ ବାଘଗୁଡା ଛକଠାରେ ପହଞ୍ଚିଥିଲା। ସେଠାରେ ଉଭୟ ସେନା ମଧ୍ୟରେ ଦ୍ୱିତୀୟ ମହାସମର ଅନୁଷ୍ଠିତ ହୋଇଥିଲା। ପରେ ଉଭୟ ରାମଚନ୍ଦ୍ରଙ୍କ ରଥ ଓ ରାବଣ ରଥ ଯାତ୍ରା ପଡିଆରେ ପହଞ୍ଚିଥିଲେ। ସେଠାରୁ ସମସ୍ତ ରାବଣ ସହିତ ପ୍ରଭୁ ଶ୍ରୀରାମଙ୍କ ଯୁଦ୍ଧ ହୋଇଥିଲା । ପରେ ରାବଣ ବଧ ନାଟକ ପରିବେଷଣ ହୋଇଥିଲା ଓ ଶେଷରେ ରାବଣ ବଧ ହୋଇଥିଲା। ଏହି ଅବସରରେ ଯାତ୍ରା ପଡିଆରେ ଏକ ୩୦ଫୁଟ ଉଚ୍ଚର ରାବଣ ପ୍ରତିମୂର୍ତ୍ତିକୁ ଅଗ୍ନି ସଂଯୋଗ କରାଯାଇଥିଲା। ସମର ଶୋଭାଯାତ୍ରାରେ ଓଡିଶୀ ନୃତ୍ୟ, ଅଘୋରୀ ନୃତ୍ୟ, ଭାଙ୍ଗଡା, ଘଣ୍ଟବାଦ୍ୟ, ଦୁଲଦୁଲି, କାଟପା ନୃତ୍ୟ, ବୌଦ୍ଧ ଜିଲାର ଦୁଲଦୁଲି, ଝାଲିଆ ଶବର, ପତରସଉରା ପରିବେଷିତ ହୋଇଥିଲା। ଗୁରୁବାର ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

## କାର୍-ବାଇକ୍ ଧକ୍କା: ୨ ମୃତ

**ହରଭଙ୍ଗା,୨୩।୪ (ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ପୁରୁଣାକଟକ ଥାନା ଡିଗିସିରାଠାରେ ବୁଧବାର ଏକ କାର୍ ସହ ବାଇକ୍ ଧକ୍କା ହୋଇ ୨ ଜଣଙ୍କ ମୃତ୍ୟୁ ହୋଇଛି। ସୂଚନା ମୁତାବକ ଅପରାହ୍ନରେ ପୁରୁଣାକଟକ ଥାନା ଜାମୁପଦର ଗ୍ରାମର ବିଦ୍ୟାଧର ଦେହୁରି ଓ ଅବିନାଶ ପ୍ରଧାନ ଏବଂ ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳର ଘନଶ୍ୟାମ ବେହେରା ଏକ ବାଇକ୍‌ରେ ଚାରିଛକ ପଟୁ ପରୁଣାକଟକ ଆଡକୁ ଆସୁଥିଲେ। ଏହି ସମୟରେ ଚାରିଛକ ପଟକୁ ଯାଉଥିବା କାର୍ ସହ ବାଇକ୍ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଘନଶ୍ୟାମଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ବିଦ୍ୟାଧର ଓ ଅବିନାଶଙ୍କୁ ଦମକଳ ବାହିନୀ କର୍ମଚାରୀ ପୁରୁଣାକଟକ ମେଡିକାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବୌଦ୍ଧ ମେଡିକାଲକୁ ନେବା ବାଟରେ ବିଦ୍ୟାଧରଙ୍କ ମୃତ୍ୟୁ ହୋଇଥିଲା।

## ଆମ୍ବେଡକରଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣ କର

**ଡୁଙ୍ଗୁରିପାଲି, ୨୩।୪(ଦୀନବନ୍ଧୁ ସୁନା):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ପଣ୍ଡକିଟାଲ ଆରଏମ୍‌ସି ପରିସରରେ ମଙ୍ଗଳବାର ରାତି ୮ ଟାରେ ଭାରତରତ୍ନ ବାବାସାହେବ ଭିମରାଓ ଆମ୍ବେଡ଼କରଙ୍କ ଭାରତୀୟ ସମ୍ବିଧାନକୁ ଅବଦାନ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ବେଣୁଧର ଦାଶଙ୍କ ସଭାପତିତ୍ୱରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାର ସିଂଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇ ବାବା ସାହେବଙ୍କ ସମ୍ବିଧାନ ପ୍ରସ୍ତୁତିରେ ଥିବା ଅବଦାନ ଓ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ଭାଜପା ନେତା ଶିବାଜୀ ମହାନ୍ତି, ରାଜ୍ୟ ଏସସି ମୋର୍ଚ୍ଚା ଉପସଭାପତି ମନିଜର ଆର୍ଯ୍ୟ, ବରିଷ୍ଠ ନେତା ପ୍ରମୋଦ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉଷା କୁମାରୀ, ଅଶୋକ ପୂଜାରୀ, ଆମ୍ବେଦକର ଜୟନ୍ତୀ ସମାରୋହର ସଂଯୋଜିକା ପ୍ରମିଳା କଲତା ଯୋଗଦେଇଥିଲେ। ମୁଖ୍ୟବକ୍ତା କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ ଅନୁସୂଚିତ ଜାତି ଆଯୁକ୍ତ ଅରୁଣ ହଳଦା ଯୋଗଦେଇ ଆମ୍ବେଡକରଙ୍କ ପ୍ରଦର୍ଶିତ ମାର୍ଗକୁ ଅନୁକରଣ କରିବାକୁ ଆହ୍ୱାନ ଦେଇଥିଲେ।

## ଚମ୍ପାମାଳ ରାମଲୀଳା: ଲକ୍ଷ୍ମଣଙ୍କ ଶକ୍ତିଭେଦ

**ବୀରମହାରାଜପୁର,୨୩।୪(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିକଟ ଚମ୍ପାମାଳ ରାମଲୀଳା ନାଟକରେ ବୁଧବାର ଲକ୍ଷ୍ମଣ ଶକ୍ତିଭେଦ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧୦୦ବର୍ଷରୁ ଉର୍ଦ୍ଧ୍ୱ ହେବ ଚାଲି ଆସୁଥିବା ଉକ୍ତ ନାଟକରେ ରାମ ଜନ୍ମଠାରୁ ରାମ ଅଭିଷେକ ପର୍ଯ୍ୟନ୍ତ ଦୀର୍ଘ ୧୮ ଦିନ ଧରି ଅନୁଷ୍ଠିତ ନାଟକରେ ଲକ୍ଷ୍ମଣ ଶକ୍ତିଭେଦ ମଞ୍ଚସ୍ଥ ହୋଇଥିଲା । ଉକ୍ତ ନାଟକରେ ରାମ ଭୂମିକାରେ ରବିଚନ୍ଦ୍ର ପୁରୋହିତ, ଲକ୍ଷ୍ମଣ ଭୂମିକାରେ ବିଦ୍ୟାଧର ଥନାପତି, ସୀତା ଜ୍ୟୋତି ଥନାପତି, ସୁରେଶ ଥନାପତି, ହନୁମାନ ସଞ୍ଜୀବ ଭୋଇ, ରାବଣ ସତ୍ୟମ ହୋତା, ମନ୍ଦୋଦରୀ ପ୍ରଶାନ୍ତ ମହାରଣା, ମନ୍ତ୍ରୀ ଶୁକ ସାରଣ ପ୍ରମୋଦ ପୁରୋହିତ, ସୁବ୍ରତ ମେଣ୍ଡଲୀ,ପ୍ରକାଶ ପଣ୍ଡା, ବିଭୀଷଣ ଗୋବିନ୍ଦ ଭୁକ୍ତା, ଭରତ ଚନ୍ଦ୍ରମଣି ଥନାପତି ପ୍ରମୁଖଙ୍କ ଅଭିନୟ ଦର୍ଶକଙ୍କ ମନ ମୋହିଥିଲା।

## ସୁବର୍ଣ୍ଣପୁରରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

**ପର୍ଯ୍ୟଟକଙ୍କୁ ଆତଙ୍କବାଦୀଙ୍କ ଗୁଳି**

**ସୋନପୁର,୨୩।୪(ମୃତ୍ୟୁଞ୍ଜୟ ଶତପଥୀ):** ଜମ୍ମୁ-କଶ୍ମୀରର ପହଲଗାମରେ ମଙ୍ଗଳବାର ଆତଙ୍କବାଦୀ ପର୍ଯ୍ୟଟକଙ୍କୁ ଗୁଳିମାଡ କରିଥିଲେ । ଏଥିରେ ଜଣେ ଓଡ଼ିଆଙ୍କ ସମେତ ୨୬ ଜଣଙ୍କ ମୃତ୍ୟୁ ଘଟିଛି। ହିନ୍ଦୁ ପର୍ଯ୍ୟଟକଙ୍କ ଉପରେ ବର୍ବର ଆକ୍ରମଣ ଓ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣାରେ ବୁଧବାର ସନ୍ଧ୍ୟାରେ ସୁବର୍ଣ୍ଣପୁର ସହରର ବିଜୁ ପଟ୍ଟନାୟକ ଛକରେ ଏକ ସାମୂହିକ ଶ୍ରଦ୍ଧାଞ୍ଜଳି ସଭାର ଅୟୋଜନ କରଯାଇଥିଲା। ସୁବର୍ଣ୍ଣପୁର ଏସ୍‌ପି ରାମ ପ୍ରସାଦ ସାହୁ ଏଥିରେ ଯୋଗଦେଇଥିଲେ। ସାଧାରଣ ଜନତା, ସ୍ୱେଚ୍ଛାସେବୀ, ବିଭିନ୍ନ ସମ୍ପ୍ରଦାୟର ଲୋକେ ମୃତକଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୀପ ଦାନ କରିଥିଲେ। ଧର୍ମ ନାଁରେ ଆତଙ୍କବାଦୀଙ୍କ ଏଭଳି କାଣ୍ଡ ଅତ୍ୟନ୍ତ ନିନ୍ଦନୀୟ ବୋଲି ମତ ରଖି ଆତଙ୍କବାଦୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଥିଲା । ସମାଜସେବୀ ଶ୍ରୀବସ୍ତ ମଲ୍ଲିକ, ବରିଷ୍ଠ ନାଗରିକ ପ୍ରତାପ ଦାଶ, ନିରଞ୍ଜନ ତ୍ରିପାଠୀ, ରକେଶ ନାଗ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ମୃତ ପର୍ଯ୍ୟଟକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମନୋରଞ୍ଜନ ତ୍ରିପାଠୀ, ପ୍ରମୋଦ କୁମାର ସାହୁ, ମନୋଜ ପଣ୍ଡା, ରବୀନ୍ଦ୍ର ଜେନା, ଚୌଧୁରୀ ବିଭାରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

वित्त मंत्रालय
MINISTRY OF FINANCE
सत्यमेव जयते

ତ୍ରୈମାସିକ ରିଟର୍ନ
ମାସିକ ପରିଶୋଧ (କ୍ୟୁଆର୍‌ଏମ୍‌ପି)

ଆର୍ଥିକ ବର୍ଷ ୨୦୨୪-୨୫ ଅବଧିରେ ₹୫ କୋଟି ପର୍ଯ୍ୟନ୍ତ ସର୍ବମୋଟ ବାର୍ଷିକ କାରବାରଧାରୀ
କ୍ଷୁଦ୍ର ଟିକସଦାତାଙ୍କ ପାଇଁ ବ୍ୟବସାୟ ସଞ୍ଚାଳନକୁ ସହଜ କରିବା ଅଭିମୁଖେ ଏକ ପଦକ୍ଷେପ

କ୍ୟୁଆର୍‌ଏମ୍‌ପି ଯୋଜନାର ଲାଭ ଉଠାଇବା ପାଇଁ ଇଚ୍ଛୁକ ଯୋଗ୍ୟ ଟିକସଦାତାମାନେ ଜିଏସ୍‌ଟି ପୋର୍ଟାଲ୍ (www.gst.gov.in)ରେ ନିମ୍ନଲିଖିତ ପଦକ୍ଷେପ ଅନୁସରଣ କରି ତାହାର ବିକଳ୍ପ ବାଛିପାରିବେ

ଟିକସଦାତା ଇଣ୍ଟରଫେସ୍‌ରେ ଲଗ୍ ଇନ୍ କରନ୍ତୁ
Services > Returns > Opt-in for quarterly return ବିକଳ୍ପକୁ ଯାଆନ୍ତୁ

ପୂର୍ବରୁ କ୍ୟୁଆର୍‌ଏମ୍‌ପି ଯୋଜନାର ଲାଭ ଉଠାଉଥିବା ଟିକସଦାତାମାନଙ୍କୁ ଏହି ଯୋଜନା ଲାଗି ପୁନର୍ବାର ଆବେଦନ କରିବାକୁ ପଡ଼ିବ ନାହିଁ

ଲାଭ

- ତ୍ରୈମାସରେ ଥରେ ଫର୍ମ ଜିଏସ୍‌ଟିଆର୍-୧ ଏବଂ ଜିଏସ୍‌ଟିଆର୍-୩ବିରେ ଜିଏସ୍‌ଟି ବିବରଣୀ/ରିଟର୍ନ ଫାଇଲ୍ କରନ୍ତୁ
- ସ୍କିମ୍‌ର ବିକଳ୍ପ ବାଛିବା ଓ ସେଥିରୁ ଓହରିବା ଖୁବ୍ ସହଜ
- ଫ୍ଲେକ୍ସିବଲ୍ ଇନ୍‌ଭଏସ୍ ଫର୍ନିଶିଙ୍ଗ ସୁବିଧା (ଆଇଏଫ୍‌ଏଫ୍)ର ସ୍ୱାଚ୍ଛନ୍ଦ୍ୟ ଉପଭୋଗ କରନ୍ତୁ
- ତ୍ରୈମାସର ପ୍ରଥମ ଦୁଇ ମାସରେ ସ୍ଥିର ପରିମାଣ ପଦ୍ଧତି (ପୂର୍ବରୁ ପୂରଣ ହୋଇଥିବା ଚାଲାଣ) କିମ୍ବା ଆତ୍ମ-ମୂଲ୍ୟାଙ୍କିତ ପଦ୍ଧତି (ଆଇଟିସି ଆଡ୍‌ଜଷ୍ଟ ହେବା ପରେ ପ୍ରକୃତ ଦେୟ ଟିକସ) ବ୍ୟବହାର ସୁବିଧାରେ ମାସିକ ଟିକସ ପୈଠ କରନ୍ତୁ
- ପ୍ରତି ତ୍ରୈମାସରେ ଥରେ ଆଇଟିସି ଏବଂ ଟିକସର ଆତ୍ମ-ମୂଲ୍ୟାୟନ

ଆର୍ଥିକ ବର୍ଷ ୨୦୨୫-୨୬ର ୧ମ ତ୍ରୈମାସଠାରୁ କ୍ୟୁଆର୍‌ଏମ୍‌ପି ଯୋଜନାର ବିକଳ୍ପ ବାଛିବାର ଶେଷ ତାରିଖ

୩୦ ଏପ୍ରିଲ, ୨୦୨୫

ଯୋଗ୍ୟ ପଞ୍ଜୀକୃତ ବ୍ୟକ୍ତି ଯେକୌଣସି ତ୍ରୈମାସ ପାଇଁ ଯୋଜନାର ବିକଳ୍ପକୁ ତାହାର ପୂର୍ବବର୍ତ୍ତୀ ତ୍ରୈମାସର ଦ୍ୱିତୀୟ ମାସର ପ୍ରଥମ ଦିନରୁ ଆରମ୍ଭ କରି ତ୍ରୈମାସର ପ୍ରଥମ ମାସର ଶେଷ ଦିନ ପର୍ଯ୍ୟନ୍ତ ବାଛିପାରିବେ ।

ଜିଏସ୍‌ଟି ରିଟର୍ନ ଫାଇଲିଂ:
ଏହା ଦ୍ରୁତ, ସହଜ ଏବଂ ସରଳ

ଅଧିକ ବିବରଣୀ ପାଇଁ, ଦୟାକରି ଅଧିସୂଚନା ନଂ.୮୧ରୁ ୮୫/୨୦୨୦-କେନ୍ଦ୍ରୀୟ ଟିକସ ଏବଂ ସର୍କୁଲାର ନଂ. ୧୪୩/୧୩/୨୦୨୦-ଜିଏସ୍‌ଟି, ଉଭୟ ତା।୧୦।୧୧।୨୦୨୦ରିଖ ଦେଖନ୍ତୁ

କ୍ୟୁଆର୍‌ଏମ୍‌ପି ଯୋଜନା ସମ୍ପର୍କରେ ଅଧିକ ବିବରଣୀ ପାଇଁ ଦୟାକରି ସ୍କାନ୍ କରନ୍ତୁ

CBC 15502/13/0003/2526

କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ
@cbicindia @cbic_india @cbicindia @CBICINDIA CBIC India

**ଦୁର୍ଘଟଣାରୁ ରକ୍ଷା ପାଇଲେ କାର ଚାଳକ**

**ବଡ଼ଗାଁ (ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ଥାନା ତୁଡାଲଗା ମଙ୍ଗଲା ମନ୍ଦିର ସମ୍ମୁଖ ରାଜ୍ୟ ରାଜପଥରେ ବୁଧବାର ସକାଳ ୭ଟାରେ ଏକ ଦୁର୍ଘଟଣା ଘଟିଛି। ଏଥିରେ କୁଆଁରମୁଣ୍ଡାର କାର୍ ଚାଳକ ସୁଦାମ ରାୟ ବର୍ତ୍ତି ଯାଇଛନ୍ତି। କୋଇଡାରୁ ଲୁହାପଥର ନେଇ ଝାରସୁଗୁଡ଼ା ଯାଉଥିବା ଟ୍ରକ୍ ମଙ୍ଗଳା ମନ୍ଦିର ସମ୍ମୁଖରେ ରଖି ଚାଳକ ଚା ପିଉଥିଲେ। ଏହି ସମୟରେ ରାଉରକେଲାଠାରୁ କୁଚିଣ୍ଡା ଯାଉଥିବା କାର୍ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ କାର୍ ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଥିଲା। କିନ୍ତୁ କାରର ବେଲୁନ ଯୋଗୁ ଚାଳକ ଜଣକ ବର୍ତ୍ତି ଯାଇଛନ୍ତି।

# କେନସରା ଲୌହଖଣି ପାଇଁ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି

- ରୁଙ୍ଗ୍‌ଟା ମାଇନ୍ସ ଲିମିଟେଡକୁ ଲୋକଙ୍କ ସମର୍ଥନ
- ଯୋଗ ଦେଲେ ୫୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ


ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ।

ଟେନସା/ଲହୁଣୀପଡ଼ା,୨୩।୪ (ସମୀର କୁମାର ପାଢ଼ୀ/ଦାଶରଥି ପଣ୍ଡା)

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ସୁନ୍ଦରଗଡ଼ ଜିଲାର ଲହୁଣିପଡ଼ା ତହସିଲ ଅନ୍ତର୍ଗତ ଜଳଡ଼ିହି ଏବଂ କେନସରା ଗ୍ରାମରେ ଥିବା ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟଡ଼ର ଅବସ୍ଥିତ ୧୦୦.୪୩୯ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ କେଡେସାଲା ନର୍ଥ ଇଷ୍ଟ ଲୌହ ଖଣିଜ ବ୍ଲକରୁ ୧.୨୧ ଏମ୍‌ଟିପିଏ ଆରଓଏମ ଲୌହ ଖଣିଜ (ସମୁଦାୟ ୧୯୯୧୧୨୦ ଟିପିଏ ଉତ୍ତୋଳନ ଆରଓଏମ ଲୌହ ଖଣିଜ ୧୨୧୦୦୦୦ ଟିପିଏ + ଓବି/ ବର୍ଜ୍ୟ ୭୮୧୧୨୦ ଟିପିଏ) ଉତ୍ପାଦନ ପାଇଁ ଆବଶ୍ୟକ ପଡୁଥିବା ପରିବେଶ ସମ୍ବନ୍ଧୀୟ ସର୍ବସାଧାରଣ ଜନ ଶୁଣାଣି ବୁଧବାର କେନସରା ଗାଁର ଫୁଟବଲ ଖେଳପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଜିଲା ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝୀ, ବଣାଇଁ ଉପଜିଲାପାଳ ଅକ୍ଷୟ ପିଲେ (ଆଇ ଏ ଏସ), ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଉରକେଲା ଭାରପ୍ରାପ୍ତ ଆଞ୍ଚଳିକ ଅଧିକାରୀ ବିଜୟ କୁମାର ଭୋଇ, ବଣାଇଁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହରେକୃଷ୍ଣ ମାଝୀ, ଉପଖଣ୍ଡ ପୋଲିସ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ, କୋଇଡ଼ା ତହସିଲଦାର ନିର୍ମଳ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଖଣି ଚାଲୁ ହେଲେ କ'ଣ ଅସୁବିଧା ହେବ ଏହାର କିପରି ପ୍ରତିକାର କରାଯିବ ସେ ସମ୍ପର୍କରେ କମ୍ପାନୀର ଉପ ସଭାପତି ଡି କେ ପରିଡ଼ା ଜନସାଧାରଣଙ୍କୁ ଜଣାଇବା ପରେ ଜନ ସାଧାରଣଙ୍କଠାରୁ ମତାମତ ଲୋଡ଼ାଯାଇଥିଲା। ବଣାଇ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ପୂର୍ବତନ ସରପଞ୍ଚ ମଧୁ ନାଏକ, କେନସରାର ରଞ୍ଜନ ଦେହୁରୀ, ବଣାଇ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ଶ୍ରମିକ ନେତା ପ୍ରସନ୍ନ କୁମାର ନାୟକଙ୍କ ସମେତ ୬୩ରୁ ଉର୍ଦ୍ଧ୍ୱ ଜନସାଧାରଣ ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ଼ ସପକ୍ଷରେ ମତାମତ ଦେଇଥିଲେ। ଏଥିସହ ପାରିପାର୍ଶ୍ୱିକ ଉନ୍ନତି, ସାମାଜିକ ବିକାଶ, ନିଯୁକ୍ତି, ପରିବେଶ ସୁରକ୍ଷା, ଗ୍ରାମକୁ ଭଲ ରାସ୍ତା, ମେଡିକାଲ ନିର୍ମାଣ ପ୍ରମୁଖ ଦାବି ଉପସ୍ଥାପନ କରିଥିଲେ। ଖଣି ଚାଲିଲେ ସମସ୍ତ ଦାବି ପୂରଣ କରାଯିବ ବୋଲି ରୁଙ୍ଗଟା ମାଇନ୍ସ ସିନିୟର ଜେନେରାଲ ମ୍ୟାନେଜର ଏଲ ଏନ ରାଉତ ପ୍ରତିଶ୍ରୁତି ଦେଇଥିଲେ। ରୁଙ୍ଗଟା ମାଇନ୍ସ ଲିମିଟେଡ ନିର୍ଦ୍ଦେଶକ ହୀରକ ମଜୁନଦାର, ସହ ସଭାପତି ରାମୁ ଅଗ୍ରୱାଲ, ଉପସଭାପତି ଡି କେ ପରିଡ଼ା, ସିନୀୟର ଜିଏମ୍‌ଏଲଏନ ରାଉତ, ସିନିୟର ଜି ଏମ ବି ଆର ଦାସ, ବିଷ୍ଣୁପଦ ଷଡ଼ଙ୍ଗୀ, ଅଜୟ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ। ଜଳଡିହି, କେନସରା, ବାଟଗାଁ, ସାରକୁଣ୍ଡା, ଲସି, ଭୁତୁଡା, କୋଇଡ଼ା, ବରସୁଆଁ ଆଦି ଗ୍ରାମର ୫୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ। ସୁରକ୍ଷା ନିମନ୍ତେ ପୋଲିସ ପକ୍ଷରୁ କୋଇଡ଼ା, ବିଶ୍ରା, ଗୁରୁଣ୍ଡିଆ, ଲହୁଣୀପଡ଼ା, ଚାନ୍ଦିପୋଷ, କେବଲାଙ୍ଗ ଥାନାଧିକାରୀଙ୍କ ସମେତ ପୋଲିସ ଫୋର୍ସ ଦ୍ୱାରା ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ଜେଲ ଗଲେ ୨ ଅଭିଯୁକ୍ତ

- ଆଦିବାସୀ ନାବାଳିକା ବଳତ୍କାର ମାମଲା
- ଅନ୍ୟତମ ଅଭିଯୁକ୍ତ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଗଲା

ସୁନ୍ଦରଗଡ,୨୩।୪(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ ଜିଲା ତଳସରା ଥାନା ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ଘଟିଥିବା ଆଦିବାସୀ ନାବାଳିକା ଗଣ ବଳତ୍କାର ମାମଲାରେ ଅଟକ ଥିବା ଜଣେ ନାବାଳକଙ୍କ ସମେତ ୩ଜଣ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡର ପ୍ରିନ୍ସିପାଲ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରାଯିବା ପରେ ତାଙ୍କୁ ରାଉରକେଲା ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି। ଅନ୍ୟ ୨ଜଣଙ୍କୁ ସ୍ୱତନ୍ତ୍ର ପକ୍ସୋ ଅଦାଲତରେ ହାଜର କରାଯିବା ପରେ ବିଚାରପତି ସେମାନଙ୍କର ଜାମିନ ନାମଞ୍ଜୁର କରି ଜେଲ ହାଜତକୁ ପଠାଇଦେଇଛନ୍ତି। ପ୍ରକାଶଯୋଗ୍ୟ ଯେ, ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଏକୋଇଶିଆ କାର୍ଯ୍ୟକ୍ରମରେ ଯୋଗଦେଇ ପୀଡିତା ନାବାଳିକା ଜଣକ ତାଙ୍କର ୩ଜଣ ସାଙ୍ଗଙ୍କ ସହିତ ଘରକୁ ଫେରୁଥିବା ବେଳେ ଏକ ବୋଲେରୋ ଗାଡ଼ିରେ ଆସି ୩ଜଣ ତାଙ୍କୁ ଉଠାଇ ନେଇଥିଲେ। ପରେ ତାଙ୍କୁ ଗଣବଳାତ୍କାର କରି ଅନ୍ୟ ଏକ ସ୍ଥାନରେ ଛାଡି ଚାଲିଯାଇଥିଲେ। ବୁଧବାର ସକାଳେ ପୀଡିତା ଜଣକ ପରିବାର ଲୋକଙ୍କ ସହିତ ଆସି ତଳସରା ଥାନାରେ ରିପୋର୍ଟ କରିଥିଲେ। ଏହାପରେ ସୁନ୍ଦରଗଡ଼ ଏସପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶ କ୍ରମେ ଏହି ଘଟଣାରେ ସଂପୃକ୍ତ ୩ ଅଭିଯୁକ୍ତଙ୍କୁ ପୋଲିସ ଆଣି ପଚରାଉଚରା କରିଥିଲା। ଉଭୟ ପୀଡିତା ଓ ୩ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା କରି କେସ ନମ୍ବର ୯୦/୨୦୨୫ରେ ଅପହରଣ ଓ ଗଣବଳତ୍କାର ମାମଲା ରୁଜୁ କରିଛି।

# ବିଇଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା


କୁଆଁରମୁଣ୍ଡାର ପୂର୍ବତନ ବିଇଓ ସଦାନନ୍ଦ ପଧାନଙ୍କୁ କୁଆଁରମୁଣ୍ଡାରେ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

କୁଆଁରମୁଣ୍ଡା,୨୩।୪(ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସଦାନନ୍ଦ ପ୍ରଧାନଙ୍କ ସୁନ୍ଦରଗଡ଼ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଭାବେ ପଦୋନ୍ନତି ହୋଇଛି। ସରକାରୀ ନିର୍ଦ୍ଦେଶ ମୁତାବକ ପ୍ରଧାନ ସୁନ୍ଦରଗଡ଼ ଏଡିଇଓ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଅନୁରୂପ ଭାବେ କୁଆଁରମୁଣ୍ଡା ବିଇଓ ଭାବେ କୁଆଁରମୁଣ୍ଡାର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରି ତପସିନୀ ମହାନନ୍ଦିଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ କୁଆଁରମୁଣ୍ଡା ସିଆର୍‌ସିସି ସଂଘ ପକ୍ଷରୁ ପୂର୍ବତନ ବିଇଓ ପ୍ରଧାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍ଥାନୀୟ ତେଲିପୋଷ ଗୀର୍ଜାଟୋଲି ସ୍କୁଲରେ ଏହି ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଏଥିରେ କୁଆଁରମୁଣ୍ଡା ବିଡ଼ିଓ ଜଗଦୀଶ ଚନ୍ଦ୍ର ମହାନନ୍ଦ, ଅବସରପ୍ରାପ୍ତ ବିଇଓ ସମରେନ୍ଦ୍ର ମଲ୍ଲିକ, ଗୁରୁଚରଣ ସାହୁ, ହରିହର ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୀମା ସୁଜାତା ତିର୍କୀ, ବୀରମିତ୍ରପୁର ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବାଣୀ ମୁଣ୍ଡା, ପୂର୍ବତନ ଏଇବିଇଓ ଦରୋଥିଆ ଟପ୍ପୋ, ନିଳିମା ପଣ୍ଡା ଓ କୁଆଁରମୁଣ୍ଡା ବ୍ଲକର ନୂତନ ବିଇଓ ଦାୟିତ୍ୱ ଗ୍ରହଣ କରିଥିବା ଏବିଇଓ ତପସିନୀ ମହାନନ୍ଦିଆ ପ୍ରମୁଖ ଉପସ୍ଥିତ ରହି ପୂର୍ବତନ ବିଇଓ ପଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସିଆର୍‌ସିସି ଦାମ୍ବରୁଧର ନାଏକ ଓ ମିତା କାଲୋ ପରିଚାଳନା କରିଥିବା ବେଳେ ସିଆର୍‌ସିସି କିଶୋର ମୁଦୁଲି, ରାଜେଶ ଦାସ, ପ୍ରଦୀପ ପାତ୍ର, ଯାଗେଶ୍ୱର୍ ରାୟ ଓ ଅନ୍ୟ ସିଆର୍‌ସିସିମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ସଞ୍ଚାଳନ କରିଥିଲେ।

# ଜୁନିୟର ରେଡକ୍ରସ କାର୍ଯ୍ୟକାରିଣୀ ବୈଠକ



ବୈଠକରେ ଉପସ୍ଥିତ ଅତିଥି।

କୁତ୍ରା,୨୩।୪ (ଦେବାଶିଷ ସାହୁ)

କୁତ୍ରା ପିଏମଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସଦାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସୁନ୍ଦରଗଡ଼ ଜିଲା ଜୁନିୟର ରେଡକ୍ରସ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୁନିୟର ରେଡକ୍ରସ ଅଧିକାରୀ ଅନିଲ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲା ଜୁନିୟର ରେଡକ୍ରସ ଯୁଗ୍ମ ସମ୍ପାଦକ ଡ.ବିଭୀଷଣ ବାରିକ ୨୦୨୪-୨୫ ଶିକ୍ଷା ବର୍ଷର ବିସ୍ତୃତ ବିବରଣୀ ପ୍ରଦାନ କରିବା ସହିତ ଚଳିତ ବର୍ଷ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡିକର ବିବରଣୀ ପ୍ରଦାନ କରିଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକାରିଣୀ ସଦସ୍ୟ ତଥା ବଣାଇଁ ଗୋଷ୍ଠୀ ଶିକ୍ଷାଧିକାରୀ ସୁନିଲ କୁମାର ମୁଣ୍ଡ, ଉଦିତ ନଗର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠୀ, ଟାଉନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୀରାମଣି ମିଞ୍ଜ, ଜେଆର୍‌ସି କାଉନସିଲର ଚନ୍ଦ୍ରଶେଖର ସାହୁ, ଗୋଗୁଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଝସକେତନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ୧୭ ବ୍ଲକର ଜୁନିୟର ରେଡକ୍ରସ ସଂଯୋଜକ ସଂଯୋଜିକା ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଉକ୍ତ ଜିଲା କାର୍ଯ୍ୟକାରୀଣିରେ ଜୁନିୟର ରେଡକ୍ରସରେ ପ୍ରାଥମିକ ଚିକିତ୍ସା ସଚେତନତା କାର୍ଯ୍ୟକ୍ରମ, ରକ୍ତ ଦାନ ଶିବିର, ଏଚ୍‌ଆଇଭି ସଚେତନତା, ସଡ଼କ ସରକ୍ଷା, ମାନବ ସମ୍ବଳର ବିକାଶ, ବହୁମୁଖି ସେବା ଶିବିର, ବ୍ଲକ ସ୍ତରୀୟ ବନ୍ଧୁତା ଶିବିର, ଜିଲା ସ୍ତରୀୟ ବନ୍ଧୁତା ଶିବିର ଆଦି ବିଷୟ ଗୁଡିକ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି କାର୍ଯ୍ୟକାରୀ କରି କରିବାକୁ ମତଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଦୀପିକା କେର୍କେଟା, ରୋହିତ ଜୟପୁରିଆ, ସୁନିତା ପଟେଲ, ଲିପିକା କାଲୋ ସହଯୋଗ କରିଥିଲେ। ଶେଷରେ ଡ.ବିଭୀଷଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଲଟିଲା କୋଇଲା ବୋଝେଇ ଟ୍ରକ୍

## ନିଶାସକ୍ତ ହୋଇ ଚାଳକ ଚଳାଉଥିଲେ ଗାଡ଼ି

ବଡ଼ଗାଁ,୨୩।୪(ଅଶୋକ ଷଡ଼ଙ୍ଗୀ)- ବଡ଼ଗାଁ ବସଷ୍ଟାଣ୍ଡରେ ବୁଧବାର ପୂର୍ବାହ୍ନ ୧୧ଟା ୪୫ରେ ଦ୍ରୁତ ଗତିରେ ଆସୁଥିବା ଏକ କୋଇଲା ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ବଡ଼ଗାଁ ପୋଲିସ ଗାଡ଼ି ଓ ଘରୋଇ ଯାତ୍ରୀବାହୀ ବସକୁ ଧକ୍କା ଦେବା ପୂର୍ବରୁ ଡିଭାଇଡରକୁ ଧକ୍କା ଦେଇ ଟ୍ରକ୍ ଓଲଟି ଯିବାରୁ ବସ ଯାତ୍ରୀ ଓ ପୋଲିସ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ଘଟଣାରେ ପୋଲିସ ଟ୍ରକ୍ ଡ୍ରାଇଭରଙ୍କୁ ଅଟକ ରଖିଛି। ଟ୍ରକ୍ ଚାଳକ ଜଣକ ନିଶାସକ୍ତ ହୋଇ ଗାଡ଼ି ଚଳାଉଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଏଏସଆଇ ଅରୁପାନନ୍ଦ ଦାସଙ୍କ ସମ୍ମୁଖରେ ସ୍ୱୀକାର କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ସାଢ଼େ ୧୧ ଟାରେ ବଡ଼ଗାଁ ଥାନା ଏଏସଆଇ ଦାସଙ୍କୁ ଯାତ୍ରାବାହୀ ବସର ଜଣେ କର୍ମଚାରୀ ଫୋନରେ ଏକ ଟ୍ରକ୍ ଅନିୟନ୍ତ୍ରିତ ଭାବେ ଯାଉଥିବା ସୂଚନା ଦେଇଥିଲେ। ସୂଚନା ଦେଇ ଯାତ୍ରୀବାହୀ ବସ୍ ବସଷ୍ଟାଣ୍ଡକୁ ପହଞ୍ଚିଲା ବେଳେ ଦ୍ରୁତ ଗତିରେ ଆସୁଥିବା ଟ୍ରକ୍‌ଟି ଭାରସାମ୍ୟ ହରାଇ ଡିଭାଇଡରକୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ସୂଚନାଯୋଗ୍ୟ, ବଡ଼ଗାଁ ବସଷ୍ଟାଣ୍ଡରେ ଯାନର ଗତି ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏ ନେଇ ଗ୍ରାମବାସୀ ବହୁବାର ପ୍ରଶାସନଠାରେ ଜଣାଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ବଡ଼ଗାଁ ବସଷ୍ଟାଣ୍ଡ ନିକଟ ରାସ୍ତା ପାର୍ଶ୍ୱରେ ଥାନା, ଉଚ୍ଚ ବିଦ୍ୟାଳୟ, ଶିଳ୍ପ ତାଲିମ କେନ୍ଦ୍ର, ମେଡିକାଲ ଓ ଚତୁଃର୍ମୁଖି ରାସ୍ତା ଥିବାରୁ ଏହି ସ୍ଥାନଟି ସର୍ବଦା ବିପଦପୂର୍ଣ୍ଣ ରହିଛି। ବସଷ୍ଟାଣ୍ଡରେ ଗତି ନିୟନ୍ତ୍ରଣ ବ୍ୟବସ୍ଥା କରାନଗଲେ ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି।

## ସ୍କାଉଟ ଗାଇଡ ପକ୍ଷରୁ ଜଳ ଦାନ ଶିବିର

**ବଡ଼ଗାଁ,୨୩।୪(ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ସ୍ଥିତ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ, ଗାଇଡ ପକ୍ଷରୁ ବୁଧବାର ସ୍କୁଲ ସମ୍ମୁଖ ରାଜପଥ ପାର୍ଶ୍ୱରେ ଜଳଦାନ ଶିବିର ଆୟୋଜିତ ହୋଇଥିଲା। ଏହାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ଲାକ୍ରା ଉଦ୍‌ଘାଟନ କରିଥିଲେ। ରାଜ୍ୟରେ ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରଚୁର ପାଣି ପିବାକୁ ପ୍ରଧାନ ଶିକ୍ଷୟତ୍ରୀ କହିଥିଲେ। ସ୍କାଉଟ ଗାଇଡ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀମାନେ ବାଟୋଇଙ୍କୁ ଦହି ସରବତ ବଣ୍ଟନ କରିଥିଲେ। ଡିଟିସି ଜନସନ ଖାଖା, ସ୍କାଉଟ ମାଷ୍ଟର ସୁନିଲ ଗର୍ଡିଆ, ଗାଇଡ କ୍ୟାପଟେନ ସ୍ୱର୍ଣ୍ଣଲତା ନାୟକ, ଗାଇଡ କ୍ୟାପଟେନ କିରଣ ମିଞ୍ଜଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ଶିକ୍ଷୟିତ୍ରୀ ତୃପ୍ତି ଦାସ, ସରୋଜିନୀ ବାଗ, ସଚଳା ପଟେଲ, ଶ୍ରଦ୍ଧାଞ୍ଜଳି ପଣ୍ଡା, ରଞ୍ଜିତା ନାଏକ, ମନୋଜ ବାଦା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ପହଲଗାମ୍‌ରେ ଶହୀଦ ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି


ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

କୁଆଁରମୁଣ୍ଡା,୨୩।୪(ମହେନ୍ଦ୍ର କୁମାର ସାହୁ)

ପହଲଗାମରେ ଆତଙ୍କବାଦୀଙ୍କ ଗୁଳିରେ ଶହୀଦ ହୋଇଥିବା ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ବୁଧବାର ସନ୍ଧ୍ୟାରେ କୁଆଁରମୁଣ୍ଡା ନାଗରିକ କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ପୂର୍ବକ ମହମବତୀ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ଆତଙ୍କବାଦୀଙ୍କ ଅମାନବୀୟ କାଣ୍ଡର ତୀବ୍ର ନିନ୍ଦା କରାଯିବା ସହ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକମାନଙ୍କ ପରିବାରକୁ ଉପଯୁକ୍ତ ସମ୍ମାନ ଓ ନ୍ୟାୟ ପ୍ରଦାନ ନିମନ୍ତେ ସରକାର ଆତଙ୍କିଙ୍କୁ ଚିହ୍ନଟ କରି ମୂଳୋତ୍ପାଟନ କରିବା ପାଇଁ ଦାବି କରାଯାଇଛି। ଏହି ଶୋଭାଯାତ୍ରାରେ ସାମାଜିକ କର୍ମୀ ଶୈଳେଶ ତିୱାରୀ, ପୂର୍ବତନ ବିଧାୟକ ରେମିଶ କେରକେଟା, ନାରୀ ନେତ୍ରୀ ରିନା ମେହେର, ଲକ୍ଷ୍ମୀ ନାରାୟଣ ସାହୁ, ଟୁନୁ ଅଗସ୍ତି, କୃତାର୍ଥ ଲାଲା, ରମେଶ ସେଠୀ ପ୍ରମୁଖଙ୍କ ସହ ବହୁ ସାଧାରଣ ଲୋକେ ସାମିଲ ଥିଲେ।

वित्त मंत्रालय MINISTRY OF FINANCE

ତ୍ରୈମାସିକ ରିଟର୍ନ
ମାସିକ ପରିଶୋଧ (କ୍ୟୁଆର୍‌ଏମ୍‌ପି)

ଆର୍ଥିକ ବର୍ଷ ୨୦୨୪-୨୫ ଅବଧିରେ ₹୫ କୋଟି ପର୍ଯ୍ୟନ୍ତ
ସର୍ବମୋଟ ବାର୍ଷିକ କାରବାରଧାରୀ
କ୍ଷୁଦ୍ର ଟିକସଦାତାଙ୍କ ପାଇଁ ବ୍ୟବସାୟ ସଞ୍ଚାଳନକୁ ସହଜ କରିବା ଅଭିମୁଖେ ଏକ ପଦକ୍ଷେପ

କ୍ୟୁଆର୍‌ଏମ୍‌ପି ଯୋଜନାର ଲାଭ ଉଠାଇବା ପାଇଁ ଇଚ୍ଛୁକ ଯୋଗ୍ୟ ଟିକସଦାତାମାନେ ଜିଏସ୍‌ଟି ପୋର୍ଟାଲ୍ (www.gst.gov.in)ରେ ନିମ୍ନଲିଖିତ ପଦକ୍ଷେପ ଅନୁସରଣ କରି ତାହାର ବିକଳ୍ପ ବାଛିପାରିବେ

ଟିକସଦାତା ଇଣ୍ଟରଫେସ୍‌ରେ ଲଗ୍ ଇନ୍ କରନ୍ତୁ
Services > Returns > Opt-in for quarterly return ବିକଳ୍ପକୁ ଯାଆନ୍ତୁ

ପୂର୍ବରୁ କ୍ୟୁଆର୍‌ଏମ୍‌ପି ଯୋଜନାର ଲାଭ ଉଠାଉଥିବା ଟିକସଦାତାମାନଙ୍କୁ ଏହି ଯୋଜନା ଲାଗି ପୁନର୍ବାର ଆବେଦନ କରିବାକୁ ପଡ଼ିବ ନାହିଁ

ଲାଭ

- ତ୍ରିମାସରେ ଥରେ ଫର୍ମ ଜିଏସ୍‌ଟିଆର୍-୧ ଏବଂ ଜିଏସ୍‌ଟିଆର୍-୩ବିରେ ଜିଏସ୍‌ଟି ବିବରଣୀ/ରିଟର୍ନ ଫାଇଲ୍ କରନ୍ତୁ
- ସ୍କିମ୍‌ର ବିକଳ୍ପ ବାଛିବା ଓ ସେଥିରୁ ଓହରିବା ଖୁବ୍ ସହଜ
- ଫ୍ଲେକ୍ସିବଲ୍ ଇନ୍‌ଭଏସ୍ ଫର୍ନିଶିଙ୍ଗ ସୁବିଧା (ଆଇଏଫ୍‌ଏଫ୍)ର ସ୍ୱାଚ୍ଛନ୍ଦ୍ୟ ଉପଭୋଗ କରନ୍ତୁ
- ତ୍ରୈମାସର ପ୍ରଥମ ଦୁଇ ମାସରେ ସ୍ଥିର ପରିମାଣ ପଦ୍ଧତି (ପୂର୍ବରୁ ପୂରଣ ହୋଇଥିବା ଚାଲାଣ) କିମ୍ବା ଆତ୍ମ-ମୂଲ୍ୟାଙ୍କିତ ପଦ୍ଧତି (ଆଇଟିସି ଆଡ୍‌ଜଷ୍ଟ ହେବା ପରେ ପ୍ରକୃତ ଦେୟ ଟିକସ) ବ୍ୟବହାର ସୁବିଧାରେ ମାସିକ ଟିକସ ପୈଠ କରନ୍ତୁ
- ପ୍ରତି ତ୍ରୈମାସରେ ଥରେ ଆଇଟିସି ଏବଂ ଟିକସର ଆତ୍ମ-ମୂଲ୍ୟାୟନ

ଆର୍ଥିକ ବର୍ଷ ୨୦୨୫-୨୬ର ୧ମ ତ୍ରୈମାସଠାରୁ
କ୍ୟୁଆର୍‌ଏମ୍‌ପି ଯୋଜନାର ବିକଳ୍ପ ବାଛିବାର ଶେଷ ତାରିଖ

୩୦ ଏପ୍ରିଲ, ୨୦୨୫

ଯୋଗ୍ୟ ପଞ୍ଜୀକୃତ ବ୍ୟକ୍ତି ଯେକୌଣସି ତ୍ରୈମାସ ପାଇଁ ଯୋଜନାର ବିକଳ୍ପକୁ ତାହାର ପୂର୍ବବର୍ତ୍ତୀ ତ୍ରୈମାସର ଦ୍ୱିତୀୟ ମାସର ପ୍ରଥମ ଦିନରୁ ଆରମ୍ଭ କରି ତ୍ରୈମାସର ପ୍ରଥମ ମାସର ଶେଷ ଦିନ ପର୍ଯ୍ୟନ୍ତ ବାଛିପାରିବେ ।

ଅଧିକ ବିବରଣୀ ପାଇଁ, ଦୟାକରି ଅଧିସୂଚନା ନଂ.୮୧ରୁ ୮୫/୨୦୨୦-କେନ୍ଦ୍ରୀୟ ଟିକସ ଏବଂ ସର୍କୁଲାର ନଂ. ୧୪୩/୧୩/୨୦୨୦-ଜିଏସ୍‌ଟି, ଉଭୟ ତା୧୦।୧୧।୨୦୨୦ରିଖ ଦେଖନ୍ତୁ



ଜିଏସ୍‌ଟି ରିଟର୍ନ ଫାଇଲିଂ:
ଏହା ଦ୍ରୁତ, ସହଜ ଏବଂ ସରଳ

କ୍ୟୁଆର୍‌ଏମ୍‌ପି ଯୋଜନା ସମ୍ପର୍କରେ ଅଧିକ ବିବରଣୀ ପାଇଁ ଦୟାକରି ସ୍କାନ୍ କରନ୍ତୁ

CBC 15502/13/0003/2526

କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ
@cbicindia @cbic_india @cbicindia @CBICINDIA CBC India

**ବିଧାୟକଙ୍କ ଦ୍ୱାରା ଜଳଛତ୍ର ଉଦ୍‌ଘାଟିତ**

ଝାରସୁଗୁଡ଼ା,(ଆଶିଷ ରଞ୍ଜନ ଦାଶ): ଝାରସୁଗୁଡା ସହରସ୍ଥିତ ଉଗ୍ରସେନ ଛକଠାରେ ବୁଧବାର ଅପରାହ୍ନ ୨ଟାରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଦ୍ୱାରା ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। ଉଗ୍ରସେନ ଛକ ଏକ ଜନ ବହୁଳ ସ୍ଥାନ ହୋଇଥିବାରୁ ଏହି ସ୍ଥାନରେ ଜଳଛତ୍ର ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଜଳଛତ୍ର ଉଦ୍‌ଘାଟନ ସମୟରେ ତାରଣ ଗିହ୍ନାନି, ଶ୍ୟାମ ପଦାର, ଉମଙ୍ଗ ଅଗ୍ରୱାଲ ତଥା ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# ପୁନଃ ନିଯୁକ୍ତି ନେଇ ନିରାଶ ପରେ ଆତ୍ମହତ୍ୟା ଉଦ୍ୟମ

ଦେବଗଡ଼,୨୩।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ କିଲିଟାରି ପରିସରସ୍ଥ ଅଭିଯୋଗ ପ୍ରକୋଷ୍ଠରେ ବୁଧବାର ମଧ୍ୟାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ୧୭ ବର୍ଷ ପୂର୍ବେ ବହିଷ୍କୃତଙ୍କୁ ପୁନଃ ନିଯୁକ୍ତି ନ ମିଳିବା ପରେ ନିରାଶ ଗ୍ରାମପଞ୍ଚାୟତ ସମ୍ପାଦକ ପ୍ରମୋଦ କୁମାର ନାୟକ ବିଷପାନ କରି ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣା ନେଇ ଜିଲା ପ୍ରଶାସନ, ପୋଲିସ ଓ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ନାକେଦମ ହେବାକୁ ପଡ଼ିଛି। ସୂଚନା ଅନୁଯାୟୀ, ୨୦୦୮ରେ ରିଆମାଳ ବ୍ଲକ ଅନ୍ତର୍ଗତ କଣ୍ଟାବାହାଲ ଗ୍ରାମପଞ୍ଚାୟତ ତତ୍କାଳୀନ ସମ୍ପାଦକ ପ୍ରମୋଦ ବିଶୃଙ୍ଖଳିତ ଆଚରଣ, ଅନିୟମିତତା ଓ ୱାର୍ଡ ସଦସ୍ୟା ସଦସ୍ୟଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଥିଲା। ତାଙ୍କର ଏଭଳି ଆଚରଣ ଏବଂ ଅନିୟମିତତା ପାଇଁ ପଞ୍ଚାୟତରେ ରିଜୋଲୁଶନ ଜରିଆରେ ତାଙ୍କୁ ବହିଷ୍କାର କରାଯାଇଥିଲା। ସେହି ସମୟରେ ସମ୍ପାଦକ ନାୟକ କୌଣସି କାରଣ ଦର୍ଶାଅ କିମ୍ବା କୈଫିୟତର ଉତ୍ତର ଦେଇ ନ ଥିଲେ କି ବହିଷ୍କାର ବିରୋଧରେ କୌଣସି ଅପିଲ ମଧ୍ୟ କରି ନ ଥିଲେ। କାର୍ଯ୍ୟ ସମ୍ପାଦନ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ମଧ୍ୟ ଆସୁ ନ ଥିଲେ। ଇତିମଧ୍ୟରେ ଗ୍ରାମପଞ୍ଚାୟତ



ଆତ୍ମହତ୍ୟା ଉଦ୍ୟମ କରିଥିବା ବ୍ୟକ୍ତିଙ୍କୁ ଡାକ୍ତରଖାନାକୁ ନିଆଯାଉଛି(ବାମ), ବିଷ ବୋତଲ ତଳେ ପଡ଼ିଛି।

ସମ୍ପାଦକ ପଦବୀ ମଧ୍ୟ ଉଠିଯାଇଥିବା ବେଳେ ବହିଷ୍କୃତ ସମ୍ପାଦକ ନାୟକ କିଛି ମାସ ପୂର୍ବେ ଏହାର ବିଚାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିମନ୍ତେ ଜିଲା ପ୍ରଶାସନକୁ ଲିଖିତ ନିର୍ଦ୍ଦେଶ ମିଳିଥିଲା। ପରେ ଦେବଗଡ଼ ଉପ ଜିଲାପାଳ ପରକ୍ଷିତ ସାହୁ ତଦନ୍ତ କରି ନାୟକଙ୍କ ବହିଷ୍କାରକୁ ଇତିମଧ୍ୟରେ ପ୍ରାୟ ୧୭ ବର୍ଷ ବିତିଯାଇଥିବା, କୌଣସି ଅପିଲ ନ କରି ଏତେଦିନ କାର୍ଯ୍ୟରେ ଅନୁପସ୍ଥିତ ରହିଥିବା ଏବଂ ଇତିମଧ୍ୟରେ ସମ୍ପାଦକ ପଦବୀ ମଧ୍ୟ ଉଠିଯାଇଥିବା ଦୃଷ୍ଟିରୁ ତାଙ୍କୁ ପୁନଃନିଯୁକ୍ତି ପ୍ରଦାନ ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଡେପୁଟି କଲେକ୍ଟର(ଅଭିଯୋଗ)ଙ୍କୁ ଦେଇଥିବା କମ୍ପ୍ଲାଏନ୍ସ ରିପୋର୍ଟରେ ଉଲ୍ଲେଖ କରିଥିଲେ। ବୁଧବାର ସମ୍ପାଦକ ନାୟକ ଦେବଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ତାଙ୍କ ଅଭିଯୋଗ ସମ୍ପର୍କରେ ପଚାରିଥିଲେ। ଉପଜିଲାପାଳ ସାହୁ ତାଙ୍କର ପୁନଃ ନିଯୁକ୍ତି ନେଇ ନିଜର ଅସହାୟତା ପ୍ରକାଶ କରିଥିଲେ। ଏହାପରେ ମଧ୍ୟାହ୍ନରେ ସେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରିଥିଲେ ହେଁ ଅନୁରୂପ ଉତ୍ତର ପାଇଥିଲେ। ଏହାପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଅଭିଯୋଗ ପ୍ରକୋଷ୍ଠକୁ ଯାଇ କନିଷ୍ଠ ରାଜସ୍ୱ ସହାୟକ ତୁଷାର କିଷାନଙ୍କୁ ପଚାରିବାରୁ ସେ ଏ ନେଇ

**ବିଷପାନ କଲେ ୧୭ବର୍ଷ ପୂର୍ବେ ବହିଷ୍କୃତ ଗ୍ରାମପଞ୍ଚାୟତ ସମ୍ପାଦକ**

ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ପ୍ରମୋଦ ବିଷ ପିଇ ଆତ୍ମହତ୍ୟା କରିବାକୁ ଚେତାବନୀ ଦେଇ ପକେଟରେ ରଖିଥିବା ଘାସମରା ଔଷଧ ଖାଇବାକୁ ଉଦ୍ୟମ କରିଥିଲେ। ଏହା ଦେଖି କନିଷ୍ଠ ରାଜସ୍ୱ ସହାୟକ କିଷାନ ବୋତଲ ଛଡାଇବାକୁ ଉଦ୍ୟମ କରିବାରୁ ତଳେ ପଡିଯାଇଥିଲା। ଏ ନେଇ ବିଭାଗ ପକ୍ଷରୁ ଫୋନ ଯୋଗେ ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସ ସେଠାରେ ପହଞ୍ଚି ପ୍ରମୋଦଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେ ଏବେ ସେଠାରେ ଚିକିତ୍ସାଧୀନ ଥିବା ଜଣାପଡିଛି। ପ୍ରମୋଦଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଡାକ୍ତର ମନୋରଞ୍ଜନ ସାମଲଙ୍କୁ ପଚାରିବାରୁ ସେ ସୁସ୍ଥ ଏବଂ ବିପଦମୁକ୍ତ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି ବୋଲି କହିଛନ୍ତି। ତେବେ ସେ ଯାହା ହେଉନା କାହିଁକି ଏହି ଘଟଣା ଦେବଗଡ଼ ଜିଲାରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି।

# ସରକାରୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ଜମି ଚିହ୍ନଟ ପ୍ରକ୍ରିୟାକୁ ବିରୋଧ

ଦେବଗଡ଼,୨୩।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ବିଜୟନଗର ଗ୍ରାମପଞ୍ଚାୟତ ଅଁଳାପୋଶି (ଘୁରୁଡୁଖମଣ ରାଜସ୍ୱ ଗ୍ରାମ ଅଧୀନ ପଡାଗ୍ରାମ) ଗ୍ରାମରେ ୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଅବକାରୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଇତି ମଧ୍ୟରେ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏଥିପାଇଁ ବାରକୋଟ ତହସିଲଦାର ବିଭାଗୀୟ କର୍ମଚାରୀମାନଙ୍କ ସହିତ ମଙ୍ଗଳବାର ଅଁଳାପୋଶି ଗ୍ରାମକୁ ଯାଇଥିବା ବେଳେ ଦୀର୍ଘ ୬୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଉକ୍ତ ଗ୍ରାମରେ ରହି ଜଙ୍ଗଲ ଏବଂ ସରକାରୀ ଜମି ଉପରେ ନିର୍ଭର କରି ଚଳୁଥିବା ଗ୍ରାମବାସୀ ଏହାର ଦୃଢ ବିରୋଧ କରିଥିଲେ। ସେହିପରି ବୁଧବାର ବାରକୋଟ ତହସିଲ କାର୍ଯ୍ୟାଳୟକୁ ଆସି ତହସିଲଦାରଙ୍କୁ ସାକ୍ଷାତ କରି ବିକଳ୍ପ ବ୍ୟବସ୍ଥା ନ କରିବା ପର୍ଯ୍ୟନ୍ତ ସେମାନେ ଚାଷ କରୁଥିବା ଜମିକୁ ଛାଡିବେ ନାହିଁ ବୋଲି ଲିଖିତ ଚେତାବନୀ ଦେଇଥିବା ଜଣାପଡିଛି। ପୂର୍ବାହ୍ନରେ ଉକ୍ତ ଗ୍ରାମର ବହୁ ଗ୍ରାମବାସୀ ପିଲାଛୁଆ ଧରି ବାରକୋଟ ତହସିଲ କାର୍ଯ୍ୟାଳୟକୁ ଯାଇ ତହସିଲଦାରଙ୍କୁ ଉକ୍ତ ଚେତାବନୀ ପତ୍ର ପ୍ରଦାନ କରିଥିବା ଜଣାପଡିଛି। ଅଁଳାପୋଶି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଉକ୍ତ ଗ୍ରାମର ଶତ ପ୍ରତିଶତ ବାସିନ୍ଦା ଆଦିବାସୀ ସମ୍ପ୍ରଦାୟର


ତହସିଲଦାରଙ୍କୁ ଭେଟିବାକୁ ଆସିଛନ୍ତି ଅଁଳାପୋଶି ଗ୍ରାମବାସୀ।

**ତହସିଲଦାରଙ୍କ ଦ୍ୱାରସ୍ଥ ହେଲେ ଅଁଳାପୋଶି ଗ୍ରାମବାସୀ**

ହୋଇଥିବା ବେଳେ ଦୀର୍ଘ ୬୦ ବର୍ଷ ହେଲା ସେଠାରେ ବାସ କରିଆସୁଛନ୍ତି। ସେହିପରି ସେମାନେ ନିକଟସ୍ଥ ଜଙ୍ଗଲ ଏବଂ ସରକାରୀ ଜମି ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରି ପରିବାର ପ୍ରତିପୋଷଣ କରନ୍ତି। ଏହା ଛଡା ଜୀବନ ଜୀବୀକା ନିମନ୍ତେ ସେମାନଙ୍କ ନିକଟରେ ଆଉ କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ। ଏଭଳି ପରିସ୍ଥିତିରେ ସେମାନେ ଦୀର୍ଘ ୬୦/୭୦ ବର୍ଷ ହେଲା ଚାଷବାସ କରୁଥିବା ଉକ୍ତ ଗ୍ରାମର ସରକାରୀ ଜମିରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଅବକାରୀ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ନିରନ୍ତର ପ୍ରୟାସ କରି ଆସୁଛନ୍ତି। ଅଂଳାପୋଶି ଗ୍ରାମବାସୀ ମଧ୍ୟ ଏହାକୁ ବିରୋଧ କରି ବାରକୋଟ ତହସିଲଦାରଙ୍କ କାର୍ଯ୍ୟାଳୟରେ ଏକାଧିକ ବାର ଲିଖିତ ଅଭିଯୋଗ କରି ସାରିଛନ୍ତି। ଏପରିକି ଏକାଧିକ ବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହୋଇ ବିକଳ୍ପ ବ୍ୟବସ୍ଥା କରା ନ ଯିବା ପର୍ଯ୍ୟନ୍ତ ଚାଷ କରୁଥିବା ଜମିକୁ ଛାଡିବୁ ନାହିଁ ବୋଲି ଲିଖିତ ଚେତାବନୀ ଦେଇ ସାରିଛନ୍ତି। ଏହା ସତ୍ତ୍ୱେ ବିଭାଗ ପକ୍ଷରୁ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ପ୍ରୟାସ ଜାରି ରହିଥିବାରୁ ସେମାନେ ବାଧ ହୋଇ ବାରକୋଟ ତହସିଲଦାରଙ୍କ କାର୍ଯ୍ୟାଳୟକୁ ଆସି ପୁଣିଥରେ ଚେତାବନୀ ପତ୍ର ପ୍ରଦାନ କରିଥିବା ପ୍ରକାଶ କରିଛନ୍ତି।

# ଶିଶୁକନ୍ୟାଙ୍କୁ କେରଳ ଦମ୍ପତିଙ୍କୁ ପ୍ରଦାନ


ଜିଲାପାଳଙ୍କ ଠାରୁ କେରଳ ଦମ୍ପତି କନ୍ୟା ସନ୍ତାନ ଗ୍ରହଣ କରୁଛନ୍ତି।

ଝାରସୁଗୁଡ଼ା,୨୩।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରୁ ଶିଶୁ ପୋଷ୍ୟ ସନ୍ତାନ ପ୍ରକ୍ରିୟାରେ ଜଣେ ଶିଶୁ କନ୍ୟାକୁ କେରଳ ଦମ୍ପତିଙ୍କୁ ହସ୍ତାନ୍ତର କରାଯାଇଛି। ବୁଧବାର ପୂର୍ବାହ୍ନ ୧୧ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଝାରସୁଗୁଡା ଜିଲାପାଳ ଅବୋଲୀ ସୁନିଲ ନରୱଣେ, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ ଏବଂ ଆଇଜି ହିମାଂଶୁ କୁମାର ଲାଲଙ୍କ ଉପସ୍ଥିତିରେ ଶିଶୁକନ୍ୟାକୁ ହସ୍ତାନ୍ତର କରାଯାଇଛି। ଏଥି ନିମନ୍ତେ ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଦମ୍ପତି ଜିଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଆଶୀଷ କୁମାର ପଣ୍ଡା, ଶିଶୁ ସୁରକ୍ଷା ୟୁନିଟର ଚୂଡାମଣି ପଣ୍ଡା, ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ପ୍ରବୀଣ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ମୃତି, ଆକ୍ରୋଶ ସଭା


ଶହୀଦ ସ୍ମୃତି ଓ ଆକ୍ରୋଶ ସଭା କାର୍ଯ୍ୟକ୍ରମ।

ଝାରସୁଗୁଡ଼ା,୨୩।୪(ଆଶିଷ ରଞ୍ଜନ ଦାଶ)

ଜମ୍ମୁ-କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଘଟଣା ନେଇ ଝାରସୁଗୁଡ଼ା ମାରୱାଡ଼ି ଯୁବା ମଞ୍ଚ, ବ୍ରାହ୍ମଣ ସମାଜ, ବିଶ୍ୱ ହିନ୍ଦୁ ପରିଷଦ, ଏବିଭିପି ତଥା ଝାରସୁଗୁଡା ସହର ବିଭିନ୍ନ ସଙ୍ଗଠନ ପକ୍ଷରୁ ବୁଧବାର ସନ୍ଧ୍ୟା ୭ଟାରେ ଝଣ୍ଡାଛକଠାରେ ସ୍ମୃତି ଓ ଆକ୍ରୋଶ ସଭା କରାଯାଇଛି। ସଭାରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନେ ଆତଙ୍କବାଦୀମାନେ ଧର୍ମ, ନାମ ପଚାରି ହିନ୍ଦୁମାନଙ୍କୁ

**ଜମ୍ମୁ-କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଘଟଣା**

ହତ୍ୟା ଘଟଣାକୁ ତୀବ୍ର ନିନ୍ଦା କରିବା ସହ କେନ୍ଦ୍ର ସରକାର ଏହା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି। ଏହି ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନଙ୍କ ଅମର ଆତ୍ମାର ସଦଗତି ପାଇଁ ମହମବତୀ ଜାଳି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସିଦ୍ଧାର୍ଥ ଅଗସ୍ତି, ବିନୟ ମୋଦି, ସୁରେଶ କେଜ୍ରିୱାଲ, ଅରବିନ୍ଦ ପାଠକ, ବାଳଗୋବିନ୍ଦ ମିଶ୍ର, ହୀରାଲାଲ ଲୋକଚନ୍ଦାନି ତଥା ଝାରସୁଗୁଡା ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ସେହିପରି ବୁଧବାର ସନ୍ଧ୍ୟା ୬ଟାରେ ଝାରସୁଗୁଡା ଜିଲା ଭାଜପା ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସନ୍ଧ୍ୟାରେ ଜିଲା ଭାଜପା ଓ ବେଲପାହାଡ଼ ଭାଜପା ମଣ୍ଡଳ ପକ୍ଷରୁ ଗୁମାଡେରା ବୀର ଭୂମି ଛକଠାରୁ ଶହୀଦ ସ୍ତମ୍ଭ ପର୍ଯ୍ୟନ୍ତ ଏକ ଶାନ୍ତିପୂର୍ଣ୍ଣ ରାଲି କରିଥିଲେ। ଶହୀଦ ସ୍ତମ୍ଭଠାରେ ପହଞ୍ଚି ସେଠାରେ ମହମବତୀ ଜାଳି ସମସ୍ତଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି ଅବସରରେ ଝାରସୁଗୁଡା ଜିଲା ଭାଜପା ସଭାପତି ରଘୁନନ୍ଦନ ପଣ୍ଡା, ବରିଷ୍ଠ ନେତା ସଞ୍ଜୟ ସିଂ, ତପନକାନ୍ତ ଜେନା, ସନ୍ତୋଷ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ତିଲେଇବଣି ବ୍ଲକ କାର୍ଯ୍ୟାଳୟ ଘେରାଉ


ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ଦେବଗଡ଼,୨୩।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକର ବିଭିନ୍ନ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏହାର ସମାଧାନ ଦାବିରେ ବୁଧବାର ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ତିଲେଇବଣି ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଦେବଗଡ଼ ଜିଲା କଂଗ୍ରେସ କମିଟି ସଭାପତି ସେମ୍ ହେମ୍ରମଙ୍କ ନେତୃତ୍ୱରେ ବହୁ କଂଗ୍ରେସ ନେତା ଓ କର୍ମୀ ବିଭନ୍ନ ଗ୍ରାମରୁ ଆସିଥିବା ଜଳକ୍ଲିଷ୍ଟ ପୁରୁଷ

**ପାନୀୟ ଜଳ ସମସ୍ୟା ସମାଧାନ ଦାବି**

ଓ ମହିଳାମାନେ ହାତରେ ଗରା ଏବଂ ବାଲ୍ଟି ଧରି ବିଭିନ୍ନ ସ୍ଲୋଗାନ ସହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଛକରୁ ଏକ ଶୋଭାଯାତ୍ରାରେ ବାହାରି ତିଲେଇବଣି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ କାର୍ଯ୍ୟାଳୟ ଘେରାଉ କରିଥିଲେ। ଦୀର୍ଘ ସମୟ ପରେ ତିଲେଇବଣି ବିଡିଓ ପ୍ରିୟଦର୍ଶୀନୀ ମିର୍ଦ୍ଧା ସେଠାକୁ ଆସି ଆନ୍ଦୋଳନକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ପାନୀୟ ଜଳ ସମସ୍ୟାର ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଏହି ଘେରାଉ କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସୁରେନ୍ଦ୍ର ସାହୁ, ଅଲେଖ ଚନ୍ଦ୍ର ନାଏକ, ଅର୍ଜୁନ ଜାଦବ, ଆକାଶ ଦାଶ, ସୁଶୀଳ କୁମାର ଗୁଡିଆମ, ଜିତେନ୍ଦ୍ରୀୟ ବେହେରା ଓ ରଜତ କୁମାର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

वित्त मंत्रालय MINISTRY OF FINANCE

**ତ୍ରୈମାସିକ ରିଟର୍ନ ମାସିକ ପରିଶୋଧ (କ୍ୟୁଆର୍‌ଏମ୍‌ପି)**

ଆର୍ଥିକ ବର୍ଷ ୨୦୨୪-୨୫ ଅବଧିରେ ₹୫ କୋଟି ପର୍ଯ୍ୟନ୍ତ ସର୍ବମୋଟ ବାର୍ଷିକ କାରବାରଧାରୀ

କ୍ଷୁଦ୍ର ଟିକସଦାତାଙ୍କ ପାଇଁ ବ୍ୟବସାୟ ସଞ୍ଚାଳନକୁ ସହଜ କରିବା ଅଭିମୁଖେ ଏକ ପଦକ୍ଷେପ

କ୍ୟୁଆର୍‌ଏମ୍‌ପି ଯୋଜନାର ଲାଭ ଉଠାଇବା ପାଇଁ ଇଚ୍ଛୁକ ଯୋଗ୍ୟ ଟିକସଦାତାମାନେ ଜିଏସ୍‌ଟି ପୋର୍ଟାଲ୍ (www.gst.gov.in)ରେ ନିମ୍ନଲିଖିତ ପଦକ୍ଷେପ ଅନୁସରଣ କରି ତାହାର ବିକଳ୍ପ ବାଛିପାରିବେ

ଟିକସଦାତା ଇଣ୍ଟରଫେସ୍‌ରେ ଲଗ୍ ଇନ୍ କରନ୍ତୁ

Services > Returns > Opt-in for quarterly return ବିକଳ୍ପକୁ ଯାଆନ୍ତୁ

ପୂର୍ବରୁ କ୍ୟୁଆର୍‌ଏମ୍‌ପି ଯୋଜନାର ଲାଭ ଉଠାଉଥିବା ଟିକସଦାତାମାନଙ୍କୁ ଏହି ଯୋଜନା ଲାଗି ପୁନର୍ବାର ଆବେଦନ କରିବାକୁ ପଡ଼ିବ ନାହିଁ

**ଲାଭ**

- ତ୍ରିମାସରେ ଥରେ ଫର୍ମ ଜିଏସ୍‌ଟିଆର୍-୧ ଏବଂ ଜିଏସ୍‌ଟିଆର୍-୩ବିରେ ଜିଏସ୍‌ଟି ବିବରଣୀ/ରିଟର୍ନ ଫାଇଲ୍ କରନ୍ତୁ
- ସ୍କିମ୍‌ର ବିକଳ୍ପ ବାଛିବା ଓ ସେଥିରୁ ଓହରିବା ଖୁବ୍ ସହଜ
- ଫ୍ଲେକ୍ସିବଲ୍ ଇନ୍‌ଭଏସ୍ ଫର୍ନିଶିଙ୍ଗ ସୁବିଧା (ଆଇଏଫ୍‌ଏଫ୍)ର ସ୍ୱାଚ୍ଛନ୍ଦ୍ୟ ଉପଭୋଗ କରନ୍ତୁ
- ତ୍ରୈମାସର ପ୍ରଥମ ଦୁଇ ମାସରେ ସ୍ଥିର ପରିମାଣ ପଦ୍ଧତି (ପୂର୍ବରୁ ପୂରଣ ହୋଇଥିବା ଚାଲାଣ) କିମ୍ବା ଆତ୍ମ-ମୂଲ୍ୟାଙ୍କିତ ପଦ୍ଧତି (ଆଇଟିସି ଆଡ୍‌ଜଷ୍ଟ ହେବା ପରେ ପ୍ରକୃତ ଦେୟ ଟିକସ) ବ୍ୟବହାର ସୁବିଧାରେ ମାସିକ ଟିକସ ପୈଠ କରନ୍ତୁ
- ପ୍ରତି ତ୍ରୈମାସରେ ଥରେ ଆଇଟିସି ଏବଂ ଟିକସର ଆତ୍ମ-ମୂଲ୍ୟାୟନ

ଆର୍ଥିକ ବର୍ଷ ୨୦୨୫-୨୬ର ୧ମ ତ୍ରୈମାସଠାରୁ କ୍ୟୁଆର୍‌ଏମ୍‌ପି ଯୋଜନାର ବିକଳ୍ପ ବାଛିବାର ଶେଷ ତାରିଖ

**୩୦ ଏପ୍ରିଲ, ୨୦୨୫**

ଯୋଗ୍ୟ ପଞ୍ଜୀକୃତ ବ୍ୟକ୍ତି ଯେକୌଣସି ତ୍ରୈମାସ ପାଇଁ ଯୋଜନାର ବିକଳ୍ପକୁ ତାହାର ପୂର୍ବବର୍ତ୍ତୀ ତ୍ରୈମାସର ଦ୍ୱିତୀୟ ମାସର ପ୍ରଥମ ଦିନରୁ ଆରମ୍ଭ କରି ତ୍ରୈମାସର ପ୍ରଥମ ମାସର ଶେଷ ଦିନ ପର୍ଯ୍ୟନ୍ତ ବାଛିପାରିବେ ।

ଅଧିକ ବିବରଣୀ ପାଇଁ, ଦୟାକରି ଅଧିସୂଚନା ନଂ.୮୧ରୁ ୮୫/୨୦୨୦-କେନ୍ଦ୍ରୀୟ ଟିକସ ଏବଂ ସର୍କୁଲାର ନଂ. ୧୪୩/୧୩/୨୦୨୦-ଜିଏସ୍‌ଟି, ଉଭୟ ତା୧୦।୧୧।୨୦୨୦ରିଖ ଦେଖନ୍ତୁ

ଜିଏସ୍‌ଟି ରିଟର୍ନ ଫାଇଲିଂ: ଏହା ଦ୍ରୁତ, ସହଜ ଏବଂ ସରଳ

କ୍ୟୁଆର୍‌ଏମ୍‌ପି ଯୋଜନା ସମ୍ପର୍କରେ ଅଧିକ ବିବରଣୀ ପାଇଁ ଦୟାକରି ସ୍କାନ୍ କରନ୍ତୁ

CBC 15502/13/0003/2526

କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ

@cbicindia @cbic_india @cbicindia @CBICINDIA CBIC India

# ମେୟରଙ୍କୁ କଡ଼ା ଜବାବ ଦେଲେ ଗିରିବାଳା

**କଟକ,୨୩।୪(ଶିଳ୍ପା ପ୍ରିୟଦର୍ଶିନୀ)**


କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂଙ୍କ ଉପରେ ବର୍ଷିଛନ୍ତି କଟକ ନଗର କଂଗ୍ରେସ କମିଟିର ପୂର୍ବତନ ସଭାପତି ଗିରିବାଳା ବେହେରା। ବୁଧବାର କଟକ ସଇଦାନୀ ବଗିଚାସ୍ଥିତ କାର୍ଯ୍ୟାଳୟରେ ଗିରିବାଳା ଗଣମାଧ୍ୟମକୁ କହିଛନ୍ତି, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କୁ ପ୍ରଶ୍ନ ପଚାରିବାର ଅଧିକାର ମେୟରଙ୍କ ନାହିଁ। ସିଏମ୍‌ସିରେ ବୈଠକ ସମ୍ପର୍କରେ କମିଶନରଙ୍କୁ ଅବଗତ କରାଯାଇଥିଲା। ଏପରି କି ଅତିରିକ୍ତ କମିଶନର ଓ ଯନ୍ତ୍ରୀ ବୈଠକରେ ଉପସ୍ଥିତ ଥିଲେ। ସେଠାରେ ମେୟରଙ୍କ ଭୂମିକା ନ ଥିଲା ଏବଂ କମିଶନରଙ୍କୁ ଜଣାଇବା ପରେ ମେୟରଙ୍କୁ ଜଣାଇବାର କୌଣସି

## ବିଧାୟିକା ସୋଫିଆଙ୍କ ସମୀକ୍ଷା ବୈଠକକୁ ନେଇ ସମାଲୋଚନା କଲେ ସୁବାସ

ଆବଶ୍ୟକତା ନ ଥିଲା। ମେୟରଙ୍କ ସିଟ୍ କେଉଁଠୁ ଆସିଲା। ସେ ସିଟ୍ ତାଙ୍କର ନୁହେଁ ତାହା ସିଏମ୍‌ସି କାର୍ଯ୍ୟାଳୟର। ମେୟର କଟକ ସହରକୁ ୟୁରୋପ ଦେଶରେ ପରିଣତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ, ହେଲେ କଟକର ଚିତ୍ର ଓଲଟା ହୋଇ ବିପର୍ଯ୍ୟସ୍ତ ଅବସ୍ଥାକୁ ଗଲାଣି। ସେଥିପ୍ରତି ତାଙ୍କର ଧ୍ୟାନ ନାହିଁ। ଜଣେ ବିଧାୟିକାଙ୍କୁ ସମାଲୋଚନା କରିବା ନିନ୍ଦନୀୟ। ମେୟର ତାଙ୍କ ବ୍ୟବହାରରେ ପରିବର୍ତ୍ତନ ଆଣନ୍ତୁ। ମେୟର ବିଧାୟିକାଙ୍କୁ ଭୁଲ ମାଗିବା ଜରୁରୀ ବୋଲି ବେହେରା କହିଛନ୍ତି। ଅପରପକ୍ଷରେ ମେୟର ସିଂ କହିଛନ୍ତି, ଗିରିବାଳା କଂଗ୍ରେସର ବରିଷ୍ଠ ନେତ୍ରୀ ହୋଇଥିବେ। ହେଲେ ସେ ଏଭଳି ପ୍ରଶ୍ନ କରିବା ପୂର୍ବରୁ ନିଜ ସୀମା ବିଷୟରେ ଜାଣିବା ଜରୁରୀ।

ସୂଚନାଯୋଗ୍ୟ, ସିଏମ୍‌ସି ସମ୍ମିଳନୀ କକ୍ଷରେ ମଙ୍ଗଳବାର ବିଧାୟିକା ସୋଫିଆ ଫିର୍ଦ୍ଦୋସ ସିଏମ୍‌ସିର ଅତିରିକ୍ତ କମିଶନର ଓ ବିଭାଗୀୟ ଯନ୍ତ୍ରୀଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ବୈଠକ ପରେ ବୁଧବାର ମେୟର ସିଂ ବିଧାୟିକାଙ୍କୁ ସମାଲୋଚନା କରିଛନ୍ତି। ସୁବାସ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ କହିଛନ୍ତି, ଗଣମାଧ୍ୟମ ସମ୍ମୁଖରେ ସିଏମ୍‌ସିର ଅପପ୍ରଚାର କରିବା ବିଧାୟିକା ସୋଫିଆଙ୍କର କୌଣସି ଅଧିକାର ନାହିଁ। ଏପରି କି ମେୟର, କମିଶନରଙ୍କ ସିଟ୍‌ରେ ବସିବାକୁ ତାଙ୍କୁ କିଏ ଅଧିକାର ଦେଲା। ଏଥିପାଇଁ ମୁଁ କମିଶନରଙ୍କୁ କୈଫିୟତ ମାଗିଛି। ସିଏମ୍‌ସିର ଅଫିସରଙ୍କୁ ତାଗିଦା କରିବାକୁ ବିଧାୟିକା କିଏ। ସେ ସମସ୍ତ ବିଷୟରେ ମେୟର ଓ କମିଶନରଙ୍କୁ ଜଣାଇବା ଦରକାର ଥିଲା। ହେଲେ ଆମ ଅଜାଣତରେ ବିଧାୟିକା ସିଏମ୍‌ସିରେ ଏଭଳି ବୈଠକ କରିବା ଶୋଭାପାଉନି। ବିଧାୟିକା ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅସମ୍ମାନ କରିଛନ୍ତି। ତାଙ୍କର କ୍ଷମତା କେବଳ ବିଧାନସଭାରେ ସୀମିତ। ସେଠାରେ ସେ କଟକ ସହର ପାଇଁ ଲଢ଼ିବା ଆବଶ୍ୟକ। କେବଳ ଗଣମାଧ୍ୟମରେ ଆସିବାକୁ ସେ ଏଭଳି ବୈଠକର ଆଳ କରିଛନ୍ତି।

# ବିଜେଡିକୁ ଫେରିଲେ ସମିତି ସଭ୍ୟ



ନବରଙ୍ଗପୁର ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀ ଉତ୍ତରୀୟ ଦେଇ ସମିତି ସଭ୍ୟ ହରିମୋହନ ଭତ୍ରାଙ୍କୁ ସ୍ୱାଗତ କରୁଛନ୍ତି।

**ଉମରକୋଟ, ୨୩।୪(ସନ୍ତୋଷ ଶତପଥୀ)**

- ଭାଜପାରେ ମିଶିଥିବା ନେଇ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା ଫଟୋ
- ଭାଜପାରେ ମିଶିଥିବା କଥାକୁ ଖଣ୍ଡନକଲେ ଭତ୍ରା

ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ଭଣ୍ଡାରିଗୁଡ଼ା ପଞ୍ଚାୟତ ସମିତି ସଭ୍ୟ ହରି ମୋହନ ଭତ୍ରା ବୁଧବାର ବିଜେଡିରେ ମିଶିଛନ୍ତି। ସେ ପୂର୍ବରୁ ବିଜେଡିରେ ସକ୍ରିୟଭାବେ କାମ କରୁଥିଲେ। କିନ୍ତୁ କିଛିଦିନ ତଳେ ସେ ଭାଜପାରେ ମିଶିଥିବା ନେଇ ଏକ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା।

ବୁଧବାର ନବରଙ୍ଗପୁର ଜିଲ୍ଲା ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀଙ୍କ ଉମରକୋଟ୍‌ସ୍ଥିତ ବାସଭବନରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଠାରେ ହରିମୋହନ ଭତ୍ରା ଆସି ଦଳରେ ମିଶିଥିଲେ। କିଛିଦିନ ତଳେ ଭାଜପାରେ ମିଶିଥିବା ନେଇ ଯେଉଁ ଫଟୋ ଭାଇରାଲ ହୋଇଥିଲା ସେ ସମ୍ପର୍କରେ ପଚାରିବାରୁ ସେ ଏହାକୁ ଖଣ୍ଡନ କରିଥିଲେ। କିଛିଦିନ ତଳେ ଏକ ଅଭିଯୋଗ ନେଇ ଝରିଗାଁ ବିଧାୟକ ନରସିଂହ ଭତ୍ରାଙ୍କ ନିକଟକୁ ଯାଇଥିବାବେଳେ ସେଠାରେ ଭାଜପା ଉତ୍ତରୀୟ ଦିଆଯାଇଥିଲା। ଏହାପରେ ଫଟୋ ଉଠାଇ ତାହାକୁ ସାମାଜିକ ଗଣମାଧ୍ୟମରେ ଭାଇରାଲକରି ଭାଜପାରେ ମିଶିଥିବା କୁହାଯାଇଥିବା ହରିମୋହନ କହିଛନ୍ତି। ସବୁବେଳେ ବିଜେଡିର ଏକ ଶୃଙ୍ଖଳିତ କର୍ମୀ, ବିଜୁ ପରିବାର ମୋର। ବିଜେଡିରେ ଥିଲି, ଅଛି ଓ ରହିବି ବୋଲି ସେ କହିଥିଲେ। ଏହି ମିଶ୍ରଣ ପର୍ବ ସମୟରେ ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀ, କାରାଗାଁ ସମିତି ସଭ୍ୟ ବିକ୍ରମ ସିଂ, ପୋଡ଼ାଗଡ଼ ପୂର୍ବତନ ସରପଞ୍ଚ ଉଦ୍ଧବ ନାୟକ, ଅଜିତ ପ୍ରଧାନ, ସରପଞ୍ଚ ଜଗଦୀଶ ଗଣ୍ଡ ଏବଂ ବଡଭରଣ୍ଡି ପୂର୍ବତନ ସରପଞ୍ଚ ଟଙ୍କଧର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ଝରିଗାଁ ବିଧାୟକ ନରସିଂହ ଭତ୍ରାଙ୍କୁ ପଚାରିବାରୁ ସେ କହିଛନ୍ତି ଭଣ୍ଡାରୀଗୁଡ଼ା ସମିତି ସଭ୍ୟ ଯାହା କହିଛନ୍ତି ତାହା ସମ୍ପୂର୍ଣ୍ଣ ମିଛ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୋହନ ସରକାରଙ୍କ ଲୋକ ପ୍ରିୟତାକୁ ଦେଖି ସ୍ୱଇଚ୍ଛାରେ ଭାଜପାରେ ମିଶିଥିଲେ। ସେ ବିଜେଡିରେ କୋଣ ଠେସା ହୋଇ ରହିଛନ୍ତି ବୋଲି ମୋ ନିକଟରେ କହିଥିଲେ। ତାଙ୍କ ନିରୀହତାକୁ ଦେଖି ଭାଜପାରେ ମିଶାଯାଇଥିଲ। କିନ୍ତୁ ଆଜି ସେ ବୁଧବାର ବିଜେଡିରେ ମିଶିଥିବା ଶୁଣିଲି ବୋଲି ବିଧାୟକ କହିଛନ୍ତି ।

# ପହଲଗାମ ଆକ୍ରମଣ ଘଟଣାକୁ କଂଗ୍ରେସର ନିନ୍ଦା





ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ନରସଂହାରକୁ ନେଇ ରାଜ୍ୟ କଂଗ୍ରେସ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି।

**ଭୁବନେଶ୍ୱର,୨୩।୪(ରବିନାରାୟଣ ଜେନା)**

ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କବାଦୀ ଘଟାଇଥିବା ନରସଂହାରକୁ ରାଜ୍ୟ କଂଗ୍ରେସ ଘୋର ନିନ୍ଦା କରିଛି। ଏହି ଅବସରରେ ରାଜ୍ୟ କଂଗ୍ରେସ ଭବନରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ପିସିସି ସଭାପତି ଭକ୍ତଚରଣ ଦାସକହିଥିଲେ, ପାହଲଗାମ ନରସଂହାରରେ ୨୬ ଜଣ ମୃତକ ପର୍ଯ୍ୟଟକମାନଙ୍କ ଶୋକାକୂଳ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ୩୬ ଆହତ ବ୍ୟକ୍ତିମାନଙ୍କ ଆଶୁ ଆରୋଗ୍ୟ କାମନା କରୁଛୁ। ବାଲେଶ୍ୱର ରେମୁଣାର ପ୍ରଶାନ୍ତ ଶତପଥୀଙ୍କ ପରିବାର ସହ ଏହି ଦୁଃଖଦ ସମୟରେ ଆମେ ରହିଛି ବୋଲି ସେ କହିଥିଲେ।

ଦେଶର ଏଭଳି ସଙ୍ଗୀନ ସମୟରେ ଦେଶବାସୀ ଏକାଠି ବିଚ୍ଛିନ୍ନତାବାଦୀ ତତ୍ୱ ମାନଙ୍କ ବିରୁଦ୍ଧରେ ଲଢ଼ିବା ଲାଗି ବରିଷ୍ଠ ନେତାମାନେ କହିଛନ୍ତି। ଏଥିପାଇଁ ସର୍ବଦଳୀୟ ବୈଠକ ଡକାଯାଇ ମିଳିତ ଭାବେ ଦେଶ ଏଭଳି ଧାର୍ମିକ ମତାନ୍ଧତା ଓ ଉନ୍ମାଦର ମୁକାବିଲା କରିବା ଉଚିତ ବୋଲି ସର୍ବସମ୍ମତ ମତ ପ୍ରକାଶ ପାଇଛି। ଏହି ସଭାରେ ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ ଓ ପୂର୍ବତନ ପିସିସି ପ୍ରସାଦ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

## ଧୂମୁଛାଇ ସମିତିସଭ୍ୟ ଉପନିର୍ବାଚନ ଭୋଟ୍ ଗଣତି ଆଜି

**ବେଲଗୁଣ୍ଠା,୨୩।୪( କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)**

ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଧୂମୂଛାଇ ପଞ୍ଚାୟତର ସମିତିସଭ୍ୟ ପାଇଁ ଉପନିର୍ବାଚନ ଶେଷ ହୋଇଛି। ୧୫ ବୁଥ୍‌ରେ ଏହି ନିର୍ବାଚନ ଶେଷ ହେବା ପରେ କଡ଼ା ସୁରକ୍ଷା ବଳୟରେ ସମସ୍ତ ଭୋଟ୍ ବାକ୍ସକୁ ବେଲଗୁଣ୍ଠା ବ୍ଲକ୍‌ରେ ଷ୍ଟ୍ରଙ୍ଗ୍ ରୁମରେ ସିଲ୍ କରି ରଖାଯାଇଛି। ପଞ୍ଚାୟତର ମୋଟ୍ ୫୪୨୯ ଜଣ ଭୋଟରଙ୍କ ମଧ୍ୟରୁ ୩୦୬୬ ଜଣ ଭୋଟରଙ୍କ ନିଜ ମତ ସାବ୍ୟସ୍ତ କରିଥିଲେ। ୫୬ ପ୍ରତିଶତରୁ ଉର୍ଦ୍ଧ୍ୱ ମତଦାନ ହୋଇଥିଲା। ଗୁରୁବାର ସକାଳ ୮ରୁ ୫ ପର୍ଯ୍ୟାୟରେ ଭୋଟ୍ ଗଣତି ହେବ ବୋଲି ସୂଚନା ମିଳିଛି। ନିର୍ବାଚନରେ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ବେଳେ ଏକ ପ୍ଲାଟୁନ୍ ପୋଲିସ୍ ଫୋର୍ସ ଏବଂ ଦଶଜଣ ଅଫିସର୍ ମୁତୟନ ରହିଥିଲେ। ଭଞ୍ଜନଗର ଏଏସ୍‌ପି ରଞ୍ଜନ କୁମାର ଦେ, ବୁଗୁଡ଼ା ଥାନାଧିକାରୀ ସୀତାଂଶୁ ଶେଖର ମାନ୍ଧାତା, ବେଲଗୁଣ୍ଠା ଥାନାଧିକାରୀ ବନବିହାରୀ ପ୍ରଧାନ ପ୍ରମୁଖ ବିଭିନ୍ନ ବୁଥ୍ ପରିଦର୍ଶନ କରି କରି ଆଇନ୍ ଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଥିଲେ।

# କାଇମାଟି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ

**ଢେଙ୍କାନାଳ,୨୩।୪(ରତନ ନାୟାର)**

ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ କାଇମାଟି ଗ୍ରାମପଞ୍ଚାୟତ ସରପଞ୍ଚ ଅମିତଜ୍ୟୋତି ସ୍ୱାଇଁଙ୍କ ବିରୋଧରେ ବୁଧବାର ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଲିଖିତ ଭାବରେ ଜଣାଯାଇଛି। ୧୧ଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୮ଜଣଙ୍କ ଦସ୍ତଖତରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ଅନାସ୍ଥା ପ୍ରସ୍ତାବ ଆଗତକାରୀ ୱାର୍ଡ ମେମ୍ବରଙ୍କ ଅଭିଯୋଗ ଅନୁଯାୟୀ ସରପଞ୍ଚ ସମସ୍ତ ନୀତି ନିୟମକୁ ଉଲ୍ଲଂଘନ କରି ଜନବିରୋଧୀ କାର୍ଯ୍ୟ କରିଛନ୍ତି। ଗ୍ରାମପଞ୍ଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ନିମନ୍ତେ ଗ୍ରାମସଭା କିମ୍ବା ପଞ୍ଚାୟତ ବୈଠକ ଅନୁଷ୍ଠିତ ହେଉନାହିଁ ଗ୍ରାମପଞ୍ଚାୟତର ବାର୍ଷିକ ଆୟବ୍ୟୟ କୌଣସି ବୈଠକରେ ଅନୁମୋଦିତ ହେଉନାହିଁ । ୱାର୍ଡ ସଭ୍ୟାସଭ୍ୟଙ୍କୁ ନେଇ କୌଣସି ବୈଠକ ଡକାଯିବାର ସୂଚନା ଦିଆଯାଉନାହିଁ କୌଣସି କାର୍ଯ୍ୟ ସରକାରୀ ନିୟମ ମୁତାବକ ହେଉନାହିଁ । ଫଳରେ ସରକାରଙ୍କ ବହୁ ଜନହିତକର ଯୋଜନାରୁ ଅନେକ ଯୋଗ୍ୟ ବ୍ୟକ୍ତି ବଞ୍ଚିତ ହେଉଛନ୍ତି। ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରେ ୨ନଂ ୱାର୍ଡ ମେମ୍ବର ଗୁନୁବାଳା ନାୟକ, ୮ନଂର ସ୍ମିତା ରାଉତ, ୫ନଂର ସସ୍ମିତା ପଧାନ, ୩ନଂର ସୁଶିଳା ଦେହୁରୀ, ୯ନଂର ନିରଞ୍ଜନ ନାୟକ, ୪ନଂର ପର୍ଶୁରାମ ଦେହୁରୀ, ୧୦ନଂର ବବୁଲୁ ଦେହୁରୀ ଓ ୭ନଂ ୱାର୍ଡର ସାଗରିକା ଦାସ । ଏ ସଂକ୍ରାନ୍ତରେ ଉପଜିଲାପାଳ ବିବୁଧ ଗଡନାୟକ କୁହନ୍ତି, ଅନାସ୍ଥା ପ୍ରସ୍ତାବ ଆବେଦନକୁ ଯାଞ୍ଚ କରାଯିବ । ୱାର୍ଡ ସଭ୍ୟାସଭ୍ୟଙ୍କ ଦସ୍ତଖତ ମଧ୍ୟ ଯାଞ୍ଚ ହେବା ଏସବୁ ପ୍ରକ୍ରିୟା ସରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

## Business

# ନିଗମ ପକ୍ଷରୁ ରାଜ୍ୟ ସରକାରଙ୍କୁ ଲାଭାଂଶ ପ୍ରଦାନ

## ୪ ନିଗମ ଦେଲେ ୨୦୬ କୋଟି

**ଭୁବନେଶ୍ୱର,୨୩।୪(ସୁନିତ୍ ମିଶ୍ର)**





ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିଗମର ଲାଭାଂଶ ପ୍ରଦାନ କରୁଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅଧୀନ ଓଡ଼ିଶା କୃଷି ଶିଳ୍ପ ନିଗମ, ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଏବଂ ଶକ୍ତି ବିଭାଗ ଅଧୀନ ଓଡ଼ିଶା ଜଳବିଦ୍ୟୁତ୍ ନିଗମ(ଓଏଚ୍‌ପିସି) ଏବଂ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି) ପକ୍ଷରୁ ରାଜ୍ୟ ସରକାରଙ୍କୁ ଲାଭାଂଶ ପ୍ରଦାନ କରାଯାଇଛି। ଓଡ଼ିଶା କୃଷି ଶିଳ୍ପ ନିଗମ ୨୦୨୨-୨୩ ବର୍ଷର ଲାଭାଂଶ ବାବଦକୁ ୧ କୋଟି ୩୫ ଲକ୍ଷ ୭୮ ହଜାର ୫୦୨ ଟଙ୍କା ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ୪୬ ଲକ୍ଷ ୫୧ ହଜାର ୨୦୦ ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ପକ୍ଷରୁ ୨୦୨୩-୨୪ ବର୍ଷର ଲାଭାଂଶ ଯୋଗୁ ୧୧୧ କୋଟି ୮୨ ଲକ୍ଷ ୪୮ ହଜାର ୭୦୦ ଟଙ୍କା ଏବଂ ଓଡ଼ିଶା ଜଳବିଦ୍ୟୁତ୍ ନିଗମ ପକ୍ଷରୁ ୯୨ କୋଟି ୨୧ ଲକ୍ଷ ୯୧ ହଜାର ୯୧୧ ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଏହିଭଳି ଭାବେ ୪ଟି ନିଗମ ମୋଟ୍ ୨୦୫ କୋଟି ୮୬ ଲକ୍ଷ ୭୦ ହଜାର ୩୧୩ ଟଙ୍କା ପ୍ରଦାନ କରିଛନ୍ତି। ଓଡ଼ିଶା କୃଷି ଶିଳ୍ପ ନିଗମ ୨୦୧୫-୧୬ ବର୍ଷଠାରୁ ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ୧୯୯୫-୯୬ ଠାରୁ ଏହି ଲାଭାଂଶ ପ୍ରଦାନ କରୁଛନ୍ତି। ଓଡ଼ିଶା କୃଷି ଶିଳ୍ପ ନିଗମ ବାର୍ଷିକ ହାରାହାରି ୮୦୦ ରୁ ୯୦୦ କୋଟି ଟଙ୍କାର ସାର, କୃଷି ଯନ୍ତ୍ରପାତି, ଟ୍ରାକ୍ଟର, ଧାନ ଅମଳ ଯନ୍ତ୍ର, ଧାନବୁଣା ଯନ୍ତ୍ର ଇତ୍ୟାଦି ସରକାରଙ୍କ ଧାର୍ଯ୍ୟ ରିହାତି ଦରରେ ଚାଷୀମାନଙ୍କୁ ଯୋଗାଇ ଦେଉଛି। ରାଜ୍ୟ କାଜୁ ଉନ୍ନୟନ ନିଗମର ପ୍ରଚେଷ୍ଟା ଯୋଗୁ ଓଡ଼ିଶା ବର୍ତ୍ତମାନ ଦେଶରେ କାଜୁ ଉତ୍ପାଦନରେ ଓ ଉଦ୍ୟାନର କ୍ଷେତ୍ରଫଳରେ ଦେଶରେ ସର୍ବଶ୍ରେଷ୍ଠ ହୋଇପାରିଛି। ଓଡ଼ିଶା ଜଳବିଦ୍ୟୁତ୍ ନିଗମ ଏବଂ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ଓଡ଼ିଶାର ଶକ୍ତି ଆବଶ୍ୟକତାର ପ୍ରାୟ ୪୫% ପ୍ରଦାନକରି ରାଜ୍ୟର ଶକ୍ତି ଉତ୍ପାଦନ ଓ ଯୋଗାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛନ୍ତି। ଲୋକସେବା ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏହି ଅବସରରେ ଉପସ୍ଥିତ ଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ଏବଂ ଶକ୍ତି ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ ମୁଖ୍ୟମନ୍ତ୍ରୀଙ୍କୁ ଏହି ଚେକ୍ ପ୍ରଦାନ କରିଛନ୍ତି।


## ଶେୟାର ବଜାରରେ ଉତ୍ସାହ

**ମୁମ୍ବାଇ,୨୩।୪**

କ୍ରମାଗତ ସପ୍ତମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୨୧ (୫୨୦.୯୦) ପଏଣ୍ଟ ବୃଦ୍ଧି ଘଟି ୮୦,୧୧୬ (୮୦,୧୧୬.୪୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୬୨ (୧୬୧.୭୦) ପଏଣ୍ଟ ବଢି ୨୪,୩୨୯ (୨୪,୩୨୮.୯୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ଓଡ଼ିଶାରେ ଜିଓ ଏୟାରଫାଇବର ଅଗ୍ରଣୀ

**ଭୁବନେଶ୍ୱର,୨୩।୪**





ରିଲାଏନ୍ସ ଜିଓ ଓଡ଼ିଶା ବଜାରରେ ଅଗ୍ରଣୀ ସ୍ଥାନ ହାସଲ କରିଛି। ଏପରିକି ୫ଜି ଏଫଡବ୍ଲ୍ୟୁଏ ହୋମ ବ୍ରଡ଼ବ୍ୟାଣ୍ଡ କ୍ଷେତ୍ରରେ ଜିଓ ସର୍ବାଧିକ ପସନ୍ଦର ସେବା ପ୍ରଦାନକାରୀ ଭାବେ ନିଜର ପ୍ରାଧାନ୍ୟ ବିସ୍ତାର କରିଛି। ଜିଓର ୫ଜି ଏଫଡବ୍ଲ୍ୟୁଏ ସେବା ଜିଓ ଏୟାରଫାଇବର ଏହି କ୍ଷେତ୍ରରେ ୮୭%ରୁ ଅଧିକ ଗ୍ରାହକ ବଜାର ଅଂଶ ରାଜ୍ୟରେ ହାସଲ କରିଛି। ଚଳିତ ସପ୍ତାହରେ ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟରୁ ଏହା ଜଣାପଡିଛି। ସେହିଭଳି ପ୍ରଥମ ଥର ପାଇଁ ଟ୍ରାଇ ପୃଥକ ଭାବେ ୫ଜି ଏଫଡବ୍ଲ୍ୟୁଏ ବା ଏୟାର ଫାଇବର ଗ୍ରାହକ ସଂଖ୍ୟା ଘୋଷଣା/ପ୍ରକାଶ କରିଛି। ଟ୍ରାଇ ଦ୍ୱାରା ପ୍ରକାଶିତ ଏହି ତଥ୍ୟ ଅନୁଯାୟୀ ୨୦୨୫ ଜାନୁୟାରୀ ୩୧ ସୁଦ୍ଧା ରିଲାଏନ୍ସ ଜିଓର ୫ଜି ଏଫଡବ୍ଲ୍ୟୁଏ ସେବା ଜିଓ ଏୟାରଫାଇବର ରାଜ୍ୟରେ ୧.୩ ଲକ୍ଷରୁ ଅଧିକ ଏୟାର ଫାଇବର ଗ୍ରାହକ ସହିତ ବେଶ ଆଗରେ ରହିଥିବାବେଳେ ଏହା ପଛକୁ ଭାରତୀ ଏୟାରଟେଲ ୧୮,୦୦୦ ଗ୍ରାହକ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଏପରିକି ଟ୍ରାଇର ତଥ୍ୟ ଅନୁଯାୟୀ ୨୦୨୫ ଜାନୁୟାରୀ ୨୦୨୫ ଶେଷ ସୁଦ୍ଧା ଓଡ଼ିଶାରେ ମୋଟ ୫ଜି ଏଫଡବ୍ଲ୍ୟୁଏ ବା ଏୟାରଫାଇବର ଗ୍ରାହକ ସଂଖ୍ୟା ଦେଢ଼ ଲକ୍ଷ ଅତିକ୍ରମ କରିଛି। ସେହିପରି ଜାତୀୟ ସ୍ତରରେ ମଧ୍ୟ ଜିଓ ୫ଜି ଏଫଡବ୍ଲ୍ୟୁଏ ବା ଏୟାରଫାଇବର କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଛି ଏବଂ ଜିଓ ଏୟାରଫାଇବର ଦେଶରେ ଏହି କ୍ଷେତ୍ରରେ ୮୪%ରୁ ଅଧିକ ଗ୍ରାହକ ବଜାର ଅଂଶ ହାସଲ କରିଛି। ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୨୫ ଜାନୁଆରୀ ୩୧ ସୁଦ୍ଧା ଦେଶରେ ଜିଓର ୪୮ ଲକ୍ଷରୁ ଅଧିକ ୫ଜି ଏଫଡବ୍ଲ୍ୟୁଏ ବା ଜିଓ ଏୟାରଫାଇବର ଗ୍ରାହକ ରହିଥିବାବେଳେ ଏହା ପଛକୁ ଏୟାରଟେଲର ଦେଶରେ ପ୍ରାୟ ୮ଲକ୍ଷ ୫ଜି ଏଫଡବ୍ଲ୍ୟୁଏ ଗ୍ରାହକ ରହିଥିଲେ।

# ଏସ୍‌ବିଆଇ ଲାଇଫ୍ ସ୍ମାର୍ଟ ପ୍ଲାଟିନା ସୁପ୍ରିମ

**ଭୁବନେଶ୍ୱର,୨୩।୪**

ଏସ୍‌ବିଆଇ ଲାଇଫ୍‌ର ନୂତନ ବୀମା ଯୋଜନା ତଥା ଗ୍ୟାରେଣ୍ଟେଡ୍ ଇନ୍‌କମ୍ ପ୍ଲାନ୍ 'ଏସ୍‌ବିଆଇ ଲାଇଫ୍ ସ୍ମାର୍ଟ ପ୍ଲାଟିନା ସୁପ୍ରିମ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ଇଣ୍ଡିଭିଜୁଆଲ, ନନ୍-ଲିଙ୍କ୍‌ଡ, ନନ୍-ପାର୍ଟିସିପେଟିଂ ଲାଇଫ୍ ଇନ୍‌ସ୍ୟୁରାନ୍ସ ସେଭିଙ୍ଗ ପ୍ରଡକ୍ଟ ହୋଇଥିଲାବେଳେ ଏସ୍‌ବିଆଇ ଲାଇଫ୍ ସ୍ମାର୍ଟ ପ୍ଲାଟିନା ସୁପ୍ରିମ ପ୍ରିମିୟମ ପେମେଣ୍ଟ ଅବଧି, ବୀମା ଅବଧି, ପେଆଉଟ ଅବଧି ଓ ଆୟ ଆବୃତ୍ତି ବିକଳ୍ପଗୁଡିକର ଏକ ବିସ୍ତୃତ ଶୃଙ୍ଖଳା ପ୍ରଦାନ କରୁଛି। ବୀମାଧାରକମାନେ ମାସିକ, ଅର୍ଦ୍ଧବାର୍ଷିକ କିମ୍ବା ବାର୍ଷିକ ଭାବେ ପ୍ରିମିୟମ ପଇଠ କରିବା ଏବଂ ବାର୍ଷିକ, ଅର୍ଦ୍ଧବାର୍ଷିକ, ତ୍ରୈମାସିକ ଓ ମାସିକ ଭାବେ ପେଆଉଟ ପାଇବା ପାଇଁ ଚୟନ କରିପାରିବେ। ଏହି ବୀମା ଯୋଜନା ଆର୍ଥିକ ଚିନ୍ତାଗୁଡ଼ିକୁ ସେମାନଙ୍କର ସ୍ୱପ୍ନର ପଥରେ ଯେପରି ପ୍ରତିବନ୍ଧକ ନ ହୁଏ ତାହା ନିଶ୍ଚିତ କରିଥାଏ। ଏହା କେବଳ ଏକ ବୀମା ନୁହେଁ, ଏକ ପ୍ରତିବଦ୍ଧତା । ଯାହା ସବୁ ପରିସ୍ଥିତିରେ ଆପଣଙ୍କର ପିଲାଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିଥାଏ, ସେମାନଙ୍କର ଲକ୍ଷ୍ୟ ଓ ଆକାଂକ୍ଷାଗୁଡ଼ିକୁ ହାସଲ କରିବାରେ ସାହାଯ୍ୟ କରିଥାଏ । ଏସ୍‌ବିଆଇ ଲାଇଫ୍ ସ୍ମାର୍ଟ ପ୍ଲାଟିନା ସୁପ୍ରିମ ଅନେକ ପ୍ରମୁଖ ଲାଭ ପ୍ରଦାନ କରିଥାଏ । ପ୍ରିମିୟମ ପେମେଣ୍ଟ ସଫଳ ରୂପେ ଶେଷ ହେବା ପରେ ଏହି ଯୋଜନା ଜୀବନଯାପନ ଖର୍ଚ୍ଚ ଓ ଶିକ୍ଷା ଭଳି ଜରୁରୀ ଖର୍ଚ୍ଚଗୁଡ଼ିକୁ କଭରକରି ପିଲାଙ୍କ ପାଇଁ ସ୍ଥିର ଆୟ ସୁନିଶ୍ଚିତ କରିଥାଏ, ଯାହା ପିଲାଙ୍କୁ ଆର୍ଥିକ ସ୍ଥିରତା ପ୍ରଦାନ କରିଥାଏ। ଯଦିଓ ବଜାରର ଅସ୍ଥିରତା ବେଳେବେଳେ ଆର୍ଥିକ ସ୍ଥିତିକୁ ପ୍ରଭାବିତ କରିପାରେ ତଥାପି ପରିବାରଗୁଡିକ ପାଇଁ ଜୀବନର ପ୍ରମୁଖ ପର୍ଯ୍ୟାୟ ଯେପରିକି ସ୍କୁଲ, କଲେଜ ଓ ବିବାହ ଆଦି ପାଇଁ ଆଗୁଆ ଯୋଜନା କରିବା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ।

# ଜେଇଇ ମେନ୍‌ରେ ଆଲେନ୍ କୋଟାର ବାଜିମାତ୍

**ଭୁବନେଶ୍ୱର,୨୩।୪ (ଅଭୟ ଦାଶ)**





ଜେଇଇ ମେନ୍‌ରେ ସଫଳତା ହାସଲ କରିଥିବା ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ୍‌ର ଛାତ୍ରମାନଙ୍କ ସମେତ ଆଲେନ୍‌ର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଚଳିତ ବର୍ଷ ମଧ୍ୟ ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ପ୍ରବେଶିକା ପରୀକ୍ଷାର ଅଗ୍ରଣୀ କୋଚିଂ ସେଣ୍ଟର 'ଆଲେନ୍ କୋଟା' ଜଏଣ୍ଟ ଏଣ୍ଟ୍ରାନ୍ସ ଏକ୍‌ଜାମିନେଶନ ବା ଜେଇଇ ମେନ୍-୨୦୨୫ ଫଳାଫଳରେ ବାଜିମାତ୍ କରିଛି।

ଉଲ୍ଲେଖଯୋଗ୍ୟ, ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ଦ୍ୱାରା ନିକଟରେ ଘୋଷଣା କରାଯାଇଥିବା ଜେଇଇ ମେନ୍-୨୦୨୫ ଫଳାଫଳରେ ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ୍‌ର ଛାତ୍ରମାନେ ସେମାନଙ୍କର ଉତ୍କର୍ଷ ପ୍ରମାଣିତ କରିଛନ୍ତି। ଏପର୍ଯ୍ୟନ୍ତ ଦେଖାଯାଇଥିବା ଫଳାଫଳରେ ଆଲେନ୍‌ର ୩୩ଜଣ ଛାତ୍ର ଶ୍ରେଷ୍ଠ ୧୦୦ ଅଲ୍ ଇଣ୍ଡିଆ ର୍ୟାଙ୍କ(ଏଆଇଆର)ରେ ସ୍ଥାନ ପାଇଥିଲାବେଳେ ସେମାନଙ୍କ ମଧ୍ୟରୁ ଆଲେନ୍ କୋଟା କ୍ଲାସ୍‌ରୁମ୍ ଛାତ୍ର ଓମ୍‌ପ୍ରକାଶ ବେହେରା ୩୦୦/୩୦୦ ନମ୍ବର ସହ ଅଲ୍ ଇଣ୍ଡିଆ ର୍ୟାଙ୍କ ବା ଏଆଇଆର୍ ୧ ସ୍ଥାନରେ ରହିଛନ୍ତି। ସେହିଭଳି ଶ୍ରେଷ୍ଠ ୨୫ ମଧ୍ୟରେ ଆଲେନ୍ କୋଟାର ୧୧ ଛାତ୍ର ଥିଲାବେଳେ ୨୦ ଛାତ୍ୟ ରାଜ୍ୟ ଟପ୍ପର ହୋଇଛନ୍ତି। ଏପରିକି ସାରା ଦେଶର ୨୪ ଜଣ ଛାତ୍ର ୧୦୦% ନମ୍ବର ରଖିଥିବାବେଳେ ଆଲେନ୍‌ର ୧୧ ଜଣ ଛାତ୍ର ଶତ ପ୍ରତିଶତ ବା ୧୦୦ ପ୍ରସେଣ୍ଟାଇଲ ସ୍କୋର କରିଛନ୍ତି। ସେହିପରି ରାଜସ୍ଥାନର ୭ ଜଣ ଛାତ୍ର ୧୦୦ ପ୍ରତିଶତ ସ୍କୋର ପାଇଛନ୍ତି, ସେମାନଙ୍କ ମଧ୍ୟରୁ ୬ ଜଣ ଆଲେନ୍ କୋଟା ଶ୍ରେଣୀଗୃହର ଛାତ୍ର ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

ଏ ସମ୍ପର୍କରେ ଆଲେନ୍‌ର ସିଇଓ ନୀତିନ କୁକ୍ରେଜା କହିଛନ୍ତି, ଆଲେନ୍ ମେଡିକାଲ୍, ଇଞ୍ଜିନିୟରିଂ ଏବଂ ଜୁନିୟର ସ୍ତରର ପରୀକ୍ଷାରେ ଉତ୍କୃଷ୍ଟ ଶୈକ୍ଷିକ ଫଳାଫଳର ମହାନ ପରମ୍ପରାକୁ ବଜାୟ ରଖିଛି।

# ୯.୭୫% ବାର୍ଷିକ ହାରରେ ନୂଆ ସୁଧ ହାର

**ଭୁବନେଶ୍ୱର,୨୩।୪**

ଦେଶର ଏକ ପ୍ରମୁଖ ୱେଲଥ-ଟେକ୍ ପ୍ଲାଟଫର୍ମ ପେଟିଏମ୍ ମନି ତା'ର ସୁଧ ହରାକୁ କମାଇଥିଲାବେଳେ 'ପେ ଲେଟର୍ (ମାର୍ଜିନ୍ ଟ୍ରେଡିଂ ଫ୍ୟାସିଲିଟି-ଏମଟିଏଫ)' ସେବା ପାଇଁ ନୂଆ ଅନୁକୂଳ ସୁଧ ହାର ଓ ବ୍ରୋକେରେଜ୍ ଢାଞ୍ଚା ଘୋଷଣା କରିଛି। ଏପରିକି ନୂଆ ସ୍ଲାବ୍ ଆଧାରିତ ସୁଧ ହାର ୯.୭୫% ବାର୍ଷିକ ହାରରେ ଆରମ୍ଭ ହେଉଛି, ଯାହା ପୂର୍ବରୁ ଥିବା ୧୪.୯୯% ହାରରୁ ଘଟିଛି। ଏହା ଫଣ୍ଡିଂ ବୁକ୍ ସାଇଜ୍ ଉପରେ ନିର୍ଭର କରିଥାଏ। ଏହା ସହିତ ଏହି ପ୍ଲାଟଫର୍ମ ୦.୧% ପ୍ରତି ଟ୍ରେଡ୍ ବ୍ରୋକେରେଜ୍ ହାର ମଧ୍ୟ ରଖିଛି, ଯାହା ସୁଲଭତା ଓ ପ୍ଲାଟଫର୍ମ ବଜାଇ ରଖିବାକୁ ସମନ୍ୱୟ କରିଥାଏ। ଏହି ଲଘୁ ମୂଲ୍ୟ ଅନ୍ତର୍ଗତ ବର୍ତ୍ତମାନ ରିଟେଲ୍ ନିବେଶକମାନେ ୯.୭୫% ସୁଧ ହାରରେ 'ପେ ଲେଟର୍ (ଏମଟିଏଫ) ସେବା ଉପଲବ୍ଧ କରିପାରିବେ। ସେହିଭଳି ୨୫ ଲକ୍ଷରୁ ଅଧିକ ଫଣ୍ଡିଂ ବୁକ୍ ଥିବା ଉଚ୍ଚ ମୂଲ୍ୟର ଟ୍ରେଡର୍ମାନେ ମଧ୍ୟ ଏହି ସମ ହାରରୁ ଲାଭ ଉଠାଇପାରିବେ। ଏପରିକି ୧ଲକ୍ଷରୁ ୨୫ ଲକ୍ଷ ବୁକ୍ ସାଇଜ୍ ଥିବା ନିବେଶକମାନେ ୧୪.୯୯% ସୁଧ ହାର ଅନୁସରଣ କରିବେ। ଏ ସମ୍ପର୍କରେ ପେଟିଏମ୍ ମନିର ପ୍ରବକ୍ତା କହିଥିଲେ, ଭାରତରେ ସମ୍ପତ୍ତି ପରିଚାଳନାକୁ ଲୋକମାନଙ୍କ ପାଖକୁ ନେବା ଲକ୍ଷ୍ୟରେ ଆମେ ନିବେଶକ-ପ୍ରେମୀ ସମାଧାନ ପ୍ରଦାନ କରିବାକୁ ଦୃଢ଼ ପରିକଳ୍ପିତ ରହିଛୁ। ଏହି ନୂଆ ସୁଧ ହାର ଏବଂ ବ୍ରୋକେରେଜ୍ ଗଠନ, ନିବେଶକଙ୍କ ପାଇଁ ସୁଯୋଗ ବଢ଼ାଇବ ଓ ଆମ ପ୍ଲାଟଫର୍ମର ଦୀର୍ଘକାଳୀନ ସ୍ଥିରତାକୁ ସମର୍ଥନ କରିବ। ନୂଆ ସୁଧ ହାର ନିକଟରେ ଆରମ୍ଭ ହୋଇଥିଲାବେଳେ ବ୍ରୋକେରେଜ୍ ହାର ୨୦୨୫ ମଇ ୧୮ ରୁ ଲାଗୁ ହେବ।

# ଟ୍ରାକ୍ଟର ଭଡ଼ା ନ ଦେବାରୁ ସାଙ୍ଗଙ୍କୁ ପିଟି ହତ୍ୟା

ରାଜକନିକା,୨୩।୪ (ରବୀନ୍ଦ୍ର କୁମାର ଦାସ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଭରିଗଦା ପଞ୍ଚାୟତ ମଙ୍ଗଳପୁର ଗାଁରେ ଘଟିଛି ଏକ ଅଭାବନୀୟ ଘଟଣା। ଟ୍ରାକ୍ଟର ଭଡ଼ା ନ ଦେବାରୁ ଜଣେ ଯୁବକ ନିଜ ସାଙ୍ଗଙ୍କୁ ପିଟି ହତ୍ୟା କରିଛନ୍ତି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ଆକ୍ରମଣକାରୀଙ୍କୁ ରାଜକନିକା ପୋଲିସ ଗିରଫ କରିଛି।


ବାବାଜୀ ରାଉତ

ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳପୁର ଗାଁରୁ ମଙ୍ଗଳବାର ବରଯାତ୍ରୀ ଭାବେ ବାବାଜୀ ରାଉତ (୪୫), ତାଙ୍କ ସାଙ୍ଗ ଉତ୍ତମ ସ୍ୱାଇଁ(୪୨) ଓ ଉତ୍ତମଙ୍କ ସାନଭାଇ ନରୋତ୍ତମ ସ୍ୱାଇଁ (୪୦) ଜୟନଗର ପଞ୍ଚାୟତ ଏଣ୍ଡୁଳାପୁର ଗାଁକୁ ଯାଇଥିଲେ। ବରଯାତ୍ରୀମାନେ ଭୋଜିଖାଇ ଘରକୁ ଫେରିଥିଲେ। ବାବାଜୀ ଓ ଉତ୍ତମ ସାଙ୍ଗ ହୋଇ ଗାଁକୁ ଫେରୁଥିବା ବେଳେ ଜୟନଗର ବଜାରରେ ଉଭୟଙ୍କ ମଧ୍ୟରେ ଟ୍ରାକ୍ଟର ଭଡ଼ା ବକେୟା ଟଙ୍କାକୁ ନେଇ କଥା କଟାକଟି ହୋଇଥିଲା। ବାବାଜୀ ଉତ୍ତମଙ୍କ ଟ୍ରାକ୍ଟର କିଛିଦିନ ହେଲା ଚଲାଉଥିଲେ। ହେଲେ ଭଡ଼ା ଦେଇ ନ ଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ବଢ଼ିବାରୁ ନରୋତ୍ତମ ସେଠାରେ ପହଞ୍ଚି ବାବାଜୀଙ୍କୁ ଆକ୍ରମଣ କରିଥିଲେ। ଉତ୍ତମ ଏକ ବାଉଁଶ ଆଣି ବାବାଜୀଙ୍କ ମୁଣ୍ଡକୁ ପିଟି ଚାଲିଥିଲେ। ଫଳରେ ବାବାଜୀ ଅଚେତ ହୋଇ ତଳେ ପଡିଯାଇଥିଲେ। ଏହାପରେ ଉତ୍ତମ ଓ ନରୋତ୍ତମ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ବାବାଜୀଙ୍କୁ ତାଙ୍କ ପୁତୁରା ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହୋଇପଡିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ଅପରାହ୍ନ ପ୍ରାୟ ୩ଟା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ବାବାଜୀଙ୍କ ସ୍ତ୍ରୀ ଝିଲି ରାଉତ ରାଜକନିକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ.୨୬୧/୨୫)ରୁଜୁ କରି ଉତ୍ତମଙ୍କୁ ଗିରଫ କରିଛି। ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ରାଜକନିକା ଥାନା ଅଧିକାରୀ ସଞ୍ଜୟ କୁମାର ମଲିକ ତଦନ୍ତ ଆରମ୍ଭ କରିଛନ୍ତି ।

# ଜିମ୍ ସେଣ୍ଟର ମାଲିକଙ୍କ ଭାଇ ଗିରଫ

## ଯୁବତୀଙ୍କୁ ପ୍ରତାରଣା କରି ଯୌନ ସମ୍ପର୍କ

ଭୁବନେଶ୍ୱର,୨୩।୪ (ସତ୍ୟଜିତ୍ ରାଉତ)

ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ପ୍ରତାରଣା କରିବା ସହ ଯୌନ ସମ୍ପର୍କ ରଖିବା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଖଣ୍ଡଗିରି ଥାନା ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ବରମୁଣ୍ଡା ସୌଭାଗ୍ୟନଗରର ଚନ୍ଦ୍ରଶେଖର ସ୍ୱାଇଁ ଓରଫ ଭିକି (୩୦)। କୋର୍ଟଚାଲାଣ ପରେ ଅଭିଯୁକ୍ତ ଚନ୍ଦ୍ରଶେଖରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ପୀଡିତା ଯୁବତୀ ଜଣକ ୧୦ ମାସ ହେବ ଖଣ୍ଡଗିରି ଅଞ୍ଚଳରେ ଥିବା ଏକ ଜିମ୍ ସେଣ୍ଟରରେ ଚାକିରି କରୁଥିଲେ। ସେଠାରେ କାମ କରିବା ବେଳେ ଉକ୍ତ ଜିମ୍ ସେଣ୍ଟରର ମାଲିକଙ୍କ ସାନ ଭାଇ ଅଭିଯୁକ୍ତ ଚନ୍ଦ୍ରଶେଖର ତାଙ୍କ ସହ ବନ୍ଧୁତା କରିଥିଲେ। ଯୁବତୀଙ୍କୁ ଚନ୍ଦ୍ରଶେଖର ପ୍ରେମ ଜାଲରେ ଫସାଇ ବିବାହ କରିବାକୁ ମିଛ ପ୍ରତିଶ୍ରୁତି ଦେଇ ବିଭିନ୍ନ ସମୟରେ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ବିବାହ କରିବାକୁ ଚନ୍ଦ୍ରଶେଖର ଦିନ ଗଡ଼ାଇ ଚାଲିଥିଲେ। ତେବେ ସେ ଅନ୍ୟ ଜଣେ ଝିଅକୁ ପୂର୍ବରୁ କୋର୍ଟରେ ବିବାହ କରିଥିବା ପୀଡିତା ଜାଣିବାକୁ ପାଇଥିଲେ। ଏନେଇ ପଚାରିବାରୁ ଚନ୍ଦ୍ରଶେଖର ତାଙ୍କଠାରୁ ଦୂରେଇ ଯିବା ସହ ଚାକିରିକୁ ବାହାର କରିଦେଇଥିଲେ। ଏପରିକି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ବେଳର ଫଟୋ ଓ ଭିଡ଼ିଓକୁ ଭାଇରାଲ କରିଦେବେ ବୋଲି ଚନ୍ଦ୍ରଶେଖର ଧମକ ଦେଇଥିଲେ। ଏନେଇ ଯୁବତୀଙ୍କ ଏତଲାକ୍ରମେ ପୋଲିସ ସୋମବାର ମାମଲା (ନଂ.୨୪୯/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# ଅଟକ ଅଭିଯୁକ୍ତଙ୍କ କାଠଫାଳିଆ ମାଡ଼ରେ କନ୍‌ଷ୍ଟେବଲ ଗୁରୁତର

## ଥାନା ଭିତରେ ଆକ୍ରମଣ

ମୁରିବାହାଲ,୨୩।୪ (ଶ୍ରୀବତ୍ସ ବେହେରା)

ଜଣେ ନାବାଳିକାଙ୍କୁ ଅପହରଣ ଲାଗି ଉଦ୍ୟମ କରିବା ଘଟଣାରେ ବଲାଙ୍ଗୀର ଜିଲା ମୁରିବାହାଲ ଥାନାରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଥାନା ଭିତରେ ଅଟକ ଥିବା ଅଭିଯୁକ୍ତଙ୍କ କାଠଫାଳିଆ ମାଡ଼ରେ କନ୍‌ଷ୍ଟେବଲ ସୁଦାମ ନାଗ ଗୁରୁତର ହୋଇ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଦମ୍ପତିଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପ୍ରକାଶ ଯେ, ମଙ୍ଗଳବାର ତୁରେକେଲା ଥାନା ଅଧୀନ ଢୋଲମାନ୍ଦଲ ଗ୍ରାମର ମଗଶିର ପରାଭୁଏ ଓ ତାଙ୍କ ସ୍ତ୍ରୀ ଲଦମଣି ମୁରିବାହାଲ ଥାନା କୁମ୍ଭାରୀ ଗ୍ରାମକୁ ନିଜ ପୁଅର ବିବାହ ପାଇଁ ଝିଅ ଦେଖିବାକୁ ଆସିଥିଲେ। କନ୍ୟା ପକ୍ଷର ଲୋକେ ଝିଅର ବୟସ ହୋଇ ନ ଥିବା କହି ବାହାଘର ପାଇଁ ମନା କରିଥିଲେ। ଫଳରେ ସ୍ୱାମୀ ସ୍ତ୍ରୀ ଦେଖିବାକୁ ଯାଇଥିବା ନାବାଳିକାକୁ କୌଶଳକ୍ରମେ ଅପହରଣ କରି ଫେରାର ହୋଇଥିଲେ। ଏନେଇ କନ୍ୟାପକ୍ଷର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମୁରିବାହାଲ ରେଳଷ୍ଟେଶନ ପ୍ଲାଟ୍‌ଫର୍ମରୁ ନାବାଳିକାକୁ ଉଦ୍ଧାର କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଦମ୍ପତି ଓ ଉଦ୍ଧାର ନାବାଳିକାଙ୍କୁ ଆଣି ଥାନାରେ ଅଟକ ରଖିଥିଲା। କିନ୍ତୁ ମଗଶିର ଓ ଲଦମଣି ବିଳମ୍ବିତ ରାତିରେ ଥାନା ଭିତରେ ପୋଲିସ କନ୍‌ଷ୍ଟେବଲ ନାଗଙ୍କୁ ମାଡ଼ ମାରିଥିଲେ। ଏହାପରେ ଉଭୟେ ଚମ୍ପଟ ମାରୁଥିବାବେଳେ କଣ୍ଟାବାଞ୍ଜି ରେଳଷ୍ଟେସନରୁ ପୋଲିସ ସେମାନଙ୍କୁ କାବୁକରି ଗିରଫ କରିଥିଲା। ଗୁରୁତର କନ୍‌ଷ୍ଟେବଲ ନାଗଙ୍କୁ ପ୍ରଥମେ ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛନ୍ତି। ଏନେଇ ମୁରିବାହାଲ ଥାନାରେ ଏକ ମାମଲା (ନଂ.୯୦/୨୦୨୫) ରୁଜୁହୋଇଛି।

# ତହସିଲଦାରଙ୍କ ନାଁରେ ନିର୍ଯାତନା ଅଭିଯୋଗ

ସୁନ୍ଦରଗଡ଼,୨୩।୪(ଜୟ ନାରାୟଣ ମେଣ୍ଡୁଲି): ସମ୍ବଲପୁର ଜିଲା ରେଙ୍ଗାଲି ତହସିଲଦାର ତକ୍ଷକରାଜ ଭିତ୍ରିଆଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ ହୋଇଛି। ସ୍ତ୍ରୀ ପ୍ରଣତି ନାଏକ ଏନେଇ ବୁଧବାର ସୁନ୍ଦରଗଡ଼ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ.୧୪୯/୨୦୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଲେଫ୍ରିପଡା ଥାନା ଗୁମାମୁଣ୍ଡାର ପ୍ରଣତି ୨୦୧୭ରେ ସବ୍‌ରେଜିଷ୍ଟ୍ରାର ତକ୍ଷକରାଜ ଭିତ୍ରିଆଙ୍କୁ ବିବାହ କରିଥିଲେ। ମାତ୍ର ବିବାହର ଗତ ୨ ବର୍ଷ ହେବ ଭିତ୍ରିଆ ତାଙ୍କୁ ଯୌତୁକ ବାବଦକୁ ଜମି ଆଣିବାକୁ କହି ନିର୍ଯାତନା ଦେଇ ଆସୁଥିଲେ। ଫଳରେ ପ୍ରଣତି ଏନେଇ ସୁନ୍ଦରଗଡ଼ ଟାଉନଥାନାର ଦ୍ୱାରସ୍ଥ ହୋଇଛନ୍ତି।


ସମଗ୍ର ଶିକ୍ଷା Samagra Shiksha

**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ନବରଙ୍ଗପୁର-୭୬୪୦୫୯**

Ph:(06858)- 222568 (Off), E-mail:dpcnawrangssa.opepa@nic.in

No.973/PED/2025 **NOTICE INVITING TENDER (NIT)** Dated 23.04.2025

Sealed tenders are invited from the reputed & credible firms/ agencies for Supply of Teaching Learning Materials for Sishu Vatika to Grade-III Students in two bid systems (Technical & Commerical Bid) as detailed below.

| Name of the Tender | Bid Processing fees | Amount of EMD | Last Date & Time of receipt of Bid | Date & time of opening of Technical Bid |
|---|---|---|---|---|
| Teaching Learning Materials for Sishu Vatika to Grade-III Students | 2500/- | 1,50,000/- | 14.05.2025 | 15.05.2025 |

The detailed BID document is available in the website www.osepa.odisha.gov.in & www.nabarangpur.odisha.gov.in (website details to be given) Interested and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required, will be uploaded in the above website. Hence potential bidders are requested to be in continuous touch with the above website. The Tender Inviting Authority (TIA) reserves the right to accept/ reject any full or part/ all BID/ cancel the entire selection process at any stage without assigning any reason thereof.

Sd/- District Project Coordinator, Samagra Shiksha, Nabarangpur



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.: ST-OT-REPAIRING-CARDS-466, ତା.16.04.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ବିଭିନ୍ନ କାର୍ଡ (Card) ଏବଂ ଉପକରଣଗୁଡ଼ିକର ଦୂରସଂଚାର ମରାମତି କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ :** ₹ 61,02,136.95, EMD : ₹ 1,22,100/-

ବିଡ୍ ଆରମ୍ଭ ହେବା ତାରିଖ : ତା.24.04.2025ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.05.2025ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ସଂଶୋଧନ / ଶୁଦ୍ଧିପତ୍ର ଯଦି ଥାଏ, ତାହା କେବଳ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ। ତେଣୁ ଟେଣ୍ଡରଦାତାମାନଙ୍କୁ ନିୟମିତ ୱେବ୍‌ସାଇଟ୍ ଦେଖିବାକୁ ପରାମର୍ଶ ଦିଆଯାଉଛି।

PR-62/O/25-26 ମଣ୍ଡଳ ରେଳ ପରିଚାଳକ, ଖୋର୍ଦ୍ଧା ରୋଡ୍



सेन्ट्रल बैंक ऑफ़ इंडिया Central Bank of India CENTRAL TO YOU SINCE 1911

**କ୍ଷେତ୍ରୀୟ କାର୍ଯ୍ୟାଳୟ:** ୧୦୮-ବି, ୟୁନିଟ୍-୭, ସୂର୍ଯ୍ୟ ନଗର, ଗୋପବନ୍ଧୁ ସ୍କୋୟାର, ଭୁବନେଶ୍ୱର-୭୫୧୦୦୩, ଫୋନ୍: ୦୬୭୪-୨୩୯୭୫୫୧, ୨୩୯୭୧୯୯

**ଅନଧିକାର ଅନୁପସ୍ଥିତି**

ତାରିଖ: ୨୨.୦୪.୨୦୨୫

**ମିସ୍ ଆସି ଲକ୍ଷ୍ମୀ, ପିତା: ଆସି ନାରାୟଣ ରାଓ, ସିଏସ୍‌ଏ (ଏମ୍ପ୍ଲ ନଂ.: ୧୩୬୮୮୫), ସିଏସ୍‌ଏ, ନୟାଗଡ଼ ଶାଖା, କ୍ୱାର୍ଟର ନଂ.: କି-୩୭, ମାଳି କଲୋନୀ, ହୋମିଓପାଥିକ କଲେଜ ନିକଟ, ୟୁନିଟ୍-୩, ଭୁବନେଶ୍ୱର**

ଏହା ଅନୁଭବ କରାଯାଉଛି କି, ଆପଣ କୌଣସି ସୂଚନା ନଦେଇ କାର୍ଯ୍ୟରୁ ଅନଧିକାର ଭାବେ ଅନୁପସ୍ଥିତ ଅଛନ୍ତି। ତା.୨୯.୦୮.୨୦୨୦ରିଖ ଠାରୁ ଛୁଟି ପାଇଁ କୌଣସି ଦରଖାସ୍ତ ଦାଖଲ କରିନାହାଁନ୍ତି କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରାକ୍ ମଞ୍ଜୁରୀ ପ୍ରାପ୍ତ କରନାହାଁନ୍ତି। ଏହି ବିଷୟରେ ଆପଣଙ୍କୁ **ନୟାଗଡ଼ ଶାଖାର ଶାଖା ପ୍ରବନ୍ଧକଙ୍କ** ଦ୍ୱାରା ତା.୦୪.୦୯.୨୦୨୦ରିଖର ଚିଠି ଏବଂ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟଙ୍କ** ଦ୍ୱାରା ତା.୦୪.୧୦.୨୦୨୩ରିଖର ଚିଠି ମାଧ୍ୟମରେ ରିପୋର୍ଟ କରିବାକୁ ପରାମର୍ଶ ଦିଆଯାଇଥିଲା କିନ୍ତୁ ଆପଣ କାର୍ଯ୍ୟରେ ଯୋଗ ଦେଇନାହାଁନ୍ତି। ତେଣୁ ଆପଣଙ୍କୁ ଅନଧିକାର ଦୀର୍ଘ ଅନୁପସ୍ଥିତି ପରେ ମଧ୍ୟ ପୁନର୍ବାର କାର୍ଯ୍ୟ ଆରମ୍ଭ କରିବାର ଶେଷ ସୁଯୋଗ ଭାବେ ଏହି ନୋଟିସ୍ ସମ୍ବାଦପତ୍ର ପ୍ରକାଶନ ମାଧ୍ୟମରେ ଜଣାଇ ଦିଆଯାଉଛି। **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ,** ସର୍ଭିସ୍ ରୁଲ୍ସର ତା.୦୨.୦୬.୨୦୦୫ରିଖର ଅଷ୍ଟମ(୮ମ) ଦ୍ୱିପାକ୍ଷିକ ସମାଧାନର ନିୟମ/ଧାରା ୩୩ ଅନୁଯାୟୀ ଆପଣଙ୍କୁ ଏହି ନୋଟିସ୍ ତାରିଖ ଠାରୁ **୩୦ ଦିନ** ମଧ୍ୟରେ କାର୍ଯ୍ୟରେ ଯୋଗଦେବାକୁ ଏବଂ ଆପଣଙ୍କ ଅନୁପସ୍ଥିତି ପାଇଁ ସନ୍ତୋଷଜନକ ଉତ୍ତର(ସ୍ପଷ୍ଟୀକରଣ) ଦାଖଲ କରିବାକୁ ପରାମର୍ଶ ଦିଆଯାଉଛି, ନଚେତ୍ ଏହା ବିବେଚନା କରାଯିବ ଯେ, ଆପଣ ଆବଶ୍ୟକୀୟ ନୋଟିସ୍ ନଦେଇ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟରୁ ଇସ୍ତଫା ଦେଇଛନ୍ତି ଏବଂ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ,** ସର୍ଭିସ୍ ରୁଲ୍ସର ତା.୦୨.୦୬.୨୦୦୫ରିଖର ଅଷ୍ଟମ(୮ମ) ଦ୍ୱିପାକ୍ଷିକ ସମାଧାନର ନିୟମ/ଧାରା ୩୩ ଅନୁଯାୟୀ ଆପଣ ଦେୟ ନିମନ୍ତେ ଦାୟୀ ରହିବେ।

ସ୍ୱା/- ମୁଖ୍ୟ ପ୍ରବନ୍ଧକ



**ଭାରତ ସରକାର**

**ଭାବା ଆଣବିକ ଗବେଷଣା କେନ୍ଦ୍ର**

ବିଜ୍ଞାପନ ସଂଖ୍ୟା: ୦୨/୨୦୨୫ (ଆର୍-ଭି)

**ସଂକ୍ଷିପ୍ତ ବିଜ୍ଞପ୍ତି**

ବିଶ୍ୱବିଦ୍ୟାଳୟ ହେବା ପାଇଁ ବିବେଚିତ ହୋମି ଭାବା ଜାତୀୟ ଅନୁଷ୍ଠାନ (ଏଚ୍‌ବିଏନ୍‌ଆଇ)ର ପୃଷ୍ଠପୋଷକତା ଅଧୀନରେ ସଞ୍ଚାଳିତ ନିମ୍ନଲିଖିତ ପ୍ରଶିକ୍ଷଣ ପାଠ୍ୟକ୍ରମ ନିମନ୍ତେ ବିଏଆର୍‌ସି ଦରଖାସ୍ତ ଆହ୍ୱାନ କରୁଛି।

**ରେଡିଓଲୋଜିକାଲ ଫିଜିକ୍ସରେ ଏକବର୍ଷିଆ ପୋଷ୍ଟ-ଏମ୍.ଏସ୍‌ସି ଡିପ୍ଲୋମା (ଡିଆର୍‌ପି.ଆର୍.ପି.)**

| | |
|---|---|
| ପାଠ୍ୟକ୍ରମର ଅବଧି | ୧ ବର୍ଷ (ଅଗଷ୍ଟ ୨୦୨୫ରୁ ଜୁଲାଇ ୨୦୨୬) |
| ଆସନ ସଂଖ୍ୟା | ୩୦ (୫ଟି ପ୍ରାୟୋଜିତ ପ୍ରାର୍ଥୀ ଆସନ ସମେତ) |
| ବୟସ ସୀମା (ତା୦୧।୦୮।୨୦୨୫ରିଖ ସୁଦ୍ଧା) | (କ) ସାଧାରଣ ବର୍ଗ – ୨୬ ବର୍ଷ<br>(ଖ) ଓବିସି – ୨୯ ବର୍ଷ<br>(ଗ) ଏସ୍‌ସି/ଏସ୍‌ଟି – ୩୧ ବର୍ଷ<br>ବେଞ୍ଚମାର୍କ ଭିନ୍ନକ୍ଷମତାଧାରୀ ବ୍ୟକ୍ତିମାନଙ୍କୁ ସର୍ବାଧିକ ୧୦ ବର୍ଷ ପର୍ଯ୍ୟନ୍ତ ବୟସରେ କୋହଳ ଦିଆଯିବ। କେବଳ ନିର୍ବାଚନୀ ଚକ୍ଷୁ ସୀମା ପର୍ଯ୍ୟନ୍ତ ସୀମିତ ହୋଇଥିବା ଶାରୀରିକ ଭିନ୍ନକ୍ଷମତାଧାରୀ ପ୍ରାର୍ଥୀ, ଯେଉଁମାନେ ଛିଡ଼ା ହେବା, ଚଳପ୍ରଚଳ କରିବା ଏବଂ ପାଠ୍ୟକ୍ରମର ଆବଶ୍ୟକତାକୁ ପୂରଣ କରିବାରେ ସକ୍ଷମ ହୋଇଥିବେ, କେବଳ ସେହିମାନଙ୍କୁ ହିଁ ବିଚାରକୁ ନିଆଯିବ। ପ୍ରାୟୋଜିତ ପ୍ରାର୍ଥୀମାନଙ୍କ ପାଇଁ ବୟସ ସୀମା ତା୦୧।୦୮।୨୦୨୫ରିଖ ସୁଦ୍ଧା ୪୦ ବର୍ଷ। |
| ଶିକ୍ଷାଗତ ଯୋଗ୍ୟତା | ସର୍ବମୋଟ ୬୦% ରୁ କମ୍ ହୋଇ ନ ଥିବା ମାର୍କ ସହ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ (ଏମ୍.ଏସ୍‌ସି ଫିଜିକ୍ସ) ଏବଂ ସର୍ବମୋଟ ୬୦% ରୁ କମ୍ ହୋଇ ନ ଥିବା ମାର୍କ ସହ ବି.ଏସ୍‌ସି ଡିଗ୍ରୀ (ପଦାର୍ଥ ବିଜ୍ଞାନ ମୁଖ୍ୟ ବିଷୟ ଭାବେ)। ସର୍ବମୋଟ ୬୦% ରୁ କମ୍ ହୋଇ ନ ଥିବା ଇଣ୍ଟିଗ୍ରେଟେଡ୍ ଏମ୍.ଏସ୍‌ସି (ଫିଜିକ୍ସ) ପ୍ରାର୍ଥୀମାନେ ମଧ୍ୟ ଯୋଗ୍ୟ ହେବେ। ଗ୍ରେଡ୍ ପ୍ରଣାଳୀ କ୍ଷେତ୍ରରେ, ଦଶମିକ ଗ୍ରାଉ/ସାରାଂଶଲାଭ ସମୟରେ ବିଶ୍ୱବିଦ୍ୟାଳୟରୁ ହାସଲ କରାଯାଇଥିବା ଗ୍ରେଡ୍‌ରୁ ଶତକଡ଼ା ମାର୍କ ରୂପାନ୍ତରଣ ପଦ୍ଧତିକୁ ଉପସ୍ଥାପନ କରାଯିବା ଆବଶ୍ୟକ। ଏଭଳି ପ୍ରାର୍ଥୀ, ଯେଉଁମାନେ ଏମ୍.ଏସ୍‌ସି (ଫିଜିକ୍ସ)ର ଦ୍ୱିତୀୟ ବର୍ଷରେ ପାଠ ପଢୁଛନ୍ତି, ସେମାନେ ମଧ୍ୟ ଆବେଦନ କରିପାରିବେ। ଉପରୋକ୍ତ ଯୋଗ୍ୟତା ବ୍ୟତୀତ, ପ୍ରାୟୋଜିତ ପ୍ରାର୍ଥୀମାନଙ୍କ ନିମନ୍ତେ ଉପଯୁକ୍ତ ଅଭିଜ୍ଞତା ଆବଶ୍ୟକ। |
| ଷ୍ଟାଇପେଣ୍ଡ | ଟ.୩୦,୦୦୦/- ମାସିକ (ଅଣ-ପ୍ରାୟୋଜିତ ପ୍ରାର୍ଥୀଙ୍କ ପାଇଁ) |
| ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ | ତା୧୩।୦୫।୨୦୨୫ରିଖ (ମଙ୍ଗଳବାର) |
| ଲିଖିତ ପରୀକ୍ଷାର ସମ୍ଭାବ୍ୟ ତାରିଖ | ତା୨୨।୦୬।୨୦୨୫ରିଖ (ରବିବାର) |

- ଦରଖାସ୍ତଗୁଡ଼ିକୁ କେବଳ ଅନ୍-ଲାଇନ୍‌ରେ ଗ୍ରହଣ କରାଯିବ। ଅନ୍-ଲାଇନ୍ ଆବେଦନର ସୁବିଧା ତା୨୨।୦୪।୨୦୨୫ରିଖ (ମଙ୍ଗଳବାର)ରୁ ତା୧୩।୦୫।୨୦୨୫ରିଖ (ମଙ୍ଗଳବାର) ପର୍ଯ୍ୟନ୍ତ ଉପଲବ୍ଧ ହେବ।
- ଏହି ବିଜ୍ଞାପନ ବାବଦୀୟ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ବିଏଆର୍‌ସି ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ।
- ସାଧାରଣ ସର୍ତ୍ତାବଳୀ ଏବଂ ଅନ୍‌ଲାଇନ୍ ଦରଖାସ୍ତର ଦାଖଲ ପାଇଁ ଦୟାକରି ୱେବ୍‌ସାଇଟ୍ www.recruit.barc.gov.in ପରିଦର୍ଶନ କରନ୍ତୁ।

cbc 48103/12/0003/2526


# ଧରାପଡ଼ିଲେ ୨ ସାଇବର ଠକ

ବଡ଼ବିଲ,୨୩।୪(ଦେବପ୍ରିୟ ରଣା)

**୩୮.୮୮ ଲକ୍ଷ ଟଙ୍କା ଠକେଇ ଘଟଣା**

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳର ଜଣେ ବ୍ୟବସାୟୀଙ୍କଠାରୁ ସାଇବର ମାଧ୍ୟମରେ ୩୮.୮୮ଲକ୍ଷ ଟଙ୍କା ହଡ଼ପ ଘଟଣାରେ କେନ୍ଦୁଝର ସାଇବର ଅପରାଧ ଥାନା ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ ପରେ ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳର ବିଶ୍ୱ ପ୍ରକାଶ ମହାପାତ୍ର ଏବଂ କଟକ ଚୌଦ୍ୱାର ଅଞ୍ଚଳର ସ୍ନେହାଶିଷ ବଳ।

ସୂଚନା ଅନୁଯାୟୀ, ୨୦୨୪ ଅକ୍ଟୋବର ମାସରେ ବଡ଼ବିଲ ସୁନ୍ଦରାବସ୍ତି ଅଞ୍ଚଳରେ ରହୁଥିବା ପ୍ରଦୀପ କୁମାର ଦୁବେ ନାମକ ବ୍ୟବସାୟୀଙ୍କ ମୋବାଇଲ ଫୋନକୁ ହ୍ୱାଟ୍ସଆପ ଜରିଆରେ ଜେ.ପି.ଏନ.ଲିମିଟେଡ ନାମକ ଏକ କମ୍ପାନୀ ସହ ଅନ୍‌ଲାଇନ ଟ୍ରେଡିଂ କରିବାକୁ ଲିଙ୍କ୍ ଆସିଥିଲା। ପ୍ରଦୀପ ସେହି ଲିଙ୍କ୍ ଜରିଆରେ ପଞ୍ଜୀକରଣ କରି କମ୍ପାନୀ ଦ୍ୱାରା ପ୍ରଦତ୍ତ ଆକାଉଣ୍ଟ ନମ୍ବରରେ ବିଭିନ୍ନ କିସ୍ତିରେ ମୋଟ ୩୮ଲକ୍ଷ ୮୮ ହଜାର ଟଙ୍କା ଜମା କରିଥିଲେ। ତେବେ ଡିସେମ୍ବର ମାସରେ ପ୍ରଦୀପଙ୍କ ଟଙ୍କାର ଆବଶ୍ୟକ ହେବାରୁ ଏହି ଜମା ରାଶିରୁ ଉଠାଣ କରିବାକୁ ଅନ୍‌ଲାଇନରେ ଅନୁରୋଧ କରିଥିଲେ। ଉତ୍ତରରେ ଆହୁରି ୩୦ ପ୍ରତିଶତ ଟିକସ ଜମା କରିବାକୁ ନିର୍ଦ୍ଦେଶ ଆସିବାରୁ ପ୍ରଦୀପଙ୍କ ସନ୍ଦେହ ହୋଇଥିଲା। ପରେ ସେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ପ୍ରଦୀପ କେନ୍ଦୁଝରସ୍ଥିତ ସାଇବର ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ସାଇବର ପୋଲିସ ପୂର୍ବରୁ ହରିଶ ଚନ୍ଦ୍ର ଯାଦବ ନାମକ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା।

# ଦୋଷୀ ଶ୍ୱଶୁରଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ

**ବୋହୂଙ୍କୁ ବଳାତ୍କାର ମାମଲା**

ବାଲେଶ୍ୱର, ୨୩।୪(ବାଞ୍ଛାନିଧି ଦେ)

ବୋହୂଙ୍କୁ ବଳାତ୍କାର ମାମଲାର ଶୁଣାଣିକରି ବୁଧବାର ବାଲେଶ୍ୱର ଆଡହକ୍ ଆଡିଶନାଲ ଜିଲା ଏବଂ ସେସନ୍ସ ଜଜ୍ ଅନିତା ସାହୁ ଅଭିଯୁକ୍ତ ଶ୍ୱଶୁରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆଜୀବନ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି। ଜରିମାନା ଅନାଦାୟେ ଅଧିକ ୨ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏଥିସହ ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କାର ସହାୟତା ପ୍ରଦାନ ଲାଗି ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବାଲେଶ୍ୱର ସଦର ଥାନା ଅଧୀନ ଭୋଇସାହି (କରଞ୍ଜିଆ) ଗ୍ରାମର ଗୋପୀନାଥ ଜେନାଙ୍କ ପୁଅ ସୁଶାନ୍ତ ଜେନାଙ୍କୁ ଅଭିଯୋଗକାରିଣୀ ୨୦୨୨ ଡିସେମ୍ବର ୯ରେ ବୈଦିକରୀତିରେ ବିବାହ କରିଥିଲେ। ବିବାହ ପରେ ପିଲାଛୁଆ ନ ହେବାରୁ ସୁଶାନ୍ତ ଜଣେ ନପୁଂସକ ବୋଲି ଜଣାପଡ଼ିବା ପରେ ବାପଘର ଲୋକେ ଝିଅକୁ ଫେରାଇ ଆଣିବା ପାଇଁ କଥାବାର୍ତ୍ତା କରିଥିଲେ। ୨୦୨୩ ଜୁନ୍ ୭ ତାରିଖ ସକାଳେ ପୁଅର ଅନୁପସ୍ଥିତିରେ ବାପା ଗୋପୀନାଥ ବେଡ୍‌ରୁମ୍‌ରେ ପଶି ବୋହୂଙ୍କୁ ଜବରଦସ୍ତ ବଳାତ୍କାର କରିଥିଲେ। ଏ ସମ୍ପର୍କରେ କାହାରିକୁ ଜଣାଇଲେ କିରୋସିନ ଢାଳି ପୋଡ଼ି ମାରିଦେବାକୁ ଶ୍ୱଶୁର ଧମକ ଦେଇଥିଲେ। ଏ ନେଇ ସଦର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.୧୭୩/୨୦୨୩) ରୁଜୁ କରି ଅଭିଯୁକ୍ତ ଶ୍ୱଶୁରଙ୍କୁ ଗିରଫ କରିଥିଲା। ଏହି ମାମଲାରେ ବିଚାରପତି ଅନିତା ସାହୁ ୧୫ଜଣ ସାକ୍ଷୀ ଓ ୧୯ ଦସ୍ତାବିଜ୍‌କୁ ଆଧାରକରି ଦୋଷୀ ଶ୍ୱଶୁରଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଦୀପକ କୁମାର ଦାଶ ମାମଲାର ପରିଚାଳନା କରୁଥିଲେ।


सेन्ट्रल बैंक ऑफ़ इंडिया Central Bank of India CENTRAL TO YOU SINCE 1911

**କ୍ଷେତ୍ରୀୟ କାର୍ଯ୍ୟାଳୟ:** ୧୦୮-ବି, ୟୁନିଟ୍-୭, ସୂର୍ଯ୍ୟ ନଗର, ଗୋପବନ୍ଧୁ ସ୍କୋୟାର, ଭୁବନେଶ୍ୱର-୭୫୧୦୦୩, ଫୋନ୍: ୦୬୭୪-୨୩୯୭୫୫୧, ୨୩୯୭୧୯୯

**ଅନଧିକାର ଅନୁପସ୍ଥିତି**

ତାରିଖ: ୨୨.୦୪.୨୦୨୫

**ଶ୍ରୀ ହେମନ୍ତ କୁମାର ନାୟକ, ମାର୍ଫତ୍: ଅଭିମନ୍ୟୁ ନାଏକ, ସା/ପୋ: ଅସନପାଟ, ଭାୟା: ଉଖୁଣ୍ଡା, ଜିଲ୍ଲା: କେନ୍ଦୁଝର-୭୫୮୦୩୨, ଓଡିଶା, ସବ୍‌ଷ୍ଟାଫ୍ (ଏମ୍ପ୍ଲଇ ନଂ.: ୧୨୩୮୯୪)**

ଏହା ଅନୁଭବ କରାଯାଉଛି କି, ଆପଣ କୌଣସି ସୂଚନା ନଦେଇ କାର୍ଯ୍ୟରୁ ଅନଧିକାର ଭାବେ ଅନୁପସ୍ଥିତ ଅଛନ୍ତି। ତା.୦୭.୦୫.୨୦୧୯ରିଖ ଠାରୁ ଛୁଟି ପାଇଁ କୌଣସି ଦରଖାସ୍ତ ଦାଖଲ କରିନାହାଁନ୍ତି କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରାକ୍ ମଞ୍ଜୁରୀ ପ୍ରାପ୍ତ କରନାହାଁନ୍ତି। ଏହି ବିଷୟରେ ଆପଣଙ୍କୁ **ପୁରୁଣାବଉଳମାଳ ଶାଖାର ଶାଖା ପ୍ରବନ୍ଧକଙ୍କ** ଦ୍ୱାରା ତା.୧୦.୦୯.୨୦୧୯ରିଖର ଚିଠି ଏବଂ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟଙ୍କ** ଦ୍ୱାରା ତା.୦୫.୧୦.୨୦୨୩ରିଖର ଚିଠି ମାଧ୍ୟମରେ ରିପୋର୍ଟ କରିବାକୁ ପରାମର୍ଶ ଦିଆଯାଇଥିଲା କିନ୍ତୁ ଆପଣ କାର୍ଯ୍ୟରେ ଯୋଗ ଦେଇନାହାଁନ୍ତି। ତେଣୁ ଆପଣଙ୍କୁ ଅନଧିକାର ଦୀର୍ଘ ଅନୁପସ୍ଥିତି ପରେ ମଧ୍ୟ ପୁନର୍ବାର କାର୍ଯ୍ୟ ଆରମ୍ଭ କରିବାର ଶେଷ ସୁଯୋଗ ଭାବେ ଏହି ନୋଟିସ୍ ସମ୍ବାଦପତ୍ର ପ୍ରକାଶନ ମାଧ୍ୟମରେ ଜଣାଇ ଦିଆଯାଉଛି। **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ,** ସର୍ଭିସ୍ ରୁଲ୍ସର ତା.୦୨.୦୬.୨୦୦୫ ରିଖର ଅଷ୍ଟମ(୮ମ) ଦ୍ୱିପାକ୍ଷିକ ସମାଧାନର ନିୟମ/ଧାରା ୩୩ ଅନୁଯାୟୀ ଆପଣଙ୍କୁ ଏହି ନୋଟିସ୍ ତାରିଖ ଠାରୁ **୩୦ ଦିନ** ମଧ୍ୟରେ କାର୍ଯ୍ୟରେ ଯୋଗଦେବାକୁ ଏବଂ ଆପଣଙ୍କ ଅନୁପସ୍ଥିତି ପାଇଁ ସନ୍ତୋଷଜନକ ଉତ୍ତର(ସ୍ପଷ୍ଟୀକରଣ) ଦାଖଲ କରିବାକୁ ପରାମର୍ଶ ଦିଆଯାଉଛି, ନଚେତ୍ ଏହା ବିବେଚନା କରାଯିବ ଯେ, ଆପଣ ଆବଶ୍ୟକୀୟ ନୋଟିସ୍ ନଦେଇ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟରୁ ଇସ୍ତଫା ଦେଇଛନ୍ତି ଏବଂ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ,** ସର୍ଭିସ୍ ରୁଲ୍ସର ତା.୦୨.୦୬.୨୦୦୫ ରିଖର ଅଷ୍ଟମ(୮ମ) ଦ୍ୱିପାକ୍ଷିକ ସମାଧାନର ନିୟମ/ଧାରା ୩୩ ଅନୁଯାୟୀ ଆପଣ ଦେୟ ନିମନ୍ତେ ଦାୟୀ ରହିବେ।

ସ୍ୱା/- ମୁଖ୍ୟ ପ୍ରବନ୍ଧକ



**झारखण्ड सरकार**

**आदिवासी कल्याण आयुक्त कार्यालय, झारखण्ड राँची।**

**आवश्यक सूचना**

P.R. N.O-348753

अनुसूचित जनजाति वर्ग के अभ्यार्थियों को संघ लोक सेवा आयोग द्वारा आयोजित अखिल भारतीय सिविल सेवा परीक्षा के लिए दिल्ली/नई दिल्ली में गुणवत्तापूर्ण कोचिंग हेतू आर्थिक सहायता उपलब्ध कराने के लिए ई–कल्याण पोर्टल पर विभागीय पत्रांक 573 दिनांकः–25.02.2025 के द्वारा निर्गत दिशा–निर्देश (पत्र के प्रति ई–कल्याण पोर्टल पर उपलब्ध है) अनुसार वित्तीय वर्ग–2024–25 के लिए ऑनलाईन आवेदन मांगे गए थे। इस संबंध में पर्याप्त आवेदन प्राप्त नहीं होने के कारण पुनः आवेदन करने की तिथि बढ़ाते हुए निम्न प्रकार आवेदन आमंत्रित किये जाते हैः–

**ऑनलाईन आवेदन की समय सीमाः–**

| क्रमांक | प्रक्रियात्मक कार्रवाई | नए आवेदन करने/ Edit करने के लिए अंतिम विस्तारित तिथि |
|---|---|---|
| 1. | अनुसूचित जनजाति के वैसे छात्र–छात्रा जिनके द्वारा आवेदन किया जा चुका है। | आवेदन Edit करने की अंतिम तिथि–31.05.2025 |
| 2. | अनुसूचित जनजाति के नए आवेदकों के द्वारा आवेदन करने की तिथि | दिनांकः–31.05.2025 तक |

नोटः–1. मिशन यू0पी0एस0सी0 से संबंधित अनुसूचित जनजाति, अनुसूचित जाति, अल्पसंख्यक एवं पिछड़ा वर्ग कल्याण विभाग से निर्गत दिशा–निर्देश सं0–573 दिनांकः–25.02.2025 वेबसाइट http://eklyan.cgg.gov.in पर देखा जा सकता है। ऑनलाईन आवेदन करने के पूर्व कृपया उक्त वेबसाइट पर दिए निर्देश को आवश्य देख लें।
2. निश्चित समय सीमा की समाप्ति के पश्चात् किसी प्रकार का आवेदन पत्र पर विचार नहीं किया जाएगा।
3. प्रत्येक छात्र/छात्रा आधार आधारित बैंक खाता KYC कराने के उपरान्त ही आवेदन करें।
4. एक से अधिक आवेदन पत्र भरने पर छात्र/छात्रा का आवेदन पत्र रद्द कर दिया जायेगा।
5. आवेदक को ऑनलाईन निर्गत स्थानीय निवासी प्रमाण पत्र एवं जाति प्रमाण पत्र देना अनिवार्य होगा।
6. आवेदक की न्यूनतम आयु 01 अगस्त 2024 को न्यूनतम 20 वर्ष एवं अधिकतम 36 वर्ष होना चाहिए। जन्म तिथि के सत्यापन हेतु वर्ग 10 का प्रमाण पत्र देना अनिवार्य होगा।
7. आवेदक को स्नातक परीक्षा का अंक पत्र देना अनिवार्य होगा।
8. विभागीय पत्रांक–573, दिनांक–25.02.2025 के द्वारा निर्गत दिशा–निर्देश के कंडिका–4 के अनुसार अभ्यर्थियों का चयन किया जायेगा। मेधा सूची का निर्धारण UPSC/JPSC के Mains/Interview में भाग लेनेवाले आवेदक से ही किया जाएगा।
9. UPSC/JPSC के Mains/Interview में भाग लेने के संबंध में आवेदकों को साक्ष्य के रूप में UPSC/JPSC के Mains/Interview का Mark-Sheet Upload करना होगा।
10. जिन आवेदकों के पास साक्ष्य के रूप में UPSC/JPSC ds Mains/Interview का Mark-Sheet उपलब्ध नहीं है, वे UPSC/JPSC के Mains का Admit Card/Interview Letter Upload करेंगे। साथ ही उन्हें शपथ पत्र के माध्यम से इस आशय का स्व–घोषणा–पत्र समर्पित करना होगा कि उनके द्वारा UPSC/JPSC के Mains/Interview में भाग लिया गया है।
11. ऐसे आवेदक जो वर्तमान में किसी भी सरकारी सेवा में कार्यरत हों वे इस कार्य योजना के तहत आर्थिक सहायता हेतु पात्र नहीं होंगे। इस विशयक आदिवासी कल्याण आयुक्त झारखण्ड द्वारा निर्धारित प्रपत्र में घोषणा करना अनिवार्य होगा।
12. चयनित अभ्यार्थियों को अधिकतम 01 (एक) बार ही आर्थिक सहायता प्रदान की जाएगी।
13. ऑनलाईन आवेदन में त्रुटि/अशुद्धि/गलत अथवा भ्रामक सूचना देने पर आवेदन रद्द कर दिया जायेगा।

**आदिवासी कल्याण आयुक्त।**

PR.NO.350858 Schedule Tribe, Schedule Caste, Minority and Backward Class Welfare Department(25-26):D



**ସିନିୟର ରେସିଡେଣ୍ଟଙ୍କ ଚୟନ ଏବଂ ନିଯୁକ୍ତି**

୦୬ (ଛଅ) ଗୋଟି ପଦବୀରେ **ସିନିୟର ରେସିଡେଣ୍ଟ ଡକ୍ଟର (ଜେନେରାଲ ମେଡିସିନ୍ - ୦୨, ପ୍ଲାଷ୍ଟିକ୍ ସର୍ଜରୀ - ୦୨, ଜେନେରାଲ ସର୍ଜରୀ - ୦୧, ଆନାସ୍ଥେସିଆ - ୦୧ = ୦୬)**ଙ୍କ ଚୟନ ଏବଂ ନିଯୁକ୍ତି ପାଇଁ ମେଡିକାଲ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ଭିଆଇପି ରୁମ୍, କେନ୍ଦ୍ରୀୟ ଚିକିତ୍ସାଳୟ, ଦକ୍ଷିଣ ପୂର୍ବ ରେଳପଥ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା–୭୦୦୦୪୩ଠାରେ **ତା୦୮।୦୫।୨୦୨୫ରିଖ (ଗୁରୁବାର) ପୂର୍ବାହ୍ନ ୧୧ ଘଟିକାରେ** ଅନୁଷ୍ଠିତ ହେବାକୁ ଥିବା ଏକ **'ୱାକ୍-ଇନ୍-ଇଣ୍ଟରଭ୍ୟୁ'** ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ନିୟମ ଏବଂ ସର୍ତ୍ତାବଳୀ ସହିତ ସବିଶେଷ ବିଜ୍ଞାପନ, ଆବେଦନ ଫର୍ମର ଫର୍ମାଟ୍, ସଂଲଗ୍ନକ ଆଦି ଦକ୍ଷିଣ ପୂର୍ବ ରେଳପଥର ୱେବ୍‌ସାଇଟ୍ **(www.ser.indianrailways.gov.in)**ରେ ହେଡ୍ ଡିପାର୍ଟମେଣ୍ଟ ମେଡିକାଲ ଅଧୀନରେ ଉପଲବ୍ଧ । ଅନ୍ୟାନ୍ୟ ନିୟମ ଓ ସର୍ତ୍ତାବଳୀ ନିମ୍ନ ଅନୁଯାୟୀ ଅଟେ: **(୧) ଶିକ୍ଷାଗତ ଯୋଗ୍ୟତା:** ରାଜ୍ୟ/କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସମ୍ପୃକ୍ତ ସ୍ପେଶାଲିଟିରେ ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ/ଡିଏମ୍/ଏମ୍‌ସିଏଚ୍/ଡିଏନ୍‌ବି/ଡିପ୍ଲୋମା । ଯଦି କୌଣସି ନିର୍ଦ୍ଦିଷ୍ଟ ସ୍ପେଶାଲିଟିରେ ଏଭଳି ପ୍ରାର୍ଥୀ ଉପଲବ୍ଧ ନ ହୁଅନ୍ତି, ତେବେ ପିଜି ଯୋଗ୍ୟତା ନ ଥିବା ଏପରି ପ୍ରାର୍ଥୀଙ୍କୁ ଏକ ବର୍ଷ ଅବଧି ପାଇଁ ବିଚାରକୁ ନିଆଯିବ, ଯାହାଙ୍କର ଏମ୍‌ବିବିଏସ୍ ପରେ ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ରହିଥିବ, ଯାହାମଧ୍ୟରୁ ଗୋଟିଏ ବର୍ଷର ଅଭିଜ୍ଞତା ସରକାରୀ ଚିକିତ୍ସାଳୟ କିମ୍ବା ଏମ୍‌ସିଆଇ ସ୍ୱୀକୃତିପ୍ରାପ୍ତ ଘରୋଇ ଚିକିତ୍ସାଳୟରେ ସମ୍ପୃକ୍ତ ସ୍ପେଶାଲିଟିରେ ଜୁନିୟର ରେସିଡେନ୍ସିର ହୋଇଥିବା ଆବଶ୍ୟକ, କିନ୍ତୁ ଏହି ସର୍ତ୍ତରେ ଯେ ବର୍ଷ ଶେଷରେ ନୂଆ ଚୟନ ପ୍ରକ୍ରିୟା ଆୟୋଜିତ ହେବ । ଯଦି ପୁନର୍ବାର କୌଣସି ଡିପ୍ଲୋମା/ପିଜି/ଡିଏନ୍‌ବି/ଡିଏମ୍ ପ୍ରାର୍ଥୀ ଆବେଦନ ନ କରନ୍ତି ତେବେ ଏହି ତିନି ବର୍ଷ ଅଭିଜ୍ଞତାଧାରୀ ଏମ୍‌ବିବିଏସ୍ ଡାକ୍ତରଙ୍କୁ ଆଉ ଏକବର୍ଷର ନିଯୁକ୍ତି ପାଇଁ ଅନୁମତି ଦିଆଯିବ । ନିଯୁକ୍ତିର ଏପରି ସମୟ ବୃଦ୍ଧିର ମୋଟ ଅବଧି ସିନିୟର ରେସିଡେନ୍ସ ଯୋଜନା ଅନୁଯାୟୀ ମୋଟ ସିନିୟର ରେସିଡେନ୍ସିର ତିନି ବର୍ଷରେ ସୀମିତ ରହିବ । *(ଅଧିକ ବିବରଣୀ ୱେବ୍‌ସାଇଟ୍‌ରେ ଦେଖନ୍ତୁ) । **(୨) ବୟସ ସୀମା:** ଆବେଦନ ତାରିଖରେ ୩୭ ବର୍ଷରୁ ଅଧିକ ନୁହେଁ ଏବଂ ଯଦି କୌଣସି ଉପଯୁକ୍ତ ପ୍ରାର୍ଥୀ ଉପଲବ୍ଧ ନ ହୁଅନ୍ତି ତେବେ ତାହାକୁ ୪୫ ବର୍ଷ ବୟସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ । ଏସ୍‌ସି/ଏସ୍‌ଟି ପ୍ରାର୍ଥୀମାନଙ୍କ ପାଇଁ ୫ ବର୍ଷର କୋହଳ ଉପଲବ୍ଧ । **(୩) କାର୍ଯ୍ୟକାଳ:** ନିଯୁକ୍ତିର ଚୁକ୍ତି ଏକବର୍ଷ ପାଇଁ ହେବ ଯାହା ସର୍ବାଧିକ ତିନିବର୍ଷ ଅବଧି ପାଇଁ ନବୀକରଣଯୋଗ୍ୟ ହେବ ଏବଂ ଏହା ପ୍ରତିବର୍ଷ ନବୀକରଣ/ସମୟବୃଦ୍ଧି ଉପରେ ନିର୍ଭରଶୀଳ ହେବ । **(୪) ପାରିଶ୍ରମିକ:** ୭ମ ସିପିସି ବେତନ ସ୍ତର ୧୧ ଏବଂ ରେଳ ମନ୍ତ୍ରଣାଳୟ ଅଧୀନରେ ସିନିୟର ରେସିଡେନ୍ସି ପାଇଁ ଅନୁମତିଯୋଗ୍ୟ ଅନ୍ୟାନ୍ୟ ଭତ୍ତା ଅନୁଯାୟୀ । **(୫)** ୱାକ୍-ଇନ୍-ଇଣ୍ଟରଭ୍ୟୁରେ ଅଂଶଗ୍ରହଣ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପୂରଣ ହୋଇଥିବା ଆବେଦନ ଫର୍ମ ସହ ୱେବ୍‌ସାଇଟ୍‌ରେ ଦର୍ଶାଯାଇଥିବା ସମସ୍ତ ମୂଳ ଦସ୍ତାବିଜ ସମେତ ଆଟେଷ୍ଟେଡ୍ ଫଟୋକପିର ସେଟ୍ ଆଣିବାକୁ ହେବ ।

(PR-75) ମେଡିକାଲ ନିର୍ଦ୍ଦେଶକ/କେନ୍ଦ୍ରୀୟ ଚିକିତ୍ସାଳୟ/ଜିଆର୍‌ସି

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ


# ରାଜ୍ୟର ୧୨ ସ୍ଥାନରେ ସିବିଆଇ ଚଢ଼ାଉ

**ଜାଲ୍ ସାର୍ଟିଫିକେଟରେ ଗ୍ରାମୀଣ ଡାକ ସେବକ ନିଯୁକ୍ତି ଦୁର୍ନୀତି ମାମଲା**

ଢେଙ୍କାନାଳ,୨୩।୪(ରତନ ନାୟାର)

ଡାକ ବିଭାଗରେ ଗ୍ରାମୀଣ ଡାକ ସେବକ ନିଯୁକ୍ତିରେ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ପୁଣି ତଦନ୍ତକୁ ଜୋରଦାର କରିଛି। ବୁଧବାର ଏହି ଲିଙ୍କ୍‌ରେ ଭୁବନେଶ୍ୱର, କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର ଏବଂ କେନ୍ଦୁଝର ଜିଲାର ୧୨ଟି ସ୍ଥାନରେ ସିବିଆଇ ଚଢ଼ାଉ କରିଛି। ମାମଲାରେ ସମ୍ପୃକ୍ତି ଥିବା ମଧ୍ୟସ୍ଥ(ମିଡିଲ୍ ମ୍ୟାନ୍) ଏବଂ ଉତ୍ତରପ୍ରଦେଶ ବୋର୍ଡ ଓ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓପନ୍ ସ୍କୁଲିଂ (ଏନ୍‌ଆଇଓଏସ୍)ର ଜାଲ୍ ସାର୍ଟିଫିକେଟ୍ ପ୍ରସ୍ତୁତ କରିଥିବା ବ୍ୟକ୍ତିଙ୍କ ଘରେ ସିବିଆଇ ଯାଞ୍ଚ କରିଛି। ଏହି ଯାଞ୍ଚରେ ସିବିଆଇ ଅପରାଧ ସମ୍ବନ୍ଧୀୟ ବହୁ କାଗଜପତ୍ର ଓ ସାମଗ୍ରୀ ଜବତ କରିଛି। ସିବିଆଇ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ଏହି ମାମଲାରେ ୩ ଜଣ ମିଡିଲ୍ ମ୍ୟାନ୍ ଓ ୫୫ଜଣ ପରିକ୍ଷାର୍ଥୀଙ୍କ ବିରୋଧରେ ସିବିଆଇ ଗତ ଡିସେମ୍ବର ୩୦ରେ ଭୁବନେଶ୍ୱରସ୍ଥିତ ଅତିରିକ୍ତ ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା। ଅନ୍ୟ ଅଭିଯୁକ୍ତ ପରିକ୍ଷାର୍ଥୀ ଓ ଜାଲ୍ ମାର୍କଶିଟ୍ ଏବଂ ସାର୍ଟିଫିକେଟ୍ ପ୍ରସ୍ତୁତ ପଛରେ ଥିବା ମାଷ୍ଟରମାଇଣ୍ଡଙ୍କୁ ଚିହ୍ନଟ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

ସୂଚନାଯୋଗ୍ୟ, ୨୦୨୩ ଜାନୁଆରୀ ୨୭ରେ ଗ୍ରାମୀଣ ଡାକ ସେବକ (ଜିଡିଏସ୍) ପଦବୀ ଅନ୍ତର୍ଗତ ବ୍ରାଞ୍ଚ ପୋଷ୍ଟ ମାଷ୍ଟର (ବିପିଏମ୍), ଆସିଷ୍ଟାଣ୍ଟ ବ୍ରାଞ୍ଚ ପୋଷ୍ଟ ମାଷ୍ଟର (ଏବିପିଏମ୍) ଓ ଡାକ ସେବକ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କେବଳ ମାଟ୍ରିକ ମାର୍କ ଆଧାରରେ ପଦବୀ ପୂରଣ ପାଇଁ ବିଜ୍ଞପ୍ତିରେ ଦର୍ଶାଯାଇଥିଲା। ଏହାର ଫାଇଦା ନେଇ ଅଭିଯୁକ୍ତମାନେ ଜାଲ୍ ସାର୍ଟିଫିକେଟ୍ ପ୍ରସ୍ତୁତ କରି ଆବେଦନ କରିଥିଲେ। ବଲାଙ୍ଗୀର ଜିଲାରୁ ଏହି ଦୁର୍ନୀତି ଧରାପଡ଼ିଥିଲା। ବଲାଙ୍ଗୀର ଡାକ ମଣ୍ଡଳରେ ଚୟନ ହୋଇଥିବା ପ୍ରାୟ ୩୭ଜଣ ଆବେଦନକାରୀ ଦଶମରେ ୯୮ପ୍ରତିଶତ ମାର୍କ ରଖିଥିଲେ। ସେମାନେ ଉତ୍ତରପ୍ରଦେଶ ବୋର୍ଡରୁ ଉତ୍ତୀର୍ଣ୍ଣ ହୋଇଥିବା ସାର୍ଟିଫିକେଟ୍ ଦେଇଥିଲେ। ହେଲେ ଚୁକ୍ତିନାମା ଲେଖିବାବେଳେ ସେମାନେ ଠିକ୍‌ରେ ଇଂରାଜୀ ଲେଖି କିମ୍ବା ପଢ଼ି ପାରି ନ ଥିଲେ। ସନ୍ଦେହ ହେବାରୁ ୨୦୨୩ ମାର୍ଚ୍ଚରେ ବଲାଙ୍ଗୀର ଡାକ ଅଧୀକ୍ଷକଙ୍କ ପକ୍ଷରୁ ବଲାଙ୍ଗୀର ଟାଉନ ଥାନାରେ ଏତଲାକ୍ରମେ ଜିଲା ପୋଲିସ ତଦନ୍ତ କରିଥିଲା। ପୋଲିସ ସ୍ଥାନୀୟ ରିଲାଏନ୍ସ ଏଜୁକେଶନ କମ୍ପ୍ଲେକ୍ସ ମାଲିକ ତଥା ମାଷ୍ଟରମାଇଣ୍ଡ ମନୋଜ ମିଶ୍ରଙ୍କ ସମେତ ୧୯ ପରୀକ୍ଷାର୍ଥୀଙ୍କ ସହ ୨୧ଜଣଙ୍କୁ ଗିରଫ କରିଥିଲା। ମନୋଜ ସାର୍ଟିଫିକେଟ୍ ପାଇଁ ୫୦ହଜାରରୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନେଉଥିବା ଜଣାପଡ଼ିଥିଲା। ୨୦୨୩ ମାର୍ଚ୍ଚ ୩୧ରେ ପୋଲିସ ଡିଜି ଏନେଇ କ୍ରାଇମ୍‌ବ୍ରାଞ୍ଚକୁ ତଦନ୍ତ ଭାର ଦେଇଥିଲେ। କ୍ରାଇମ୍‌ବ୍ରାଞ୍ଚ ବହୁ ବୋର୍ଡ ଓ ୟୁନିଭର୍ସିଟିର ୧୫୦୦ ସାର୍ଟିଫିକେଟ୍ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରିଥିଲା। ପରେ ଏହାର ତଦନ୍ତ ପାଇଁ ଓଡିଶା ସର୍କଲ ଡାକ ବିଭାଗ ପକ୍ଷରୁ ମହାଡାକପାଳ ସିବିଆଇକୁ ଚିଠି ଲେଖାଯାଇଥିଲା। ୨୦୨୩ ମେ' ୯ରେ ସିବିଆଇ ମାମଲା ରୁଜୁ କରି ଖୋଳତାଡ଼ ଆରମ୍ଭ କରିଥିଲା। ଗତବର୍ଷ ଜୁନ ୧୩ରେ ସିବିଆଇ ରାଜ୍ୟର ୬୭ ସ୍ଥାନରେ ମଧ୍ୟ ଚଢ଼ାଉ କରିଥିଲା।

## ବିଶ୍ୱନେତାଙ୍କ ନିନ୍ଦା

କଶ୍ମୀରରେ ହୋଇଥିବା ବର୍ବରୋଚିତ ଆକ୍ରମଣ ମନକୁ ଦୁଃଖ ଦେଇଛି। ଆତଙ୍କବାଦ ବିରୋଧୀ ଲଢ଼େଇରେ ଇସ୍ରାଏଲ ଭାରତ ସହ ଦୃଢ଼ ଭାବେ ରହିଛି।

**– ବେଞ୍ଜାମିନ ନେତାନ୍ୟାହୁ, ଇସ୍ରାଏଲ ପ୍ରଧାନମନ୍ତ୍ରୀ**

ପହଲ୍‌ଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଗଭୀର ଭାବେ ମର୍ମାହତ କରିଛି। ଏହି ଆକ୍ରମଣରେ ପ୍ରଭାବିତ ହୋଇଥିବା ପରିବାର ଏବଂ ଆହତଙ୍କ ପ୍ରତି ସମବେଦନା ବ୍ୟକ୍ତ କରୁଛି।

**– ଜିଓର୍ଜିଆ ମେଲୋନୀ, ଇଟାଲୀ ପ୍ରଧାନମନ୍ତ୍ରୀ**

ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣରେ ସ୍ତବ୍ଧ ଏବଂ ମର୍ମାହତ। ହିଂସାର କୌଣସି ଯଥାର୍ଥତା ନାହିଁ। ଏହା କଡ଼ା ନିନ୍ଦନୀୟ।

**– ଆଣ୍ଟୋନି ଆଲବାନିଜ୍, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ**

କଶ୍ମୀରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ସମ୍ପୂର୍ଣ୍ଣ ବିନାଶକାରୀ ଥିଲା। ଏହାକୁ ଯେତେ ନିନ୍ଦା କରିବା କମ୍ ହେବ। ଏହି ଆକ୍ରମଣରେ ପ୍ରଭାବିତ ଲୋକ ଏବଂ ପ୍ରିୟଜନକୁ ହରାଇଥିବା ପରିବାର ପ୍ରତି ସମବେଦନା ବ୍ୟକ୍ତ କରୁଛି।

**– କିର୍ ଷ୍ଟର୍ମର, ବ୍ରିଟିଶ୍ ପ୍ରଧାନମନ୍ତ୍ରୀ**

ପହଲ୍‌ଗାମ୍‌ରେ ନିରୀହ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ ଆତଙ୍କବାଦୀଙ୍କ କାପୁରୁଷ ମାନସିକତାକୁ ଦର୍ଶାଉଛି। ଭାରତର ଜନସାଧାରଣଙ୍କ ପ୍ରତି ସମବେଦନା ବ୍ୟକ୍ତ କରୁଛି।

**– ଓଲାଫ୍ ସ୍କୋଲ୍‌ଜ, ଜର୍ମାନ୍ ଚ୍ୟାନ୍ସେଲର**

କଶ୍ମୀର ଆତଙ୍କବାଦୀ ଆକ୍ରମଣରେ ଦୁଃଖିତ। ଏହି ଦୁଃଖ ସମୟରେ ସାଉଦି ଆରବ ଭାରତ ସହ ଦୃଢ଼ ଭାବେ ଛିଡ଼ାହୋଇଛି।

**– ମହମ୍ମଦ ବିନ୍ ସଲମାନ୍, ସାଉଦି କ୍ରାଉନ୍ ପ୍ରିନ୍ସ**

ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ପ୍ରତି ଗଭୀର ସମବେଦନା ବ୍ୟକ୍ତ କରୁଛି। ଏହି ଘୃଣ୍ୟ କାର୍ଯ୍ୟକୁ କଡ଼ା ନିନ୍ଦା କରୁଛି। ଆତଙ୍କବାଦ ବିରୋଧୀ ଲଢ଼େଇକୁ ବାଂଲାଦେଶ ସର୍ବଦା ସମର୍ଥନ ଦେଇ ଆସିଛି।

**– ମହମ୍ମଦ ୟୁନୁସ୍, ବାଂଲାଦେଶ ଅନ୍ତରୀଣ ସରକାରଙ୍କ ମୁଖ୍ୟ ପରାମର୍ଶଦାତା**

ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଏକାଧିକ ପର୍ଯ୍ୟଟକଙ୍କ ଜୀବନହାନି ନିଶ୍ଚିତ ଭାବେ ଚିନ୍ତାଜନକ। ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଉଛି। ଆହତଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛି।

**– ମହମ୍ମଦ ଇଶାକ୍ ଦର୍, ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ**



ଜମ୍ମୁରେ ବନ୍ଦ ପାଳନବେଳେ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ପାକିସ୍ତାନ ବିପକ୍ଷରେ ସ୍ଲୋଗାନ ଦିଆଯାଉଛି।



ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଘୋଡା ଚାଳକ ଆଦିଲ ହୁସେନ୍ ଶାହାଙ୍କ ବାପାଙ୍କୁ ଅନନ୍ତନାଗରେ ଆଶ୍ୱାସନା ଦେଉଛନ୍ତି ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା।

# ମୁଣ୍ଡ ନୁଆଁଇବନି ଭାରତ



ସିସିଏସ୍ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର।

**ନୂଆଦିଲ୍ଲୀ/ପହଲଗାମ୍, ୨୩।୪(ପି.ଟି./ଏଜେନ୍ସି)**

ଜମ୍ମୁ-କଶ୍ମୀରର ପହଲଗାମ୍ ଆକ୍ରମଣରେ ୨୬ ପର୍ଯ୍ୟଟକଙ୍କ ଜୀବନ ନେଇଥିବା ଆତଙ୍କବାଦୀଙ୍କୁ ଖୁବ୍‌ଶୀଘ୍ର ବଡ଼ ଜବାବ ଦିଆଯିବ ବୋଲି ବୁଧବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଚେତାବନୀ ଦେଇଛନ୍ତି। ଭାରତକୁ ଏଭଳି ଆତଙ୍କବାଦୀ କାର୍ଯ୍ୟକଳାପ ଜରିଆରେ ଭୟଭୀତ କରାଯାଇପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଶ୍ରୀନଗରରୁ ପ୍ରାୟ ୧୧୦ କି.ମି. ଦୂର ତଥା 'ମିନି ସୁଇଜରଲାଣ୍ଡ' ରୂପେ ପରିଚିତ ପହଲଗାମ୍‌ର ବୈସରନ୍‌ରେ ପାକିସ୍ତାନୀ ଆତଙ୍କବାଦୀମାନେ ମଙ୍ଗଳବାର ୨୬ ପର୍ଯ୍ୟଟକଙ୍କୁ ହତ୍ୟା କରିବାର ଦିନକ ପରେ ଏକ କାର୍ଯ୍ୟକ୍ରମରେ ରାଜନାଥ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ଆହୁରି କହିଛନ୍ତି, ଏହି ମଞ୍ଚରୁ ଦେଶବାସୀଙ୍କୁ ଆଶ୍ୱାସନା ଦେଉଛି ଯେ, ଆକ୍ରମଣକୁ ଦୃଷ୍ଟିରେ ରଖି ଭାରତ ସରକାର ସମସ୍ତ ପ୍ରକାର ଆବଶ୍ୟକ ଓ ଯୁକ୍ତିଯୁକ୍ତ ପଦକ୍ଷେପ ନେବେ। ଆମେ କେବଳ ଆକ୍ରମଣକାରୀଙ୍କୁ ଠାବ କରିବୁ ତାହା ନୁହେଁ। ଆଢୁଆଳରେ ରହି ଭାରତ ମାଟିରେ ଘାତକ ଆକ୍ରମଣର ଷଡ଼ଯନ୍ତ୍ର ରଚିଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ଖୋଜି ବାହାର କରିବୁ ବୋଲି ରାଜନାଥ ଚେତାବନୀ ଦେଇଛନ୍ତି। ଭାରତ ଏପରି ଏକ ପ୍ରାଚୀନ ସଭ୍ୟତା ଏବଂ ଏତେ ବଡ଼ ଦେଶ, ଯାହାକୁ ଆତଙ୍କବାଦୀଙ୍କ ଏଭଳି ବର୍ବର ଓ ଅମାନବୀୟ କାର୍ଯ୍ୟକଳାପ ଡରାଇପାରିବ ନାହିଁ। ଆତଙ୍କବାଦ ପ୍ରତି ଦେଶର ଶୂନ ସହନଶୀଳ ପ୍ରତିବଦ୍ଧତାକୁ ଦୋହରାଇବାକୁ ଯାଇ ରାଜନାଥ ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ଏହି ଭୀରୁ କାର୍ଯ୍ୟ ବିରୋଧରେ ଏକାଠି ହୋଇ ରହିଥିବା କହିଛନ୍ତି।

ଏହା ପୂର୍ବରୁ ରାଜନାଥ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଜମ୍ମୁ-କଶ୍ମୀରରେ ଆକ୍ରମଣ ପରବର୍ତ୍ତୀ ସ୍ଥିତି ଉପରେ ସମୀକ୍ଷା କରିଥିଲେ। ନୂଆଦିଲ୍ଲୀରେ ପ୍ରାୟ ଅଢ଼େଇ ଘଣ୍ଟା ଧରି ଚାଲିଥିବା ଉକ୍ତ ବୈଠକରେ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନିଲ ଚୌହାନ୍, ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ନୌସେନା ମୁଖ୍ୟ ଆଡ୍‌ମିରାଲ ଦୀନେଶ କେ. ତ୍ରିପାଠୀ ଏବଂ ବାୟୁସେନା ମୁଖ୍ୟ ମାର୍ଶଲ ଏ.କେ. ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂ ଏବଂ ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ୍ସ ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାଜୀବ ଘାଇ ମଧ୍ୟ ଯୋଗଦେଇଥିଲେ। ଆତଙ୍କବାଦ ନିରୋଧୀ ଅପରେଶନର ଯୁଦ୍ଧ ଦକ୍ଷତା ବୃଦ୍ଧି ପାଇଁ ସଶସ୍ତ୍ର ବଳଙ୍କୁ ରାଜନାଥ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

## ୩ ସନ୍ଦିଗ୍ଧଙ୍କ ସ୍କେଚ୍ ଜାରି



୨୬ ଜଣଙ୍କୁ ମଙ୍ଗଳବାର ଗୁଳିକରି ହତ୍ୟା କରିଥିବା ୩ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ସ୍କେଚ୍ ବୁଧବାର ସୁରକ୍ଷା ଏଜେନ୍ସିଗୁଡ଼ିକ ପକ୍ଷରୁ ଜାରି କରାଯାଇଛି। ଏହି ୩ ପାକିସ୍ତାନୀ ହେଲେ ଆସିଫ୍ ଫୌଜି, ସୁଲେମାନ୍ ଶାହ ଓ ଅବୁ ତଲ୍‌ହା। ସେମାନଙ୍କ କୋଡ୍ ନାମ ହେଉଛି ମୁଷା, ୟୁନୁସ୍ ଓ ଆସିଫ୍। ପୁଞ୍ଚରେ ମଧ୍ୟ ଅନେକ ଆକ୍ରମଣରେ ଏହି ୩ ଆତଙ୍କବାଦୀ ସମ୍ପୃକ୍ତ ଥିବା କୁହାଯାଉଛି।

ଆକ୍ରମଣରୁ ସୌଭାଗ୍ୟକ୍ରମେ ବର୍ତ୍ତି ଯାଇଥିବା ଲୋକଙ୍କ ସହାୟତାରେ ଏହି ୩ ଜଣଙ୍କ ସ୍କେଚ୍ ପ୍ରସ୍ତୁତ କରାଯାଇଥିବା କୁହାଯାଉଛି। ଉଲ୍ଲେଖଯୋଗ୍ୟ, ଲଷ୍କର-ଇ-ତୋଇବା (ଏଲ୍‌ଇଟି)ର ସହଯୋଗୀ ସଙ୍ଗଠନ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟ୍ରିଏଫ୍) ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି।

## ଆକ୍ରମଣସ୍ଥଳ ପରିଦର୍ଶନକଲେ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ବୁଧବାର ପହଲଗାମ ଗସ୍ତକରି ଆକ୍ରମଣସ୍ଥଳ ପରିଦର୍ଶନ କରିଛନ୍ତି। ସେଠାରେ ସେ ସେନା ଓ ପୋଲିସର ବରିଷ୍ଠ ଅଧିକାରୀମାନଙ୍କ ସହ ସ୍ଥିତି ଉପରେ ଆଲୋଚନା କରିଛନ୍ତି। ଆତଙ୍କବାଦୀମାନେ କେଉଁଠୁ କିପରି ଭାବେ ଆସିଥିଲେ ଏବଂ କିଭଳି ପର୍ଯ୍ୟଟକମାନଙ୍କୁ ହତ୍ୟା କରିଥିଲେ, ସେନେଇ ଶାହାଙ୍କୁ ସୁରକ୍ଷା ଅଧିକାରୀମାନେ ଅବଗତ କରାଇଥିଲେ। ଏହି ଅବସରରେ ଜମ୍ମୁ-କଶ୍ମୀର ପୋଲିସ ଡିଜି ନଳିନ୍ ପ୍ରଭାତ ଏବଂ ସେନାର ୧୫ କର୍ ଜିଓସି ଲ୍ୟୁଟ୍‌ନାଣ୍ଟ ଜେନେରାଲ ପ୍ରଶାନ୍ତ ଶ୍ରୀବାସ୍ତବ ଉପସ୍ଥିତ ଥିଲେ। ଆକାଶମାର୍ଗରୁ ଆକ୍ରମଣସ୍ଥଳ ପରିଦର୍ଶନ ପୂର୍ବରୁ ଶାହା ଶ୍ରୀନଗରସ୍ଥିତ ପୋଲିସ କଣ୍ଟ୍ରୋଲ ରୁମ୍‌ରେ ମୃତକମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସେହିପରି ଅନନ୍ତନାଗରେ ସରକାରୀ ମେଡିକାଲ କଲେଜରେ ଚିକିତ୍ସାଧୀନ ଆହତମାନଙ୍କୁ ମଧ୍ୟ ଶାହା ଭେଟିଥିଲେ। ତାଙ୍କ ସହ ଉପରାଜ୍ୟପାଳ ମନୋଜ ସିହ୍ନା ଓ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ଉପସ୍ଥିତ ଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଏକ୍ସ'ରେ କହିଛନ୍ତି, ଆତଙ୍କବାଦ ଆଗରେ ଦେଶ ମୁଣ୍ଡ ନୁଆଁଇବ ନାହିଁ। ଏହି ଆକ୍ରମଣ ପାଇଁ ଯେଉଁମାନେ ଦାୟୀ ସେମାନଙ୍କୁ ଛଡ଼ାଯିବ ନାହିଁ।

## ପହଲଗାମ୍‌ରେ ଏନ୍‌ଆଇଏ ଟିମ୍

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣର ତଦନ୍ତ ଭାରତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ଦିଆଯାଇଛି। ଜଣେ ଆଇଜି ପାହ୍ୟା ଅଧିକାରୀଙ୍କ ନେତୃତ୍ୱରେ ଏନ୍‌ଆଇଏ ଟିମ୍ ବୁଧବାର ଆକ୍ରମଣସ୍ଥଳକୁ ଯାଇ ତନାଘନା ଆରମ୍ଭ କରିଛି। ଉକ୍ତ ଟିମ୍ ସ୍ଥାନୀୟ ପୋଲିସକୁ ତଦନ୍ତରେ ସହଯୋଗ କରିବ ବୋଲି ଜଣାପଡ଼ିଛି।



ଆକ୍ରମଣରେ ପ୍ରାଣ ହରାଇଥିବା ବାଲେଶ୍ୱର ସାରଙ୍ଗା ଇସାଣି ଗ୍ରାମର ପ୍ରଶାନ୍ତ ଶତପଥୀଙ୍କ ସ୍ତ୍ରୀ ଓ ପୁଅଙ୍କୁ ଭେଟୁଛନ୍ତି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ।



ଆଗ୍ରାସ୍ଥିତ ତାଜମହଲରେ ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ, ତାଙ୍କ ସ୍ତ୍ରୀ ଉଷା ଭାନ୍ସ ଓ ତାଙ୍କର ୩ ପିଲା।

# କଶ୍ମୀର ଟୁର୍ ବାତିଲ କରୁଛନ୍ତି ୯୦% ପର୍ଯ୍ୟଟକ

**ନୂଆଦିଲ୍ଲୀ, ୨୩।୪**

ଜମ୍ମୁ-କଶ୍ମୀରର ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରଭାବ ପର୍ଯ୍ୟଟନ କ୍ଷେତ୍ର ଉପରେ ପଡ଼ିଛି। ଲୋକମାନେ ବଡ଼ସଂଖ୍ୟାରେ ଜମ୍ମୁ-କଶ୍ମୀର ଭ୍ରମଣ ପାଇଁ କରିଥିବା ଅଗ୍ରିମ ବୁକିଂକୁ ବାତିଲ କରିବା ଆରମ୍ଭ କରିଛନ୍ତି। ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ସୁରକ୍ଷା ଦୃଷ୍ଟିରୁ ଲୋକେ ଜମ୍ମୁ-କଶ୍ମୀର ପାଇଁ ସେମାନଙ୍କ ବୁକିଂକୁ ବାତିଲ କରୁଥିବା ନେଇ ବୁଧବାର ବିଭିନ୍ନ ଟ୍ରାଭେଲ ଏଜେନ୍ସି ପକ୍ଷରୁ କୁହାଯାଇଛି। ଜମ୍ମୁ-କଶ୍ମୀର ପାଇଁ ପ୍ରାୟ ୯୦% ଟୁର୍ ବୁକିଂ ବାତିଲ ହେଉଥିବା ଜଣାପଡ଼ିଛି। ଏକ ଟ୍ରାଭେଲ ଏଜେନ୍ସିର ମାଲିକ ଦେବ୍ କହିଛନ୍ତି, ଅନେକ ପରିବାର ଜମ୍ମୁ-କଶ୍ମୀର ଭ୍ରମଣ ପାଇଁ ଆଗୁଆ ବୁକିଂ କରିଥିଲେ। ସେମାନେ ବସ୍ ଏବଂ ଫ୍ଲାଇଟ ଟିକେଟଠାରୁ ଆରମ୍ଭ କରି ହୋଟେଲ ପର୍ଯ୍ୟନ୍ତ ସବୁକିଛିର ଅଗ୍ରିମ ବୁକିଂ କରିସାରିଥିଲେ। ତେବେ ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ନେଇ ଖବର ଆସିବା ପରେ ସେମାନେ ନିଜ ନିଜ ବୁକିଂକୁ ବାତିଲ କରିବା ପାଇଁ ଟ୍ରାଭେଲ ଏଜେନ୍ସିଗୁଡ଼ିକୁ ଫୋନ୍ କରୁଛନ୍ତି ବୋଲି ଦେବ୍ କହିଛନ୍ତି। ଅନ୍ୟପକ୍ଷରେ, ପହଲ୍‌ଗାମ୍ ଆକ୍ରମଣ ପରେ କେବଳ ବୁଧବାର ସକାଳ ୬ଟାରୁ ୧୨ଟା ମଧ୍ୟରେ ଶ୍ରୀନଗର ଏୟାରପୋର୍ଟରୁ ୨୦ଟି ଫ୍ଲାଇଟ୍‌ରେ ୩,୩୩୭ ଜଣ ଲୋକ ନିଜ ନିଜ ରାଜ୍ୟକୁ ଫେରି ଯାଇଥିବା ନେଇ କେନ୍ଦ୍ର ବେସାମରିକ ଚଳାଚଳ ମନ୍ତ୍ରୀ ରାମ ମନୋହର ନାଇଡୁ କହିଛନ୍ତି। ସେହିପରି ବର୍ତ୍ତମାନ ସ୍ଥିତିରେ ବିମାନ ଭଡ଼ା ବୃଦ୍ଧି ନ କରିବାକୁ ସମସ୍ତ ଏୟାରଲାଇନ୍ସକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

**୬ ଘଣ୍ଟାରେ ଶ୍ରୀନଗର ଏୟାରପୋର୍ଟରୁ ଫେରିଲେ ୩,୩୩୭**

## ବିସ୍ଥାପିତଙ୍କ ଆଶ୍ରୟସ୍ଥଳୀରେ ଇସ୍ରାଏଲର ଆକ୍ରମଣ, ୨୩ ମୃତ

**ଡେର୍ ଅଲ ବଲାହ, ୨୩।୪**



ଗାଜା ସିଟିରେ ବିସ୍ଥାପିତଙ୍କ ଆଶ୍ରୟସ୍ଥଳୀ ପାଲଟିଥିବା ଏକ ସ୍କୁଲ୍‌ରେ ମଙ୍ଗଳବାର ମଧ୍ୟରାତିରେ ଇସ୍ରାଏଲର ମିଶାଇଲ ମାଡ଼ରେ ୨୩ ଜଣଙ୍କର ମୃତ୍ୟୁ ଘଟିଛି। ଏନେଇ ଗାଜାରେ ଥିବା ହମାସ ପରିଚାଳିତ ସ୍ୱାସ୍ଥ୍ୟ ଅଧିକାରୀ ସୂଚନା କରିଛି। ତେବେ ଏହି ଘଟଣାକୁ ଇସ୍ରାଏଲୀ ସାମରିକ ବାହିନୀ ଅସ୍ୱୀକାର କରିଛି। ହମାସ ସଶସ୍ତ୍ର ବାହିନୀର କ୍ୟାମ୍ପକୁ ଟାର୍ଗେଟ କରି ମିଶାଇଲ ମାଡ଼ କରାଯାଇଥିବା ଇସ୍ରାଏଲୀ ସେନା କହିଛି। ଏକ ବୟାନରେ ଇସ୍ରାଏଲୀ ସେନା ପକ୍ଷରୁ କୁହାଯାଇଛି, ଗାଜାରେ ସାଧାରଣ ନାଗରିକଙ୍କ ମୃତ୍ୟୁ ପାଇଁ ହମାସ ଦାୟୀ। ଘନ ଜନବସତି ଅଞ୍ଚଳରେ ହମାସ୍‌ର ସଦସ୍ୟମାନେ କ୍ୟାମ୍ପ୍ କରୁଥିବାରୁ ସେଠାକାର ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟୁଥିବା ଇସ୍ରାଏଲୀ ସେନା କହିଛି। ହମାସ୍ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ବିରାମ ପାଇଁ ଆରବର କେତେଜଣ ମଧ୍ୟସ୍ଥ ଏକ ପ୍ରସ୍ତାବ ଉପରେ କାମ କାରୁଛନ୍ତି। ଉକ୍ତ ପ୍ରସ୍ତାବ ଅନୁଯାୟୀ, ୫ରୁ ୭ ବର୍ଷର ଯୁଦ୍ଧ ବିରାମ ସହ ବାକି ରହିଯାଇଥିବା ସମସ୍ତ ପଣବନ୍ଦୀଙ୍କୁ ମୁକ୍ତ କରାଯିବ।

## ଶାହାବାନୋଙ୍କ ଭୂମିକାରେ ୟାମୀ

**ମୁମ୍ବାଇ**

ବଲିଉଡ୍ ଅଭିନେତ୍ରୀ ୟାମୀ ଗୌତମ ଧର୍ ଏବଂ ଅଭିନେତା ଇମ୍ରାନ ହାସ୍‌ମୀଙ୍କୁ ଖୁବ୍‌ଶୀଘ୍ର ଏକ ନୂତନ ଫିଲ୍ମରେ ଏକାଠି ଦେଖିବାକୁ ମିଳିବ। ଏହି ଫିଲ୍ମଟି ୧୯୮୫ର ବହୁଚର୍ଚ୍ଚିତ ସୁପ୍ରିମକୋର୍ଟ ମାମଲା ଶାହାବାନୋ ବନାମ ଅହମଦ ଖାନ୍‌କୁ ନେଇ ଆଧାରିତ ରହିଛି ବୋଲି ବିଭିନ୍ନ ରିପୋର୍ଟରେ ପ୍ରକାଶ ପାଇଛି। ଫିଲ୍ମରେ ୟାମୀ ଶାହାବାନୋଙ୍କ ଭୂମିକା ତୁଲାଉଛନ୍ତି। ୮୦ ଏବଂ ୯୦ ଦଶକରେ ମୁସଲମାନ ମହିଳାଙ୍କ ଅଧିକାର ପାଇଁ ଭାରତରେ ହୋଇଥିବା ବିଭିନ୍ନ ସଂଘର୍ଷକୁ ଏହି ଫିଲ୍ମରେ ଦେଖିବାକୁ ମିଳିବ।

ଫିଲ୍ମରେ ଇମ୍ରାନ ଅହମଦ ଖାନ୍‌ଙ୍କ ଭୂମିକା ନିଭାଉଛନ୍ତି। ଲକ୍ଷ୍ନୌରେ ଫିଲ୍ମର ପ୍ରଥମ ପର୍ଯ୍ୟାୟ ଶୁଟିଂ ଶେଷ ହୋଇସାରିଛି। ତେବେ ବର୍ତ୍ତମାନ ସୁଦ୍ଧା ସୁପର୍ନ ଏସ୍ ବର୍ମାଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଛି। ୧୯୭୮ରେ ୫ ସନ୍ତାନର ମା' ଶାହାବାନୋଙ୍କୁ ତାଙ୍କ ଓକିଲ ସ୍ୱାମୀ ମହମ୍ମଦ ଅହମ୍ମଦ ଖାନ୍ ତିନ୍ ତଲାକ ଦେଇଥିଲେ। ଛାଡପତ୍ର ପରେ ଶାହାବାନୋ ତାଙ୍କ ସ୍ୱାମୀଙ୍କୁ କ୍ରିମିନାଲ ପ୍ରୋସେଜିଓର କୋଡ୍ (ସିଆର୍‌ପିସି)ର ସେକ୍ସନ ୧୨୫ ଅନୁଯାୟୀ, ଭରଣପୋଷଣ ଭତ୍ତା ମାଗିଥିଲେ। ତେବେ ମୁସଲିମ ପର୍ସନାଲ ଲ'ରେ ଏପରି କୌଣସି ପ୍ରାବଧାନ ନାହିଁ କହି ଅହମ୍ମଦ ଭରଣପୋଷଣ ଭତ୍ତା ଦେବାକୁ ମନା କରିଦେଇଥିଲେ।



**ଫୁର୍‌ସତ୍**

## ପହଲଗାମ୍ ଆତଙ୍କବାଦୀ ଆକ୍ରମଣ: ସେଲିବ୍ରିଟିଙ୍କ ଶ୍ରଦ୍ଧାଞ୍ଜଳି

ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣର ଦୁଃଖ ଏବଂ କ୍ରୋଧକୁ ଶବ୍ଦରେ ପ୍ରକାଶ କରିବା ସମ୍ଭବ ନୁହେଁ। ଆତଙ୍କବାଦ ବିରୋଧୀ ଲଢ଼େଇରେ ଦେଶବାସୀ ଏକଜୁଟ ହେବାର ସମୟ ଆସିଛି।

**–ଶାହରୁଖ ଖାନ୍, ଅଭିନେତା**

ନିରୀହ ଲୋକଙ୍କୁ ଆକ୍ରମଣ କରାଯାଇଛି। ସେମାନଙ୍କ ପରିବାର ପ୍ରତି ଗଭୀର ସମବେଦନା ପ୍ରକଟ କରୁଛି।

**–ସଲ୍‌ମାନ ଖାନ୍, ଅଭିନେତା**

ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ଅତ୍ୟନ୍ତ ବର୍ବରୋଚିତ ଓ ନିନ୍ଦନୀୟ। ଦୀର୍ଘ ସମୟ ପର୍ଯ୍ୟନ୍ତ ଏହି ଦୁଃଖ ମନରୁ ଲିଭିବ ନାହିଁ।

**– ପ୍ରିୟଙ୍କା ଚୋପ୍ରା, ଅଭିନେତ୍ରୀ**

ପହଲ୍‌ଗାମ୍ ଆକ୍ରମଣ ସମ୍ପୂର୍ଣ୍ଣ ହୃଦୟ ବିଦାରକ। ପ୍ରିୟଜନଙ୍କୁ ହରାଇଥିବା ପରିବାର ପ୍ରତି ସମବେଦନା ବ୍ୟକ୍ତ କରୁଛି।

**– ଅଲ୍ଲୁ ଅର୍ଜୁନ, ଅଭିନେତା**

ଅନେକ ନିର୍ଦ୍ଦୋଷ ଲୋକ ଜୀବନ ହରାଇଛନ୍ତି। ଅନେକେ ଶାନ୍ତି ଏବଂ ସୌନ୍ଦର୍ଯ୍ୟତାକୁ ଖୋଜି କଶ୍ମୀରକୁ ଭ୍ରମଣ ପାଇଁ ଆସିଥିଲେ। କିନ୍ତୁ ଏବେ ସେମାନେ ନିଜ ଆତ୍ମୀୟ ସ୍ୱଜନଙ୍କୁ ହରାଇ ମ୍ରିୟମାଣ ଅଛନ୍ତି। ପୂରା ଘଟଣା ମନକୁ ଆନ୍ଦୋଳିତ କରୁଛି।

**– ଆଲିଆ ଭଟ୍ଟ, ଅଭିନେତ୍ରୀ**

ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ସମ୍ପୂର୍ଣ୍ଣ ହୃଦୟ ବିଦାରକ। ଏହି ଘଟଣାରେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛି। ନିଜ ପ୍ରିୟ ପରିଜନଙ୍କୁ ହରାଇଥିବା ପରିବାରଗୁଡ଼ିକୁ ଶୀଘ୍ର ନ୍ୟାୟ ମିଳୁ।

**– କ୍ୟାଟ୍ରିନା କୈଫ୍, ଅଭିନେତ୍ରୀ**

## ସଂକ୍ଷେପରେ

### ଜମିବାଡ଼ିକୁ ନେଇ ୨ ପରିବାର ଗଣ୍ଡଗୋଳ, ୪ ଆହତ

ନୂଆପଡ଼ା,୨୩।୪ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଥାନା କୁରେଶ୍ୱର ପଞ୍ଚାୟତ ଖଇରଭାଡି ଗାଁରେ ଜମିବାଡି ମାମଲାକୁ ନେଇ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ୪ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ପଦ୍ମମାଳା ପୂଜାରୀ (୩୯), ହିମାଚଳ ପୂଜାରୀ (୨୩), ଡାଲେଶ୍ୱରୀ ପୂଜାରୀ (୨୧) ଓ କୁନ୍ତି ପୂଜାରୀ (୨୫)। ସୂଚନା ଅନୁଯାୟୀ ଉପରୋକ୍ତ ୪ ଭଉଣୀଭାଇ ଗାଁରେ ରହନ୍ତି। ଏପରିସ୍ଥଳେ ସେମାନଙ୍କ ଘର ବାଡିରେ ଗାଁର ଜଣେ ବ୍ୟକ୍ତି ଜେସିବି ଲଗାଇ ଘର ନିର୍ମାଣ ପାଇଁ ଗାତ ଖୋଳୁଥିଲେ। ଏହାକୁ ପରିବାର ଲୋକେ ବିରୋଧ କରିବାରୁ ଦୁଇ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ପରେ ଏହା ଉଗ୍ର ରୂପ ଧାରଣ କରିଥିଲା। ଗାତ ଖୋଳୁଥିବା ପରିବାରର ପ୍ରାୟ ୭ଜଣ ବ୍ୟକ୍ତି ଠେଙ୍ଗା, ଲୁହାରଡ, ଇଟା, ପଥରରେ ୪ ଭଉଣୀ ଭାଇଙ୍କୁ ଆକ୍ରମଣ କରିଥିଲେ। ଏଥିରେ କୁନ୍ତି ଓ ଡାଲେଶ୍ୱରୀ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ତରବୋଡ ଫାଣ୍ଡିରେ ହିମାଚଳ ଲିଖିତ ଅଭିଯୋଗ କରିଛନ୍ତି । ଫାଣ୍ଡି ଅଧିକାରୀ ଗୌରୀ ଶଙ୍କର ଦାସଙ୍କୁ ପଚାରିବାରୁ ତଦନ୍ତ ଚାଲିଛି । ତଦନ୍ତ ପରେ ମାମଲା ରୁଜୁ ହେବ ବୋଲି କହିଥିଲେ ।

### ଜିଲା ଆଦିବାସୀ ସଂଘର ଜନସମ୍ପର୍କ ପଦଯାତ୍ରା

ରିଷିଡ଼ା,୨୩।୪(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରିଷିଡ଼ା ପଧାନୀ ପଗଣାଠାରେ ଆଦିବାସୀ ସଂଘ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଆଦିବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ, ସାଂସ୍କୃତିକ, ନିଶାମୁକ୍ତ ସମାଜ ଗଠନ ଦିଗରେ ସଚେତନତା ଆଣିବା ଏହାର ଲକ୍ଷ୍ୟ ବୋଲି କୁହାଯାଇଛି। ଆଦିବାସୀ ପରମ୍ପରା, ପର୍ବପର୍ବାଣି ଦିଗରେ କିଭଳି ସଂସ୍କାର ଅଣାଯାଇପାରିବ ସେଥିନିମନ୍ତେ ସଚେତନତା ସୃଷ୍ଟି କରିବା ପାଇଁ ଜିଲା ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝୀଙ୍କ ନେତୃତ୍ୱରେ ଗତ ଏପ୍ରିଲ ୧ରୁ ପଦଯାତ୍ରା କରାଯାଉଛି। ମେ ୩୧ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଜିଲାର ୧୩ ବ୍ଲକ୍‌ରେ ଏହି କାର୍ଯ୍ୟକ୍ରମ କରାଯିବ। ଏହି ପରିପ୍ରେକ୍ଷୀରେ ଆଦିବାସୀ ସଂସ୍କୃତି ଓ ପରମ୍ପରା ସହ ଜଡ଼ିତଥିବା ସମସ୍ତ ଦେହୁରୀ ପୂଜକ ସେବାୟତଙ୍କୁ ଚିହ୍ନଟକରି ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଉଛି। ବୁଧବାର ମହେନ୍ଦ୍ର ପ୍ରଧାନୀ, ପଙ୍କଜ ଭୋଇ, ସୁଶାନ୍ତ ମଲ୍ଲିକ, ସମିର ଭୋଇ, କୈଳାସ କୁମୁରା, ମାର୍କଣ୍ଡ ପ୍ରଧାନୀ, ପୂର୍ଣ୍ଣବାସୀ ଭୋଇ, ହୃଦାନନ୍ଦ ଭୋଇ ପ୍ରମୁଖଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ବ୍ଲକ୍ ସଭାପତି ସୁରେନ୍ଦ୍ର ଭୋଇ, ଗୋବିନ୍ଦ ଭୋଇ, ଦୟା ମାଝୀ, ସଂକୀର୍ତ୍ତନ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମେ ୨୦ରୁ ରବି ଧାନ ସଂଗ୍ରହ

**ଜିଲାସ୍ତରୀୟ ଧାନକ୍ରୟ କମିଟି ବୈଠକ**

**ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଛନ୍ତି ୪୮,୮୧୮ ଚାଷୀ**

ଭବାନୀପାଟଣା,୨୩।୪(ଉତ୍ତମ କୁମାର ଦାଶ)



ଜିଲାସ୍ତରୀୟ ବୈଠକରେ ଉପସ୍ଥିତ ଅଧିକାରୀ ଓ ଲୋକପ୍ରତିନିଧି।

ଚଳିତ ରବି (ଡାଲୁଅ)ଧାନ ଫସଲ ପାଇଁ କଳାହାଣ୍ଡି ଜିଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ ବୁଧବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାୱାର ସଚିନ ପ୍ରକାଶ ଅଧ୍ୟକ୍ଷତା କରିଥିଲେ। ଆରମ୍ଭରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ ଜଣାଇ ଆଗାମୀ ରବି ଧାନ ସଂଗ୍ରହ ପାଇଁ ଜିଲା ପ୍ରଶାସନ ନେଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକର ନିଷ୍ପତ୍ତିକ୍ରମେ ଆସନ୍ତା ମେ ୨୦ରୁ ଜିଲାର ୧୪୫ଟି ଧାନ ମଣ୍ଡିରେ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବ। ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ୪୮,୮୧୮ ଜଣ ଚାଷୀ ଅନ୍‌ଲାଇନ ମାଧ୍ୟମରେ ନାମ ପଞ୍ଜୀକରଣ କରିଛନ୍ତି। ୬୪ ପାକ୍ସ ଓ ୨୫ ସ୍ୱୟଂ ସହାୟକ ଗୋଷ୍ଠୀର ମିଳିତ ସହଯୋଗରେ ଧାନ ସଂଗ୍ରହ ପ୍ରକ୍ରିୟା ସୂଚାରୁରୂପେ ସମ୍ପାଦନ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଜିଲାର ୮୮ ମିଲର୍ସ ରବିଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରି ସମ୍ପୃକ୍ତ ମଣ୍ଡିରୁ ଚାଷୀଙ୍କ ଧାନ ଠିକ ସମୟରେ ଉଠାଣ କରିବା ପାଇଁ ନିର୍ଦ୍ଧାରିତ ହୋଇଛି। ମିଲର୍ସ ଚାଷୀଙ୍କୁ ଆବଶ୍ୟକ ଗନିବ୍ୟାଗ ଯୋଗାଇଦେବା ପାଇଁ ବୈଠକରେ ସ୍ଥିର କରାଯାଇଛି। କମନ ଏଫ୍‌ଏକ୍ୟୁ ଧାନ କୁଇଣ୍ଟାଲ ପିଛା ୨,୩୦୦ ଓ ଗ୍ରେଡ ଏ ଏଫ୍‌ଏକ୍ୟୁ ଧାନ କୁଇଣ୍ଟାଲ ପିଛା ୨,୩୨୦ ସହିତ ଏମ୍‌ଏସ୍‌ପି (ବୋନସ) ୮୦୦ ଟଙ୍କା ସର୍ବମୋଟ କୁଇଣ୍ଟାଲ ପିଛା ଚାଷୀ ୩,୧୦୦, ୩,୧୨୦ ଟଙ୍କା ପାଇବେ। ୮୮ ମିଲର୍ସ ମଧ୍ୟରୁ ଉଷୁନା ଚାଉଳ ପାଇଁ ୭୦ ଓ ଅରୁଆ ଚାଉଳ ପାଇଁ ୧୮ ଅଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗିରହିଥିବାରୁ ଚାଷୀଙ୍କ ସୁରକ୍ଷା ଦୃଷ୍ଟିରୁ ସମସ୍ତ ମଣ୍ଡିରେ ଆବଶ୍ୟକ ପାନୀୟ ଜଳ, ଓଆର୍‌ଏସ୍ ପ୍ୟାକେଟ, ଜରୁରିକାଳୀନ ସେବା ଆବଶ୍ୟକ ସ୍ଥଳେ କୁଲର ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଚାଷୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଠିକ୍ ସମୟରେ ମଣ୍ଡିରୁ ଚାଷୀଙ୍କ ଧାନ ଉଠାଣ କରିବା ପାଇଁ ସମସ୍ତ ମିଲର୍ସ ଅଧିକ ଯତ୍ନବାନ ହେବା ପାଇଁ ସେ ପରାମର୍ଶ ଦେଇଥିଲେ । ବୈଠକରେ ଜିଲା ପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଅନିଲ କୁମାର ନନ୍ଦ, ଭବାନୀପାଟଣା ସଦର ବିଧାୟକଙ୍କ ପ୍ରତିନିଧି ଧନୁର୍ଦ୍ଧର ଗହିର, ଧର୍ମଗଡ଼ ଉପଜିଲାପାଳ ଧର୍ମାନ ଚକମା, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଜିଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଡିଆରଡିଏସ୍ ପ୍ରମୋଦ କୁମାର ସାହୁ ସମେତ ଜିଲା କୃଷକ ସଂଗଠନର ପ୍ରତିନିଧି, ଭାରତ ଖାଦ୍ୟ ଯୋଗାଣ ନିଗମ ଅଧିକାରୀ, ସମସ୍ତ ମିଲର୍ସ, ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଜୁଆ ଆଡ୍ଡା ଉପରେ ଚଢ଼ାଉ: ୬ ଗିରଫ



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

ନୂଆପଡ଼ା,୨୩।୪(ମକାରୁ ବେମାଲ)

**୨ ଚାରିଚକିଆ, ୧୦ ବାଇକ୍, ନଗଦ ୪୮ ହଜାର ଜବତ**

ନୂଆପଡ଼ା ଜିଲା କୋମନା ପୋଲିସ ମଙ୍ଗଳବାର ରାତିରେ ଜେଠୁପାଲି ଗାଁର ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୬ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ନଗଦ ୪୮ହଜାର ୨୨୫ ଟଙ୍କା, ଗୋଟିଏ ବୋଲେରୋ, ଗୋଟିଏ ମାରୁତି ସୁଜୁକି କାର୍, ୧୦ ବାଇକ୍ ଜବତ କରାଯାଇଛି। ସୂଚନା ମୁତାବକ କୋମନା ଥାନା ପୋଲିସ ଜେଠୁପାଲି ଗ୍ରାମ ନିକଟ ଜଙ୍ଗଲରେ ଜୁଆ ଆଡ୍ଡା ଚାଲିଥିବା ଖବର ପାଇ ନୂଆପଡ଼ା ଅରକ୍ଷୀ ଅଧୀକ୍ଷକ ଗୁଣ୍ଡଲା ରେଡ୍ଡୀ ରାଘବେନ୍ଦ୍ରଙ୍କୁ ଜଣାଇଥିଲେ। ପରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ଏକ ଟିମ୍ ରାତି ପ୍ରାୟ ୧୦ଟାରେ ଉକ୍ତ ଜଙ୍ଗଲରେ ଚଢ଼ାଉ କରିଥିଲା। ଏହି ସମୟରେ ପୋଲିସ କୋମନା ବ୍ଲକ ଓ ପଡୋଶୀ ବଲାଙ୍ଗୀର ଜିଲା ଲାଠୋର ଅଞ୍ଚଳର କେତେକଣ ବ୍ୟକ୍ତି ଜୁଆ ଖେଳୁଥିବା ଦେଖିବାକୁ ପାଇଥିଲା। ସେମାନଙ୍କ ମଧ୍ୟରୁ ପୋଲିସ ୨୩ ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ସେଥିରୁ ଜୁଆ ଖେଳାଇବା ଓ ଜୁଆ ଖେଳିବା ଅଭିଯୋଗରେ ୬ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଜିଲା ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଘବେନ୍ଦ୍ର ସୂଚନା ଦେଇଛନ୍ତି ।

## ବ୍ଲକ ଅଧ୍ୟକ୍ଷଙ୍କୁ କ୍ଲିନ୍ ଚିଟ୍, ହାଇକୋର୍ଟରେ ମାମଲା ରଦ୍ଦ

ଧର୍ମଗଡ଼,୨୩।୪(ଆକାଶ କୁମାର ଜଗତ)

**ପ୍ରଧାନମନ୍ତ୍ରୀ ଫସଲବୀମା ମାମଲା**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କେଗାଁ ଥାନାରେ ହୋଇଥିବା ଏକ ଫସଲବୀମା ମାମଲାରେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ସଂଶ୍ଳିଷ୍ଟ ଥିବା ନେଇ ପୋଲିସ ତାଙ୍କୁ ଗତ ସେପ୍ଟେମ୍ବର ୨୦୨୩ ରେ ଗିରଫ କରିଥିଲା। ତେବେ ଏହି ମାମଲାରେ ତାଙ୍କର କୌଣସି ସମ୍ପୃକ୍ତି ନ ଥିବା କହି ବ୍ଲକ ଅଧ୍ୟକ୍ଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ମାମଲା ରଦ୍ଦ କରିବାକୁ ପ୍ରାର୍ଥନା କରିଥିଲେ। ହାଇକୋର୍ଟ ଏହାର ଶୁଣାଣି କରି ମାମଲାକୁ ରଦ୍ଦ କରିଛନ୍ତି। ଫଳରେ ବ୍ଲକ ଅଧ୍ୟକ୍ଷ ମହାନନ୍ଦଙ୍କୁ କ୍ଲିନ୍ ଚିଟ୍ ମିଳିଛି। ଏ ନେଇ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ମହାନନ୍ଦ କହନ୍ତି, ମୁଁ ଜଣେ ଦଳିତ ଲୋକ ବୋଲି ମୋତେ ମିଛ ମାମଲାରେ ବିଜେଡି ସରକାର ଜେଲ ପଠେଇ କ୍ଷମତାର ଦୁରୁପଯୋଗ କରିଥିଲେ। କିନ୍ତୁ ସମ୍ବିଧାନ ଓ ନ୍ୟାୟାଳୟ ପ୍ରତି ମୋର ସମ୍ପୂର୍ଣ୍ଣ ବିଶ୍ୱାସ ଥିଲା ଯାହା ଆଜି ପ୍ରମାଣିତ ହୋଇଛି।

## ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି

**ଖଡ଼ିଆଳ,୨୩।୪ (ସୁଜିତ କୁମାର ପ୍ରଧାନ):** ନୂଆପଡା ଜିଲା ଖଡିଆଳ ଚଳାନପଡା ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଛି। ଅନାଦି ରାଉତ ଓ ତାଙ୍କ ଧର୍ମପତ୍ନୀ କନକଲତା ରାଉତ କର୍ତ୍ତା ଏବଂ ପୂଜକ ଭାବରେ ହେମଲାଲ ମିଶ୍ର ଓ ତାଙ୍କ ସହଯୋଗୀ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ନାମ ଯଜ୍ଞରେ ନୂଆପଡା, ବଲାଙ୍ଗୀର, କଳାହାଣ୍ଡି ଓ ବରଗଡ ଜିଲାର ୮ କୀର୍ତ୍ତନ ଦଳ ଭାଗନେଇଥିଲେ। ପୂର୍ଣ୍ଣାହୁତି ପରେ ସୁନିତା ପଟେଲ ଓ କସ୍ତୁରୀ କିଶାନଙ୍କ ଦ୍ୱାରା ବୈଠକି କୀର୍ତ୍ତନ ପରିବେଷଣ କରଯାଇଥିଲା।

## ଓଡ଼ିଶା ଜଳନିଗମ ନିର୍ଦ୍ଦେଶକଙ୍କ ନୂଆପଡ଼ା ଗସ୍ତ

ନୂଆପଡ଼ା,୨୩।୪ (ମକାରୁ ବେମାଲ)

ଓଡ଼ିଶା ଜଳନିଗମ ନିର୍ଦ୍ଦେଶକ ଇଂ. ଦେବବ୍ରତ ମହାନ୍ତି ସୋମବାର ନୂଆପଡ଼ା ଜିଲା ଗସ୍ତରେ ଆସି ସର୍କିଟ ହାଉସରେ ଜିଲାର ୩ ଏନ୍‌ଏସି ନୂଆପଡା, ଖରିଆରରୋଡ଼ ଓ ଖଡିଆଳର ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଥିଲେ। ବୈଠକରେ ସେ କେନ୍ଦ୍ର ସରକାରଙ୍କ ଅମୃତ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସହର ଜଳ ପରିମଳ ବ୍ୟବସ୍ଥା, ଗରିମା ଯୋଜନାର ସମୀକ୍ଷା କରିଥିଲେ। ଏଥିରେ ନୂଆପଡା ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ କୁରୁକ୍ଷେତ୍ର ନାଏକ, ଖରିଆରରୋଡ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କମଳାଶନ ରଥ, ଖଡିଆଳ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ ମହାରଣା, ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ଅଶୋକ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସମୀକ୍ଷା ପରେ ନିର୍ଦ୍ଦେଶକ ମହାନ୍ତି ନୂଆପଡ଼ା ଏନ୍‌ଏସି ଏମ୍‌ସିପି ଏମ୍‌ଆର୍‌ଏଫ୍ ସେଡ ପରିଦର୍ଶନ କରିବା ସହ ନୂଆପଡା ଓ ଖରିଆରରୋଡ ସହରକୁ ହେଉଥିବା ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ପତୋରାଠାରେ ଥିବା ଇନ୍‌ଟେକ ୱେଲ ପରିଦର୍ଶନ କରିଥିଲେ। ସେଠାରୁ ଖରିଆର ରୋଡ ମୁଣ୍ଡାଗାଁରେ ଅମୃତ ଯୋଜନାରେ ପୁନରୁଦ୍ଧାର କରାଯାଇଥିବା ମୁଣ୍ଡଗାଁ ବନ୍ଧ ଓ ସ୍ମାର୍ଟ ପାର୍କ ମଧ୍ୟ ପରିଦର୍ଶନ କରିଥିଲେ।

## ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

ଭବାନୀପାଟଣା,୨୩।୪(ଉତ୍ତମ କୁମାର ଦାଶ)

ଭବାନୀପାଟଣା ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗରେ ‘ଉନ୍ମୁକ୍ତ ଓଡ଼ିଶା: ଇତିହାସ, ସଂସ୍କୃତି ଓ ପ୍ରତ୍ନତତ୍ତ୍ୱର ନୂତନ ଦିଗନ୍ତ’ ଶୀର୍ଷକରେ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଉଦ୍‌ଘାଟକ ଭାବେ ଯୋଗଦେଇ ଓଡିଶାର ସଂସ୍କୃତି ଓ ଇତିହାସ ବିଷୟରେ ବ୍ୟାଖ୍ୟା କରିଥିଲେ। ମୁଖ୍ୟଅତିଥି ଡ. ବାବା ମିଶ୍ର ମହାକାନ୍ତର ରାଜ୍ୟ, ସ୍ୱତନ୍ତ୍ର ଅତିଥି ପ୍ରଫେସର ଭଗବାନ ସାହୁ ଓଡ଼ିଶାର ସଉରା ସମ୍ପ୍ରଦାୟର ଜ୍ଞାନକୌଶଳ, ସମ୍ମାନିତ ଅତିଥି ରମେଶ ଚନ୍ଦ୍ର ମହାନ୍ତ ପ୍ରସଙ୍ଗଭିତ୍ତିକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଇତିହାସ ବିଭାଗର ମୁଖ୍ୟ ଡ. କୈଳାସ ଚନ୍ଦ୍ର ଦାସ ସ୍ୱାଗତ ଅଭିଭାଷଣ ଓ ସହକାରୀ ପ୍ରଫେସର ଡ. ନଳିନୀକାନ୍ତ ରଣା ଆଲୋଚନାଚକ୍ରର ସାରାଂଶ ଉପସ୍ଥାପନ କରିଥିଲେ। ଅତିଥି ଅଧ୍ୟାପକ ତ୍ରିନାଥ ହିଆଲ ଧନ୍ୟବାଦ ଅର୍ପଣ କରିଥିଲ। ପ୍ରଥମ ବୈଷୟିକ ଅଧିବେଶନରେ ବକ୍ତା ରୂପେ ପ୍ରଫେସର ତୀର୍ଥରାଜ ପ୍ରଧାନ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ହରିୟାଣା, ଦକ୍ଷିଣ କୋଶଳର ଆଦିବାସୀମାନଙ୍କ ଅସ୍ମିତା ବିଷୟରେ ଆଲୋଚନା କରିଥିଲେ। ରମେଶ ଚନ୍ଦ୍ର ମହାନ୍ତ, ସହକାରୀ ପ୍ରଫେସର, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ବକ୍ତାରୂପେ ଉପନୀତ ହୋଇ ଓଡିଶାରେ ଓଡ଼ିଆ ଭାଷା ସୁରକ୍ଷାର ଐତିହାସିକ ଭିତ୍ତି ବିଷୟରେ କହିଥିଲେ। ଡ. କିଶୋର ଗୋସ୍ୱାମୀ ସହକାରୀ ପ୍ରଫେସର, ଜଗନ୍ନାଥ ବରାହ ବିଶ୍ୱବିଦ୍ୟାଳୟ, ଆସାମ, ଆସାମର ଚା ବଗିଚାରେ କାମ କରୁଥିବା ଓଡ଼ିଆ ଶ୍ରମିକଙ୍କ ଦୁଃଖ ଦୁର୍ଦ୍ଦଶା ବିଷୟରେ କହିଥିଲେ। । ଦ୍ୱିତୀୟ ଅଧିବେଶନରେ ବକ୍ତା ରୂପେ ସହକାରୀ ପ୍ରଫେସର, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ତାମିଲନାଡୁ ମାଡ୍ରାସ ପ୍ରେସିଡେନ୍ସି ଡ. କନଗରଥିନମ ଡି ଭି, ଉପସ୍ଥାପିତ ଉସମାନ କମିଟି ରିପୋର୍ଟ ଉପରେ ଆଲୋକପାତ କରିଥିଲେ।

## ପୋଲିସ ପକ୍ଷରୁ ଜନସମ୍ପର୍କ ଶିବିର

**ଥୁଆମୂଳ ରାମପୁର,୨୩।୪ (ଦୁର୍ଗା କୀର୍ତ୍ତି):** ଥୁଆମୂଳ ରାମପୁର ବ୍ଲକ୍ କାଣିଗୁମା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତରାଗାଁଠାରେ ମଙ୍ଗଳବାର ପୋଲିସ ଜନସମ୍ପର୍କ ଶିବିର ଥାନା ଅଧିକାରୀ କୈବଲ୍ୟ ସେଠଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି। ଜିଲା ରିଜର୍ଭ ପୋଲିସ ଇନ୍ସପେକ୍ଟର ସୁରେଶ କୁମାର ବଳିଆରସିଂ, ଜିଲା ପୋଲିସ ଇନ୍ସପେକ୍ଟର ଶତ୍ରୁଘନ ବାଜପେୟୀ, ଏସ୍‌ଆଇ ପ୍ରହ୍ଲାଦ ପାଣିଗ୍ରାହୀ, କାଣିଗୁମା ସରପଞ୍ଚ ଧ୍ରୁବଚରଣ ମାଝୀ ଯୋଗଦେଇଥିଲେ। ପୋଲିସ ପକ୍ଷରୁ ମହିଳାମାନଙ୍କୁ କମ୍ବଳ, ଶାଲ, ଶାଢ଼ି, ଛାତ୍ରୀଛାତ୍ରଙ୍କୁ ଖାତା, ପେନ୍, ପେନ୍‌ସିଲ, ଟି ଶାର୍ଟ ବଣ୍ଟନକରାଯାଇଥିଲା। ଉପସ୍ଥିତ ପୋଲିସ ଅଧିକାରୀ ଜନସାଧାରଣ ଓ ପୋଲିସ ମଧ୍ୟରେ କିଭଳି ସୁସମ୍ପର୍କ ରଖାଯାଇପାରିବ ସେ ନେଇ ଅବଗତ କରାଇଥିଲେ।

## ପହଲଗାମ୍‌ରେ ୨୬ ହିନ୍ଦୁଙ୍କୁ ହତ୍ୟା ବିରୋଧରେ କ୍ୟାଣ୍ଡେଲ ଶୋଭାଯାତ୍ରା




କଳାହାଣ୍ଡି ବ୍ରାହ୍ମଣ ସମାଜ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା।

ଭବାନୀପାଟଣା, ୨୩।୪ (ଉତ୍ତମ କୁମାର ଦାଶ)

ଜମ୍ମୁ କଶ୍ମୀର ପହଲଗାମ୍‌ଠାରେ ମଙ୍ଗଳବାର ୨୬ ଜଣ ହିନ୍ଦୁଙ୍କୁ ଆତଙ୍କବାଦୀମାନେ ଗୁଳି କରି ହତ୍ୟା କରିବା ଘଟଣାର ତୀବ୍ର ନିନ୍ଦା କରିଛି କଳାହାଣ୍ଡି ବ୍ରାହ୍ମଣ ସମାଜ। ଏହାକୁ ନେଇ ବୁଧବାର ସନ୍ଧ୍ୟାରେ ସମାଜ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ଭାରତ ସରକାର ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ହିନ୍ଦୁମାନଙ୍କ ସୁରକ୍ଷା ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଦାବି କରିଛି। ସମାଜର ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର, ସଂଗଠନ ସମ୍ପାଦକ ଭବେନ୍ଦ୍ର ପଣ୍ଡା, ସମ୍ପାଦକ ଉମେଶ ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ କୃଷ୍ଣ ମୋହନ ଯୋଷୀ, ପର୍ଶୁରାମ ସେନାର ଜିଲା ସଂଯୋଜକ ପ୍ରଶାନ୍ତ ଠାକୁର, ଦୀପ ଜ୍ୟୋତି ମୁଣ୍ଡ, ଅବିନାଶ ଠାକୁର, ପ୍ରଜ୍ଞା ବାହିନୀର ଜିଲା ସଂଯୋଜିକା ସ୍ନେହଲତା ଷଡ଼ଙ୍ଗୀ, ଭବାନୀପାଟଣା ନଗର କମିଟିର ସଭାପତି ସୁରେନ୍ଦ୍ର ନେଗୀ ସମେତ ବ୍ରାହ୍ମଣ ସମାଜର ସଦସ୍ୟ ଷ୍ଟାଚ୍ୟୁ ଛକରୁ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ମାଣିକେଶ୍ୱରୀ ହାଇସ୍କୁଲ ଛକ ପର୍ଯ୍ୟନ୍ତ ଯାଇଥିଲେ।


**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**

E-mail : seec.bbsr2010@gmail.com

Bid Identification No.S.E.E.C (R&B) 01/2025-26

No. 1363/Date : 19.04.2025

**No.B-42** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.25.04.2025 at 05.00 P.M. to dt.12.05.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.13.05.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer Electrical Circle (R&B) Odisha, BBSR

OIPR-34006/11/0031/2526

GOVERNMENT OF ODISHA
**OFFICE OF THE SUPERINTENDING ENGINEER NABARANGPUR (R&B) DIVISION, NABARANGPUR**

E-mail ID: eerbngpur@yahoo.com, Tel & Fax-06858-222833 (O)

e-Procurement Notice

Bid Identification No.S.E. (R&B)-01/2025-26/NGP

No.2670, Date:21.04.2025

**No.B-48:** Bid Documents consisting of work, Estimated cost, Cost of Tender paper, EMD, Time of completion, Class of Contractors and the set of terms & conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Civil Construction Work as mentioned in DTCN
2. No. of Work : 01 No.
3. Estimated Cost : Rs.87.26 Lakhs
4. Period of Completion : 6 Calendar Months
5. Date & Time of Bidding : From 11.00 hours of 30.04.2025, upto 16.00 hours of 14.05.2025.
6. Last date & time for receipt of bids in portal : 16.00 hours of 14.05.2025
7. Bids received online shall be opened on : 11.00 hours of 15.05.2025
8. Name and address of the officer inviting bid : Superintending Engineer Nabarangpur (R&B) Division, Nabarangpur

Further details can be seen from the **www.tendersodisha.gov.in.**

Sd./- Superintending Engineer Nabarangpur (R&B) Division

OIPR-34143/11/0010/2526

No.O-74
**GOVERNMENT OF ODISHA OFFICE OF THE SUPERINTENDING ENGINEER**
RURAL WORKS DIVISION-II, JAJPUR
rwdivision_jaraka@yahoo.co.in

‘E’ PROCUREMENT NOTICE NO.RWD-II/JJPR-II-01/2025-26, DTD-19.04.2025

1. Name of work : Construction of Road work in the District of Jajpur for the yr. 2024-25
2. Total No. of Work : 1 no. of road works
3. Estimated Cost (Approx) : As indicated against each work in the NIT
4. Period of Completion : As indicated against each work in the NIT
5. Class of contractors : As indicated against each work in the NIT

**Other details as follows :**

a) Procurement officer : Superintending Engineer, Rural Works Division-II, Jajpur at Jarka
b) Availability of tender online & submission of bid : 23.04.2025 at 11.00 A.M. to 30.04.2025 upto 5.00 P.M.
c) Last date & time of seeking of tender clarification : 29.04.2025 upto 5.00 P.M.
d) Opening of Tender (Technical) : 01.05.2025 at 11.30 A.M.

Further details can be seen from the Govt. website www.tendersodisha.gov.in

Sd./- Executive Engineer Rural Works Division-II Jajpur at Jaraka

OIPR-25080/11/0037/2526

**The Odisha State Co-operative Milk Producers’ Federation Limited**
D-2, Sahid Nagar, Bhubaneswar-751007
Ph. NO. : 0674-2546030, 2540273, 2540417, 2540974
E-mail ID : omfed@yahoo.com
www.omfed.com

**E-TENDER NOTICE**

**No.CAD-204 : OMFED** invites sealed offers for engagement of Transporter-cum-Distributor having various carrying capacity of insulated vehicle for the distribution of Milk and Milk products under OMFED Salapada Dairy’s Marketing Route/ Cluster. Interested parties shall have to purchase & submit a complete set of Tender documents, duly signed on each page, indicating their desired commission per Litre of Milk sale, for transportation and distribution of milk and also milk products in Marketing routes/clusters. The tender document can be purchased from the Dairy of OMFED on payment of Rs.560/- only in cash on any working days from dt 23.04.25 to 07.05.25 (up to 2 P.M.) within office hours. The tender document can also be downloaded from the website & be submitted with D.D of Rs.560/- in favour of OMFED payable at Salapada Dairy/Corporate Office Sahid Nagar, towards the cost of Tender paper. Filled in tender paper along with EMD of Rs. 10000/- for Marketing route/cluster along with the required documents/certificates, should reach Salapada Dairy or OMFED Corporate Office latest by dtd.07.05.25 up to 2.00 P.M. and the offer will be opened on the same day at 3.00 P.M. at Salapada Dairy & at OMFED Corporate office on the same date and time in the presence of bidders or their authorized representatives.

For details, please visit the website www.omfed.com. The corrigendum/ amendment to this notice, if required, shall be published only on the OMFED website and will not be published again in the newspaper. OMFED reserves the right to accept or reject any of all the offers without assigning any reason thereof.

OIPR-06063/11/0165/2526 Sd./- Managing Director

**ODISHA HYDRO POWER CORPORATION LTD.**
**O/o. SR. GENERAL MANAGER, HIRAKUD HYDRO ELECTRIC PROJECT**
POST BOX NO.5, BURLA- 768017, DISTRICT: SAMBALPUR (ODISHA), INDIA
PHONE: 0663-2950721 (O), 2950765 (R), E-Mail: srgmhps_burla@yahoo.co.in, CIN: U40101OR1995SGC003963
No.HHEP/Tech-WK-149 (Vol-II) / 2234 Date: 19.04.2025

TENDER CALL NOTICE NO.HHEP-17/2025

**No.CAD-186:** Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed **Manufacturers/ Authorized dealers/ channel partners/ reputed suppliers** providing services as mentioned below.

| Description of Work/Service | Cost of tender paper (Non-refundable) in Rs. | EMD in shape of DD/BC (Refundable) in Rs. | Period of Sale/ download of tender document | Last date & time of receipt of tender document | Date & Time of opening of Techno Commercial Bid |
|---|---|---|---|---|---|
| Design, Manufacture, Supply, Erection, Testing and Commissioning of High Velocity Water Spray system of Fire Protection for Unit-1, Unit-2, Unit-3 & Unit-4, 11/132 KV GT of Burla Power House on Turnkey basis | Rs. 11,800/- (Rs.10000/-+ GST @ 18% | 70570/- | 25.04.2025 (10.00 AM) to 13.05.2025 (01.00 PM) | 14.05.2025 11.00 AM | 14.05.2025 at 11.30 AM |

Further details like tender documents/ terms & conditions (corrigendum/erratum/addendum, if any), please visit our official website www.ohpcltd.com.

OIPR-04007/11/0040/2526 Sd./- C & P Head, HHEP, Burla

INVITATIONS FOR BIDS (IFB) GOVERNMENT OF ODISHA
AGRICULTURE & FARMERS’ EMPOWERMENT DEPARTMENT
**DIRECTORATE OF SOIL CONSERVATION AND WATERSHED DEVELOPMENT, ODISHA, BHUBANESWAR**
**EXECUTIVE ENGINEER (AGRIL.), CENTRAL ZONE, BHUBANESWAR**
e-Procurement Notice
Tender Call Notice No.-3451, Date:21.04.2025
INVITATIONS FOR BIDS THROUGH e-Procurement
Bid Identification No/e-Procurement Notice No.E.E.(A), DSC & WD (O), C/Z-02 of 2024-25

**No.L-08:** Online Bids are invited from intending eligible bidders to carry out six nos. of civil works under the jurisdiction of The Executive Engineer (Agril.), DSC & WD (O) Central Zone, Bhubaneswar, Odisha, for details and other terms and condition of bidding visit the website http://tendersodisha.gov.in.

| Sl. No. | Nos. of the work/ nature of work | Estimated Cost (Rs. in lakh) | Cost of Bid Documents (in Rs.) | EMD | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | 06 (Six) Nos. of Civil Works | Rs.12.00 Lakhs to Rs.46.00 Lakhs | Rs.6000/- | 1% of estimated Cost | A, B, C & D | 90 days to 150 Days |

| | |
|---|---|
| Period of availability of tenders on-line/Date of time of bidding online | 23.04.2025 at 11.00 AM to Date 07.05.2025 upto 5.30 P.M. |
| Submission of hard copies of documents | Dt.08.05.2025 at 10.30 AM to Date 09.05.2025 upto 3.00 P.M. |
| Date of Opening of Tenders | 12.30 PM on Dt.13.05.2025 |
| Venue for Opening | (Board Room Ground Floor Krushi Bhawan), Odisha, Pin:751001 |

OIPR-01039/11/0002/2526 Sd./- Executive Engineer (Agril.), DSC & WD, Central Zone, Bhubaneswar

**OFFICE OF SUPERINTENDING ENGINEER MINOR IRRIGATION DIVISION, CUTTACK**
No.A-60
Letter No. 1844/Dt. 21.04.2025
GOVERNMENT OF ODISHA e-Procurement Notice
Bid Identification No. on line SECMID - 03/2025-26
eemidcuttack@yahoo.co.in

1 Name of work : **Improvement to canal Lining of MIP under Capex in MI Sub-Division Athagarh**
2 Total Number of work : **01 (One) No.**
3 Estimated cost : **Rs.82.54 lakhs**
4 Tender paper Cost (Online) : **Rs. 10,000/-**
5 Bid Security (Online) : As per DTCN
6 Period of Completion : As per DTCN
7 Availability of Bid Document : From **25.04.2025, 10.00 A.M. to 07.05.2025, 5.00 P.M.** in website (www.tendersorissa.gov.in)
8 Last date & Time of receipt : **07.05.2025 at 5.00 P.M.** through online Bid
9 Date of opening of Technical Bid documents : **08.05.2025 - at 11.00 A.M.** in the office of the SE, M.I. Division, Cuttack
10 Date of opening of Financial Bid Documents : **14.05.2025 at 11.00 A.M.** in the office of the SE, M.I. Division, Cuttack
11 Date of Lottery, if required : **17.05.2025 at 12.00 Noon** in the office of the SE, M.I. Division, Cuttack
12 Name and address of the OIT : Superintending Engineer, M.I. Division, Cuttack. P.O. : Nayabazar, Cuttack, Phone : 0671-2443622, PIN CODE : 753004

Further details can be seen from the Government of Odisha Web - Site www.tendersorissa.gov.in

Sd./- Superintending Engineer M.I. Division, Cuttack

OIPR-32121/11/0033/2526

## ଟ୍ରେନରୁ ଖସି ଯୁବକଙ୍କ ମୃତ୍ୟୁ

ଡୁଙ୍ଗୁରିପାଲି,(ଦୀନବନ୍ଧୁ ସୁନା): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିସ୍ଥିତ ସହଲା ରେଲୱେ ଫାଟକ ନିକଟରେ ବୁଧବାର ଅପରାହ୍ନ ୨ଟା୩୦ରେ ବିଶାଖାପାଟଣା-ବନାରସ ଏକ୍ସପ୍ରେସରୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଝାରଖଣ୍ଡ ରାଜ୍ୟ ବୋକାରୁ ଜିଲା ଜରିଡି ଥାନା ଅଜାରୁ ଗ୍ରାମର ପରାୟଗ ସୁରେନ ବୋଲି ଜଣାପଡିଛି। ଖବର ପାଇ ଜିଆରପି ଘଟଣାସ୍ଥଳରେ ପହଞ୍ଚି ପରାୟଗଙ୍କୁ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ଚିକିତ୍ସା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

**ସଂକ୍ଷେପରେ**

## ରବି ଧାନ କ୍ରୟ ବୈଠକ, ମେ ୨୭ରୁ ଧାନକିଣା

**ବୌଦ୍ଧ,୨୩।୪ (ଅଜିତ କୁମାର ବାରିକ):** ବୌଦ୍ଧ ଜିଲାପାଳଙ୍କ ସମ୍ମିଳନୀ ସଭାଗୃହରେ ବୁଧବାର ଜିଲାସ୍ତରୀୟ ଧାନକ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଛି । ବୌଦ୍ଧ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଆୟୋଜିତ ବୈଠକରେ ଜିଲାପାଳ ସୁବ୍ରତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଯୋଗ ଦେଇଥିଲେ। ବିଧାୟକ ପ୍ରଧାନ ମିଲର ଓ ଚାଷୀମାନଙ୍କ ମଧ୍ୟରେ ଭଲ ବୁଝାମଣା ରଖି ଧାନ କ୍ରୟ କରିବା ସହ ଚାଷୀ ଯେପରି ହଇରାଣ ହେବେନି ସେ ନେଇ ଦୃଷ୍ଟି ଦେବାକୁ କହିଥିଲେ। କଣ୍ଟାମାଳ ବିଧାୟକ ଡାଙ୍ଗ ସ୍ୱଚ୍ଛତା ରକ୍ଷା କରି ଧାନ କ୍ରୟ କରିବାକୁ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ଜିଲାରେ ୨୪ ଗୋଟି ପ୍ରାଥମିକ କୃଷି ସମବାୟ ସମିତର ୨୨ ଗୋଟି ଧାନକ୍ରୟ କେନ୍ଦ୍ରରେ ରବି ଧାନ କ୍ରୟ ପାଇଁ ବ୍ୟବସ୍ଥା କରାଯାଇଛି । ଜିଲାରେ ମୋଟ ୬୫୮୬ ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ଜିଲାରେ ମେ ୨୭ରୁ ଧାନ କିଣା ଆରମ୍ଭ ହେବାକୁ ଥିବାବେଳେ ଏହା ଜୁନ ୩୦ ତାରିଖ ପର୍ଯ୍ୟ ଚାଲିବ ।

# ୧୮୮ ମଣ୍ଡିରେ ଚାଲିବ ଧାନକିଣା

**ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ**
- ୧୪ରୁ ବରଗଡ଼ ଜିଲାରେ ରବିଧାନ ସଂଗ୍ରହ ଆରମ୍ଭ
- ଚାଷୀଙ୍କୁ ଯୋଗାଇ ଦିଆଯିବ ଜୁଟ୍ ବ୍ୟାଗ୍


ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ।

**ବରଗଡ଼,୨୩।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଆଗାମୀ ରବି ଧାନ କିଣା ଆରମ୍ଭ କରିବା ପାଇଁ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ ଆଦିତ୍ୟ ଗୋୟଲ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ମେ ମାସ ୧୪ତାରିଖରୁ ଜିଲାରେ ଧାନ ସଂଗ୍ରହ ଆରମ୍ଭ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲାରେ ଏଥର ୧୮୮ ମଣ୍ଡିରେ ଧାନସଂଗ୍ରହ ପ୍ରକ୍ରିୟା ଚାଲିବ। ସପ୍ତାହକ ୬ଦିନ ମଣ୍ଡି ଖୋଲା ରହିବ ଏବଂ ସକାଳ ୬ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଧାନ ସଂଗୃହୀତ ହେବ ବୋଲି ସୂଚନା ଦିଆଯାଇଛି। ସେହିପରି ଏଥର ମଧ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା( ଇନପୁଟ ଆସିଷ୍ଟାଣ୍ଟ ସହିତ) କିଣାଯିବ। କିନ୍ତୁ ଏଥର ପ୍ରତି ଚାଷୀଙ୍କଠାରୁ କେତେ ପରିମାଣର ଧାନ କିଣାଯିବ, ସେ ନେଇ ନିଷ୍ପତ୍ତି ହୋଇପାରି ନାହିଁ। ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ସେହି ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି। ସେହିପରି ଚାଷୀଙ୍କୁ ନିଜ ଧାନ ବିକ୍ରି କରିବା ପାଇଁ ମିଲର୍ସଙ୍କ ତରଫରୁ ପଞ୍ଜିକୃତ ଚାଷୀ ଅନୁଯାୟୀ ପ୍ରତ୍ୟେକ ମଣ୍ଡିରେ ଜୁଟ ବ୍ୟାଗ ଯୋଗାଇ ଦିଆଯିବ। ଏହି ପ୍ରକ୍ରିୟାରେ ବର୍ତ୍ତମାନ ସୁଦ୍ଧା ୯୨୫୦୧ ଜଣ ଚାଷୀ ଧାନ ବିକ୍ରି ପାଇଁ ନିଜ ନାମ ପଞ୍ଜିକରଣ କରିଛନ୍ତି ବୋଲି ସୂଚନା ଦିଆଯାଇଛି। ବୈଠକରେ ଚାଷୀଙ୍କ ସୁବିଧାକୁ ଗୁରୁତ୍ୱ ଦେଇ ସମସ୍ତ ଧାନ ସଂଗ୍ରହ କେନ୍ଦ୍ର ଏବଂ ମଣ୍ଡିରେ ଡିଜିଟାଲ ଆର୍ଦ୍ରତା ମିଟର, ତାରପୋଲିନ, ୱେବ୍ରିଜ, ବିଶ୍ଳେଷଣ କିଟ ଆଦି ଯୋଗାଇବା ସହିତ ପ୍ରତୀକ୍ଷା କକ୍ଷ, ଛାଇ, ପାନୀୟଜଳ, ଲାଇଟ, ପାଇଖାନା, ସିସିଟିଭି ଏବଂ ମୂଲ୍ୟ ପ୍ରଦର୍ଶନ ବୋର୍ଡ ଆଦି ସୁବିଧା ଉପଲବ୍ଧ କରିବା ସହ କାଳବଜାରୀ ରୋକିବା ନିମନ୍ତେ ଜିଲା, ଉପଖଣ୍ଡ ଏବଂ ସମସ୍ତ ମଣ୍ଡି କଣ୍ଟ୍ରୋଲ ରୁମର ଟୋଲ ଫ୍ରି ନମ୍ବରରେ ଆସୁଥିବା ସମସ୍ତ ଅଭିଯୋଗକୁ ଲିପିବଦ୍ଧ କରିସେଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ପଦକ୍ଷେପ ନେବା ଏବଂ ମଣ୍ଡିର ସିସିଟିଭି ଲାଇଭ ଫୁଟେଜକୁ ୨୪ ଘଣ୍ଟା ତଦାରଖ କରିବା ପାଇଁ ଆଲୋଚନା କରାଯାଇଛି। ଏତଦବ୍ୟତୀତ ପ୍ରତ୍ୟେକ ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଦ୍ୱାରା ଡାକବାକ୍ସ ଯନ୍ତ୍ର ଯୋଗେ ଧାନର ଏଫଏକ୍ୟୁ ମାନ ଏବଂ ଇନପୁଟ ସବସିଡି ବିଷୟରେ ଚାଷୀମାନଙ୍କୁ ସଚେତନ କରାଇବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରତିଟି ଆର୍‌ଏମ୍‌ସିର ଅଧକ୍ଷମାନଙ୍କୁ ଗାଁ ଗାଁ ବୁଲି ଚାଷୀମାନଙ୍କ ସହିତ ଉତ୍ତମ ଯୋଗାଯୋଗ ରଖିବାକୁ ନିର୍ଦ୍ଦେଶ ଦେଇ ମଣ୍ଡିକୁ ଧାନ ଆସିବାର ଯଥା ସମୟ ପୂର୍ବରୁ ଚାଷୀମାନଙ୍କୁ ଟୋକନ ଦେବା ବ୍ୟବସ୍ଥା କରିବା, କଳାବଜାରୀ କିମ୍ବା ଅନାବଶ୍ୟକ ଧାନ ପଡ଼ୋଶୀ ଜିଲାକୁ ସ୍ଥାନାନ୍ତରଣ ଭଳି ବେଆଇନ କାର୍ଯ୍ୟଗୁଡ଼ିକୁ ରୋକିବାକୁ ଜିଲାର ସମସ୍ତ ସୀମାଖେଳରେ ପୋଲିସ ମୁତୟନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତଙ୍କ ସମେତ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ, ପଦମପୁର ବିଧାୟିକା ବର୍ଷା ସିଂ ବରିହା ଏବଂ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ଉପସ୍ଥିତ ରହିଥିବା ବେଳେ ଜିଲାପାଳ ଆଦିତ୍ୟ ଗୋୟଲ, ଅତିରିକ୍ତ ଜିଲାପାଳ ମଧୁସୂଦନ ସାହୁ, ପଦମପୁର ଅତିରିକ୍ତ ଜିଲାପାଳ କୃଷ୍ଣାନ ମୋତିରାମ ଚୌହାନ, ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ପଦମପୁର ଉପ ଜିଲାପାଳ ଅରଗୁଲା ସ୍ନେହା, ଆର୍‌ଏମ୍‌ସି କର୍ମକର୍ତ୍ତା, ଜିଲାସ୍ତରୀୟ ଅଧିକାରୀ ଏବଂ ଜିଲା ଯୋଗାଣ ବିଭାଗର ଅଧିକାରୀ ଉପସ୍ଥିତ ରହି ଧାନ ସଂଗ୍ରହ ପାଇଁ ଜିଲାର ପୂର୍ବ ପ୍ରସ୍ତୁତି ଉପସ୍ଥାପନ କରିଥିଲେ।

# ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟଙ୍କ ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ

**ବରଗଡ଼,୨୩।୪(ପ୍ରେମାନନ୍ଦ ଖମାରୀ)**

ଓଡ଼ିଶା ଖାଦ୍ୟ ଆୟୋଗର ସଦସ୍ୟ ଦୟାନିଧି ଦାଶ ଏବଂ ଅକ୍ଷୟ କୁମାର ବେହେରା ବରଗଡ଼ ଜିଲା ଗସ୍ତରେ ଆସିଛନ୍ତି। ଗସ୍ତର ଦ୍ୱିତୀୟ ଦିବସ ବୁଧବାର ଜିଲା ମୁଖ୍ୟ ଡାକ୍ତରଖାନା ସମେତ ବିଜେପୁର ବ୍ଲକ ଅନ୍ତର୍ଗତ ବରମୁଣ୍ଡା ସ୍ଥିତ ଛତୁଆ କେନ୍ଦ୍ର,ଏମ୍. ଶ୍ରୀଗିଡା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର, ପ୍ରାଥମିକ କୃଷି ସମବାୟ ସମିତି, ମୋ ସେବା କେନ୍ଦ୍ର ଓ ବଲଣ୍ଡାଗ୍ରାମର ଆଶ୍ରମ ବିଦ୍ୟାଳୟ(ଛାତ୍ରୀଛାତ୍ର ନିବାସ)କୁ ଅପ୍ରତ୍ୟାଶିତ ଭାବରେ ପରିଦର୍ଶନ କରିଥିଲେ। ପିଲାମାନଙ୍କୁ ବଣ୍ଟନ କରାଯାଉଥିବା ମଧ୍ୟାହ୍ନ ଭୋଜନର ମାନ ତଦାରଖ କରିବା ସହ ଛାତ୍ରୀଛାତ୍ର ନିବାସ ନିରୀକ୍ଷଣ କରିଛନ୍ତି। ଏତଦବ୍ୟତୀତ ଛତୁଆ ପ୍ରସ୍ତୁତି କେନ୍ଦ୍ରର ପରିଦର୍ଶନ କରି ଛତୁଆର ଗୁଣାତ୍ମକମାନ ପରୀକ୍ଷା କରିଥିଲେ। ପିଲାମାନଙ୍କର ଗୁଣାତ୍ମକ ବିକାଶ ନିମନ୍ତେ ଆବଶ୍ୟକୀୟ ସମସ୍ତ ପଦକ୍ଷେପ ନେବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ । ସନ୍ଧ୍ୟା ୫ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ ପୁଷ୍ଟି ପୁନର୍ବାସ କେନ୍ଦ୍ରକୁ ଅପ୍ରତ୍ୟାଶିତ ଭାବରେ ପରିଦର୍ଶନ କରି ପିଲାମାନଙ୍କ ସ୍ୱାସ୍ଥ୍ୟବସ୍ଥା ଖାଦ୍ୟପେୟ ବିଷୟରେ ଭାରପ୍ରାପ୍ତ ଏ.ଏନ୍.ଏମ୍ ସସ୍ମିତା ସାହୁଙ୍କ ସହ ଆଲୋଚନା କରିଥିଲେ। ସଦସ୍ୟଙ୍କ ଗସ୍ତ ସମୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର କିସପାଲ, ଭାରପ୍ରାପ୍ତ ସିଡ଼ିପିଓ ଅମେର୍ସିଏନ ଏକ୍କା, ଗୋଷ୍ଠୀ ଶିକ୍ଷାଧିକାରୀ ବଲ୍ଲଭ ମେହେର, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ଓ ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ମହେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପିଏମ୍ ଶ୍ରୀ ବାଳିକା ବିଦ୍ୟାଳୟର ବାର୍ଷିକୋତ୍ସବ


ବାର୍ଷିକ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ସୋହେଲା,୨୩।୪(ଅଶ୍ୱିନୀ କୁମାର ପାତ୍ର):** ସୋହେଲା ପି ଏମ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର ୪୯ତମ ବାର୍ଷିକୋତ୍ସ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଲୋକସଭା ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟଅତିଥି, ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ ବିଶିଷ୍ଟ ଅତିଥି ଭାବେ, ସୋହେଲା ବିଇଓ ଅମୃତା ସାହୁ ମଞ୍ଚାସିନ ଥିଲେ। ପ୍ରଧାନ ଶିକ୍ଷକ ବିକ୍ରମ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ କ୍ଷୀରୋଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ। ମୋ ସ୍କୁଲ ଅଭିଯାନ ସଭାପତି ରିନୁ ତିବାରି, ସ୍କୁଲ ପରିଚାଳନା କମିଟି ସଭାପତି ସୁମନ୍ତ ପସାୟତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ମିଠାପାଲିରେ ଚବିଶ ପ୍ରହର ନାମଯଜ୍ଞ ଶୁଭାରମ୍ଭ

**ପାଇକମାଳ,୨୩।୪(ବଡ ଶତପଥୀ):** ପାଇକମାଳ ବ୍ଲକ ମିଠାପାଲି ଗାଁରେ ଚବିଶ ପ୍ରହରୀ ଅଖଣ୍ଡ ନାମଯଜ୍ଞ ବୁଧବାର ଶୁଭାରମ୍ଭ ହୋଇଯାଇଛି। ଗାଁର ଶତାଧିକ ପୁରୁଷ ଓ ମହିଳା ନିକଟସ୍ଥ ଝରଣାରୁ ପବିତ୍ର ଜଳ କଳସରେ ଆଣିଏକ ଶୋଭାଯାତ୍ରାରେ ଆସି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। କର୍ତ୍ତା ଭାବରେ ଲିଙ୍ଗରାଜ ସାହୁ ଓ ବୀଣାପାଣି ସାହୁ, ବଳରାମ ସାହୁ ଓ ଡାଳିମ୍ବ ସାହୁ, ନବୀନ ସାହୁ ଓ ଜୟନ୍ତୀ ସାହୁ, ଗୌରହରି ସାହୁ ଓ ତପସିନୀ ସାହୁ, ନବୀନ ସାହୁ ଓ ଜୟନ୍ତୀ ସାହୁ, ନୀଳାମ୍ବର ସାହୁ ଓ ରଶ୍ମିତା ସାହୁ ସାତ ଯୋଡ଼ି ସ୍ୱାମୀ ସ୍ତ୍ରୀ କର୍ତ୍ତା ଭାବରେ ଦାୟିତ୍ୱ ତୁଲାଉ ଥିବା ବେଳେ ମୁଖ୍ୟ ପୂଜକ ଭାବରେ ପଣ୍ଡିତ ମିତ୍ରଭାନୁ ଦେବତା ପୂଜାକାର୍ଯ୍ୟ ସମ୍ପାଦକ କରୁଛନ୍ତି। ଆସନ୍ତା ଶନିବାର ଚବିଶ ପ୍ରହରୀ ନାମ ଯଜ୍ଞ ପୂର୍ଣ୍ଣାହୂତି ହେବ ବୋଲି ଯଜ୍ଞ କମିଟିର ସଭାପତି ତ୍ରିଲୋଚନ ସାହ କହିଛନ୍ତି। ଏଥିରେ ଉପସଭାପତି ଗିତ ବାରିକ, ସମ୍ପାଦକ ପାନାଲାଲ ସେଠ ତଥା ଗ୍ରାମବାସୀ ପରିଚାଳନାରେ ସହଯୋଗ କରୁଛନ୍ତି।

# ପହଲଗାମ୍‌ରେ ପ୍ରାଣ ହରାଇଥିବା ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

**ପଦ୍ମପୁର,୨୩।୪ (ପ୍ରଦୀପ୍ତ ଦାଶ)**


ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ଶ୍ରଦ୍ଧାଞ୍ଜଳି ସଭା।

ବରିଷ୍ଠ ନାଗରିକ ସଂଘ ତରଫରୁ ପହଲଗାମରେ ଆତଙ୍କବାଦୀମାନଙ୍କ ଦ୍ୱାରା ପ୍ରାଣ ହରାଇଥିବା ପର୍ଯ୍ୟଟକମାନଙ୍କ ପାଇଁ ବୁଧବାର ଏକ ଶ୍ରଦ୍ଧାଞ୍ଜଳି ସଭା କରାଯାଇଛି। ସଭାରେ ମୃତ ପର୍ଯ୍ୟଟକମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯିବା ସହିତ ଆହତ ପର୍ଯ୍ୟଟକମାନଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ପ୍ରାରମ୍ଭରେ ସଂଘର ସଂଗଠନ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଶୋକ ପ୍ରସ୍ତାବ ଆଗତ କରିଥିଲେ। ସଂଘର ସଭାପତି ଜୟନାରାୟଣ ତ୍ରିପାଠୀ ଆତଙ୍କବାଦୀମାନଙ୍କ ଏ ଭଳି ବର୍ବୋରଚିତ କାର୍ଯ୍ୟକୁ ନିନ୍ଦା କରିଥିଲେ। ଉକ୍ତ ଶୋକ ସଭାରେ ସଂଘର ବରିଷ୍ଠ ସଦସ୍ୟ ଗୌନ୍ତିଆ କୁମାର ସାହୁ, ପୁରନ୍ଦର ଦୋରା, ସାମାଜିକ କର୍ମୀ ନିରୋଜ ଦୋରା, ଗୋବିନ୍ଦ ପାଣିଗ୍ରାହୀ, ବାସୁଦେବ ଦୋରା, ଅଶରଫ, ବେଣୁମାଧବ ଦୋରା, ବିଦ୍ୟାଧର ଦାଶ, ଶାନ୍ତି ସରୁପ ପୁରୋହିତ, ଜିତେନ୍ଦ୍ର ଗୁରୁ, ସୂର୍ଯ୍ୟନାରାୟଣ ତ୍ରିପାଠୀ, ସନ୍ତୋଷ ମହାନ୍ତି, କାଶୀରାମ ଅଗ୍ରବାଲ, ହିମାଂଶୁ ତ୍ରିପାଠୀ, ଭାସ୍କର ଦାଶ, ବିଷ୍ଣୁ ନାରାୟଣ ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ


ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଚାଷୀ ପ୍ରତିନିଧିଙ୍କ ବିକ୍ଷୋଭ।

**ବରଗଡ଼, ୨୩।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ରବି ଧାନ ସଂଗ୍ରହ ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ହୋଇଥିଲା। ଏହି ବୈଠକରେ ଜିଲାର ଚାଷୀ ପ୍ରତିନିଧିମାନଙ୍କୁ ଉପେକ୍ଷା କରାଯାଇଥିବା ଅଭିଯୋଗ ହୋଇଛି । ଚାଷୀ ସଂଗଠନ ଜୟ କିସାନ ଆନ୍ଦୋଳନ ଏହାର ପ୍ରତିବାଦ କରିଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୈଠକ ଚାଲିଥିବା ସମୟରେ ଜୟ କିସାନ ଆନ୍ଦୋଳନର ପ୍ରତିନିଧିମାନେ ଜିଲାପାଳଙ୍କ ପ୍ରକୋଷ୍ଠ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିକୁ କ୍ଷମତା ନାହିଁ, ମିଟିଂ କରୁଛ କଣ ପାଇଁ, ଡି ଏଲ ପି ସି କୁ କ୍ଷମତା ସମ୍ପନ୍ନ କର, କଟଣି ଛଟଣି ମୁକ୍ତ ଏବଂ ଦଲାଲ ମୁକ୍ତ ମଣ୍ଡି କର, ମଣ୍ଡି ଗୁଡ଼ିକରେ ମିଲରମାନଙ୍କ ହସ୍ତକ୍ଷେପ ବନ୍ଦ କର ଆଦି ନାରାବାଜି ସହିତ ପ୍ରତିବାଦ କରିଥିଲେ। ପୂର୍ବ ସରକାର ଯେପରି ଜିଲା ସ୍ତରୀୟ ଧାନ ସଂଗ୍ରହ କମିଟିକୁ ଅକାମୀ କରିଦେଇ ଧାନ ବିକ୍ରି ବ୍ୟବସ୍ଥାକୁ ବିକେନ୍ଦ୍ରୀକରଣ କରି ସମସ୍ତ ନିଷ୍ପତ୍ତି ଭୁବନେଶ୍ୱରରେ ନେଉଥିଲା, ବର୍ତ୍ତମାନର ସରକାର ମଧ୍ୟ ସେହି ନୀତି ଅନୁସରଣ କରୁଛନ୍ତି। ଫଳରେ ଧାନ ବିକ୍ରି ବ୍ୟବସ୍ଥାରେ କୌଣସି ଫରକ ଦେଖାଯାଉ ନାହିଁ । ବରଂ ଆହୁରି ବ୍ୟାପକ ମାତ୍ରାରେ କଟଣି ଛଟଣି ଓ ଦଲାଲ ମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି ବୋଲି ଜୟ କିସାନ ଆନ୍ଦୋଳନ ଅଭିଯୋଗ କରିଛି। ସେହିପରି ଗ୍ରେନ ଏନାଲାଇଜର୍ ମେଶିନ ଚାଷୀମାନଙ୍କ ମୁଣ୍ଡବ୍ୟଥାର କାରଣ ସାଜିଛି ଏବଂ ଶୋଷଣ କରିବା ପାଇଁ ସହାୟକ ହୋଇଛି। ଏହି ସବୁ ସମସ୍ୟା ଉପରେ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ ପାଇଁ ବୈଠକରେ ଆଲୋଚନା ହେବା କଥା, କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ, ଜିଲାପାଳଙ୍କୁ କୌଣସି କ୍ଷମତା ନ ଦେଇ ଜିଲା ସ୍ତରୀୟ ଧାନ ସଂଗ୍ରହ କମିଟିର ବୈଠକ ଚାଲିଛି ବୋଲି ଜୟ କିସାନ ଆନ୍ଦୋଳନର ସଭାପତି ସୁଶିଲ କୁମାର ସାହୁ କହିଛନ୍ତି। ଯଦି ଆନ୍ତରିକତା ଅଛି, ତାହାହେଲେ ବରଗଡ଼ ଜିଲାର ଜନ ପ୍ରତିନିଧିମାନେ ଏହି ସବୁ ସମସ୍ୟା ବିଧାନସଭାରେ ଉପସ୍ଥାପନ କରନ୍ତୁ ଏବଂ ତୁରନ୍ତ ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଜୟ କିସାନ ଆନ୍ଦୋଳନ ତରଫରୁ ଆହ୍ୱାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଜୟ କିସାନ ଆନ୍ଦୋଳନର ଜିଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ଚଞ୍ଚଳ ପ୍ରଧାନ, ଭେଡେନ ବ୍ଲକ ସଭାପତି ମହେଶ୍ୱର ପ୍ରଧାନ, ବରଗଡ଼ ବ୍ଲକ ସଭାପତି ସରୋଜ ପଧାନ, ସମ୍ପାଦକ ସଦାନନ୍ଦ ସାହୁ, ଅରୁଣ ପ୍ରଧାନ, କୁନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ପଞ୍ଚାୟତ ସମିତି ଅଫିସ୍ ଗୃହ ଉଦ୍‌ଘାଟନ

**ଅତାବିରା,୨୩।୪(ଯୁଧିଷ୍ଠିର ମହାପାତ୍ର):** ଅତାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପ୍ରାଗଂଣରେ ନୂତନ ପଞ୍ଚାୟତ ସମିତିର ସରକାରୀ ଅଫିସ ଗୃହ ଓ ଆଇସିଡିଏସ କାର୍ଯ୍ୟାଳୟର ଶୁଭ ଉଦଘାଟନ ବୁଧବାର ପୂର୍ବାହ୍ନରେ ହୋଇଯାଇଛି । ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଡିଓ ରିପୁନାଥ ସୁନା,ଏବିଡିଓ ଗିରିନ୍ଦ୍ର ସାହୁ, ସମିତି ସଭ୍ୟ ବିଦ୍ୟାଧର ପ୍ରଧାନଙ୍କ ସମେତ ବହୁ ଜନପ୍ରତିନିଧି, ସରକାରୀ କର୍ମଚାରୀ, ଭାଜପା କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ଉପସ୍ଥିତ ଥିଲେ। ଏହି ନୂତନ ପ୍ରତିଷ୍ଠାନ ଗୁଡ଼ିକ ଦ୍ୱାରା ସ୍ଥାନୀୟ ଶାସନ ବ୍ୟବସ୍ଥା ଓ ଶିଶୁ ଓ ମାତୃସ୍ୱାସ୍ଥ୍ୟ ପୋଷଣ ଓ ଶିକ୍ଷାର ବିକାଶ ହୋଇପାରିବ ବୋଲି ବିଧାୟକ ମତପ୍ରକାଶ କରିଥିଲେ।

# ସିମେଣ୍ଟ କାରଖାନାରେ ତାଲା ପକାଇଲେ


ତାଲା ମାରି ଧାରଣାରେ ବସିଛନ୍ତି।

**ବରଗଡ଼,୨୩।୪(ପ୍ରେମାନନ୍ଦ ଖମାରୀ)**

**ସମସ୍ତ ଶ୍ରମିକଙ୍କୁ ଇପିଏଫ କୋଡରେ ଅନ୍ତର୍ଭୁକ୍ତ ଦାବି**

ବରଗଡ଼ ସିମେଣ୍ଟ କାରଖାନାରେ ବୁଧବାର ସ୍ଥାନୀୟ ଲୋକେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ସେମାନଙ୍କ ଦାବି ଏବଂ ସମସ୍ୟା ସମୂହକୁ କାରଖାନା କର୍ତ୍ତୃପକ୍ଷ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ କାରଖାନା ଫାଟକରେ ତାଲା ମାରିବା ସହିତ ଧାରଣାରେ ବସିଥିଲେ। ଠିକା ଶ୍ରମିକ ଆଇନ ଅନୁଯାୟୀ ପଦୋନ୍ନତି ଦେବାକୁ ଦାବି ହୋଇଛି। ପ୍ରତି ୫ବର୍ଷ ବ୍ୟବଧାନରେ ଯେଉଁ ଠିକାଦାର ପଦୋନ୍ନତି ଦେଉ ନାହାନ୍ତି, ସମ୍ପୃକ୍ତ ଠିକାଦାରଙ୍କୁ ବହିଷ୍କାର କରାଯିବା ପାଇଁ ସେମାନେ ଦାବି କରିଛନ୍ତି। ଇପିଏଫରେ ଶ୍ରମିକଙ୍କ ମଧ୍ୟରେ ଭେଦଭାବ ସୃଷ୍ଟି କରାଯାଇଥିବା ଅଭିଯୋଗ ହୋଇଥିଲା। କେତେଜଣ ଶ୍ରମିକଙ୍କୁ ଇପିଏଫ କୋଡରେ ସାମିଲ କରାଯାଇ ଥିବାବେଳେ ଅନେକ ଶ୍ରମିକଙ୍କୁ ସେଥିରୁ ବାଦ ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ଫଳରେ ସମସ୍ତ ଶ୍ରମିକ ମାନଙ୍କୁ ଇପିଏଫ କୋଡରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି ହୋଇଛି । ଏହା ସହିତ ପାରିପାର୍ଶ୍ୱିକ ଉନ୍ନୟନ କାମରେ ଖଲିଆପାଲି, ବର୍ଡୋଲ, କଟାପାଲି, ବରଗାଁ ପଞ୍ଚାୟତରୁ ୨ଜଣ ଲେଖାଏଁ ସଭ୍ୟ ରଖାଯିବା, କମ୍ପାନୀର କୌଣସି ସ୍ଥାୟୀ କର୍ମଚାରୀ ପଦବୀ ଖାଲି ହେଲେ ସେଠାରେ ସ୍ଥାନୀୟ ଯୁବତୀ, ଯୁବକଙ୍କୁ ଅବସ୍ଥାପିତ କରାଯିବା ଏବଂ ପ୍ରତି ପଞ୍ଚାୟତରେ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ କରିବା ପାଇଁ ଦାବି ହୋଇଛି। ଖଲିଆପାଲି ଗ୍ରାମର ରମେଶ ମହାପାତ୍ର, ଜୟପ୍ରକାଶ ସେଟ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।


**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
Bid Identification No.S.E.E.C (R&B) 01/2025-26
No. 1363/Date : 19.04.2025

**No.B-42** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.25.04.2025 at 05.00 P.M. to dt.12.05.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.13.05.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha, BBSR
OIPR-34006/11/0031/2526

GOVERNMENT OF ODISHA
**OFFICE OF THE SUPERINTENDING ENGINEER NABARANGPUR (R&B) DIVISION, NABARANGPUR**
E-mail ID: eerbngpur@yahoo.com, Tel & Fax-06858-222833 (O)
e-Procurement Notice
Bid Identification No.S.E. (R&B)-01/2025-26/NGP
No.2670, Date:21.04.2025

**No.B-48:** Bid Documents consisting of work, Estimated cost, Cost of Tender paper, EMD, Time of completion, Class of Contractors and the set of terms & conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Civil Construction Work as mentioned in DTCN
2. No. of Work : 01 No.
3. Estimated Cost : Rs.87.26 Lakhs
4. Period of Completion : 6 Calendar Months
5. Date & Time of Bidding : From 11.00 hours of 30.04.2025, upto 16.00 hours of 14.05.2025.
6. Last date & time for receipt of bids in portal : 16.00 hours of 14.05.2025
7. Bids received online shall be opened on : 11.00 hours of 15.05.2025
8. Name and address of the officer inviting bid : Superintending Engineer Nabarangpur (R&B) Division, Nabarangpur

Further details can be seen from the **www.tendersodisha.gov.in.**

Sd./- Superintending Engineer
Nabarangpur (R&B) Division
OIPR-34143/11/0010/2526

**GOVERNMENT OF ODISHA** No.O-74
**OFFICE OF THE SUPERINTENDING ENGINEER**
RURAL WORKS DIVISION-II, JAJPUR
rwdivision_jaraka@yahoo.co.in
'E' PROCUREMENT NOTICE NO.RWD-II/JJPR-II-01/2025-26, DTD-19.04.2025

1. Name of work : Construction of Road work in the District of Jajpur for the yr. 2024-25
2. Total No. of Work : 1 no. of road works
3. Estimated Cost (Approx) : As indicated against each work in the NIT
4. Period of Completion : As indicated against each work in the NIT
5. Class of contractors : As indicated against each work in the NIT

**Other details as follows :**
a) Procurement officer : Superintending Engineer, Rural Works Division-II, Jajpur at Jarka
b) Availability of tender online & submission of bid : 23.04.2025 at 11.00 A.M. to 30.04.2025 upto 5.00 P.M.
c) Last date & time of seeking of tender clarification : 29.04.2025 upto 5.00 P.M.
d) Opening of Tender (Technical) : 01.05.2025 at 11.30 A.M.

Further details can be seen from the Govt. website www.tendersodisha.gov.in

Sd./- Executive Engineer
Rural Works Division-II
Jajpur at Jaraka
OIPR-25080/11/0037/2526

**The Odisha State Co-operative Milk Producers' Federation Limited**
omfed www.omfed.com
D-2, Sahid Nagar, Bhubaneswar-751007
Ph. NO. : 0674-2546030, 2540273, 2540417, 2540974
E-mail ID : omfed@yahoo.com

**E-TENDER NOTICE**

**No.CAD-204 : OMFED** invites sealed offers for engagement of Transporter-cum-Distributor having various carrying capacity of insulated vehicle for the distribution of Milk and Milk products under OMFED Salapada Dairy's Marketing Route/ Cluster. Interested parties shall have to purchase & submit a complete set of Tender documents, duly signed on each page, indicating their desired commission per Litre of Milk sale, for transportation and distribution of milk and also milk products in Marketing routes/clusters. The tender document can be purchased from the Dairy of OMFED on payment of Rs.560/- only in cash on any working days from dt 23.04.25 to 07.05.25 (up to 2 P.M.) within office hours. The tender document can also be downloaded from the website & be submitted with D.D of Rs.560/- in favour of OMFED payable at Salapada Dairy/Corporate Office Sahid Nagar, towards the cost of Tender paper. Filled in tender paper along with EMD of Rs. 10000/- for Marketing route/cluster along with the required documents/certificates, should reach Salapada Dairy or OMFED Corporate Office latest by dtd.07.05.25 up to 2.00 P.M. and the offer will be opened on the same day at 3.00 P.M. at Salapada Dairy & at OMFED Corporate office on the same date and time in the presence of bidders or their authorized representatives.

For details, please visit the website www.omfed.com. The corrigendum/ amendment to this notice, if required, shall be published only on the OMFED website and will not be published again in the newspaper. OMFED reserves the right to accept or reject any of all the offers without assigning any reason thereof.

OIPR-06063/11/0165/2526 Sd./- Managing Director

**ODISHA HYDRO POWER CORPORATION LTD.** OHPC
**O/o. SR. GENERAL MANAGER, HIRAKUD HYDRO ELECTRIC PROJECT**
POST BOX NO.5, BURLA- 768017, DISTRICT: SAMBALPUR (ODISHA), INDIA
PHONE: 0663-2950721 (O), 2950765 (R), E-Mail: srgmhps_burla@yahoo.co.in, CIN: U40101OR1995SGC003963
No.HHEP/Tech-WK-149 (Vol-II) / 2234 Date: 19.04.2025

**TENDER CALL NOTICE NO.HHEP-17/2025**

**No.CAD-186:** Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed **Manufacturers/ Authorized dealers/ channel partners/ reputed suppliers** providing services as mentioned below.

| Description of Work/Service | Cost of tender paper (Non-re-fundable) in Rs. | EMD in shape of DD/BC (Refundable) in Rs. | Period of Sale/ download of tender document | Last date & time of receipt of tender document | Date & Time of opening of Techno Commercial Bid |
|---|---|---|---|---|---|
| Design, Manufacture, Supply, Erection, Testing and Com-missioning of High Velocity Water Spray system of Fire Protection for Unit-1, Unit-2, Unit-3 & Unit-4, 11/132 KV GT of Burla Power House on Turnkey basis | Rs. 11,800/- (Rs.10000/-+ GST @ 18% | 70570/- | 25.04.2025 (10.00 AM) to 13.05.2025 (01.00 PM) | 14.05.2025 11.00 AM | 14.05.2025 at 11.30 AM |

Further details like tender documents/ terms & conditions (corrigendum/erratum/addendum, if any), please visit our official website www.ohpcltd.com.
OIPR-04007/11/0040/2526 Sd./- C & P Head, HHEP, Burla

INVITATIONS FOR BIDS (IFB) GOVERNMENT OF ODISHA
AGRICULTURE & FARMERS' EMPOWERMENT DEPARTMENT
**DIRECTORATE OF SOIL CONSERVATION AND WATERSHED DEVELOPMENT, ODISHA, BHUBANESWAR**
**EXECUTIVE ENGINEER (AGRIL.), CENTRAL ZONE, BHUBANESWAR**
**e-Procurement Notice**
Tender Call Notice No.-3451, Date:21.04.2025
INVITATIONS FOR BIDS THROUGH e-Procurement
Bid Identification No/e-Procurement Notice No.E.E.(A), DSC & WD (O), C/Z-02 of 2024-25

**No.L-08:** Online Bids are invited from intending eligible bidders to carry out six nos. of civil works under the jurisdiction of The Executive Engineer (Agril.), DSC & WD (O) Central Zone, Bhubaneswar, Odisha, for details and other terms and condition of bidding visit the website http://tendersodisha.gov.in.

| Sl. No. | Nos. of the work/ nature of work | Estimated Cost (Rs. in lakh) | Cost of Bid Documents (in Rs.) | EMD | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | 06 (Six) Nos. of Civil Works | Rs.12.00 Lakhs to Rs.46.00 Lakhs | Rs.6000/- | 1% of estimated Cost | A, B, C & D | 90 days to 150 Days |

| | |
|---|---|
| Period of availability of tenders on-line/Date of time of bidding online | 23.04.2025 at 11.00 AM to Date 07.05.2025 upto 5.30 P.M. |
| Submission of hard copies of documents | Dt.08.05.2025 at 10.30 AM to Date 09.05.2025 upto 3.00 P.M. |
| Date of Opening of Tenders | 12.30 PM on Dt.13.05.2025 |
| Venue for Opening | (Board Room Ground Floor Krushi Bhawan), Odisha, Pin:751001 |

OIPR-01039/11/0002/2526 Sd./- Executive Engineer (Agril.), DSC & WD, Central Zone, Bhubaneswar

**OFFICE OF SUPERINTENDING ENGINEER MINOR IRRIGATION DIVISION, CUTTACK** No.A-60
Letter No. 1844/Dt. 21.04.2025
GOVERNMENT OF ODISHA e-Procurement Notice
Bid Identification No. on line SECMID - 03/2025-26
eemidcuttack@yahoo.co.in

1 Name of work : **Improvement to canal Lining of MIP under Capex in MI Sub-Division Athagarh**
2 Total Number of work : **01 (One) No.**
3 Estimated cost : **Rs.82.54 lakhs**
4 Tender paper Cost (Online) : **Rs. 10,000/-**
5 Bid Security (Online) : As per DTCN
6 Period of Completion : As per DTCN
7 Availability of Bid Document : From **25.04.2025, 10.00 A.M. to 07.05.2025, 5.00 P.M.** in website (www.tendersorissa.gov.in)
8 Last date & Time of receipt : **07.05.2025 at 5.00 P.M.** through online Bid
9 Date of opening of Technical Bid documents : **08.05.2025 - at 11.00 A.M.** in the office of the SE, M.I. Division, Cuttack
10 Date of opening of Financial Bid Documents : **14.05.2025 at 11.00 A.M.** in the office of the SE, M.I. Division, Cuttack
11 Date of Lottery, if required : **17.05.2025 at 12.00 Noon** in the office of the SE, M.I. Division, Cuttack
12 Name and address of the OIT : Superintending Engineer, M.I. Division, Cuttack. P.O. : Nayabazar, Cuttack, Phone : 0671-2443622, PIN CODE : 753004

Further details can be seen from the Government of Odisha Web - Site www.tendersorissa.gov.in

Sd./- Superintending Engineer
M.I. Division, Cuttack
OIPR-32121/11/0033/2526

# ପାଇପ ବିଛାଗଲା, ପାଣି ଆସିଲାନି

**ସରୁଜି ଜେନାବସ୍ତିରେ ଜଳକଷ୍ଟ**

- ୨୫ରେ ୱାଟ୍‌କୋ ଘେରାଉ ଚେତାବନୀ
- ଜଳଯୋଗାଣ କାର୍ଯ୍ୟାନୁଷ୍ଠାନ ତୁରନ୍ତ ଗ୍ରହଣ କରାଯିବ: ୱାଟ୍‌କୋ ଜିଏମ୍

ରାଉରକେଲା,୨୩।୪(ସଙ୍ଗୀତା ଜେନା)



ଖରାପ ହୋଇ ପଡିଥିବା ନଳକୂପ।

ଇସ୍ପାତ ସହର ରାଉରକେଲାରେ ତାତି ବଢ଼ୁଛି। ଗତ ୪ ଦିନ ହେଲା ସହରର ତାପମାତ୍ରା ୪୨ଡିଗ୍ରୀ ଉପରେ ରହୁଛି। କୋଏଲ ନଦୀ ଏବଂ ଏହାର ଉପନଦୀ ଗୁଡ଼ିକରେ ଜଳସ୍ରୋତ ହ୍ରାସ ପାଇଛି। ନଳକୂପ, କୂଅ ଆଦି ଶୁଖିଯିବାକୁ ବସିଲାଣି। ସହରରେ ପାନୀୟ ଜଳ ଯୋଗାଇବା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଇ ପାଇପ ବିଛା, ପାଣି ମୋଟର ଆଦି ବନ୍ଦୋବସ୍ତ କରାଗଲା। ହେଲେ ତାହା ସଫଳ ହୋଇପାରିଲା ନାହିଁ। ସହରରେ ଅନେକ ବସ୍ତିରେ ପାନୀୟ ଜଳ ସୁବିଧା ହୋଇଥିବା ବେଳେ କୋଏଲନଗର ଭଳି ସମୃଦ୍ଧ ଅଞ୍ଚଳରେ ଥିବା ଜେନାବସ୍ତି ଏଥିରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ୨୦୨୨ ମସିହାରେ ୱାଟକୋ ପକ୍ଷରୁ ବସ୍ତିରେ ରହୁଥିବା ୫ଶହ ବସ୍ତିବାସିନ୍ଦାଙ୍କ ଘରେ ପାଣି ପାଇପ ଖୋଳାଯାଇ ମୋଟର ସଂଯୋଗ କରାଯାଇଥିଲା। ବସ୍ତିବାସିନ୍ଦାଙ୍କୁ ସୁବିଧାରେ ପାଣି ମିଳିବ ବୋଲି ପ୍ରତିଶ୍ରୁତି ମଧ୍ୟ ମିଳିଲା। ଏପରିକି ପ୍ରତ୍ୟେକ ପାଣି ଗ୍ରାହକଙ୍କ ଆଧାରକାର୍ଡ ଲିଙ୍କ ପାଣି ମୋଟର ସହ କରାଗଲା। ଲୋକେ ଏନେଇ ଆଶାବାଦୀ ଥିବା ବେଳେ ପାଣି ଯୋଗାଣ ହେଲାନାହିଁ। ଏନେଇ ଉକ୍ତ ବସ୍ତିବାସୀ ଅନେକ ଥର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଉକ୍ତ ବସ୍ତିରେ ମହିଳା ଓ ପୁରୁଷ ୫ଶହରୁ ଊର୍ଦ୍ଧ୍ୱ ବସବାସ କରନ୍ତି। ଏଠାରେ କେତେଜଣଙ୍କ ବ୍ୟକ୍ତିଗତ କୂଅ ରହିଛି। ଯାହାକି ଫେବୃଆରୀ ମାସ ପ୍ରଥମାର୍ଦ୍ଧରେ ଶୁଖିଯାଇଥାଏ। ଅସ୍ଥାୟୀ ସମାଧାନ ଭାବେ ରାଉରକେଲା ମହାନଗର ନିଗମ ପକ୍ଷରୁ ବସ୍ତିରେ ୨ଟି ଟାଙ୍କି ବସାଯାଇଛି। ସେଥିରେ ଦୈନିକ ପାଣି ଫିଲିଂ କରାଯାଇଥାଏ। ହେଲେ ସେଥିରେ ମଧ୍ୟ ଅନିୟମିତତା ହୋଇଛି। ଏନେଇ ବସ୍ତିବାସୀ ଆସନ୍ତା ୨୫ ତାରିଖରେ ସାମୂହିକ ଭାବେ ୱାଟକୋ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ବସ୍ତିର ବୟୋଜ୍ୟେଷ୍ଠା ମହିଳା ସୁନୀତା ବଡାଇକ କହିଛନ୍ତି, ଆମେମାନେ ଦିନ ମଜୁରିଆ। ଖଟିଲେ ଖାଇବୁ। ୱାଟକୋ ପକ୍ଷରୁ ପାଣିପାଇପ ବସିଲା। ହେଲେ ପାଣି ଟୋପେ ମିଳିଲା ନାହିଁ। ତୁରନ୍ତ ପାଣି ଯୋଗାଣ କରାଯାଉ ବୋଲି ସୁନୀତା କହିଥିଲେ। ସେହିପରି ସାବିତ୍ରୀ ବଡ଼ାଇକ କହିଛନ୍ତି, ଭୋଟ ସମୟରେ ୨୪ ଘଣ୍ଟା ଜଳଯୋଗାଣ ପାଇଁ ପ୍ରତିଶ୍ରୁତି ମିଳିଲା। ହେଲେ ଆଜି ପର୍ଯ୍ୟନ୍ତ ପାଣି ଆସିଲା ନାହିଁ। କୂଅ , ନଳକୂଳ ଶୁଖିଯାଉଛି। ନଳକୂପ କାମ କରୁନି। ବାଧହୋଇ କୋଏଲନଦୀକୁ ଗାଧୋଇବା ଓ ଅନ୍ୟ କାମ କରିବାକୁ ଯିବା ଛଡ଼ା ଅନ୍ୟ ଉପାୟ ନାହିଁ ବୋଲି ସାବିତ୍ରୀ କହିଥିଲେ। ସେହିପରି ଲଳିତା ବଡ଼ାଇକ, ବାସନ୍ତୀ ଲୋହାର, ଅନୀତା ଓରାମ, ଦାସୀ ଓରାମ, ଅମୂଲ୍ୟ ତନ୍ତୀ, ସାଲୋମୀ କେର୍କେଟ୍ଟା, ଗାୟତ୍ରୀ ସାହୁ, ପ୍ରୀତି ସାହୁଙ୍କ ସମେତ ବସ୍ତିବାସୀ ସମାନ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ୱାଟକୋ ଜିଏମ୍ ଅଲେଖ ଦଲେଇଙ୍କୁ ପଚରାଯିବାରୁ ସେ କହିଲେ, ଏନେଇ ଅଭିଯୋଗ ହସ୍ତାନ୍ତର ହୋଇନାହିଁ। ଉକ୍ତ ବସ୍ତିରେ ଜଳଯୋଗାଣ କାର୍ଯ୍ୟାନୁଷ୍ଠାନ ତୁରନ୍ତ ଗ୍ରହଣ କରାଯିବ ବୋଲି ଦଲେଇ କହିଛନ୍ତି।

# ୪ର୍ଥ ସନ୍ଧ୍ୟାରେ ନାଟକ ଭିନ୍ନ ଦୃଷ୍ଟି ମଞ୍ଚସ୍ଥ

ରାଉରକେଲା,୨୩।୪(ବିପ୍ଳବ ରଞ୍ଜନ ଦାଶ)



ନାଟକ ଭିନ୍ନ ଦୃଷ୍ଟିର ଏକ ଦୃଶ୍ୟ।

ରାଉରକେଲାର ୨୫ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ବୁଧବାର ଚତୁର୍ଥ ସନ୍ଧ୍ୟାରେ ଭୁବନେଶ୍ୱର ବିଦ୍ୟାକନକ ସୃଜନା ଅନୁଷ୍ଠାନ ତରଫରୁ ନାଟକ ଭିନ୍ନ ଦୃଷ୍ଟି ମଞ୍ଚସ୍ଥ ହୋଇଯାଇଛି। ନାଟ୍ୟକାର ମନୋଜ ମିଶ୍ରଙ୍କ ରଚିତ, ନିର୍ଦ୍ଦେଶିକା ସୈନିକା ସାହୁଙ୍କ ନିର୍ଦ୍ଦେଶିତ ଏହି ନାଟକର ବିଷୟବସ୍ତୁ ହେଲା ଭିନ୍ନ ଦୃଷ୍ଟି ଏକ ଭିନ୍ନ କଥା କହେ ବେଳେବେଳେ। ଏତେ ଭିନ୍ନ କଥା କହେ ଯେ ବହୁ ପ୍ରତିଷ୍ଠିତ ତଥା ବହୁ ଅନୁମୋଦିତ ଅର୍ଥକୁ ମଧ୍ୟ ଭାଙ୍ଗି ଚୁରମାର କରିଦିଏ। ଏ ଭିନ୍ନ ଦୃଷ୍ଟିରେ ସୃଜନଶୀଳତା ବି ଥାଏ, ଆଉ ସଂହାର ଲୀଳା ବି ଥାଏ। ଏହା ନିର୍ଭର କରେ ବ୍ୟକ୍ତିର ସଂସ୍କାର ଓ ସଂସ୍କୃତି ହିଁ ଅର୍ଥ ଦିଏ ଏଇ ଭିନ୍ନ ଦୃଷ୍ଟିକୁ ବ୍ୟକ୍ତିର ମସ୍ତିସ୍କରେ। ତାପରେ ବ୍ୟକ୍ତି ତିଆରି କରେ ନିଜ ପାଇଁ ଏକ ନୂଆ ରାସ୍ତା। ଏ ରାସ୍ତା ସୃଜନଶୀଳତାର ହେଇପାରେ ନଚେତ ସଂହାର ଲୀଳାର ହେଇପାରେ। ଏହିଭଳି କାହାଣୀକୁ ନେଇ ଗତିଶୀଳ ହୋଇଛି ନାଟକ ଭିନ୍ନ ଦୃଷ୍ଟି। ଏଥିରେ ନବୀନ କୁମାର ପରିଡ଼ା, ଗୋବିନ୍ଦ ମହାପାତ୍ର, ମାନସ କୁମାର ପରିଡ଼ା, ଜଗଦୀଶ ପ୍ରସାଦ ମହାରଣା, ଅମରଦୀପ ମହାନ୍ତି, ଶୁଭଙ୍କର ସାହୁ, ରାକେଶ ଶତପଥୀ, ରାଜେଶ ମଲ୍ଲିଆ, ନୟନ କିଶୋର ଜେନା, ସୈନିକ ସାହୁ, ଶୁଭକାନ୍ତ ପାଢ଼ୀ ପ୍ରମୁଖ ଅଭିନୟ କରିଥିବା ବେଳେ ଏଥିରେ ସହ ନିର୍ଦ୍ଦେଶନା ଦେଇଥିଲେ ମାନସ କୁମାର ପରିଡ଼ା, ଆଲୋକରେ ରାକେଶ ଶତପଥୀ, ମଞ୍ଚ ସଜ୍ଜାରେ ତ୍ରିମୂର୍ତ୍ତି ଆର୍ଟସ ଓ ପ୍ରଳୟ ଶତପଥୀ ସହଯୋଗ କରିଥିଲେ। ବୁଧବାର ନାଟକ ମହୋତ୍ସବରେ ଡ. ସୁଶାନ୍ତ କୁମାର ପାଣି ସଂଯୋଜନା କରିଥିଲାବେଳେ ଉଦ୍‌ଘୋଷକ ଭାବେ ଅଭିନେତା ତଥା ନିର୍ଦ୍ଦେଶକ ଚିନ୍ମୟ ତ୍ରିପାଠୀ ଯୋଗ ଦେଇଥିଲେ। ବରିଷ୍ଠ ସଦସ୍ୟ ମନୋରଞ୍ଜନ ଦାଶ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଏନଏସପିଏଲର ବରିଷ୍ଠ ଅଧିକାରୀ କେ. ସତ୍ୟନାରାୟଣ ଓ କବି ନିଳାଦ୍ରୀ ମହାପାତ୍ର ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ ନାରାୟଣ ପତି, ଡ. କୃପାସିନ୍ଧୁ ନାୟକ, ଭାରତ ଭୂଷଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ନିରୁପମା ପତି ଶ୍ଳୋକ ଉଚ୍ଚାରଣ କରିଥିଲେ। ଶେଷରେ ଗୌତମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ନାଟକର ନିର୍ଦ୍ଦେଶିକା ସୈନିକା ସାହୁଙ୍କୁ ଉପଭୋକ୍ତାଙ୍କ ଛଡ଼ା ତଥା କଳାକାରଙ୍କ ପାଇଁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ରାଜୀବ ପାଣି, ଇଂ. ଗୋପୀନାଥ ପଟ୍ଟନାୟକ, ଡ.ଅଜୟ ମିଶ୍ର, ଅଶୋକ ପଟ୍ଟନାୟକ, ଡ. ସୁମନ ଦତ୍ତ, ବିଜୟ କୁମାର ପାତ୍ର, ଆଲୋକ ଘୋଷ, ସରୋଜକାନ୍ତ ଜେନା, ଅଶ୍ରୁବାଳା ପରିଡ଼ା, ସରୋଜ ଖୁଣ୍ଟିଆ, ସୁଦେଶ ନାୟକ, ରାଜ କୁମାର ମହାନ୍ତି, ପ୍ରଫୁଲ୍ଲ ସେଠ, ବବି ମହାଳିକ, ଗୟାଧର ମହାଳିକ, ଲୋଚନ ପାତ୍ର, ପ୍ରଫୁଲ୍ଲ ସାମଲ, ଗୀତାରାଣୀ ବେହେରା, ଉମାକାନ୍ତ ବିଶୋଇ, ଅଶୋକ ଦୁଙ୍ଗୁରି, ରଶ୍ମି ସାହୁ, ସୁଶାନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ବୈଷୟିକ ଅର୍ଥନୈତିକ ପରିମାପକତାରେ ଆର୍‌ଏସ୍‌ପିର ସର୍ବଶ୍ରେଷ୍ଠ ପ୍ରଦର୍ଶନ

ରାଉରକେଲା,୨୩।୪(ବିପ୍ଳବ ରଞ୍ଜନ ଦାଶ)



ସ୍ଥାୟିତ୍ୱ ଓ କାର୍ଯ୍ୟକ୍ଷମ ଉତ୍କର୍ଷରେ ଦୃଢ଼ ପ୍ରତିବଦ୍ଧତାକୁ ଦେଖାଇ ଆର୍‌ଏସ୍‌ପି ୨୦୨୪-୨୫ ଆର୍ଥିକ ବର୍ଷରେ ବୈଷୟିକ ଅର୍ଥନୈତିକ ପରିମାପକତାରେ ଏହାର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ରେକର୍ଡ କରିଛି। ପ୍ରକ୍ରିୟାର ସର୍ବଶ୍ରେଷ୍ଠ ଉପଯୋଗ ଓ ଦକ୍ଷ ଶକ୍ତି ପରିଚାଳନା ଯୋଗୁ ଏହି ଉତ୍କୃଷ୍ଟ ପ୍ରଦର୍ଶନ ହାସଲ ହୋଇପାରିଛି। ଏହି ପଦକ୍ଷେପଗୁଡ଼ିକ ଇସ୍ପାତ କାରଖାନାର ଉତ୍ପାଦନ ଖର୍ଚ୍ଚ ଏବଂ କାର୍ବନ ଫୁଟ୍ ପ୍ରିଣ୍ଟକୁ ଉଲ୍ଲେଖନୀୟ ହିସାବରେ ହ୍ରାସ କରିବାକୁ ସହାୟ ହୋଇଛି। ଆର୍‌ଏସ୍‌ପି ୨୦୨୪-୨୫ ଆର୍ଥିକ ବର୍ଷରେ ଅଶୋଧିତ ଇସ୍ପାତ ଟନ୍ ପିଛା ସର୍ବନିମ୍ନ ୫.୯୨ ଗିଗା କ୍ୟାଲୋରି ଆପେକ୍ଷିକ ଶକ୍ତି ଉପଯୋଗର ରେକର୍ଡ ହାସଲ ସହିତ ଏହାର ପୂର୍ବ ଶ୍ରେଷ୍ଠ ଅଶୋଧିତ ଇସ୍ପାତ ଟନ ପିଛା ୫.୯୮୪ଗିଗା କ୍ୟାଲୋରିରେ ଉନ୍ନତି ଆଣିଛି। ଜଳ ଉପଯୋଗରେ ମଧ୍ୟ ଏହା ଆଉ ଏକ ନୂତନ ମାନଦଣ୍ଡ ହାସଲ କରିଛି ଏବଂ ଆର୍‌ଏସ୍‌ପି ଗତ ଆର୍ଥିକ ବର୍ଷରେ ଅଶୋଧିତ ଇସ୍ପାତ ଟନ୍ ପିଛା ସର୍ବକାଳୀନ ସର୍ବନିମ୍ନ ୨.୯୮ ଘନମିଟର ଆପେକ୍ଷିକ ଜଳ ଉପଯୋଗ ରେକର୍ଡ ହାସଲ କରିଛି ତଥା ଏହି କ୍ଷେତ୍ରରେ ପୂର୍ବ ଆର୍ଥିକ ବର୍ଷର ଅଶୋଧିତ ଇସ୍ପାତ ଟନ ପିଛା ୩.୦୧ ଘନମିଟରରେ ଉନ୍ନତି ଆଣିଛି। କାରଖାନାର ଶୂନ୍ୟ ତରଳ ନିର୍ଗମନ ପ୍ରୟାସ ଅନ୍ତର୍ଗତ ଟ୍ରିଟମେଣ୍ଟ ସିଷ୍ଟମ -୧ର ସଫଳ କମିଶନିଂ ଏହି ରେକର୍ଡ ହାସଲରେ ସହାୟକ ହୋଇଥିଲା। ଆର୍‌ଏସ୍‌ପିର ବ୍ଲାଷ୍ଟ ଫର୍ଣ୍ଣେସ ଦ୍ୱୟ ହଟ୍ ମେଟାଲ ଟନ୍ ପିଛା ୩୯୧ କିଲୋଗ୍ରାମ କୋକ ହାର ହାସଲ ସହ ନୂତନ କୀର୍ତ୍ତିମାନ ସ୍ଥାପନ କରିଥିଲେ ଏବଂ ହଟ୍ ମେଟାଲ ଟନ୍ ପିଛା ୪୧୫ କିଲୋଗ୍ରାମର ପୂର୍ବ ରେକର୍ଡରେ ଉନ୍ନତି ଆସିଛି। ବ୍ୟକ୍ତିଗତ ଭାବେ ବ୍ଲାଷ୍ଟ ଫର୍ଣ୍ଣେସ-୫ ଓ ବ୍ଲାଷ୍ଟ ଫର୍ଣ୍ଣେସ -୧ ଯଥାକ୍ରମେ ହଟ୍ ମେଟାଲ ଟନ ପିଛା ୩୭୧ କି.ଗ୍ରା. ଏବଂ ୪୩୪ କି.ଗ୍ରା. ସେମାନଙ୍କ ଶ୍ରେଷ୍ଠ କୋର ହାସଲ କରିଛି। ଉତ୍ପାଦକତା ଦୃଷ୍ଟିରୁ ବ୍ଲାଷ୍ଟ ଫର୍ଣ୍ଣେସଗୁଡ଼ିକ ଦୈନିକ ଘନ ମିଟର ପ୍ରତି ୨.୩୧ ଟନ ସପ ଉତ୍ପାଦକତା ହାର ସହିତରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ୨୦୧୬-୧୭ରେ ହାସଲ ହୋଇଥିବା ୨.୦୭ ଟନ୍ ପୂର୍ବ ରେକର୍ଡକୁ ଅତିକ୍ରମ କରିଛି। ଆର୍‌ଏସ୍‌ପି ମଧ୍ୟ ୦.୮୯୬ର ରେକର୍ଡ କୋଇଲା ଏବଂ ଉତ୍ତପ୍ତ ଧାତୁ ଅନୁପାତ ହାସଲ ପୂର୍ବକ ୨୦୨୦-୨୧ ବର୍ଷ ପୂର୍ବଶ୍ରେଷ୍ଠ ୦.୯୩୮କୁ ଅତିକ୍ରମ କରିଛି। ଆର୍‌ଏସ୍‌ପି ମଧ୍ୟ ଅଶୋଧିତ ଇସ୍ପାତ ଟନ ପିଛା ୧୧୦୩ କିଲୋଗ୍ରାମର ମୋଟ ମେଟାଲିକ ଇନ୍‌ପୁଟ ସହ ଗତବର୍ଷର ୧୧୧୩ କି.ଗ୍ରା.ରେ ଉନ୍ନତି ଆଣିଛି। ବିଗତ ମାସଗୁଡିକରେ ବିକ୍ରୟ ଲବ୍ଧରାଶିରେ ତୀବ୍ର ହ୍ରାସ ଏବଂ ଇନ୍‌ପୁଟ ଖର୍ଚ୍ଚରେ କ୍ରମାଗତ ବୃଦ୍ଧି ପରିପ୍ରେକ୍ଷୀରେ ଏହି କାର୍ଯ୍ୟଦକ୍ଷତାରେ ଉନ୍ନତି ସମୟୋଚିତ ଓ ଗୁରୁତ୍ୱପୂର୍ଣ୍ଣ ଥିଲା। ବିଭିନ୍ନ ବିଭାଗରେ ସାମୂହିକ ପ୍ରୟାସ ଦ୍ୱାରା ଆର୍‌ଏସ୍‌ପିର ବିଭିନ୍ନ ବିଭାଗର ସାମୂହିକ ପ୍ରୟାସ କାରଖାନାର କାର୍ଯ୍ୟ ନିପୁଣତା ଓ ସ୍ଥାୟିତ୍ୱ ଦିଗରେ ପ୍ରତିବଦ୍ଧତା, ନମନୀୟତା ଓ ନିରନ୍ତର ଧ୍ୟାନକୁ ଦର୍ଶାଉଛି।

# ୨୫ରେ ବନ୍ଦ ରହିବ କୁକୁଡ଼ା ରେଳ ଫାଟକ

**ବିଭାଗ ଦ୍ୱାରା ହେବ ଉନ୍ନୟନ କାର୍ଯ୍ୟ**

ବନ୍ଧମୁଣ୍ଡା,୨୩।୪(ସୁବ୍ରତ ଦେ)

ହାଓଡା-ମୁମ୍ବାଇ ମୁଖ୍ୟ ରେଳ ମାର୍ଗର ବନ୍ଧମୁଣ୍ଡାରେ ଥିବା ଏ-କ୍ୟାବିନ କୁକୁଡ଼ା ରେଳ ଫାଟକ ୨୫ ଏପ୍ରିଲ ଶୁକ୍ରବାର ସକାଳ ୬ ଟାରୁ ରାତି ୮ଟା ପର୍ଯ୍ୟନ୍ତ ବନ୍ଦ ରହିବ। ୨୫ ଏପ୍ରିଲରେ ବନ୍ଧମୁଣ୍ଡା ରେଳ ୟାର୍ଡରେ ଇଞ୍ଜିନିୟରିଂ ବିଭାଗ ଦ୍ୱାରା ଉନ୍ନୟନ କାର୍ଯ୍ୟ କରାଯିବ। ଏହି କାର୍ଯ୍ୟ ସମୟରେ କୁକୁଡ଼ା ରେଳ ଫାଟକ ୧୪ ଘଣ୍ଟା ପାଇଁ ବନ୍ଦ ରହିବ। ଉଲ୍ଲେଖନୀୟ ଯେ, ରାଉରକେଲା ଏବଂ ବିଶ୍ରା ମଧ୍ୟରେ ଯାତାୟାତ ସମୟରେ କୁକୁଡ଼ା ରେଳ ଫାଟକ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଏପରି ପରିସ୍ଥିତିରେ ୧୪ ଘଣ୍ଟା ପାଇଁ ରେଳ ଫାଟକ ବନ୍ଦ ରହିବା ଯୋଗୁ ଲୋକଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ହେଲେ ଲୋକମାନେ କୁକୁଡ଼ା ରେଳ ଫାଟକ ନିକଟରେ ଥିବା ଜାରା ଟୋଲି ଦେଇ ବନ୍ଧମୁଣ୍ଡାର ଆର୍‌ଏସ୍ କଲୋନି ରାସ୍ତା ହେଇ ରାଉରକେଲା ଯାତ୍ରା କରି ପାରିବେ। ଲୋକଙ୍କୁ ଯାତାୟାତରେ ଅଧିକ ଅସୁବିଧାର ସମ୍ମୁଖୀନ ନ ହେବା ପାଇଁ ସ୍ଥାନୀୟ ଆର୍‌ପିଏଫ୍ ଏବଂ ଜିଆର୍‌ପି କର୍ମଚାରୀମାନେ ବନ୍ଧମୁଣ୍ଡାର ବିଭିନ୍ନ ସ୍ଥାନରେ ଉପସ୍ଥିତ ରହି ଲୋକଙ୍କୁ ପରିବର୍ତ୍ତିତ ରୁଟ୍ ବିଷୟରେ ସୂଚନା ଦେବେ। ଏହାଦ୍ୱାରା ପଥଚାରୀମାନଙ୍କୁ ହଠାତ୍ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ।

# ଇଏସ୍‌ଆଇସି ହସ୍ପିଟାଲ, ସହର ବିକାଶ ପାଇଁ ସ୍ମାରକପତ୍ର

ରାଉରକେଲା,୨୩।୪(ସଙ୍ଗୀତା ଜେନା)

ରାଉରକେଲା ଇଏସ୍‌ଆଇସି ମେଡିକାଲ କଲେଜ, ରାଉରକେଲାକୁ ସ୍ୱତନ୍ତ୍ର ଜିଲା, ଶଙ୍ଖ, କୋଏଲ ତଥା ବ୍ରାହ୍ମଣୀ ନଦୀ ପାର୍ଶ୍ୱାଞ୍ଚଳ ବିକାଶ ପାଇଁ ବୁଧବାର ପୂର୍ବାହ୍ନ ୧୦ଟାରେ ହିନ୍ଦ ମଜଦୁର ସଭା (ଏଚ୍ ଏମ୍ ଏସ୍) ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଚ୍‌ଏମ୍‌ଏସ୍‌ର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ସମ୍ପାଦକ ଦିଗାମ୍ବର ମହାନ୍ତିଙ୍କ ନେତୃତ୍ୱରେ ରଘୁନାଥପାଲୀ ବିଧାୟକଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ରାଉରକେଲା ଇଏସ୍‌ଆଇସି କଲେଜ ଓ ଜରୁରୀକାଳୀନ ମେଡିକାଲ କଲେଜ ପ୍ରତିଷ୍ଠା ଆବଶ୍ୟକତା ରହିଛି। ବିହାର ପାଟନାର ଭିଟା ସ୍ଥିତ ଇଏସ୍‌ଆଇସି ହସ୍ପିଟାଲ, ରାଜସ୍ଥାନ ଅଲୱାର, କର୍ଣ୍ଣାଟକ ଗୁଲବର୍ଗଠାରେ ଥିବା ଏହି ମେଡିକାଲ ହସ୍ପିଟାଲ ଗୁଡ଼ିକରେ ସାଧାରଣ ବର୍ଗ ଲୋକଙ୍କ ସମସ୍ତ ଜରୁରୀ ଡାକ୍ତରୀ ସେବାପ୍ରଦାନ କରାଯାଉଛି। ଏମ୍ପ ପରି ରାଉରକେଲା ଇଏସ୍‌ଆଇସି ମେଡିକାଲ କଲେଜ ଏବଂ ହସ୍ପିଟାଲ ହେଲେ ରାଉରକେଲା ପାଇଁ ଏକ ବରଦାନ ସଦୃଶ ହେବ। ଆବଶ୍ୟକୀୟ ଡାକ୍ତରୀ ସେବା ପାଇଁ କଟକ ଏବଂ ଭୁବନେଶ୍ୱର ଉପରେ ନିର୍ଭରହେବାକୁ ପଡୁଛି। ସେହିପରି ସହର ପାର୍ଶ୍ୱରେ ଥିବା ନଦୀ ପାର୍ଶ୍ୱାଞ୍ଚଳ ବିକାଶ କରାଗଲେ ତାହା ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ଲାଭ କରିବ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ମହେଶ୍ୱର ମହାପାତ୍ର, ରାଜେଶ ଚାନ୍ଦ, ଉମେଶ ଚନ୍ଦ୍ର ମଲ୍ଲିକ, ଉମେଶ ଚନ୍ଦ୍ର ନାୟକ ସମେତ ଅନ୍ୟମାନେ ଏଥିରେ ଉପସ୍ଥିତ ଥିଲେ।

# ବର୍ଜ୍ୟଫୁଲରୁ ବାହାରିଲା ବାୟୋଡେଗ୍ରେଡେବଲ୍ ପ୍ୟାକେଜିଂ ସାମଗ୍ରୀ



ବର୍ଜ୍ୟଫୁଲରୁ ତିଆରି ହୋଇଥିବା ବାୟୋଡେଗ୍ରେଡେବଲ ପ୍ୟାକେଜିଂ ସାମଗ୍ରୀ।

ରାଉରକେଲା,୨୩।୪ (ସଙ୍ଗୀତା ଜେନା)

ସ୍ଥାୟୀ ନବସୃଜନ ପାଇଁ ଏକ ପ୍ରମୁଖ ଉନ୍ନତି ଭାବେ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲା ବର୍ଜ୍ୟ ଫୁଲରୁ ବିକଶିତ କରିଛି ବାୟୋଡେଗ୍ରେଡେବଲ୍ ପ୍ୟାକେଜିଂ ସାମଗ୍ରୀ। ଏନେଇ ଗବେଷକ ଦଳଙ୍କୁ ଗତ ସୋମବାର ଭାରତୀୟ ପେଟେଣ୍ଟ ପ୍ରଦାନ କରାଯାଇଛି। ପୂଜା ଓ ଅନ୍ୟ କାର୍ଯ୍ୟରୁ ଦୈନିକ ବାହାରୁ ଥିବା ବର୍ଜ୍ୟ ଫୁଲରୁ ପ୍ରସ୍ତୁତ ବହୁମୁଖୀ ଜୈବ ଅପଘଟନ ଯୋଗ୍ୟ ପ୍ୟାକେଜିଂ ସାମଗ୍ରୀ ଶୀର୍ଷକ ଉଦ୍ଭାବନ ପ୍ଲାଷ୍ଟିକ ପ୍ରଦୂଷଣ ଏବଂ ଜୈବ ଅଳିଆ ସଂଗ୍ରହର ପ୍ରମୁଖ ବିଶ୍ୱଚିନ୍ତାକୁ ସମାଧାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ରସାୟନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ରାଜକିଶୋର ପଟେଲଙ୍କ ମାର୍ଗଦର୍ଶନରେ ସୌଭିକ ମଣ୍ଡଳ, ରସାୟନ ବିଭାଗର ଏମଏସ୍‌ସି ୨୦୨୩ ବ୍ୟାଚର ସୁଦୀପ୍ତ ପାହାରୀ ଏବଂ ପିଏଚ୍‌ଡ଼ି ସ୍ନାତକ ଡ. ଅଭିଜିତ ବେହେରାଙ୍କ ଗବେଷଣାର ଫଳାଫଳ। ଫୁଲ ଅଳିଆକୁ ଏକ ସ୍ଥାୟୀ, ଅଣବିଷାକ୍ତ ଏବଂ କମ୍ପୋଷ୍ଟବଲ ପ୍ୟାକେଜିଂ ସମାଧାନ ପରିଣତ କରିବା। କେବଳ ରାଉରକେଲା ସହରରେ ଦୈନିକ ପ୍ରାୟ ୨.୫ ଟନ୍ ବ୍ୟବହୃତ ଫୁଲର ଅପଚୟ ହୋଇଥାଏ। ଏନେଇ ପ୍ରଫେସର ପଟେଲ କୁହନ୍ତି, ଏନ୍‌ଆଇଟି ରାଉରକେଲା ଦ୍ୱାରା ବିକଶିତ ଜୈବ ବିକ୍ରୟଯୋଗ୍ୟ ପ୍ୟାକେଜିଂ କୃଷି, ଖାଦ୍ୟ ପ୍ୟାକେଜିଂ, ଦ୍ରୁତଗତିଶୀଳ ଉପଭୋକ୍ତା ସାମଗ୍ରୀ (ଏଫ୍‌ଏମସିଜି), ଖୁଚୁରା, ଲଜିଷ୍ଟିକ ସମେତ ବିଭିନ୍ନ କ୍ଷେତ୍ରରେ ଏହାର ଯାନ୍ତ୍ରିକ ଶକ୍ତି ଏବଂ ଉପଯୁକ୍ତତା ପାଇଁ ଉଲ୍ଲେଖନୀୟ। ଏଥିରେ କୌଣସି ବିଷାକ୍ତ ଅବଶିଷ୍ଟାଂଶ କିମ୍ବା ମାଇକ୍ରୋପ୍ଲାଷ୍ଟିକ କ୍ଷରିତ ହୋଇ ନ ଥାଏ। ଫଳରେ କାର୍ବନ, ନାଇଟ୍ରୋଜେନ୍, ଫସଫରସ୍ ଏବଂ ପୋଟାସିୟମ୍ ଯୁକ୍ତ ପୁଷ୍ଟିକର କମ୍ପୋଷ୍ଟ ସୃଷ୍ଟି କରେ। ପେଟେଣ୍ଟ ପରେ ୨ଟି ବାଣିଜ୍ୟକ କମ୍ପାନୀ ସହ ଆଲୋଚନା କରାଯାଉଛି। ଏହି ସାମଗ୍ରୀ ଆଇଏସଓ ଏବଂ ବିଆଇଏସ୍ ମାନଦଣ୍ଡ ପୂରଣ କରୁଛି। ଯାହାକି ମିଳିତ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣ କରିପାରିବ ବୋଲି ପଟେଲ କହିଥିଲେ।


**OFFICE OF THE**
**SUPERINTENDING ENGINEER, ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
Bid Identification No.S.E.E.C (R&B) 01/2025-26
No. 1363/Date : 19.04.2025

**No.B-42** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.25.04.2025 at 05.00 P.M. to dt.12.05.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.13.05.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha, BBSR
OIPR-34006/11/0031/2526

GOVERNMENT OF ODISHA
**OFFICE OF THE SUPERINTENDING ENGINEER**
**NABARANGPUR (R&B) DIVISION, NABARANGPUR**
E-mail ID: eerbngpur@yahoo.com, Tel & Fax-06858-222833 (O)
**e-Procurement Notice**
Bid Identification No.S.E. (R&B)-01/2025-26/NGP
No.2670, Date:21.04.2025

**No.B-48:**Bid Documents consisting of work, Estimated cost, Cost of Tender paper, EMD, Time of completion, Class of Contractors and the set of terms & conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Civil Construction Work as mentioned in DTCN
2. No. of Work : 01 No.
3. Estimated Cost : Rs.87.26 Lakhs
4. Period of Completion : 6 Calendar Months
5. Date & Time of Bidding : From 11.00 hours of 30.04.2025, upto 16.00 hours of 14.05.2025.
6. Last date & time for receipt of bids in portal : 16.00 hours of 14.05.2025
7. Bids received online shall be opened on : 11.00 hours of 15.05.2025
8. Name and address of the officer inviting bid : Superintending Engineer Nabarangpur (R&B) Division, Nabarangpur

Further details can be seen from the **www.tendersodisha.gov.in.**

Sd./- Superintending Engineer
Nabarangpur (R&B) Division
OIPR-34143/11/0010/2526

**GOVERNMENT OF ODISHA** No.O-74
**OFFICE OF THE SUPERINTENDING ENGINEER**
RURAL WORKS DIVISION-II, JAJPUR
rwdivision_jaraka@yahoo.co.in
'E' PROCUREMENT NOTICE NO.RWD-II/JJPR-II-01/2025-26, DTD-19.04.2025

1. Name of work : Construction of Road work in the District of Jajpur for the yr. 2024-25
2. Total No. of Work : 1 no. of road works
3. Estimated Cost (Approx) : As indicated against each work in the NIT
4. Period of Completion : As indicated against each work in the NIT
5. Class of contractors : As indicated against each work in the NIT

**Other details as follows :**

a) Procurement officer : Superintending Engineer, Rural Works Division-II, Jajpur at Jarka
b) Availability of tender online & submission of bid : 23.04.2025 at 11.00 A.M. to 30.04.2025 upto 5.00 P.M.
c) Last date & time of seeking of tender clarification : 29.04.2025 upto 5.00 P.M.
d) Opening of Tender (Technical) : 01.05.2025 at 11.30 A.M.

Further details can be seen from the Govt. website www.tendersodisha.gov.in

Sd./- Executive Engineer
Rural Works Division-II
Jajpur at Jaraka
OIPR-25080/11/0037/2526

**The Odisha State Co-operative Milk Producers' Federation Limited**
omfed www.omfed.com
D-2, Sahid Nagar, Bhubaneswar-751007
Ph. NO. : 0674-2546030, 2540273, 2540417, 2540974
E-mail ID : omfed@yahoo.com

**E-TENDER NOTICE**

**No.CAD-204 : OMFED** invites sealed offers for engagement of Transporter-cum-Distributor having various carrying capacity of insulated vehicle for the distribution of Milk and Milk products under OMFED Salapada Dairy's Marketing Route/ Cluster. Interested parties shall have to purchase & submit a complete set of Tender documents, duly signed on each page, indicating their desired commission per Litre of Milk sale, for transportation and distribution of milk and also milk products in Marketing routes/clusters. The tender document can be purchased from the Dairy of OMFED on payment of Rs.560/- only in cash on any working days from dt 23.04.25 to 07.05.25 (up to 2 P.M.) within office hours. The tender document can also be downloaded from the website & be submitted with D.D of Rs.560/- in favour of OMFED payable at Salapada Dairy/Corporate Office Sahid Nagar, towards the cost of Tender paper. Filled in tender paper along with EMD of Rs. 10000/- for Marketing route/cluster along with the required documents/certificates, should reach Salapada Dairy or OMFED Corporate Office latest by dtd.07.05.25 up to 2.00 P.M. and the offer will be opened on the same day at 3.00 P.M. at Salapada Dairy & at OMFED Corporate office on the same date and time in the presence of bidders or their authorized representatives.

For details, please visit the website www.omfed.com. The corrigendum/ amendment to this notice, if required, shall be published only on the OMFED website and will not be published again in the newspaper. OMFED reserves the right to accept or reject any of all the offers without assigning any reason thereof.

OIPR-06063/11/0165/2526 Sd./- Managing Director

OHPC
**ODISHA HYDRO POWER CORPORATION LTD.**
**O/o. SR. GENERAL MANAGER, HIRAKUD HYDRO ELECTRIC PROJECT**
POST BOX NO.5, BURLA- 768017, DISTRICT: SAMBALPUR (ODISHA), INDIA
PHONE: 0663-2950721 (O), 2950765 (R), E-Mail: srgmhps_burla@yahoo.co.in, CIN: U40101OR1995SGC003963
No.HHEP/Tech-WK-149 (Vol-II) / 2234 Date: 19.04.2025
**TENDER CALL NOTICE NO.HHEP-17/2025**

**No.CAD-186:** Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed **Manufacturers/ Authorized dealers/ channel partners/ reputed suppliers** providing services as mentioned below.

| Description of Work/Service | Cost of tender paper (Non-re-fundable) in Rs. | EMD in shape of DD/BC (Refundable) in Rs. | Period of Sale/ download of tender document | Last date & time of receipt of tender document | Date & Time of opening of Techno Commercial Bid |
|---|---|---|---|---|---|
| Design, Manufacture, Supply, Erection, Testing and Commissioning of High Velocity Water Spray system of Fire Protection for Unit-1, Unit-2, Unit-3 & Unit-4, 11/132 KV GT of Burla Power House on Turnkey basis | Rs. 11,800/- (Rs.10000/-+ GST @ 18% | 70570/- | 25.04.2025 (10.00 AM) to 13.05.2025 (01.00 PM) | 14.05.2025 11.00 AM | 14.05.2025 at 11.30 AM |

Further details like tender documents/ terms & conditions (corrigendum/erratum/addendum, if any), please visit our official website www.ohpcltd.com.
OIPR-04007/11/0040/2526 Sd./- C & P Head, HHEP, Burla

INVITATIONS FOR BIDS (IFB) GOVERNMENT OF ODISHA
AGRICULTURE & FARMERS' EMPOWERMENT DEPARTMENT
**DIRECTORATE OF SOIL CONSERVATION AND WATERSHED DEVELOPMENT, ODISHA, BHUBANESWAR**
**EXECUTIVE ENGINEER (AGRIL.), CENTRAL ZONE, BHUBANESWAR**
**e-Procurement Notice**
Tender Call Notice No.-3451, Date:21.04.2025
INVITATIONS FOR BIDS THROUGH e-Procurement
Bid Identification No/e-Procurement Notice No.E.E.(A), DSC & WD (O), C/Z-02 of 2024-25

**No.L-08:**Online Bids are invited from intending eligible bidders to carry out six nos. of civil works under the jurisdiction of The Executive Engineer (Agril.), DSC & WD (O) Central Zone, Bhubaneswar, Odisha, for details and other terms and condition of bidding visit the website http://tendersodisha.gov.in.

| Sl. No. | Nos. of the work/ nature of work | Estimated Cost (Rs. in lakh) | Cost of Bid Documents (in Rs.) | EMD | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | 06 (Six) Nos. of Civil Works | Rs.12.00 Lakhs to Rs.46.00 Lakhs | Rs.6000/- | 1% of estimated Cost | A, B, C & D | 90 days to 150 Days |

| | |
|---|---|
| Period of availability of tenders on-line/Date of time of bidding online | 23.04.2025 at 11.00 AM to Date 07.05.2025 upto 5.30 P.M. |
| Submission of hard copies of documents | Dt.08.05.2025 at 10.30 AM to Date 09.05.2025 upto 3.00 P.M. |
| Date of Opening of Tenders | 12.30 PM on Dt.13.05.2025 |
| Venue for Opening | (Board Room Ground Floor Krushi Bhawan), Odisha, Pin:751001 |

OIPR-01039/11/0002/2526 Sd./- Executive Engineer (Agril.), DSC & WD, Central Zone, Bhubaneswar

**OFFICE OF SUPERINTENDING ENGINEER**
**MINOR IRRIGATION DIVISION, CUTTACK** No.A-60
Letter No. 1844/Dt. 21.04.2025
GOVERNMENT OF ODISHA e-Procurement Notice
Bid Identification No. on line SECMID - 03/2025-26
eemidcuttack@yahoo.co.in

1. Name of work : **Improvement to canal Lining of MIP under Capex in MI Sub-Division Athagarh**
2. Total Number of work : **01 (One) No.**
3. Estimated cost : **Rs.82.54 lakhs**
4. Tender paper Cost (Online) : **Rs. 10,000/-**
5. Bid Security (Online) : As per DTCN
6. Period of Completion : As per DTCN
7. Availability of Bid Document : From **25.04.2025, 10.00 A.M. to 07.05.2025, 5.00 P.M.** in website (www.tendersorissa.gov.in)
8. Last date & Time of receipt : **07.05.2025 at 5.00 P.M.** through online Bid
9. Date of opening of Technical Bid documents : **08.05.2025 - at 11.00 A.M.** in the office of the SE, M.I. Division, Cuttack
10. Date of opening of Financial Bid Documents : **14.05.2025 at 11.00 A.M.** in the office of the SE, M.I. Division, Cuttack
11. Date of Lottery, if required : **17.05.2025 at 12.00 Noon** in the office of the SE, M.I. Division, Cuttack
12. Name and address of the OIT : Superintending Engineer, M.I. Division, Cuttack. P.O. : Nayabazar, Cuttack, Phone : 0671-2443622, PIN CODE : 753004

Further details can be seen from the Government of Odisha Web - Site www.tendersorissa.gov.in

Sd./- Superintending Engineer
M.I. Division, Cuttack
OIPR-32121/11/0033/2526

# ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ, ଜନଜୀବନ ଅସ୍ତବ୍ୟସ୍ତ


ପ୍ରଚଣ୍ଡ ଖରାରେ ମୁହଁ ଘୋଡାଇ ଜଣେ ଯୁବତୀ ସ୍କୁଟିରେ ଯାଉଛନ୍ତି।

■ଆଗାମୀ ୨ଦିନ ବଢ଼ିବ ଆହୁରି ତାପମାତ୍ରା
■ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଅଂଶୁଘାତ ରୋଗୀ ଭର୍ତ୍ତି

ସମ୍ବଲପୁର,୨୩।୪(ପ୍ରମୋଦ ବହିଦାର)

ସମ୍ବଲପୁର ସହରରେ ବଢ଼ି ଚାଲିଛି ତାପମାତ୍ରା। ଆଗାମୀ ତିନିଦିନ ସମ୍ବଲପୁରର ତାପମାତ୍ରା ଆହୁରି ବୃଦ୍ଧିପାଇବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବିଗତ ୫ ଦିନ ଧରି ସହରର ତାପମାତ୍ରା ନିରନ୍ତର ବୃଦ୍ଧି ପାଇ ମଙ୍ଗଳବାର ଚଳିତ ବର୍ଷର ସର୍ବୋଚ୍ଚ ୪୪.୭ ଡିଗ୍ରୀରେ ପହଞ୍ଚିଥିଲା। ବୁଧବାର ତାପମାତ୍ରା ୪୩.୮ ରହିଛି। ତେବେ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଆଗାମୀ ୩ ଦିନ ସମଗ୍ର ରାଜ୍ୟରେ ବିଶେଷ କରି ପଶ୍ଚିମାଞ୍ଚଳରେ ଗୀଷ୍ମପ୍ରବାହ ଜାରି ରହିବା ସହିତ ତାପମାତ୍ରା ମଧ୍ୟ ବୃଦ୍ଧି ପାଇବ। ତାପମାତ୍ରା ବୃଦ୍ଧି ଯୋଗୁ ସହରବାସୀ ଚଳନ ବିକଳ ହୋଇ ପଡ଼ିଛନ୍ତି। ପୂର୍ବାହ୍ନ ୧୦ଟାରୁ ଲୋକେ ଘରୁ ବାହାରୁ ନାହାନ୍ତି। ରାସ୍ତାଘାଟ ଶୁନଶାନ ହୋଇଯାଉଛି। ଜରୁରୀ କାର୍ଯ୍ୟ ଥିଲେ ଲୋକେ ଓଦା କପଡା, ଟୋପି, ଛତା ଧରି ରାସ୍ତାରେ ଯାଉଥିବା ଦେଖିବାକୁ ମିଳୁଛି। ଗ୍ରୀଷ୍ମ ପ୍ରବାହ ଜନିତ ପ୍ରବଳ ତାତିରୁ ରକ୍ଷା ପାଇଁ ସହରର ରାସ୍ତାକଡ଼ ସରବତ, ଲସି, ଥଣ୍ଡା, ପଇଡ଼, ଫଳରସ ଦୋକାନ ନିକଟରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବୁଧବାରଠାରୁ ସମସ୍ତ ସ୍କୁଲ କଲେଜ ଆଦି ଶିକ୍ଷାନୁଷ୍ଠାନକୁ ବନ୍ଦ କରି ଦିଆଯାଇଛି। ତେବେ ତାପମାତ୍ର ବୃଦ୍ଧି ଯୋଗୁ ସୋମବାର ସମ୍ବଲପୁର ଜିଲାରେ ଅଂଶୁଘାତରେ ଆକ୍ରାନ୍ତ ୪ ଜଣ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ମାତ୍ର ମଙ୍ଗଳବାର କୌଣସି ନୂତନ ଅଂଶୁଘାତ ମାମଲା ସାମନାକୁ ଆସି ନଥିବା ବେଳେ ବୁଧବାର ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଅଂଶୁଘାତ ରୋଗୀ ଭର୍ତ୍ତି ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହା ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପାଇଁ ଚଳିତ ବର୍ଷର ପ୍ରଥମ ମାମଲା ବୋଲି କୁହାଯାଉଛି। ବର୍ତ୍ତମାନ ସେ ସୁସ୍ଥ ଥିବା କୁହାଯାଉଛି। ଅପରପକ୍ଷରେ ଅଂଶୁଘାତର ମୁକାବିଲା ପାଇଁ ୬ ମାସ ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏଥିପାଇଁ ସ୍ୱାସ୍ଥ୍ୟକର୍ମୀମାନଙ୍କ ସ୍ୱତନ୍ତ୍ର ତାଲିମ ଦିଆଯାଇ ସେମାନଙ୍କୁ ସର୍ବଦା ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି ବୋଲି କହିଛନ୍ତି ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଜାତାରାଣୀ ମିଶ୍ର। ସେ କହିଛନ୍ତି, ଅଂଶୁଘାତ ଜନିତ ରୋଗୀଙ୍କ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ୬ଟି ଶଯ୍ୟା ବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ସ୍ୱତନ୍ତ୍ର କକ୍ଷ ପ୍ରସ୍ତୁତ ହୋଇ ରହିଛି। ସେହିପରି ଜିଲାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଯଥାକ୍ରମେ ଦୁଇଟି ଓ ଗୋଟିଏ ଶଯ୍ୟା ବିଶିଷ୍ଟ ଶୀତତାପ ନିୟନ୍ତ୍ରିତ କକ୍ଷ ପ୍ରସ୍ତୁତ କରାଯାଇଛି। ଏହାସହିତ ଯଥେଷ୍ଟ ପରିମାଣର ବିଶୁଦ୍ଧ ଜଳ, ଓଆର୍‌ଏସ୍ ପାନୀୟ ପାଉଡର, ଆବଶ୍ୟକ ଔଷଧ ମହଜୁଦ ରହିଛି। ଅଂଶୁଘାତ ଜନିତ ଜରୁରିକାଳୀନ ସେବା ପାଇଁ ଆମ୍ବୁଲାନ୍ସ ଓ ସ୍ୱାସ୍ଥ୍ୟକର୍ମୀମାନେ ସର୍ବଦା ପ୍ରସ୍ତୁତ ହୋଇ ରହିଛନ୍ତି। ଆବଶ୍ୟକସ୍ଥଳେ ଅଂଶୁଘାତ ରୋଗୀଙ୍କ ପାଇଁ ଅତିରିକ୍ତ ଶୀତତାପ ନିୟନ୍ତ୍ରିତ କକ୍ଷ ଓ ଶଯ୍ୟାର ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି ଡା. ମିଶ୍ର କହିଛନ୍ତି।


ଜରୁରୀ କାର୍ଯ୍ୟରେ ଛତା ଧରି ଘରୁ ବାହାରିଥିବା ବୃଦ୍ଧ ମହିଳା।

## ପ୍ରତିବାଦ ପରେ କୁଲର ବ୍ୟବସ୍ଥା

**ତାତିରେ ଖାତାଦେଖା ନେଇ ଅସନ୍ତୋଷ**

ସମ୍ବଲପୁର,୨୩।୪(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ବୁଧବାର ୪୩.୮ ରହିଥିଲା। ସରକାରୀ ମହିଳା ମହାବିଦ୍ୟାଳୟ ସେଣ୍ଟରରେ ବିନା ଏସି କୁଲରରେ ପରୀକ୍ଷକମାନେ ଯୁକ୍ତ ୨ ଖାତାଦେଖା ନେଇ ବୁଧବାର ପ୍ରତିବାଦ କରିଥିଲେ। ଦୀର୍ଘ କୋଡିଏ ଦିନ ହେବ ଦୁଇଟି ପର୍ଯ୍ୟାୟରେ ଯୁକ୍ତ ୨ ଖାତାଦେଖା ଚାଲିଥିବା ବେଳେ ବିଗତ କିଛି ଦନ ହେବ ପ୍ରବଳ ରୌଦ୍ରତାପ ଯୋଗୁ ସାଧାରଣ ପଙ୍ଖାରେ ସକାଳ ୯ ରୁ ଅପରାହ୍ଣ ୫ଟା ଯାଏ ଖାତା ଦେଖିବା କଷ୍ଟସାଧ ହୋଇ ପଡିଥିବା ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଅଭିଯୋଗ କରାଯାଇଥିଲା। ଏହାପରେ ଅଧ୍ୟକ୍ଷ ବୁଧବାର ୩ଟି କୁଲର ବ୍ୟବସ୍ଥା କରିଥିଲେ। ଅନ୍ୟପକ୍ଷରେ ଗୁରୁବାରଠାରୁ ଖାତାଦେଖା ସମୟ ମଧ୍ୟ ପରିବର୍ତ୍ତନ କରାଯାଇଛି। ସକାଳ ୬ଟା୩୦ରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା୩୦ ଯାଏ ଚାଲିବ ବୋଲି ସରକାରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ବିକ୍ଷୋଭ

ରେଢ଼ାଖୋଲ,୨୩।୪(ଅନ୍ନପୂର୍ଣ୍ଣା ପୁରୋହିତ)

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ତୋଳାଳି, କର୍ମଚାରୀ ଓ ଶ୍ରମିକଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ଡିଏଫଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସ୍ଥାନୀୟ କଦମ୍ବ ପଡିଆରୁ ରାଜ୍ୟ ସଙ୍ଗଠନ ସମ୍ପାଦକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ କେନ୍ଦୁପତ୍ର ତୋଳାଳି, ଶ୍ରମିକ ଓ କର୍ମଚାରୀ ଏକ ଶୋଭାଯାତ୍ରାରେ ବାହାରି ଡିଏଫଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦୁପତ୍ର ଡିଏଫଓଙ୍କ ଅନୁପସ୍ଥିତିକୁ ନେଇ ବିକ୍ଷୋଭକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏସଡିପିଓ ପ୍ରଶାନ୍ତ କୁମାର ମେହେର, ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ ପହଞ୍ଚି ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ। ପରେ କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ୧୦ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ କେନ୍ଦୁପତ୍ର ତୋଳାଳି ଓ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ବଜେଟପ୍ରାପ୍ତ ୧୦୦ କୋଟି ଟଙ୍କାରୁ ୫୦କୋଟି ଟଙ୍କା କାଟି ଦେବା, ସରକାରୀ ଘୋଷଣା ସତ୍ତ୍ୱେ କନ୍ୟା ବିବାହ ସହାୟତା ବାଢ଼ିଲ, ସର୍ବନିମ୍ନ ମଜୁରି ବୃଦ୍ଧିରେ ବିଳମ୍ବ ଆଦି ଦାବି କରାଯାଇଛି। ବିକ୍ଷୋଭ ସମାବେଶରେ ରେଢ଼ାଖୋଲ ଡିଭିଜନ ସମ୍ପାଦକ କିଶୋର ପ୍ରଧାନ, ଯୁଗ୍ମ ସମ୍ପାଦକ ଉଦ୍ଧବ ତ୍ରିପାଠୀ, ଅନାଦି ସାହୁ, ଆଠମଲ୍ଲିକ ଡିଭିଜନ ଯୁଗ୍ମ ସମ୍ପାଦକ ନବ ମାହାର, ବୁର୍ଦା ସରପଞ୍ଚ ରାଜା ପାଲ, ପ୍ରମୁଖ ଯୋଗଦେଇଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ପଡିଆବାହାଲ,୨୩।୪(ରାଧାମୋହନ ଷଡଙ୍ଗୀ)

ସମ୍ବଲପୁର ଜିଲା ମାନେଶର ବ୍ଲକ ନୂଆଁ ତିହୁରା ପଞ୍ଚାୟତର ପୂର୍ବତନ ସରପଞ୍ଚ ପୀତବାସ ଉଗରଙ୍କ ବୁଧବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୦ ବର୍ଷ ହୋଇଥିଲା। ୨୦୦୭ରୁ ୨୦୧୨ ମସିହା ପର୍ଯ୍ୟନ୍ତ ସେ ନୂଆତିହୁରା ପଞ୍ଚାୟତର ସରପଞ୍ଚ ନିର୍ବାଚିତ ହୋଇଥିଲେ। ସନ୍ଧ୍ୟାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ ପୁଅ ଲକ୍ଷ୍ମୀକାନ୍ତ ଉଗର୍ ମୁଖାଗ୍ନି ଦେଇଥିଲେ।


ଜମ୍ମୁକଶ୍ମୀରର ପହଲଗାମଠାରେ ମଙ୍ଗଳବାର ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ଜଣଙ୍କ ମୃତ୍ୟୁ ଘଟିଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସଦସ୍ୟମାନେ ସମ୍ବଲପୁରରେ ପ୍ରତିବାଦ କରୁଛନ୍ତି ।

## ଜ୍ଞାନ ଆହରଣ ପାଇଁ ପୁସ୍ତକ ପଠନ ଜରୁରୀ


ବିଶ୍ୱ ପୁସ୍ତକ ଦିବସରେ ଅତିଥିମାନେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

**ବିଶ୍ୱ ପୁସ୍ତକ ଦିବସରେ ବକ୍ତୃତା ପ୍ରତିଯୋଗିତା**

ସମ୍ବଲପୁର,୨୩।୪(ବି.ଶଙ୍କର)

ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ବିଶ୍ୱ ପୁସ୍ତକ ଦିବସ ସମ୍ବଲପୁର ସହର ସ୍ଥିତ ଲେଡି ଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ବୁଧବାର ପାଳିତ ହୋଇଯାଇଛି। ସଭାପତି ଡ. ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ସଭାରେ ସର୍ବ ପ୍ରଥମେ କାଶ୍ମୀର ପହଲଗାମଠାରେ ଆତଙ୍କବାଦୀ ଦ୍ୱାରା ୨୮ ଜଣ ପର୍ଯ୍ୟଟକଙ୍କୁ ହତ୍ୟା ଘଟଣାକୁ ନିନ୍ଦା କିବା ସହ ସେମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବିଦ୍ୟାଳୟ ଶିକ୍ଷୟିତ୍ରୀ ଅନୁପମା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ସୁଜିତ କୁମାର ଲୁହା ଓଡ଼ିଶା ସାଂସ୍କୃତିକ ସମାଜର ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଓଡ଼ିଶା ସାଂସ୍କୃତିକ ସମାଜ ପାଠାଗାର ସମିତି ଆବାହକ ଡ. ସତ୍ୟନାରାୟଣ ଠାକୁର ଛାତ୍ରୀଛାତ୍ରମାନଙ୍କର ପୁସ୍ତକ ପଠନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ଓଡ଼ିଶା ସାଂସ୍କୃତିକ ସମାଜର ଆଭିମୁଖ୍ୟ ଓ ଛାତ୍ରୀଛାତ୍ରମାନେ କିପରି ପୁସ୍ତକ ପଠନ ପରିବେ ସେନେଇ ସଚେତନ କରାଇଥିଲେ। ମୁଖ୍ୟବକ୍ତାଭାବେ ଶିକ୍ଷାବିତ୍ ରାଜେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଛାତ୍ର ସମୟରେ ଜ୍ଞାନ ଆହରଣ ପାଇଁ ପୁସ୍ତକ ପଠନର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ ।ସଭାପତି ଡ. ଦାନୀ ଦିନର ମହତ୍ତ୍ୱକୁ ଉପଲବ୍ଧି କରି ତାର ପ୍ରଚାର ଦିଗରେ ପୁସ୍ତକ ମେଳା ଆୟୋଜନବିଷୟରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ବକ୍ତୃତା ପ୍ରତିଯୋଗୀତା ହୋଇଥିଲା। ଜୁନିୟର ବର୍ଗରେ ଆୟୁସି ବେହେରା ପ୍ରଥମ, ଅଦିତି ପ୍ରିୟଦର୍ଶନୀ ନାୟକ ଦ୍ୱିତୀୟ ଓ ସୃଷ୍ଟି ଦଲାଇ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ସିନିୟର ବର୍ଗରେ ତପସ୍ୟା ପ୍ରଧାନ ପ୍ରଥମ, ଗାୟତ୍ରୀ ବାରିକ ଦ୍ୱିତୀୟ ଓ ମୋନାଲିସା ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ସମ୍ବଲପୁର ପବ୍ଲିକ ଲାଇବ୍ରେରିର ପ୍ରତିଷ୍ଠା ଦିବସ

ସମ୍ବଲପୁର,୨୩।୪(ବି.ଶଙ୍କର)

ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ଅନୁଷ୍ଠାନର ୨୩ ତମ ପ୍ରତିଷ୍ଠା ଓ ବିଶ୍ୱ ପୁସ୍ତକ ଦିବସ ବୁଧବାର ପାଳିତ ହୋଇଯାଇଛି' ସଭାରେ ଅନୁଷ୍ଠାନର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଅଧକ୍ଷତା କରି ଉପସ୍ଥିତ ସଭ୍ୟମାନଙ୍କୁ ସ୍ୱାଗତ ଜଣାଇଥିଲେ' ଏଥିସହ ସମ୍ପ୍ରତି ଲାଇବ୍ରେରୀକୁ ଅତ୍ୟାଧୁନିକ କରିବାକୁ ପ୍ରୟାସ ଅବ୍ୟାହତ ଥିବା ସୂଚନା ଦେଇଥିଲେ। ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର ଲାଇବ୍ରେରୀର ଇତିହାସ ଓ ଆର୍ଥିକ ସ୍ଥିତି ଉପରେ ବକ୍ତବ୍ୟ ରଖିଥିଲେ। ଉପସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଉପସ୍ଥିତ ସଭ୍ୟମାନଙ୍କ ମଧ୍ୟରୁ ପ୍ରଫେସର ସେବକ ତ୍ରିପାଠୀ, ପ୍ରଫେସର ମୀନକେତନ ପାଠୀ, ଇଞ୍ଜିନିୟର ସୁଶାନ୍ତ ଗୁରୁ, ଡାକ୍ତର ରମାବଲ୍ଲଭ ମିଶ୍ର, ଅର୍ଜ୍ଜୁନ ରଞ୍ଜନ ପଣ୍ଡା, ପ୍ରଫୁଲ୍ଲ ହୋତା, ପ୍ରଦୀପ ପଣ୍ଡା ଲାଇବ୍ରେରୀର ସର୍ବାଙ୍ଗୀନ ଉନ୍ନତି ଦିଗରେ ବିଭିନ୍ନ ସକାରାତ୍ମକ ପ୍ରସ୍ତାବ ଦେଇଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ପଣ୍ଡା ଲାଇବ୍ରେରୀରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନ କୋଷାଧ୍ୟକ୍ଷ ପୃଥ୍ୱୀରାଜ ମିଶ୍ର, ସଭ୍ୟ ଶିବଶଙ୍କର ଷଡ଼ଙ୍ଗୀ, ଗୋଲକ ବିହାରୀ ମିଶ୍ର, ବିଜୟ କୁମାର ସାହୁ, ସୁନନ୍ଦା ପ୍ରଧାନ ଓ ତୁଷାର ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ପ୍ରତିଷ୍ଠା ଦିବସର ସ୍ମାରକୀ ସ୍ୱରୂପ ଲାଇବ୍ରେରୀ ପରିସରରେ ସଭ୍ୟମାନେ ବୃକ୍ଷରୋପଣ କରିଥିଲେ।

## ଜଳଛତ୍ର, ଘୋଳ ଦହି କେନ୍ଦ୍ର ଉଦ୍‌ଘାଟିତ


ଅତିଥିମାନେ ଥଣ୍ଡା ପାନୀୟ ଜଳ ଓ ଘୋଳ ଦହି କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

ସମ୍ବଲପୁର,୨୩।୪(ବି.ଶଙ୍କର)

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ହୀରାକୁଦ ସ୍ଥିତ ହିଣ୍ଡାଲକୋ ପକ୍ଷରୁ ବିଭିନ୍ନ ପ୍ରକାର ଜନହିତକର କାର୍ଯ୍ୟ ହାତକୁ ନେଇଛି। ବୁଧବାର ହୀରାକୁଦ ୟୁନିଟ୍ ମୁଖ୍ୟ ଦେବାଶିଷ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ହିଣ୍ଡାଲକୋ ପାରିପାର୍ଶିକ ଉନ୍ନୟନ ବିଭାଗ ପକ୍ଷରୁ ଜନସାଧାରଣ ଓ ପଥଚାରୀଙ୍କ ନିମନ୍ତେ ଥଣ୍ଡା ପାନୀୟ ଜଳ ଓ ଘୋଳଦହି କେନ୍ଦ୍ର ଖୋଲା ଯାଇଛି। ହୀରାକୁଦ ପୋଲିସ ଷ୍ଟେସନ ସମ୍ମୁଖସ୍ଥ ହୀରାକୁଦ-ରେମେଡ ମୁଖ୍ୟ ରାସ୍ତାରେ ଏହି କେନ୍ଦ୍ର ଚଳିତ ଗ୍ରୀଷ୍ମ ପ୍ରବାହ ଶେଷ ହେବା ପର୍ଯ୍ୟନ୍ତ ଚାଲୁ ରହିବ । ଏହି କେନ୍ଦ୍ରକୁ ହିଣ୍ଡାଲକୋ ଓଡିଶା କ୍ଲଷ୍ଟର ଓ ଖଣି ମାନବ ସମ୍ବଳ ମୁଖ୍ୟ ଡ. କ୍ରୀଷ୍ଣା ପାଢ଼ୀ ଏବଂ ହୀରାକୁଦ କଂପ୍ଲେକ୍ସ ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ ମିଳିତଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ନରସିଂହ ଅଗ୍ରୱାଲ, ଏତୁଆ ଖଡିଆ, ମନୋଜ କୁମାର ସ୍ୱାଇଁ, ଉମା ଗଉଡ, ଗଜେନ୍ଦ୍ର ବେହେରା, ହିଣ୍ଡାଲକୋର ସିଏସଆର ମୁଖ୍ୟ ସୁକାନ୍ତ ମହାପାତ୍ର, ମୁଖ୍ୟ ପ୍ରଶାସକ ରାଜ ସିଂ, ବିନୟ କୁମାର ଦାସ, ସିଏସଆର ପରିଚାଳକ ଆନନ୍ଦ ଚକ୍ରବର୍ତ୍ତି, କର୍ମଚାରୀ, ସ୍ୱେଚ୍ଛାସେବୀ, ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା, ହୀରାକୁଦ ବରିଷ୍ଠ ନାଗରିକ ସଂଘର ସଦସ୍ୟ ଓ ମହିଳା ସ୍ୱୟଂ ସହାୟତା ଗୋଷ୍ଠୀର ସଭ୍ୟାମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସିଏସଆର ବିଭାଗ କର୍ମକର୍ତ୍ତା ଜୟଶ୍ରୀ ରାଓ, ସରୋଜ କୁମାର ଆଚାର୍ଯ୍ୟ, ମିଳନ କୁମାର ସାହୁ, ସନ୍ତୋଷ କୁମାର ତ୍ରିପାଠୀ ପରିଚାଳନା କରିଥିଲେ।


**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
Bid Identification No.S.E.E.C (R&B) 01/2025-26
No. 1363/Date : 19.04.2025

**No.B-42** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.25.04.2025 at 05.00 P.M. to dt.12.05.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.13.05.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha, BBSR
OIPR-34006/11/0031/2526

GOVERNMENT OF ODISHA
**OFFICE OF THE SUPERINTENDING ENGINEER NABARANGPUR (R&B) DIVISION, NABARANGPUR**
E-mail ID: eerbngpur@yahoo.com, Tel & Fax-06858-222833 (O)
e-Procurement Notice
Bid Identification No.S.E. (R&B)-01/2025-26/NGP
No.2670, Date:21.04.2025

**No.B-48:** Bid Documents consisting of work, Estimated cost, Cost of Tender paper, EMD, Time of completion, Class of Contractors and the set of terms & conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Civil Construction Work as mentioned in DTCN
2. No. of Work : 01 No.
3. Estimated Cost : Rs.87.26 Lakhs
4. Period of Completion : 6 Calendar Months
5. Date & Time of Bidding : From 11.00 hours of 30.04.2025, upto 16.00 hours of 14.05.2025.
6. Last date & time for receipt of bids in portal : 16.00 hours of 14.05.2025
7. Bids received online shall be opened on : 11.00 hours of 15.05.2025
8. Name and address of the officer inviting bid : Superintending Engineer Nabarangpur (R&B) Division, Nabarangpur

Further details can be seen from the **www.tendersodisha.gov.in.**

Sd./- Superintending Engineer
Nabarangpur (R&B) Division
OIPR-34143/11/0010/2526

**GOVERNMENT OF ODISHA** No.O-74
**OFFICE OF THE SUPERINTENDING ENGINEER**
RURAL WORKS DIVISION-II, JAJPUR
rwdivision_jaraka@yahoo.co.in
'E' PROCUREMENT NOTICE NO.RWD-II/JJPR-II-01/2025-26, DTD-19.04.2025

1. Name of work : Construction of Road work in the District of Jajpur for the yr. 2024-25
2. Total No. of Work : 1 no. of road works
3. Estimated Cost (Approx) : As indicated against each work in the NIT
4. Period of Completion : As indicated against each work in the NIT
5. Class of contractors : As indicated against each work in the NIT

**Other details as follows :**

a) Procurement officer : Superintending Engineer, Rural Works Division-II, Jajpur at Jarka
b) Availability of tender online & submission of bid : 23.04.2025 at 11.00 A.M. to 30.04.2025 upto 5.00 P.M.
c) Last date & time of seeking of tender clarification : 29.04.2025 upto 5.00 P.M.
d) Opening of Tender (Technical) : 01.05.2025 at 11.30 A.M.

Further details can be seen from the Govt. website www.tendersodisha.gov.in

Sd./- Executive Engineer
Rural Works Division-II
Jajpur at Jaraka
OIPR-25080/11/0037/2526

**The Odisha State Co-operative Milk Producers' Federation Limited**
omfed www.omfed.com
D-2, Sahid Nagar, Bhubaneswar-751007
Ph. NO. : 0674-2546030, 2540273, 2540417, 2540974
E-mail ID : omfed@yahoo.com

**E-TENDER NOTICE**

**No.CAD-204 : OMFED** invites sealed offers for engagement of Transporter-cum-Distributor having various carrying capacity of insulated vehicle for the distribution of Milk and Milk products under OMFED Salapada Dairy's Marketing Route/ Cluster. Interested parties shall have to purchase & submit a complete set of Tender documents, duly signed on each page, indicating their desired commission per Litre of Milk sale, for transportation and distribution of milk and also milk products in Marketing routes/clusters. The tender document can be purchased from the Dairy of OMFED on payment of Rs.560/- only in cash on any working days from dt 23.04.25 to 07.05.25 (up to 2 P.M.) within office hours. The tender document can also be downloaded from the website & be submitted with D.D of Rs.560/- in favour of OMFED payable at Salapada Dairy/Corporate Office Sahid Nagar, towards the cost of Tender paper. Filled in tender paper along with EMD of Rs. 10000/- for Marketing route/cluster along with the required documents/certificates, should reach Salapada Dairy or OMFED Corporate Office latest by dtd.07.05.25 up to 2.00 P.M. and the offer will be opened on the same day at 3.00 P.M. at Salapada Dairy & at OMFED Corporate office on the same date and time in the presence of bidders or their authorized representatives.

For details, please visit the website www.omfed.com. The corrigendum/ amendment to this notice, if required, shall be published only on the OMFED website and will not be published again in the newspaper. OMFED reserves the right to accept or reject any of all the offers without assigning any reason thereof.

OIPR-06063/11/0165/2526 Sd./- Managing Director

**ODISHA HYDRO POWER CORPORATION LTD.**
OHPC
**O/o. SR. GENERAL MANAGER, HIRAKUD HYDRO ELECTRIC PROJECT**
POST BOX NO.5, BURLA- 768017, DISTRICT: SAMBALPUR (ODISHA), INDIA
PHONE: 0663-2950721 (O), 2950765 (R), E-Mail: srgmhps_burla@yahoo.co.in, CIN: U40101OR1995SGC003963
No.HHEP/Tech-WK-149 (Vol-II) / 2234 Date: 19.04.2025

**TENDER CALL NOTICE NO.HHEP-17/2025**

**No.CAD-186:** Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed **Manufacturers/ Authorized dealers/ channel partners/ reputed suppliers** providing services as mentioned below.

| Description of Work/Service | Cost of tender paper (Non-re-fundable) in Rs. | EMD in shape of DD/BC (Refundable) in Rs. | Period of Sale/ download of tender document | Last date & time of receipt of tender document | Date & Time of opening of Techno Commercial Bid |
|---|---|---|---|---|---|
| Design, Manufacture, Supply, Erection, Testing and Commissioning of High Velocity Water Spray system of Fire Protection for Unit-1, Unit-2, Unit-3 & Unit-4, 11/132 KV GT of Burla Power House on Turnkey basis | Rs. 11,800/- (Rs.10000/-+ GST @ 18% | 70570/- | 25.04.2025 (10.00 AM) to 13.05.2025 (01.00 PM) | 14.05.2025 11.00 AM | 14.05.2025 at 11.30 AM |

Further details like tender documents/ terms & conditions (corrigendum/erratum/addendum, if any), please visit our official website www.ohpcltd.com.

OIPR-04007/11/0040/2526 Sd./- C & P Head, HHEP, Burla

INVITATIONS FOR BIDS (IFB) GOVERNMENT OF ODISHA
AGRICULTURE & FARMERS' EMPOWERMENT DEPARTMENT
**DIRECTORATE OF SOIL CONSERVATION AND WATERSHED DEVELOPMENT, ODISHA, BHUBANESWAR**
**EXECUTIVE ENGINEER (AGRIL.), CENTRAL ZONE, BHUBANESWAR**
e-Procurement Notice
Tender Call Notice No.-3451, Date:21.04.2025
INVITATIONS FOR BIDS THROUGH e-Procurement
Bid Identification No/e-Procurement Notice No.E.E.(A), DSC & WD (O), C/Z-02 of 2024-25

**No.L-08:** Online Bids are invited from intending eligible bidders to carry out six nos. of civil works under the jurisdiction of The Executive Engineer (Agril.), DSC & WD (O) Central Zone, Bhubaneswar, Odisha, for details and other terms and condition of bidding visit the website http://tendersodisha.gov.in.

| Sl. No. | Nos. of the work/ nature of work | Estimated Cost (Rs. in lakh) | Cost of Bid Documents (in Rs.) | EMD | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | 06 (Six) Nos. of Civil Works | Rs.12.00 Lakhs to Rs.46.00 Lakhs | Rs.6000/- | 1% of estimated Cost | A, B, C & D | 90 days to 150 Days |

| | |
|---|---|
| Period of availability of tenders on-line/Date of time of bidding online | 23.04.2025 at 11.00 AM to Date 07.05.2025 upto 5.30 P.M. |
| Submission of hard copies of documents | Dt.08.05.2025 at 10.30 AM to Date 09.05.2025 upto 3.00 P.M. |
| Date of Opening of Tenders | 12.30 PM on Dt.13.05.2025 |
| Venue for Opening | (Board Room Ground Floor Krushi Bhawan), Odisha, Pin:751001 |

OIPR-01039/11/0002/2526 Sd./- Executive Engineer (Agril.), DSC & WD, Central Zone, Bhubaneswar

**OFFICE OF SUPERINTENDING ENGINEER MINOR IRRIGATION DIVISION, CUTTACK** No.A-60
Letter No. 1844/Dt. 21.04.2025
GOVERNMENT OF ODISHA e-Procurement Notice
Bid Identification No. on line SECMID - 03/2025-26
eemidcuttack@yahoo.co.in

1. Name of work : **Improvement to canal Lining of MIP under Capex in MI Sub-Division Athagarh**
2. Total Number of work : **01 (One) No.**
3. Estimated cost : **Rs.82.54 lakhs**
4. Tender paper Cost (Online) : **Rs. 10,000/-**
5. Bid Security (Online) : As per DTCN
6. Period of Completion : As per DTCN
7. Availability of Bid Document : From **25.04.2025, 10.00 A.M. to 07.05.2025, 5.00 P.M.** in website (www.tendersorissa.gov.in)
8. Last date & Time of receipt : **07.05.2025 at 5.00 P.M.** through online Bid
9. Date of opening of Technical Bid documents : **08.05.2025 - at 11.00 A.M.** in the office of the SE, M.I. Division, Cuttack
10. Date of opening of Financial Bid Documents : **14.05.2025 at 11.00 A.M.** in the office of the SE, M.I. Division, Cuttack
11. Date of Lottery, if required : **17.05.2025 at 12.00 Noon** in the office of the SE, M.I. Division, Cuttack
12. Name and address of the OIT : Superintending Engineer, M.I. Division, Cuttack. P.O. : Nayabazar, Cuttack, Phone : 0671-2443622, PIN CODE : 753004

Further details can be seen from the Government of Odisha Web - Site www.tendersorissa.gov.in

Sd./- Superintending Engineer
M.I. Division, Cuttack
OIPR-32121/11/0033/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବେଙ୍ଗାଲୁରୁକୁ ନକ୍‌ଆଉଟ କଲା ଇଷ୍ଟର କାଶୀ



ମ୍ୟାଚ ଜିତିବାପରେ ଉଲ୍ଲସିତ ଇଷ୍ଟର କାଶୀ ଦଳର ଖେଳାଳିମାନେ। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର, ୨୩।୪(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍‌ରେ ବୁଧବାର ହଟ୍ ଫେଭରାଇଟ ବେଙ୍ଗାଲୁରୁ ଏଫ୍‌ସିକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛି ଦ୍ୱିତୀୟ ଡିଭିଜନ୍ କ୍ଲବ ଇଷ୍ଟର କାଶୀ। ନିର୍ଦ୍ଧାରିତ ସମୟ ଖେଳ ୧-୧ ଗୋଲରେ ବରାବର ରହିବାପରେ ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଇଷ୍ଟର କାଶୀ ୫-୩ରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଖେଳ ଆରମ୍ଭରୁ ଇଷ୍ଟର କାଶି ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ତାରକାଖଚିତ ବେଙ୍ଗାଲୁରୁ ଏଫସି ଗୋଲ ଦେବାରେ ସକ୍ଷମ ନ ହେବାରୁ ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ରହିଥିଲା। ୬୧ତମ ମିନିଟ୍‌ରେ ର୍‍ୟାନ ୱାଲେ ୱିଲିୟମ୍ସ ଏକ ଗୋଲ ଦେଇ ବେଙ୍ଗାଲୁରୁକୁ ଅଗ୍ରଣୀ କରାଇଥିଲେ। ପରେ ଚାପର ବଶବର୍ତ୍ତୀ ହୋଇଥିଲେ ହେଁ ଇଷ୍ଟର କାଶି ଶେଷପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଥିଲା। ଏହାର ସୁଫଳ ମିଳିଥିଲା। ୮୭ତମ ମିନିଟ୍‌ରେ ମାଟିଜା ବୋବୋଭିକ୍ ଗୋଲ ପରିଶୋଧ କରିବାରୁ ମ୍ୟାଚରେ ରୋମାଞ୍ଚ ଭରିଯାଇଥିଲା। ଇଷ୍ଟର କାଶୀ ଖେଳାଳିଙ୍କ ମନୋବଳ ଏତେ ଉଚ୍ଚା ହୋଇଯାଇଥିଲା ଯେ, ସେମାନେ ପେନାଲ୍ଟି ଶୁଟ୍‌ଆଉଟ ପର୍ଯ୍ୟାୟରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଥିଲେ। ବିପଜ୍ଜନକ ପ୍ରଦର୍ଶନ ପାଇଁ ମ୍ୟାଚ୍‌ର ୫୧ତମ ମିନିଟରେ ବେଙ୍ଗାଲୁରୁ ଏଫ୍‌ସିର ନାଇରେମ ରୋଶନ ସିଂ, ୭୩ତମ ମିନିଟରେ ଆଲବର୍ଟୋ ନଗୁଏରା ରିପୋଲ ଓ ୮୦ତମ ମିନିଟରେ ସୁରେଶ ସିଂ ୱାଙ୍ଗଜାମ ୟେଲୋ କାର୍ଡ ପାଇବା ଥିଲା ମ୍ୟାଚ୍‌ର ଅନ୍ୟତମ ଉଲ୍ଲେଖନୀୟ ଘଟଣା। ପୂରା ମ୍ୟାଚ୍‌ରେ ପ୍ରଭାବୀ ପ୍ରଦର୍ଶନ ପାଇଁ ଇଷ୍ଟର କାଶୀର ନିକୋଲା ଷ୍ଟୋଜାନୋଭିକ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ୟୁନିୟନ ସ୍ପୋର୍ଟିଂ କ୍ଲବ୍ ସେମିଫାଇନାଲରେ

ଭୁବନେଶ୍ୱର, ୨୩।୪ (ତପନ ସ୍ୱାଇଁ)

**ଫୁଲବେରୀ ଟୁଇନ୍ ସିଟି ଟି୨୦ କ୍ରିକେଟ**

କଟକ ଜଗତ୍‌ପୁରସ୍ଥିତ ନିମପୁର ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଚାଲିଥିବା ଫୁଲବେରୀ ଟ୍ୱିନ ସିଟି ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ଅନ୍ତିମ କ୍ୱାର୍ଟର ଫାଇନାଲରେ ସୋଲାର କ୍ରିକେଟ କ୍ଲବକୁ ୯୯ ରନରେ ହରାଇ ୟୁନିୟନ ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୟୁନିୟନ ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୦୦ ରନ କରିଥିଲା। ଅରବିନ୍ଦ ସିଂ ମାତ୍ର ୫୩ ବଲ୍‌ରୁ ଶତକ (୧୧୦) ହାସଲ କରିବାରୁ ଦଳ ବଡ଼ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ବିପକ୍ଷ ଦଳର ସୌଭାଗ୍ୟ ରାଉତ ୨ଟି ଉଇକେଟ ନେଇଥିଲେ। ୨୦୧ ରନ ବିଜୟ ଲକ୍ଷ୍ୟରେ ସୋଲାର ୧୦୧ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଶୁଭଙ୍କର ବିଶ୍ୱାସ ସର୍ବାଧିକ ୩୯ ରନ କରି ପାରିଥିଲେ। ବିଜୟୀ ଦଳର ଶୋଭନଦେବ ବେହେରା ୩ଟି ଏବଂ ବିନାୟକ ସାହୁ ୨ଟି ଉଇକେଟ ନେଇଥିଲେ। ଅମ୍ପାୟର ସତ୍ୟବ୍ରତ ମହାପାତ୍ର ଓ ରଣଜିତ ମହାରଣା ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଥିଲେ ପ୍ରଶାନ୍ତ କୁମାର ବେହେରା ଓ ସୁନୀଲ କୁମାର ରାଉଳ। ବିସ୍ଫୋରକ ଶତକୀୟ ଇନିଂସ ପାଇଁ ଅରବିନ୍ଦ ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶିଳ୍ପପତି ଆଦିତ୍ୟ ପରିଡ଼ା ଓ ସତ୍ୟବାନ ରାଉତରାୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲ ନିମପୁର ସ୍ପୋର୍ଟ୍ସ କ୍ଲବ ଓ ୟୁନିୟନ ସ୍ପୋର୍ଟିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।



ଅରବିନ୍ଦ ସିଂଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

**କଳିଙ୍ଗ ସୁପର କପ୍**

(ଆଜିର ମ୍ୟାଚ୍)

ନର୍ଥ ଇଷ୍ଟ ୟୁନାଇଟେଡ୍
ବନାମ୍
ମହମ୍ମଡାନ ସ୍ପୋର୍ଟିଂ
ସମୟ: ଅପରାହ୍ନ ୪.୩୦

ଜାମଶେଦ୍‌ପୁର ଏଫ୍‌ସି
ବନାମ୍
ହାଇଦ୍ରାବାଦ ଏଫ୍‌ସି
ସମୟ: ରାତି ୮.୦୦
ସ୍ଥାନ: କଳିଙ୍ଗ ଷ୍ଟାଡିୟମ

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ୩

# ମାଇକେଲ କିଣ୍ଡୋ ସ୍ମାରକୀ ଜୁନିୟର ହକି ୨୫ରୁ

ଭୁବନେଶ୍ୱର, ୨୩।୪ (ତପନ ସ୍ୱାଇଁ)

ହକି କିମ୍ବଦନ୍ତି ମାଇକେଲ କିଣ୍ଡୋଙ୍କ ନାମରେ ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଛି ଏକ ଜୁନିୟର ହକି ପ୍ରତିଯୋଗିତା। ଭୁବନେଶ୍ୱର ହକି କ୍ଲବ (ବିଏଚ୍‌ସି) ଟ୍ରଷ୍ଟ ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ମାଇକେଲ କିଣ୍ଡୋ ସ୍ମାରକୀ ପ୍ରତିଯୋଗିତା ଚଳିତ ମାସ ୨୫ରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ହକି ଆସୋସିଏଶନ ଅଫ୍ ଓଡ଼ିଶା ସହଯୋଗରେ ଏହି ଟୁର୍ନାମେଣ୍ଟ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ମୋଟ ୯ଟି ଦଳ ଅଂଶଗ୍ରହଣ କରିବେ। ଦଳ ଗୁଡ଼ିକ ହେଲେ ଏଚ୍‌ପିସି ପୁରୀ, ଭୁବନେଶ୍ୱର ହକି କ୍ଲବ ଟ୍ରଷ୍ଟ, ଏଚ୍‌ଟିସି ଛତ୍ରପୁର, ଏଚଟିସି ଯାଜପୁର, ଏଚଟିସି କଟକ, ଏଛପିସି ରଣପୁର, ଏଚଟିସି ଭୁବନେଶ୍ୱର, ଏଚପିସି ଢେଙ୍କାନାଳ ଏବଂ ଏଚ୍‌ପିସି ପିପିଏଲ୍ ପାରାଦୀପ। ପ୍ରତିଯୋଗିତା ନକ୍‌ଆଉଟ ଭିତ୍ତିରେ ଅନୁଷ୍ଠିତ ହେବ। ୨୫ ତାରିଖରେ ପ୍ରଥମ ମ୍ୟାଚ ସକାଳ ୬ଟାରେ ଭୁବନେଶ୍ୱର ହକି କ୍ଲବ ଟ୍ରଷ୍ଟ ଏବଂ ଏଚପିସି ପୁରୀ ମଧ୍ୟରେ ଅନୁଷ୍ଠିତ ହେବ। ୨୬ ତାରିଖରେ ଦୁଇଟି ସେମିଫାଇନାଲ ପୂର୍ବାହ୍ନ ଓ ଅପରାହ୍ନରେ ଏବଂ ୨୭ ତାରିଖ ପୂର୍ବାହ୍ନରେ ତୃତୀୟ ସ୍ଥାନ ପାଇଁ ମ୍ୟାଚ ଏବଂ ଅପରାହ୍ନ ୫ଟାରେ ଫାଇନାଲ ଅନୁଷ୍ଠିତ ହେବ ବୋଲି ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆ ଯାଇଛି।

ଓଡ଼ିଶା ହକିର ବିକାଶ ଦିଗରେ ମାଇକେଲ କିଣ୍ଡୋଙ୍କ ବିଶେଷ ଅବଦାନ ରହିଥିଲା। ୧୯୭୨ ମ୍ୟୁନିକ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ, ୧୯୭୫ କୁଆଲାଲମ୍ପୁର ହକି ବିଶ୍ୱକପରେ ସ୍ୱର୍ଣ୍ଣ, ୧୯୭୧ ମାର୍ସିଲୋନା ବିଶ୍ୱକପରେ ବ୍ରୋଞ୍ଜ, ୧୯୭୩ ଆମଷ୍ଟେଲଭିନ ବିଶ୍ୱକପରେ ରୌପ୍ୟ, ୧୯୭୪ ତେହେରାନ ଏସିଆନ ଗେମ୍ସରେ ରୌପ୍ୟ ପଦକ ଜିତିଥିବା ଭାରତୀୟ ଦଳର ସେ ସଦସ୍ୟ ଥିଲେ। ସର୍ଭିସେସରୁ ଅବସର ନେବାପରେ ସେ ସେଲ୍‌ରେ ଯୋଗଦେଇ ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟରେ କାର୍ଯ୍ୟ କରିବା ସହିତ ଓଡ଼ିଶା ହକିର ସେବାରେ ଲିପ୍ତ ରହିଥିଲେ। ଓଡ଼ିଶା ହକି ପାଇଁ ଯୁବ ଖେଳାଳି ସୃଷ୍ଟି କରିବା ଦିଗରେ ତାଙ୍କର ବିଶେଷ ଯୋଗଦାନ ରହିଥିଲା। ତାହାକୁ ଦୃଷ୍ଟିରେ ରଖି ମାଇକେଲ କିଣ୍ଡୋଙ୍କ ନାମରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି ବୋଲି ପଦ୍ମଶ୍ରୀ ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଏଚ୍‌ସି ଅଧ୍ୟକ୍ଷ ରତିକାନ୍ତ ନାୟକ, ସଭାପତି ବିଶ୍ୱବିଜୟ ସାହୁ, ସମ୍ପାଦକ ରଞ୍ଜନ ଦାସ, ସଦସ୍ୟ ବିଶ୍ୱଜିତ ସାହୁ, ସଞ୍ଜୟ ସାହୁ, ଏଭରଗ୍ରୀନ ଟି' ନିର୍ଦ୍ଦେଶକ ପ୍ରବୀଣ ଅଗ୍ରୱାଲ ଓ ସିନିୟର ଜର୍ନାଲିଷ୍ଟ ସମ୍ବିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

# ଆନ୍ଦ୍ରେ ଆଗାସି ଖେଳିବେ

**ୟୁଏସ୍ ଓପନ ପିକଲ୍‌ବଲ ଚାମ୍ପିୟନଶିପ୍ସ**

ୱାଶିଂଟନ,୨୩।୪(ଏପି)

ଆନ୍ଦ୍ରେ ଆଗାସି ଜିତିଥିବା ୮ଟି ଗ୍ରାଣ୍ଡସ୍ଲାମ ଟାଇଟଲ ମଧ୍ୟରୁ ଦୁଇଟି ୟୁଏସ୍ ଓପନ୍‌ରେ ଜିତିଥିଲେ। ଏବେ ସେ ଭିନ୍ନ ରାକେଟ ସହ ୟୁଏସ୍ ଓପନ୍ ପିକଲ୍‌ବଲ ଚାମ୍ପିୟନଶିପ୍‌ରେ ଖେଳିବାକୁ ଯାଉଛନ୍ତି। ୨୦୦୬ରେ ପେସାଦାର ଟେନିସ୍‌ରୁ ଅବସର ଘୋଷଣା କରିଥିବା ଆଗାସି ଆସନ୍ତା ସପ୍ତାହରେ ଫ୍ଲୋରିଡ଼ାର ନାପ୍ଲେସ୍‌ଠାରେ ହେବାକୁ ଥିବା ଟୁର୍ନାମେଣ୍ଟରେ ଆନା ଲେଗ୍ ୱାଟର୍ସଙ୍କ ସହିତ ମିକ୍ସଡ ପ୍ରୋ ଡିଭିଜନରେ ଖେଳିବେ। ଆସନ୍ତା ସପ୍ତାହରେ ୫୫ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ଆଗାସିଙ୍କ ଲାଗି ଏହା ପ୍ରଥମ ପେସାଦାର ପିକଲ୍‌ବଲ ଟୁର୍ନାମେଣ୍ଟ ହେବ।


# Classified Everyday

0674-2580101, 9692975378



REAL ESTATE
SALE


13720sqft Commercial Land with boundary wall sale at NH- 57, Pitapalli Square, Bhubaneswar. 7008634668. D-76259

2BHK flat for sale at Naharakanta Chhaka, NH Facing. Contact- 7978209277, 7008789347. D-260

ଭୁବନେଶ୍ୱର- ପିପିଲି Toll Gate Puri road ନିକଟରେ Gharabari Plot ଏବଂ ନଖରାରେ 3/4 BHK Duplex ବିକ୍ରିହେବ। 8327785834. D-76261

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492. D-200




For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

1000sqft. Office on rent at Jaydev Vihar Square @ 35000/-, one Guest House room @ 15000/- marketing office not allowed. 2years lease only. +91 6371-084018 Sohan. D-263

## AFFIDAVIT

By virtue of an affidavit sworn before the Executive Magistrate, Muniguda on dated 21.04.2025 (Sl. No.- 546/25), I, PADMAN NALA of Village- Kamaragudi, P.O.- Budubali, P.S.- Chandrapur, Dist.- Rayagada, Date of Birth is 20.01.1999 declare that I have changed my name BULU NALA to PADMAN NALA. Henceforth, I shall be known as PADMAN NALA for all purposes and my Date of Birth is 20.01.1999.
PADMAN NALA
D-266

I, Anjali Bala Nayak, W/o- Sushant Samal, At-Biswanathpur, P.O.-Kapilash, Dist.- Dhenkanal-759016 have changed my name to Anjali Samal vide affidavit dt. 16.04.2025 before Executive Magistrate, Gondia, Dhenkanal. D-267

I, Madhuri Ekka, aged about 29years, D/o- Rameswar Ekka, resident of Vill- Tarkera, P.O.- Tarkera, P.S.- Rajgangpur, Dist.- Sundargarh (Odisha) do hereby solemnly affirm and declare as under, I have a Aadhaar Card vide No.- xxxx xxxx 1904 in which my name has been wrongly mentioned as Madhuri Lakra. That Madhuri Ekka and Madhuri Lakra denotes to one and same person i.e. myself.
Madhuri Ekka
D-265

I, Ursela Nag, aged about 67 years, W/o- Jatia Nag, resident of Village- Samlaimunda, P.O.- Amgova, P.S.- Rajgangpur, Dist.- Sundargarh, Odisha do have by solemnly affirm declare as under- I have Aadhaar Card vide No.- xxxx xxxx 0686 in which my name has been wrongly mentioned as Bharsela Nag. That Ursela Nag and Bharsela Nag denotes to one & same person i.e. myself.
Ursela Nag
D-264

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By affidavit before Notary Public, Bhubaneswar, dated 22.04.2025, I, JAGADISH KUMAR JENA, S/o- Gayadhar Jena, Aadhaar No.- xxxx xxxx 5248 residing at Flat No.- B-401, Snehalata Apartment, Vivekanandamarg, Bhubaneswar declare that my name is wrongly recorded as JAGDISH KUMAR JENA in my son JIBITESH JENA's Birth Certificate and Educational Certificates. That JAGDISH KUMAR JENA and JAGADISH KUMAR JENA is one and same person. D-261

**ନିଜର ପ୍ରିୟଜନମାନଙ୍କୁ**

ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

**୧୪ତମ ଶ୍ରାଦ୍ଧବାର୍ଷିକୀ**




୰ଗୌରାଙ୍ଗ ଚରଣ ଦାସ
କୁଞ୍ଜକୁଟୀର, ନିଆଳ, ଆଳି, କେନ୍ଦ୍ରାପଡ଼ା
ଆବିର୍ଭାବ: ୧୪।୦୯।୧୯୪୧
ତିରୋଧାନ: ୨୮।୦୪।୨୦୧୧

ଏହା ମଧ୍ୟରେ ୧୪ବର୍ଷ ଅତିକ୍ରାନ୍ତ। ଆପଣଙ୍କୁ ଆମେ ଭୁଲିପାରୁନୁ। ଆପଣ ଆମର ସଦା ସ୍ମରଣୀୟ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-ଶୋକସନ୍ତପ୍ତ-
ଇଂ. ଦେବାଶିଷ ଦାସ, ଡାକ୍ତର ଅବକାଶ ଯାଦବ, ବନ୍ଧୁ, ପରିବାରବର୍ଗ ତଥା ଗୌରାଙ୍ଗ-କୁଞ୍ଜ ଚାରିଟେବୁଲ ଟ୍ରଷ୍ଟ ଓ ଗୌରାଙ୍ଗ ଦାସ ସ୍ମୃତି କମିଟି।
ଧ-୨୨୨

# ଯାହା ଭାବିଥିଲେ ଅକ୍ଷୟ..



‘କେଶରୀ ଚାପ୍ଟର ୨’ ଫିଲ୍ମର ଏକ ଦୃଶ୍ୟରେ ଅକ୍ଷୟ କୁମାରଙ୍କ ସହ ଅନ୍ୟମାନେ।

ଅକ୍ଷୟ କୁମାର ଇତିମଧ୍ୟରେ ଅନେକ ହିଟ୍ ସିନେମାରେ ଅଭିନୟ କରିସାରିଛନ୍ତି। ଫିଲ୍ମଟିର କାହାଣୀ ଆକ୍ସନଭିତ୍ତିକ ହେଉ ଅବା କମେଡ଼ି ଅଥବା ପାରିବାରିକ– ସବୁ ପ୍ରକାର ମସଲା ଥିବା ବିଷୟବସ୍ତୁକୁ ଆଧାର କରି ନିର୍ମିତ ଚିତ୍ରକୁ ସଫଳ କରିବାରେ ଅକ୍ଷୟ କେତେ ସିଦ୍ଧହସ୍ତ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ତାଙ୍କ ଅଭିନୀତ ଦେଶାତ୍ମବୋଧକ ସିନେମା ମଧ୍ୟ ବେଶ୍ ଦର୍ଶକାଦୃତ ହୋଇଛି। ଚଳିତ ମାସ ୧୮ ତାରିଖରେ ପରଦା ଉପରକୁ ଆସିଥିଲା ତାଙ୍କ ଅଭିନୀତ ‘କେଶରୀ ଚାପ୍ଟର ୨ : ଦ ଅନଟୋଲ୍ଡ ଷ୍ଟୋରି ଅଫ୍ ଜାଲିଆନାୱାଲାବାଗ’। ଭାରତୀୟ ସ୍ୱାଧୀନତା ସଂଗ୍ରାମ ସମୟରେ ଜାଲିଆନାୱାଲାବାଗ’ ହତ୍ୟାକାଣ୍ଡକୁ ଆଧାର କରି ଏହାକୁ ନିର୍ମାଣ କରାଯାଇଛି। ସି. ଶଙ୍କରନ୍ ନାୟାରଙ୍କ କାହାଣୀକୁ ଆଧାର କରି ଚିତ୍ରଟି ପ୍ରସ୍ତୁତ ହୋଇଛି। ପ୍ରଥମ ସପ୍ତାହରୁ ହିଁ ସିନେମା ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। ଏହାର କାହାଣୀ ଶୁଣିବା ସମୟରେ ଅକ୍ଷୟ ମଧ୍ୟ ଠିକ୍ ଏଭଳି ପୂର୍ବାନୁମାନ କରିଥିଲେ। ଏଥିରେ ସେ ଚେଟ୍ଟୁର୍ ଶଙ୍କରନ୍ ନାୟାର ଭୂମିକାରେ ଅଭିନୟ କରିଛନ୍ତି। ଅନ୍ୟପକ୍ଷରେ ଏଥିରେ ଅନନ୍ୟା ପାଣ୍ଡେ ଏବଂ ଆର୍. ମାଧବନ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି କରନ୍ ସିଂ ତ୍ୟାଗୀ। ୧୩୫ ମିନିଟ୍ ଅବଧି ବିଶିଷ୍ଟ ଏହି ଫିଲ୍ମର ବଜେଟ୍ ରହିଛି ପାଖାପାଖି ୧୦୦ କୋଟି। ଏ ପର୍ଯ୍ୟନ୍ତ ଫିଲ୍ମଟି ବକ୍ସ ଅଫିସରେ ଅର୍ଦ୍ଧାଧିକ ଅର୍ଥାତ୍ ପ୍ରାୟ ୫୨ କୋଟି ଆୟ କରିସାରିଲାଣି।

# ହାବିଲଦାର ଅବତାର

କାର୍ଟୁନ ଜଗତରେ ‘ନଟିଆ’ ଫେମ୍ ସ୍ମୃତି ରଞ୍ଜନ ମହାନ୍ତିଙ୍କୁ ଖୁବ୍ ଶୀଘ୍ର ବଡ଼ ପରଦାରେ ଏକ ନୂଆ ଅବତାରେ ଦେଖିବାକୁ ମିଳିବ। ତାହା କ’ଣ ଜାଣନ୍ତି ? ହାବିଲଦାର ଅବତାର। ହାବିଲଦାର ଚାକିରି ସିନା କରିଛନ୍ତି ହେଲେ ପ୍ରେମ ଦୁନିଆରେ ମନଟି ତାଙ୍କର ଏରୋପ୍ଲେନ୍ ପରି ଉଡୁଛି। ସୁନ୍ଦରୀ ତରୁଣୀଙ୍କୁ ନିଜ ପ୍ରେମ ଜାଲରେ ଫସାଇବାକୁ ଉଦ୍ୟମ କରି ଅସଫଳ ହୋଇଛନ୍ତି। ହେଲେ ଯାହାକୁ ପ୍ରେମିକା ଭାବରେ ପାଇଛନ୍ତି ତାହାର ଆଠ ଜଣ ବୟଫ୍ରେଣ୍ଡ ଅଛନ୍ତି। ଏଭଳି ଏକ ମଜାଦାର ଚରିତ୍ରଟିର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ନଟିଆ। କେବଳ ସେତିକି ନୁହେଁ, ଏହି ଭୂମିକାକୁ ବେଶ୍ ସୁଚାରୁ ରୂପେ ତୁଲାଇଛନ୍ତି ସେ ଆଉ ଦର୍ଶକ ସେଥିରୁ ଭରପୂର ମଜା ପାଇବେ ବୋଲି ଆଶା ରଖିଛନ୍ତି ଏହି ହାସ୍ୟାଭିନେତା। ହଁ, ଏହି ଫିଲ୍ମଟିର ଟାଇଟଲ ରହିଛି ‘ରାକେଟ୍’। ଏଥିରେ ତାଙ୍କର ମାନିଆ ଡାଏଲଗ ରହିଛି–ମୁଁ ଟିକେ ଚାର୍ଜ ହେଇଯାଏ..।’ ଏହାପୂର୍ବରୁ ସେ ‘କୋଟିଏରେ ଗୋଟିଏ ମନ’, ‘ସିନ୍ଦୂରା’, ‘ଆପଣମାନେ ଖୁସି ତ’ ଏବଂ ‘ତୁ ମୋ କମ୍‌ଜୋରି’ ସିନେମାରେ ଅଭିନୟ କରିସାରିଛନ୍ତି। ଶ୍ରୀ ମୋସନ ପିକ୍ଚର୍ସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଶ୍ରୀଲେଖା ପଣ୍ଡା। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସଂଗ୍ରାମ ମହାନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମ ଆନନ୍ଦ। ନମ୍ରତା ଥାପ୍ପା, ଦୁଷ୍ମନ୍ତ ପଣ୍ଡା, ପୃଥ୍ୱୀରାଜ ନାୟକ, ଆର୍ଲିନ ଅଙ୍କିତା, ହେମନ୍ତ ପାତ୍ର, ଡିସ୍କୋ ରେଞ୍ଜୀ, ପିହୁ ଓ କୁନୁରୁ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟି ଚଳିତ ମାସ ୨୫ରେ ରିଲିଜ ହେବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



‘ରାକେଟ୍’ ଫିଲ୍ମରେ ସ୍ମୃତି

# ଡବଲ ଅଫର, ହେଲେ...

କଥାରେ ପରା ଅଛି–ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ପ୍ରଥମେ ଗୋଟିଏ ସିନେମା ପାଇଁ କଥାବାର୍ତ୍ତା ଚାଲିଥିଲା। କିନ୍ତୁ ତା’ ଭିତରେ କରୀନା କି ଗନ୍ଧ ଶୁଙ୍ଘାଇଲେ କେଜାଣି ପ୍ରଯୋଜକ ମନ ଏକାଥରେ ଆକାଶରେ ଉଡିଲା। ହେଲେ ତା’ ଭିତରେ ଟିକେ କେଁ ରହିଯାଇଛି। ଫିଲ୍ମଦ୍ୱୟର ଶୁଟିଂ ସମାନ୍ତରାଳ ଭାବରେ ଆରମ୍ଭ କରିବାକୁ ପ୍ରଯୋଜକ ସ୍ଥିର କରିଛନ୍ତି। ଆଉ ଏକଥା ଜାଣିବା ପରେ ଅଡୁଆରେ ପଡିଯାଇଛି କରୀନା କପୁର। ଏ ନେଇ ସେ କହନ୍ତି, ‘‘ନିକଟରେ ଜଣେ ନୂଆ ପ୍ରଯୋଜକ ମୋତେ ତାଙ୍କର ସିନେମାରେ ଅଭିନୟ କରିବାକୁ ଅଫର ଦେଇଥିଲେ। ସ୍ଥିର ମନରେ କାହାଣୀ ଶୁଣିବା ପରେ ସେଥିରେ ଆକ୍ଟିଂ କରିବାକୁ ରାଜି ହୋଇଥିଲି। ତା’ପରେ ସେ ମୋତେ ଆଉ ଏକ ନୂଆ କାହାଣୀ ଶୁଣାଇଲେ। ଆଉ ମୁଁ ଏହାକୁ ନେଇ ଯଦି ଆପଣ ଶୀଘ୍ର ସିନେମାଟିଏ ନିର୍ମାଣ କରନ୍ତି ତେବେ ତାହା ହିଟ୍ ହେବ ବୋଲି ମତ ଦେଇଥିଲି। କିନ୍ତୁ ଏବେ ମୁଁ ଟିକେ ଅଡୁଆରେ ପଡିଯାଇଛି। ପ୍ରଯୋଜକ ଦୁଇଟି ସିନେମାର ଶୁଟିଂ ଏକାଥରେ ଆରମ୍ଭ କରିବାକୁ ଫାଇନାଲ କରିଛନ୍ତି। ହେଲେ ମୋ ପାଖରେ ଏବେ ସମୟ ନାହିଁ। ତେଣୁ ଏ ନେଇ କ’ଣ କରିବି କିଛି ସ୍ଥିର କରିପାରୁନି। ତଥାପି ଏ ବିଷୟରେ ମାତ୍ର ସପ୍ତାହେ ଭିତରେ ନିଷ୍ପତ୍ତି ନେବାକୁ ପ୍ରଯୋଜନା ସଂସ୍ଥା ପକ୍ଷରୁ ମୋତେ ସୂଚନା ଦିଆଯାଇଛି।’’ ଦେଖାଯାଉ, କରୀନା ଏହି ଅଫରଦ୍ୱୟକୁ ଗ୍ରହଣ କରୁଛନ୍ତି ନା ସମୟ ଅଭାବରୁ ଏହାକୁ ହାତଛଡା କରୁଛନ୍ତି!



କରୀନା

# କେଇ ପଦ କଥା...

ଆଲିୟା ଭଟ୍ଟଙ୍କ ଅଭିନୟ ଜୀବନ ଯେତେବେଳେ ଆରମ୍ଭ ହେଲା ସେତେବେଳେ ତାଙ୍କୁ କେତେ ବର୍ଷ ବୟସ ହୋଇଥିଲା ଜାଣନ୍ତି ? ମାତ୍ର ଛଅ ବର୍ଷ। ଜଣେ ଶିଶୁ କଳାକାର ଭାବରେ ସେ ବଡ଼ ପରଦାରେ ପାଦ ଦେଇଥିଲେ। ଫିଲ୍ମଟି ଥିଲା ‘ସଂଘର୍ଷ’। ଏଥିରେ ସେ ପ୍ରୀତି ଜିଣ୍ଟାଙ୍କ ପିଲାଦିନ ଭୂମିକାରେ ଅଭିନୟ କରିଥିଲେ। ଏକ କଳାକାର ପରିବାରେ ତାଙ୍କର ଜନ୍ମ। ବାପା ମହେଶ ଭଟ୍ଟ ଜଣେ ନାମୀ ପ୍ରଯୋଜକ ଏବଂ ନିର୍ଦ୍ଦେଶକ। ସେପଟେ ବଡ଼ ଭଉଣୀ ପୂଜା ଭଟ୍ଟ ମଧ୍ୟ ଜଣେ ଅଭିନେତ୍ରୀ। ତେଣୁ ପ୍ରଥମ ଅଫରଟିକୁ ହାତଛଡ଼ା କରି ନ ଥିଲେ ସେ। ନିଜର ପ୍ରଥମ ଦିନର ଶୁଟିଂ ଅନୁଭୂତି ବିଷୟରେ ଆଲିୟା କହନ୍ତି, ‘‘ଯେତେବେଳେ ମୁଁ ପ୍ରଥମ ଥର ପାଇଁ ଶଟ୍ ଦେବାକୁ କ୍ୟାମେରା ସାମ୍ନାକୁ ଗଲି, ସେତେବେଳେ ମୋତେ ଭାରି ଭୟ ଲାଗିଥିଲା। କିନ୍ତୁ କିଛି ସମୟ ପରେ ମୁଁ ମନକୁ ଦୃଢ଼ କରି ଶଟ୍ ଦେଇଥିଲି। ସେଦିନ ଶୁଟିଂ ସମୟରେ ପ୍ରୀତି ଜିଣ୍ଟା ସେଠାକୁ ଆସିଥିଲେ। ତାଙ୍କର କେଇ ପଦ କଥା ମୋତେ ବେଶ୍ ଅନୁପ୍ରାଣିତ କରିଥିଲା।’’ ଆଲିୟା ଭଟ୍ଟ ନିଜ ଫିଟ୍‌ନେସ୍‌କୁ ନେଇ ବେଶ୍ ସଚେତନ।



ଆଲିୟା

# ଏପେଟ ଖୁସି ସେ ପଟେ ଦୁଃଖ

ସୋନାକ୍ଷୀ ସିହ୍ନାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା ‘ଦବଙ୍ଗ’। ଏହା ତ ନିଶ୍ଚିତ ଭାବରେ ତାଙ୍କ ପାଇଁ ଏକ ଖୁସି ଖବର ଥିଲା। କିନ୍ତୁ ତାହା ପରେ ଯାହା ହେଲା, ତାହା ତାଙ୍କୁ ଟିକେ ଦୁଃଖ ଦେଇଥିଲା। ଅସଲ କଥା ହେଲା ସେତେବେଳେ ତାଙ୍କର ଓଜନ ବହୁତ ଅଧିକ ଥିଲା। ପୁଣି କେତେ ଜାଣନ୍ତି ? ୯୦ କିଗ୍ରା। ଏହା ଦେଖି ସଲମାନ ତାଙ୍କୁ ଶୀଘ୍ର ଓଜନ ସନ୍ତୁଳିତ ସ୍ତରକୁ ଆଣିବାକୁ କହିଥିଲେ। ଆଉ ତା’ପରେ ସୋନାକ୍ଷୀ ଏଥିପାଇଁ ଦିନରାତି ଏକାଠି କରିଦେଇଥିଲେ। ଦୀର୍ଘ ଦୁଇ ବର୍ଷ ପରିଶ୍ରମ କରି ସେ ନିଜ ଓଜନକୁ ୬୦ କିଗ୍ରାକୁ ଆଣିବାରେ ସଫଳ ହୋଇଥିଲେ। ସେପଟେ ତାଙ୍କର ପ୍ରଥମ ସିନେମା ହିଁ ତାଙ୍କୁ ନାୟିକା ଦୌଡ଼ରେ ସାମିଲ କରିବାରେ ଯଥେଷ୍ଟ ସହାୟକ ହୋଇଥିଲା। ୨୦୧୦ରେ ପରଦା ଉପରକୁ ଆସିଥିବା ଏହି ହିଟ୍ ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ଅଭିନବ ସିଂ କାଶ୍ୟପ। ମାତ୍ର ୪୧ କୋଟି ବଜେଟରେ ପ୍ରସ୍ତୁତ ଉକ୍ତ ସିନେମା ବକ୍ସ ଅଫିସରେ ପ୍ରାୟ ୨୨୧ କୋଟି ବିଜନେସ୍ କରିବାରେ ସକ୍ଷମ ହୋଇଥିଲା।



ସୋନାକ୍ଷୀ

# ଓଟିଟି ପ୍ଲାଟଫର୍ମରେ ‘ପାବାର’

ବଡ଼ ପରଦାରେ ରିଲିଜ ହୋଇ ଦର୍ଶକାଦୃତ ହେବା ପରେ ଏବେ ଅଶୋକ ପତିଙ୍କ ନିର୍ଦ୍ଦେଶିତ ତଥା ବାବୁସାନ୍–ଏଲିନା ପ୍ରିୟଦର୍ଶିନୀ ଅଭିନୀତ ଓଡ଼ିଆ ସିନେମା ‘ପାବାର’ ଓଟିଟି ପ୍ଲାଟଫର୍ମରେ ମୁକ୍ତିଲାଭ କରିବାକୁ ଯାଉଛି। ଚଳିତ ମାସ ୨୩ ତାରିଖ ଅର୍ଥାତ୍, ଆଜି ଏହା ଅନ୍ୟତମ ପ୍ରମୁଖ ଓ ଟି ଟି ପ୍ଲାଟଫର୍ମ ଆଓ ନେକ୍ସଟ ଓ ଟି.ଟି.ରେ ଷ୍ଟ୍ରିମିଙ୍ଗ ହେବ। ପ୍ରଯୋଜନା କରିଛନ୍ତି ତୃପ୍ତି ଶତପଥୀ। କାହାଣୀ ଅନୁସାରେ ବେଣୁଧର ମହାନ୍ତି ଓଡ଼ିଶା ଗୁମାଗଡ଼ର ଜଣେ ସାଧାରଣ ବ୍ୟକ୍ତି। ଯିଏ ଖୁବ୍ କମ୍‌ରେ ଖୁସିରେ ରୁହେ କିନ୍ତୁ ଜଣେ ବାପା ପୁଅ କଣ୍ଟ୍ରାକ୍ଟର କଥାରେ ଆସି ସେ ନିର୍ବାଚନରେ ଠିଆ ହୁଏ। ତେବେ ସରପଞ୍ଚ ହେବାର ସ୍ୱପ୍ନ ଦେଖିଥିବା ବେଣୁଧରଙ୍କ ଜୀବନରେ କ’ଣ ପରିବର୍ତ୍ତନ ଆସୁଛି। ସେ ନିର୍ବାଚନରେ ତ ଜିତିଯାଇଛନ୍ତି, କିନ୍ତୁ ତା’ପରେ କ’ଣ ଘଟୁଛି ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ସବୁଠାରୁ ଖାସ୍ କଥା ହେଲା, ଏହି ଫିଲ୍ମଟିର କାହାଣୀ ଏକ ସତ୍ୟ ଘଟଣା ଉପରେ ଆଧାରିତ।



‘ପାବାର’ ଫିଲ୍ମରେ ଏଲିନା–ବାବୁସାନ୍

# ସୁନାନାକୀ ବୋହୂ


ଓଡ଼ିଶାର ଅନ୍ୟତମ ପ୍ରମୁଖ ଚ୍ୟାନେଲ ଜୀ ସାର୍ଥକ ସବୁବେଳେ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଆସୁଛି । ଦର୍ଶକେ ଦେଖିବାକୁ ଭଲ ପାଉଥିବା କାହାଣୀକୁ ଆଧାରିତ କରି ଅନେକ ଧାରାବାହିକ ସହିତ ନିଚ୍ଛକ ଓ ବାସ୍ତବବାଦୀ ଚଳଚ୍ଚିତ୍ର ଦର୍ଶକଙ୍କୁ ଭେଟି ଦେଇଚାଲିଛି, ଯାହାପାଇଁ ଚ୍ୟାନେଲକୁ ମିଳିଛି ଅଗଣିତ ଦର୍ଶକର ଅଶେଷ ଭଲପାଇବା । ଏକ ମୌଳିକ ବିଷୟବସ୍ତୁକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ସିନେମା ‘ସୁନାନାକୀ ବୋହୂ’ । ଉମେଶ ପଟ୍ଟନାୟକଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି) । ଅରୁଣ ମନ୍ତ୍ରୀ ,ଉମାକାନ୍ତ ନାୟକ,ନିହାର ପ୍ରିୟାଶିଷଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାସ । କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା,ଅର୍ପିତା ଚୌଧୁରୀ,ଚିରାଗଦୀପ ପଣ୍ଡା । କାହାଣୀ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ଏହା ଏପ୍ରିଲ ୨୭ ତାରିଖ ସନ୍ଧ୍ୟା ୬.୩୦ ମିନିଟରେ କେବଳ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି । ଚଳଚ୍ଚିତ୍ରର କାହାଣୀ ଆରମ୍ଭ ହୋଇଛି ଦୁଇଟି ଗାଁ ମଧୁପୁର ଓ ଯଦୁପୁରରୁ । ଦୁଇ ଗାଁ ମଧ୍ୟରେ ଏକ ପୁରୁଣା ବିବାଦ ଲାଗିରହିଛି ଯେ ପ୍ରତ୍ୟେକ ପଣା ସଂକ୍ରାନ୍ତିରେ ନିଜର ପବିତ୍ର ଦେବତାଙ୍କୁ ଆତିଥ୍ୟ ଦେବାପାଇଁ ଉଭୟ ଗାଁ ମଧ୍ୟରେ ଲାଗେ ପ୍ରତିଯୋଗିତାର ସଂଘର୍ଷ ଓ ୪ ବର୍ଷ ହେବ ଯଦୁପୁର ଗାଁର ଜଣେ ଏହି ପ୍ରତିଯୋଗିତାକୁ ଏକତରଫା ଜିତି ଆସୁଛି, କିନ୍ତୁ ଚଳିତ ବର୍ଷ ମଧୁପୁର ଗାଁର ଜଣେ ସାହସୀ ମହିଳା ରଘୁର ଏହି ବିଜୟ ରଥକୁ ରୋକି ଏହି ଚକ୍ରକୁ ଭାଙ୍ଗିବାରେ ଦୃଢ଼ ପ୍ରତିଜ୍ଞାବଦ୍ଧ । ପ୍ରତିଯୋଗିତା ପାଇଁ ଉତ୍ତେଜନା ଖୁବ ବୃଦ୍ଧି ପାଇବା ସମୟରେ ପୂରା ମଧୁପୁର ଚିନ୍ତାରେ । କିନ୍ତୁ ଭାଗ୍ୟର ଅଜବ ସଂଯୋଗ ଏକ ମିଥ୍ୟା ଅପବାଦକୁ ରୋକିବାପାଇଁ ଦୁଇ ପ୍ରତିଯୋଗୀଙ୍କ ସମ୍ପର୍କରେ ଆସେ ପରିବର୍ତ୍ତନ । ତେବେ କ’ଣ ଏହି ପରିବର୍ତ୍ତନ ? ଦୀର୍ଘ ଦିନର ଶତ୍ରୁତାକୁ କଣ ଠିକ କରାଯାଇପାରିବ ? ଏଭଳି ପ୍ରଶ୍ନଗୁଡିକର ଉତ୍ତର ରହିଛି ଏହି ସିନେମାରେ। ଏହାର ମୁଖ୍ୟ ଚରିତ୍ରରେ ନଜର ଆସିବେ ସାପ୍‌ଲିନ ଓ ନିକିତା ମିଶ୍ର । ତେବେ ଏହି ଚଳଚ୍ଚିତ୍ରର ଯାତ୍ରା ସହିତ ନିଜକୁ ସାମିଲ କରିବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର ପ୍ରତୀକ ସିଲ ।



‘ସୁନାନାକୀ ବୋହୂ’ ଫିଲ୍ମରେ ସାପ୍‌ଲିନ୍‌–ନିକିତା

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୨୪/୨୦୨୫ Bhubaneswar, Thursday, April 24/ 2025

# କୋନେରୁ ହମ୍ପି ଚାମ୍ପିୟନ



ଟ୍ରଫି ଓ ସ୍ୱର୍ଣ୍ଣ ପଦକ ସହ କୋନେରୁ ହମ୍ପି (ମଝି) ଏବଂ ବ୍ରୋଞ୍ଜ ବିଜୟୀ ଦିବ୍ୟା ଦେଶମୁଖ (ଡାହାଣ)।

## ଫିଡେ ମହିଳା ଗ୍ରାଁ ପ୍ରି

**ପୁଣେ, ୨୩।୪**

ଏଠାରେ ଅନୁଷ୍ଠିତ ଫିଡେ ମହିଳା ଗ୍ରାଁ ପ୍ରି ଚେସ୍ ଟୁର୍ନାମେଣ୍ଟର ୫ମ ଚରଣରେ ଭାରତୀୟ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପି ଚାମ୍ପିୟନ ହୋଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ୭ ପଏଣ୍ଟ ସହ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଚାଇନାର ଜିନେର ଝୁ ମଧ୍ୟ ୭ ପଏଣ୍ଟ ପାଇଛନ୍ତି। ମାତ୍ର ବ୍ଲାକ୍ ପିସ୍‌ରେ ଉନ୍ନତ ରେକର୍ଡ ଯୋଗୁ ହମ୍ପି ଟାଇଟଲ ହାସଲ କରିଛନ୍ତି। ବୁଧବାର ଅନୁଷ୍ଠିତ ୯ମ ତଥା ଅନ୍ତିମ ରାଉଣ୍ଡରେ ହମ୍ପି ବୁଲଗେରିଆର ନୁରଗୁଲ ସାଲିମୋଭାଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ଟୁର୍ନାମେଣ୍ଟ ରେକର୍ଡ ଅନୁସାରେ ଯଦି ଦୁଇ ଖେଳାଳିଙ୍କ ପଏଣ୍ଟ ସମାନ ରୁହେ ତେବେ ବ୍ଲାକ୍ ପିସ୍‌ରେ ଯେଉଁ ଖେଳାଳିଙ୍କ ରେକର୍ଡ ଭଲ ଥିବ ସେ ବିଜେତା ଘୋଷିତ ହେବ। ପୁରା ପ୍ରତିଯୋଗିତାରେ ଅପରାଜେୟ ରହିଥିବା ହମ୍ପି ୫ଟି ଗେମ୍ କଳା ପିସ୍‌ରେ ଖେଳିଥିଲେ। ସେହି ତୁଳନାରେ ଝୁ' ୪ଟି ଗେମ୍ କଳା ପିସ୍‌ରେ ଖେଳିଥିବାରୁ ପଛରେ ପଡ଼ି ଯାଇଥିଲେ। ଏହାକୁ ମିଶାଇ ହମ୍ପି ଦ୍ୱିତୀୟ ଥରପାଇଁ ୨୦୨୪-୨୫ ଫିଡେ ଗ୍ରାଁ ପ୍ରିରେ ଶୀର୍ଷସ୍ଥାନ ହାସଲ କରିଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ମୋନାକୋ ଗ୍ରାଁ ପ୍ରିରେ ମଧ୍ୟ ହମ୍ପି ପ୍ରଥମ ହୋଇଥିଲେ। ଏଠାରେ ବିଜୟ ସହ ହମ୍ପି ୧୧୭.୫ ପଏଣ୍ଟ ସଂଗ୍ରହ କରି ଗ୍ରାଁ ପ୍ରି ସର୍କିଟରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଏବେ ତାଙ୍କର ଗ୍ରାଁ ପ୍ରି ପଏଣ୍ଟ ସଂଖ୍ୟା ୨୭୯.୧୭ରେ ପହଞ୍ଚିଛି। ୬ ଚରଣ ବିଶିଷ୍ଟ ପ୍ରତିଯୋଗିତା ଶେଷରେ ଶ୍ରେଷ୍ଠ ୨ ପ୍ରତିଯୋଗୀ ୨୦୨୬ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଆସନ୍ତା ମାସରେ ଅଷ୍ଟ୍ରିଆଠାରେ ୬ଷ୍ଠ ତଥା ଅନ୍ତିମ ଗ୍ରାଁ ପ୍ରି ଅନୁଷ୍ଠିତ ହେବ। ଏହାର ଫଳାଫଳ ଉପରେ ହମ୍ପିଙ୍କ ଭାଗ୍ୟ ନିର୍ଭର କରିବ।

### ଦିବ୍ୟା ଦେଶମୁଖଙ୍କୁ ବ୍ରୋଞ୍ଜ

ଅନ୍ୟପକ୍ଷରେ ଭାରତର ଦିବ୍ୟା ଦେଶମୁଖ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ୫.୫ ପଏଣ୍ଟ ହାସଲ କରିଛନ୍ତି। ଅନ୍ତିମ ରାଉଣ୍ଡରେ ସେ ପୋଲାଣ୍ଡର ଏଲିନା କାଶଲିନସ୍କାୟାଙ୍କୁ ହରାଇ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଅନ୍ୟ ଭାରତୀୟଙ୍କ ମଧ୍ୟରେ ଦ୍ରୋଣାଭାଲି ହାରିକା ୪.୫ ଓ ଆର. ବୈଶାଳୀ ୪ ପଏଣ୍ଟ ପାଇ ଯଥାକ୍ରମେ ୪ର୍ଥ ଓ ୬ଷ୍ଠ ସ୍ଥାନରେ ରହିଛନ୍ତି। ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ସତ୍ୟ ରଞ୍ଜନ ପଟ୍ଟନାୟକ ଓ ସମ୍ପାଦକ ଦେବବ୍ରତ ଭଞ୍ଜ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ।

# ମୁମ୍ବାଇର କ୍ରମାଗତ ଚତୁର୍ଥ ବିଜୟ

**ହାଇଦ୍ରାବାଦ,୨୩।୪**

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ୍)
ବେଙ୍ଗାଲୁରୁ ବନାମ୍ ରାଜସ୍ଥାନ
ସ୍ଥାନ: ବେଙ୍ଗାଲୁରୁ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଟ୍ରେଣ୍ଟ ବୋଲ୍ଟଙ୍କ ଘାତକ ବୋଲିଂ ଓ ରୋହିତ ଶର୍ମାଙ୍କ ଅର୍ଦ୍ଧଶତକ ବଳରେ ମୁମ୍ବାଇ ଇଣ୍ଡିଆନ୍ସ ୭ ଉଇକେଟରେ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ଏହା ମୁମ୍ବାଇର କ୍ରମାଗତ ଚତୁର୍ଥ ଓ ମୋଟ ଉପରେ ପଞ୍ଚମ ବିଜୟ। ଜମ୍ମୁ-କଶ୍ମୀର ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ମ୍ୟାଚ୍ ପୂର୍ବରୁ ଏକ ମିନିଟ୍ ନୀରବ ପ୍ରାର୍ଥନା କରିବା ସହ ଖେଳାଳିମାନେ ବ୍ଲାକ୍ ଆର୍ମବ୍ୟାଣ୍ଡ ପିନ୍ଧିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୮.୩ ଓଭରରେ ୩୫ ରନରେ ୫ ଉଇକେଟ ହରାଇଥିଲା। ପରେ ହେନ୍‌ରିଚ୍ କ୍ଲାସେନ ଓ ଅଭିନବ ମନୋହର ଷଷ୍ଠ ଉଇକେଟରେ ୯୯ ରନ ଯୋଡ଼ି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। କ୍ଲାସେନ ୭୧ (୯ ଚୌକା ଓ ୨ ଛକା) ଓ ଅଭିନବ ୪୩ (୨ ଚୌକା ଓ ୩ ଛକା) ରନ କରିଥିଲେ। ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୪୩ ରନ କରିଥିଲା। ମୁମ୍ବାଇ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ ୪ ଓ ଦୀପକ ଚହର ଦୁଇଟି ଉଇକେଟ ନେଇଥିଲେ। ଜବାବରେ ମୁମ୍ବାଇ ୧୫.୪ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଦଳ ପକ୍ଷରୁ ରୋହିତ ଶର୍ମା ୪୬ ବଲରେ ସର୍ବାଧିକ ୭୦ ରନ କରିଥିଲେ। ତାଙ୍କ ଇନିଂସରେ ୮ ଚୌକା ଓ ୩ ଛକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟକୁମାର ଯାଦବ ୪୦ ରନ କରି ଅପରାଜିତ ରହିଥିଲେ। ହାଇଦ୍ରାବାଦ ପକ୍ଷରୁ ଉନାଡକଟ ଓ ଅନସାରୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ: ୨୦ ଓଭରରେ ୧୪୩/୮ (ହେନରିଚ କ୍ଲାସେନ-୭୧, ଅଭିନବ ମନୋହର-୪୩, ଟ୍ରେଣ୍ଟ ବୋଲ୍ଟ-୪/୨୬,ଦୀପକ ଚହର-୨/୧୨, ହାର୍ଦ୍ଦିକ ପାଣ୍ଡ୍ୟା-୧/୩୧)। ମୁମ୍ବାଇ ଇଣ୍ଡିଆନ୍ସ: ୧୫.୪ ଓଭରରେ ୧୪୬/୩ (ରୋହିତ ଶର୍ମା-୭୦, ସୂର୍ଯ୍ୟକୁମାର ଯାଦବ-୪୦*, ଜୟଦେବ ଉନାଡକଟ-୧/୨୫, ଜୀଶାନ ଅନସାରୀ-୧/୩୬)।



ଉଇକେଟ ନେବା ପରେ ଉଲ୍ଲସିତ ଟ୍ରେଣ୍ଟ ବୋଲ୍ଟ (ଡାହାଣ)।




## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୮ | ୬ | ୨ | ୧୨ | +୧.୧୦୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୬ | ୨ | ୧୨ | +୦.୬୫୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୫ | ୪ | ୧୦ | +୦.୬୭୩ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୮ | ୫ | ୩ | ୧୦ | +୦.୪୭୨ |
| ପଞ୍ଜାବ କିଙ୍ଗ୍ସ | ୮ | ୫ | ୩ | ୧୦ | +୦.୧୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୯ | ୫ | ୪ | ୧୦ | -୦.୦୫୪ |
| କୋଲକାତା ନାଇଟ ରାଇଡର୍ସ | ୮ | ୩ | ୫ | ୬ | +୦.୨୧୨ |
| ରାଜସ୍ଥାନ ରୟାଲ୍ସ | ୮ | ୨ | ୬ | ୪ | -୦.୬୩୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୨ | ୬ | ୪ | -୧.୩୬୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୨ | ୬ | ୪ | -୧.୩୯୨ |

DSPL - 40



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ରାଜ୍ୟର ୬ ଲକ୍ଷ ହିତାଧିକାରୀଙ୍କୁ
ନୂତନ ରାସନ କାର୍ଡ ପ୍ରଦାନର ଶୁଭାରମ୍ଭ
ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
ସଦୟ ଉପସ୍ଥିତିରେ

୨୪ ଏପ୍ରିଲ୍ ୨୦୨୫ | ତାଳବଣିଆ, ପୁରୀ



- ଆବେଦନକାରୀ ପରିବାର ନିଜ ବ୍ଲକ ବା ପୌରାଞ୍ଚଳ କାର୍ଯ୍ୟାଳୟକୁ ଯାଇ ଇ-କେ.ୱାଇ.ସି କରାଇ ନିଅନ୍ତୁ
- ସ୍ୱତଃ ଯୋଗହେବା ମାନଦଣ୍ଡ ଅନ୍ତର୍ଭୁକ୍ତ ଆବେଦନ ଗୁଡ଼ିକୁ ପ୍ରାଧାନ୍ୟତା ଭିତ୍ତିରେ ରାସନ କାର୍ଡ ପ୍ରଦାନ

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-07001/13/0023/2526

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ